ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୯/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, June 9/2023 Page 20 ₹ 7.00 | SAMBALPUR
୪୯ଶ ଭାଗ ୧୯୪ ସଂଖ୍ୟା VOLUME 49 ISSUE 194 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul

# କମିଲା ପାସ୍ ହାର, ଛାତ୍ରୀ ଆଗୁଆ

## ଯୁକ୍ତ୨ କଳାରେ ପାସ୍ ହାର ୭୮.୮୮, ଧନ୍ଦାମୂଳକ ଶିକ୍ଷାରେ ୬୭.୪୮%

■ କଳାରେ ମାତ୍ର ୨୪ ଜଣ ରଖିଛନ୍ତି ୯୦%ରୁ ଅଧିକ ମାର୍କ
■ ଧନ୍ଦାମୂଳକରେ କେହି ଡେଇଁନାହାନ୍ତି ୯୦ ପ୍ରତିଶତ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ପରିଷଦ କାର୍ଯ୍ୟାଳୟରେ ଅପରାହ୍ନ ୪ଟାରେ ବିଧିବଦ୍ଧ ଭାବେ ପରୀକ୍ଷାଫଳ ଘୋଷଣା କରାଯାଇଛି। କଳାରେ ପାସ୍ ହାର ୭୮.୮୮ ପ୍ରତିଶତ ଏବଂ ଧନ୍ଦାମୂଳକ ଶିକ୍ଷାରେ ପାସ୍ ହାର ୬୭.୪୮ ପ୍ରତିଶତ ରହିଛି। ଉଭୟ ପାଠ୍ୟକ୍ରମରେ ଗତବର୍ଷ ତୁଳନାରେ ପାସ୍ ହାର କମିଛି। ଗତବର୍ଷ କଳାରେ ପାସ୍ ହାର ୮୨.୧୦ ପ୍ରତିଶତ ଓ ଧନ୍ଦାମୂଳକରେ ଉତ୍ତୀର୍ଣ୍ଣ ହାର ୭୦.୩୫ ପ୍ରତିଶତ ରହିଥିଲା। ରାଜ୍ୟର ୧୨୦୮ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୁକ୍ତ୨ କଳା ପରୀକ୍ଷା ଦେଇଥିବାବେଳେ ୩୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ତେବେ ମାତ୍ର ୨୪ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିପାରିଛନ୍ତି। ସେହିପରି ୨୧୪ଟି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଧନ୍ଦାମୂଳକ ପରୀକ୍ଷା ଦେଇଥିବାବେଳେ ୨୧ଟି ଶିକ୍ଷାନୁଷ୍ଠାନର ପାସ୍ ହାର ଶତ ପ୍ରତିଶତ ରହିଛି। ୩ଟି ବିଦ୍ୟାଳୟରେ ଜଣେ ହେଲେ ବି ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି। ସେହିପରି ରାଜ୍ୟର ଜଣେ ମଧ୍ୟ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିପାରିନାହାନ୍ତି।

ଚଳିତବର୍ଷ ଯୁକ୍ତ୨ କଳାରେ ୨ ଲକ୍ଷ ୩୦ ହଜାର ୫୪୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧ ଲକ୍ଷ ୮୧ ହଜାର ୮୬୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଲେଶ୍ୱରରେ ଯୁକ୍ତ୨ କଳାରେ ପାସ୍ ହାର ସର୍ବାଧିକ ୮୪.୯୭ ପ୍ରତିଶତ ଏବଂ ନବରଙ୍ଗପୁରରେ ସର୍ବନିମ୍ନ ୭୦.୭୪ ପ୍ରତିଶତ ହୋଇଛି। ଏଥର ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀ ଆଗରେ ରହିଛନ୍ତି। ☞ପୃଷ୍ଠା–୪

# ଏଚ୍ଏସ୍ଆର୍ପି: ୨୩ରୁ ଇ–ଚାଲାଣ

**ରାଜ୍ୟରେ ପ୍ରାୟ ୫ ଲକ୍ଷ ଗାଡ଼ି ମାଲିକ ଅଦ୍ୟାବଧି ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍ଏସ୍ଆର୍ପି) ଲଗାଇନାହାନ୍ତି। ସରକାରୀସ୍ତରରେ ସଚେତନତା, ବାରମ୍ବାର ତାଗିଦା ସତ୍ତ୍ୱେ ସେମାନେ ଚେତୁନାହାନ୍ତି। ଏଭଳି ଅମାନିଆଙ୍କ ପାଇଁ କଠୋର ହୋଇଛି ପରିବହନ ବିଭାଗ। ଏଚ୍ଏସ୍ଆର୍ପି ଲାଗି ନ ଥିବା ଗାଡ଼ିଗୁଡ଼ିକରୁ ଆସନ୍ତା ୨୩ ତାରିଖରୁ ଇ–ଚାଲାଣ କଟାଯିବ। ପ୍ରଥମ ଥର ଧରାପଡ଼ିଲେ ୫ ହଜାର ଟଙ୍କା ଏବଂ ଦ୍ୱିତୀୟ ଥର ୧୦ ହଜାର ଫାଇନ୍ ଆଦାୟ କରାଯିବ ବୋଲି ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।**

■ ପ୍ରାୟ ୫ ଲକ୍ଷ ଗାଡ଼ି ମାଲିକ ନମ୍ବର ପ୍ଲେଟ୍ ଲଗାଇନାହାନ୍ତି
■ ପ୍ରଥମ ଥର ଧରା ହେଲେ ୫ ହଜାର, ଦ୍ୱିତୀୟ ଥରକୁ ୧୦ ହଜାର ଫାଇନ୍

ଭୁବନେଶ୍ୱର, ୮।୬(ବ୍ୟୁରୋ)

ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍ଏସ୍ଆର୍ପି) ଲାଗି ନ ଥିଲେ ଗଣିବେ ଦଣ୍ଡ। ଜୁନ୍ ୨୩ ତାରିଖରୁ ଏନେଇ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହେବ। ଯାଞ୍ଚ ବେଳେ ଧରାପଡ଼ିଲେ ଇ–ଚାଲାଣ ମାଧ୍ୟମରେ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ପ୍ରଥମ ଥର ଧରାପଡ଼ିଲେ ୫ ହଜାର ଟଙ୍କା ଫାଇନ କରାଯିବ। ସମାନ ଗାଡ଼ି ଦ୍ୱିତୀୟ ଥର ନିୟମ ଉଲ୍ଲଂଘନ କରି ଧରାପଡ଼ିଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର ଏବଂ ଏନ୍ଫୋର୍ସମେଣ୍ଟ ଲାଲମୋହନ ସେଠୀ (ସଡ଼କ ସୁରକ୍ଷା) ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଓଡ଼ିଶା ରେଜିଷ୍ଟ୍ରେଶନ ମାର୍କ ଥିବା ତଥା ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନରେ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ | ପ୍ରକୃତି ସଙ୍କଟ ଓ ସମାଧାନ









ଜବାହରଲାଲ ନେହେରୁଙ୍କ ସହ ସପରିବାର



ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌ର ଉଦ୍‌ଘାଟନ



ସମ୍ବଲପୁର ପାନ୍ଥନିବାସର ଉଦ୍‌ଘାଟନ

# ସୃଜନର ସ୍ରୋତସ୍ୱତୀ

ନନ୍ଦିନୀ ଶତପଥୀ କେବଳ ଓଡ଼ିଶା ନୁହେଁ, ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା। ଯାହାଙ୍କ ଅବଦାନରେ ଉଭୟ ରାଜନୀତି ଏବଂ ସାହିତ୍ୟ ବିଭିନ୍ନ ଭାବେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କ ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ସେ ଚଳାଇଥିଲେ ଆପ୍ରାଣ ଉଦ୍ୟମ, ଯାହାର ସୁଫଳ ଆଜି ପାଉଛନ୍ତି ରାଜ୍ୟବାସୀ। ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସେ କରିଯାଇଛନ୍ତି ସମୃଦ୍ଧ। ଓଡ଼ିଆ ସୃଜନ ଓ ଅନୁବାଦ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା', 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'ସାହିତ୍ୟ ଭାରତୀ' ସମ୍ମାନରେ ସେ ସମ୍ମାନିତା।

ସୃଜନର ସ୍ରୋତସ୍ୱତୀ ନନ୍ଦିନୀ ଶତପଥୀ। ରାଜନୀତିର ନିଆଁ ଖେଳରେ ସେ ଯେମିତି ପ୍ରବୀଣା, ସାହିତ୍ୟ ସାଧନାରେ ସେମିତି ଧୁରୀଣା। ତାଙ୍କ ସାରସ୍ୱତ ପ୍ରତିଭାକୁ ପ୍ରଶଂସାକରି କେହି କେହି କହନ୍ତି 'ମାଟିର ମଣିଷ' ପରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଶ୍ରେଷ୍ଠ କୃତି ନନ୍ଦିନୀ ଶତପଥୀ। ସେ କେନ୍ଦ୍ରମନ୍ତ୍ରୀ ପଦରେ ଥାଆନ୍ତୁ କି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୁଅନ୍ତୁ, ରାଜନୀତିର ହଜାର ବ୍ୟସ୍ତତା ସତ୍ତ୍ୱେ କେବେ ବି ଅଟକି ଯାଇନି ତାଙ୍କ କଲମ। ସାହିତ୍ୟ ସାଧନା ପ୍ରତି ତାଙ୍କର ଏହି ନିଷ୍ଠା ଓ ପ୍ରତିବଦ୍ଧତା ସମ୍ପର୍କରେ ସେ ଏକ ସାକ୍ଷାତକାରରେ କହନ୍ତି, ''ମୁଁ କବି ନୁହେଁ, କିମ୍ବା କବି ଭାବରେ ପ୍ରତିଷ୍ଠା ପାଇବା ପାଇଁ କୌଣସି ଦିନ ଚେଷ୍ଟା କରିନାହିଁ। ଜୀବନକୁ ଦେଖିଦେଖି ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧାନ କରି ଛାଁକୁ ଛାଁ ମନ ଭିତରେ କିଛି ଗୋଟାଏ ଠେଲାମାରେ। ଭିତରୁ କିଏ ଯେପରି କହିପକାଏ ଲେଖିପକା। ସାଙ୍ଗେସାଙ୍ଗେ ଲେଖିପକା। ଲୋକଙ୍କ ସହ କଥା ହେଲା ବେଳେ, ସଭାମଞ୍ଚରେ ଭାଷଣ ଦେବାବେଳେ କି ଶୋଇପଡ଼ିବା ବେଳେ କବିତାର ଧାଡ଼ି ସବୁ ମୋତେ ଜାଗ୍ରତ କରିଦିଅନ୍ତି। ରାତି ଦୁଇଟା ପରେ ଯାହା ପାରେ ସେହି ଭାବନା ସବୁକୁ ଲେଖି ପକାଏ। ପରେ ତାକୁ ପୂର୍ଣ୍ଣ ରୂପ ଦେବାକୁ ଚେଷ୍ଟା କରେ। କୌଣସି ମହତ କାର୍ଯ୍ୟ ପାଇଁ ହୃଦୟରୁ ଆସୁଥିବା ଆହ୍ୱାନକୁ ବାସ୍ତବ ରୂପ ଦେବାପାଇଁ ଯଦି ମନରେ ନିଷ୍ଠା ଥାଏ, ତେବେ ସମୟ ତ ଆପେ ଆପେ ଧରାଦେବ।''

ନନ୍ଦିନୀ ଦେବୀ ଥିଲେ ଏକାଧାରରେ ଗାଳ୍ପିକା, କବୟିତ୍ରୀ ଓ ଅନୁବାଦିକା। ତାଙ୍କର ଗଳ୍ପଗ୍ରନ୍ଥ 'କେତୋଟି କଥା' (୧୯୬୭) ଓ 'ସପ୍ତଦଶୀ'(୧୯୮୮)ରେ ସ୍ଥାନ ପାଇଥିବା ଗଳ୍ପଗୁଡ଼ିକର ଭାବବସ୍ତୁ ଏତେ ଶକ୍ତିଶାଳୀ ଯେ ସେଥିରୁ ଅଧିକାଂଶ ଗଳ୍ପ ଅନୂଦିତ ହୋଇଛି ବଙ୍ଗଳା, ତେଲୁଗୁ, ତାମିଲ, ମାଲୟାଲମ, କନ୍ନଡ ଓ ଇଂଲିଶ ଭାଷାରେ। କବୟିତ୍ରୀଙ୍କ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଗଭୀର ଜୀବନାନୁଭୂତି ଓ ପ୍ରଗତିବାଦୀ ଚେତନାର ଏକ ମିଶ୍ରରାଗ ହେଉଛି ତାଙ୍କର ଏକମାତ୍ର କବିତା ସଂକଳନ 'ଉତ୍ତର ପୁରୁଷ'। ଗଳ୍ପ ଓ କବିତାରେ ସେ କୃତବିଦ୍ୟ ହେଲେ ହେଁ ଜଣେ ଅନୁବାଦିକା ଭାବରେ ତାଙ୍କର ପାରଦର୍ଶିତା ସର୍ବାଧିକ। ସାହିତ୍ୟରେ ଅନୁବାଦ ବି ଏକ ସୃଜନଶୀଳ କଳା। ଅନୁବାଦକ ନିଜେ ସୃଜନଶୀଳ ନ ହେଲେ ପାଠକ ପାଖରେ ପହଞ୍ଚି ପାରେନି ମୂଳ ଲେଖକର ଭାବ ଓ ଭାଷା। ଅର୍ଥାତ୍ ସୃଜନଶୀଳତା ବିନା ଅନ୍ୟ ଭାଷାକୁ ଯାଇପାରେନି ମୂଳ ଲେଖାରେ ଭାଷା ସହିତ ମିଶିଥିବା ଭାବ। ଏହି ସୃଜନଶୀଳତା କାରଣରୁ ନନ୍ଦିନୀ ଦେବୀଙ୍କ ଅନୁବାଦ କଳା ତାଙ୍କୁ ଆଣିଦେଇଛି ଅଜସ୍ର ପାଠକୀୟ ଶ୍ରଦ୍ଧା ଓ ସମ୍ମାନ।

ସ୍କୁଲ ଜୀବନରୁ ନନ୍ଦିନୀଙ୍କୁ ବହୁଭାବରେ ଅନୁପ୍ରାଣିତ କରିଥିଲା ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ। ଅହିଂସାର ଆଜୀବନ ପୂଜାରୀ ଗାନ୍ଧିଜୀ କହୁଥିଲେ, ଅହିଂସା ମାନବ ଜାତି ହାତର ସର୍ବବୃହତ ଶକ୍ତି। ମଣିଷର ଚାତୁର୍ଯ୍ୟ ଓ କୌଶଳ ଦ୍ୱାରା ନିର୍ମିତ ସବୁଠାରୁ ଧ୍ୱଂସକାରୀ ଅସ୍ତ୍ର ଅପେକ୍ଷା ଅଧିକ ଶକ୍ତିଶାଳୀ। ଅହିଂସା ଏପରି ଏକ ଶକ୍ତି, ଯାହାକୁ ଆବାଳବୃଦ୍ଧବନିତା ବ୍ୟବହାର କରିପାରିବେ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନ୍ୟାୟ ପାଳନ ହେଉଛି ତା'ର ପ୍ରଥମ ସର୍ତ୍ତ। ଆମକୁ ଯିଏ ଭଲ ପାଉଛନ୍ତି ତାଙ୍କୁ ଆମେ ଭଲ ପାଇବା ଅହିଂସା ନୁହେଁ, ବରଂ ଆମକୁ ଯିଏ ଭଲ ପାଉନାହାନ୍ତି ତାଙ୍କୁ ଭଲ ପାଇବା ହେଉଛି ଅହିଂସା। ଅତଏବ ଅହିଂସାର ଯଥାର୍ଥ ଅର୍ଥ ହେଉଛି ବୃହତ୍ତମ ପ୍ରେମ ଓ ମହତ୍ତର ଉଦାରତା। ହିଂସାଠାରୁ ଏହା ଅନନ୍ତ ଗୁଣରେ ଶ୍ରେଷ୍ଠ। ସେଥିପାଇଁ କୁହାଯାଏ ଦଣ୍ଡ ଦେବାଠାରୁ କ୍ଷମା ପ୍ରଦାନ କରିବା ଅଧିକ ପୌରୁଷପୂର୍ଣ୍ଣ। ଅହିଂସା ଉପାସକର ଗୋଟିଏ ମାତ୍ର ଭୟ ଥାଏ, ତାହା ହେଉଛି ଈଶ୍ୱର ଭୟ। ଈଶ୍ୱର ସ୍ୱର୍ଗରେ ନାହାନ୍ତି, ମର୍ତ୍ତ୍ୟରେ ନାହାନ୍ତି, ସେ ଆମ ସମସ୍ତଙ୍କ ଭିତରେ ଅଛନ୍ତି। ଗାନ୍ଧିଜୀଙ୍କ ଏହି ବାଣୀ ଓ ଦର୍ଶନ ସମ୍ପର୍କରେ ସେ ବିସ୍ତୃତ ଭାବରେ ପଢ଼ିବାକୁ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀର ତତ୍କାଳୀନ ସଚିବ ଶ୍ରୀ କୃଷ୍ଣ କୃପାଳିନୀଙ୍କ ସଂଗ୍ରହ ଓ ସମ୍ପାଦନାରେ ପ୍ରକାଶିତ (୧୯୭୦) ଗାନ୍ଧିଜୀଙ୍କ ଜୀବନୀ 'All men are brothers' ଗ୍ରନ୍ଥରେ। କେବଳ ଏତିକି ନୁହେଁ,ଏଥିରେ ରହିଛି ସତ୍ୟ, ଧର୍ମ, ସାଧନା, ଆତ୍ମଶୋଧନ, ବିଶ୍ୱଶାନ୍ତି, ଗଣତନ୍ତ୍ର, ଦାରିଦ୍ର୍ୟ ଓ ନାରୀ ଆଦି ବିଭିନ୍ନ ପ୍ରସଙ୍ଗ ତଥା ତାଙ୍କ ଜୀବନ ଦର୍ଶନର ମୂଳ ତତ୍ତ୍ୱକୁ ନେଇ ସୁନ୍ଦର ବ୍ୟାଖ୍ୟା। ଗାନ୍ଧୀଙ୍କର ଏହି ଆଦର୍ଶକୁ ଅଧିକ ପ୍ରଚାର, ପ୍ରସାର ତଥା ଏହାକୁ ବୃହତ୍ତର ପାଠକ ସମାଜ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ନନ୍ଦିନୀ ଦେବୀ ତା'ର ଓଡ଼ିଆ ଅନୁବାଦ କରିଛନ୍ତି, ଯାହା ୧୯୭୦ ମସିହାରେ ଆତ୍ମପ୍ରକାଶ କଲା 'ଗାନ୍ଧୀ କଥାମୃତ' ନାମରେ।

ଅନୁବାଦିକା ନନ୍ଦିନୀ ଦେବୀଙ୍କର ଦ୍ୱିତୀୟ ଅନୁବାଦ ପୁସ୍ତକ ଭାରତର ବିଶିଷ୍ଟ ଲେଖିକା ଜ୍ଞାନପୀଠ ବିଜୟିନୀ ଡ. ଅମୃତା ପ୍ରୀତମଙ୍କ ଆତ୍ମ ଜୀବନୀ 'ରେଭିନ୍ୟୁ ଟିକେଟ'। ଅମୃତା ପ୍ରୀତମ ଏମିତି ଜଣେ ବିରଳ ଲେଖିକା, ଯାହାଙ୍କର ପ୍ରଥମ କବିତା ସଂକଳନ ପ୍ରକାଶ ପାଇଥିଲା ମାତ୍ର ଷୋହଳ ବର୍ଷ ବୟସରେ। ଭାରତ ବିଭାଜନ ସମୟରେ ଲାହୋରରୁ ଭାରତ ଚାଲିଆସିଥିବା ଅମୃତା ପ୍ରୀତମଙ୍କ ମନରେ ଛାପ ହୋଇ ରହିଯାଇଥିଲା ଦେଶ ବିଭାଜନର ଯନ୍ତ୍ରଣା ଓ ବନ୍ଧୁ ପରିଜନଙ୍କୁ ହରେଇବାର ଦୁଃଖ। ତେଣୁ ଭାରତ ବିଭାଜନଜନିତ ବିଭିନ୍ନ ସମସ୍ୟାକୁ ଉପଜୀବ୍ୟ କରି ଗଢ଼ିଉଠିଛି ତାଙ୍କ ସାହିତ୍ୟ ଜଗତ। ଲେଖିକା ପ୍ରଗତିଶୀଳ ଲେଖକ ସଂଘରେ ଯୋଗ ଦେଇଥିଲେ ଏବଂ ତାଙ୍କ ଲେଖାରେ ସ୍ପଷ୍ଟ ବାରିହୋଇପଡ଼େ କୁସଂସ୍କାର ଓ ଅନ୍ୟାୟ ବିରୋଧରେ ପ୍ରତିବାଦର ସ୍ୱର। ଯୁଦ୍ଧ ପ୍ରଭାବିତ ଅର୍ଥନୀତି ପ୍ରତି ତାଙ୍କର କବିତା ସଂକଳନ 'ଲୋକଗୀତ' (୧୯୪୮) ଏକ ତୀବ୍ର ପ୍ରତିବାଦ। ନାରୀର ସାମାଜିକ ସ୍ଥିତି ତଥା ତା'ର ମାନସିକ ଓ ଭାବାତ୍ମକ ଆଦି ପ୍ରସଙ୍ଗକୁ ନେଇ ସେ ଲେଖିଛନ୍ତି ଅନେକ ଗଳ୍ପ ଓ କବିତା। ନିଜ ଭିତରର ସବୁକଥାକୁ ସେ ଟିକିନିଖି ଭାବରେ ବିଶ୍ଳେଷଣ କରିଛନ୍ତି ଓ ତାକୁ ପାଠକ ସାମ୍ନାରେ ପ୍ରକାଶ କରିଛନ୍ତି ଖୁବ୍ ଦମ୍ଭର ସହିତ। ତାଙ୍କର ଆତ୍ମ ଜୀବନୀ 'ରେଭିନ୍ୟୁ ଟିକେଟ' ଭାରତୀୟ ସାହିତ୍ୟର ଏକ ଅନବଦ୍ୟ କୃତି। ବହୁପଠିତ ଓ ବହୁ ଭାଷାରେ ଅନୂଦିତ ଏହି ପୁସ୍ତକକୁ ନନ୍ଦିନୀ ଦେବୀ ଓଡ଼ିଆରେ ଅନୁବାଦ କରିଛନ୍ତି ଏବଂ ଭିନ୍ନ ଭିନ୍ନ ପ୍ରସଙ୍ଗଭିତ୍ତିରେ ତାକୁ ୪୩ ଭାଗରେ ବିଭକ୍ତ କରି ପାଠକଙ୍କ ଆଗରେ ପରଷି ଦେଇଛନ୍ତି ଖୁବ୍ ଚମତ୍କାର ଢଙ୍ଗରେ। ରେଭିନ୍ୟୁ ଟିକେଟର ଅନୁବାଦ ତାଙ୍କୁ ଆଣିଦେଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।

ବାଂଲାଦେଶର ନାରୀବାଦୀ ତଥା ମୁକ୍ତିକାମୀ ଲେଖିକା ତସଲିମା ନସ୍‌ରିନ। ୧୯୯୩ରେ ପ୍ରକାଶପାଏ ତାଙ୍କର ବହୁ ଚର୍ଚ୍ଚିତ ଉପନ୍ୟାସ 'ଲଜ୍ଜା'।

ସ୍ୱାଧୀନତା ପ୍ରାପ୍ତିର ଦୀର୍ଘବର୍ଷ ବିତିଗଲା ପରେ ବି ଅଦ୍ୟାବଧି ଉପଶମ ହୋଇନାହିଁ ଦେଶ ବିଭାଜନର କ୍ଷତ। ସେଥିପାଇଁ ଭାରତରେ ଯେ କୌଣସି ଧର୍ମୀୟ ଉନ୍ମାଦନାର ପ୍ରତିକ୍ରିୟା ପଡୁଛି ବାଂଲାଦେଶରେ। ତାକୁ କେନ୍ଦ୍ରକରି ମଝିରେ ମଝିରେ ସାମ୍ପ୍ରଦାୟିକ ସଂଘର୍ଷ ହେଉଛି ଏବଂ ସେଥିରେ ଶିକାର ହେଉଛନ୍ତି ଅନେକ ନିରୀହ ଲୋକ। ଭାରତରେ ବାବ୍ରୀ ମସ୍‌ଜିଦ ଧ୍ୱଂସ ହେବା ପରେ ବାଂଲାଦେଶରେ ଆରମ୍ଭ ହୋଇଥିଲା ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ। ସେହି ଅମାନବୀୟ ଉନ୍ମାଦନାର ଜୀବନ୍ତ ଚିତ୍ରକୁ ଉପଜୀବ୍ୟ କରି ଆତ୍ମପ୍ରକାଶ କରିଛି ତସଲିମା ନସ୍‌ରିନଙ୍କ 'ଲଜ୍ଜା'। ପୃଥିବୀର ବହୁ ଭାଷାରେ ଏହା ଅନୂଦିତ ହୋଇସାରିଛି ଏବଂ ଏହାର ଓଡ଼ିଆ ଭାଷାନ୍ତର ହେଉଛି ନନ୍ଦିନୀ ଶତପଥୀଙ୍କ 'ଲଜ୍ଜା'। ଏଥିରେ କେବଳ ମୁଲ୍ଲା ମୌଲବୀ ନୁହନ୍ତି ପଣ୍ଡା ପୁରୋହିତ ତଥା ଧର୍ମକୁ ନେଇ ରାଜନୀତି କରୁଥିବା ସବୁ ଧର୍ମର ମୌଳବାଦୀଙ୍କ ପ୍ରତି ରହିଛି ତୀବ୍ର କଟାକ୍ଷ। 'ଲଜ୍ଜା' ଉପନ୍ୟାସର ଅବିଶ୍ୱସନୀୟ ପାଠକୀୟ ଆବେଦନ ନନ୍ଦିନୀ ଦେବୀଙ୍କୁ ସାହିତ୍ୟ ଜଗତରେ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା।

ବଙ୍ଗଳା ଭାଷାର ଅଗ୍ରଣୀ ଲେଖିକା ମହାଶ୍ୱେତା ଦେବୀ। ଭାରତୀୟ ସାହିତ୍ୟ ଜଗତର ଏକ ସୁପରିଚିତ ନାମ। ବଣ ପାହାଡ଼ ଇଲାକାରେ ବାସ କରୁଥିବା ଲୋକଙ୍କ ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିନେଇଥିବା ଏହି ମହୀୟସୀ ଲେଖିକା ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟର ଆଦିବାସୀ ଗ୍ରାମରେ ରହି ଲୋକଙ୍କ ଜୀବନଧାରା ଓ ବଳିଦାନର କାହାଣୀ ସଂଗ୍ରହ କରିଛନ୍ତି ଏବଂ ତାକୁ ସ୍ଥାନ ଦେଇଛନ୍ତି ନିଜ ଗଳ୍ପ ଓ ଉପନ୍ୟାସରେ। ତେଣୁ ତାଙ୍କ କଥାସାହିତ୍ୟର ମୁଖ୍ୟ ଉପଜୀବ୍ୟ ହେଉଛି ଭୂମିହୀନ ଲୋକଙ୍କ ପ୍ରତି ହେଉଥିବା ଉତ୍ପୀଡ଼ନର କରୁଣ ଚିତ୍ର। ମହାଶ୍ୱେତା ଦେବୀଙ୍କ ଲେଖାରେ ଥିବା ସମାଜବାଦୀ ଚେତନା ନନ୍ଦିନୀ ଦେବୀଙ୍କୁ ଖୁବ୍ ଆକର୍ଷିତ କରିଥିବାରୁ ତାଙ୍କ ନିର୍ବାଚିତ ଗଳ୍ପ ସଂକଳନରେ ସ୍ଥାନ ପାଇଥିବା ପଚାଶଟି ଗଳ୍ପ ମଧ୍ୟରୁ କୋଡ଼ିଏ ଗଳ୍ପକୁ ନନ୍ଦିନୀ ଦେବୀ ଓଡ଼ିଆରେ ଅନୁବାଦ କରିଛନ୍ତି, ଯାହା ତାଙ୍କ ସାରସ୍ୱତ ସାଧନାର ଏକ ମାଇଲ ସ୍ତମ୍ଭ।

– ଡ.ପ୍ରଫୁଲ୍ଲ କୁମାର ସାହୁ
ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ– ୬୩୭୧୬୪୨୪୬୪



## ରାଜ୍ୟ ଖବର

# ଡିଏନ୍‌ଏ ଟେଷ୍ଟ ପାଇଁ ଦିଲ୍ଲୀ ଗଲା ୨୯ ସାମ୍ପଲ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

■ ୧୬୨ ମୃତଦେହ ମଧ୍ୟରୁ ୮୦ଟି ପରିବାରକୁ ହସ୍ତାନ୍ତର

ଭୁବନେଶ୍ୱର, ୮।୬(ବ୍ୟୁରୋ)

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ଏମ୍‌ସକୁ ମୋଟ୍ ୧୬୨ଟି ମୃତଦେହ ଅଣାଯାଇଥିବାବେଳେ ୮୦ଟି ମୃତଦେହକୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଆଉ ୮୨ଟି ମୃତଦେହ ହସ୍ପିଟାଲରେ ସଂରକ୍ଷିତ ରହିଛି। ଅପରପକ୍ଷେ ସେଥିମଧ୍ୟରୁ କେତୋଟି ମୃତଦେହକୁ ଚିହ୍ନିବା କଷ୍ଟକର ହେଉଥିବାରୁ ଏବଂ ଏକାଧିକ ଦାବିଦାର ଥିବାରୁ ୫୦ଟି ମୃତଦେହ ଏବଂ ସେମାନଙ୍କ ପରିଜନଙ୍କ ଡିଏନ୍‌ଏ ସାମ୍ପଲ ସଂଗ୍ରହ କରାଯାଇଛି। ୨୯ଟି ସାମ୍ପୁଲ ପରୀକ୍ଷା ପାଇଁ ଦିଲ୍ଲୀ ପଠାଯାଇଛି। ସେହିପରି ପାରାଦୀପରୁ ଅଣାଯାଇଥିବା କଣ୍ଟେନର ମଧ୍ୟରୁ ୪ଟିରେ ୭୦ଟି ମୃତଦେହକୁ ରଖାଯାଇଥିବା ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବାଲେଶ୍ୱରରୁ ପ୍ରଥମେ ଏମ୍‌ସକୁ ୧୨୩ଟି ମୃତଦେହ ଅଣାଯାଇଥିଲା। ଏହାପରେ ବୁଧବାର କ୍ୟାପିଟାଲ ହସ୍ପିଟାଲ, ସମ୍, କିମ୍‌ସ, ହାଇଟେକ୍, ଆମ୍ରି ହସ୍ପିଟାଲରେ ଥିବା ଆଉ ୩୯ଟି ମୃତଦେହକୁ ଏମ୍‌ସକୁ ଅଣାଯାଇଥିଲା। ଗୋଟିଏ ସ୍ଥାନରେ ମୃତଦେହ ରହିବା ଦ୍ୱାରା ସେମାନଙ୍କ ପରିଜନଙ୍କ ପାଇଁ ଏହାକୁ ଚିହ୍ନଟ କରିବା ଏବଂ ନିଜ ଘରକୁ ନେବା ସହଜ ହେବ ବୋଲି ଏଭଳି ବ୍ୟବସ୍ଥା କରାଯାଇଛି।

# ରାଜଧାନୀରୁ ଅଢ଼େଇ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ବେପାରୀ ଗିରଫ**

ଭୁବନେଶ୍ୱର,୮।୬(ବ୍ୟୁରୋ)

ଭୁବନେଶ୍ୱର ଅବକାରୀ ଟିମ୍ ଗୁରୁବାର ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଛକରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଜକି ସେଠୀ। ତାଙ୍କଠାରୁ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜକି ସାମନ୍ତରାପୁର ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ସୂଚନା ପାଇ ଅବକାରୀ ଟିମ୍ ଚଢ଼ାଉ କରିଥିଲା।

# ନୟାଗଡ଼ରୁ ଆଉ ଜଣେ ଅଭିଯୁକ୍ତ ଗିରଫ

**ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ଘଟଣା**

■ ୫୦୦ରୁ ଊର୍ଦ୍ଧ୍ୱ ପ୍ରି-ଆକ୍ଟିଭେଟେଡ୍ ସିମ୍, ୧୫୦ରୁ ଊର୍ଦ୍ଧ୍ୱ ପ୍ରି-ଆକ୍ଟିଭେଟ୍ ପେଟିଏମ୍ ୱାଲେଟ୍ ବିକ୍ରି କରିଥିଲେ

■ ପୂର୍ବରୁ ଗିରଫ ହୋଇଥିଲେ ଆଇଟିଆଇ ଶିକ୍ଷକଙ୍କ ସମେତ ୩


ପ୍ରଦ୍ୟୁମ୍ନ କୁମାର ସାହୁ

ଭୁବନେଶ୍ୱର, ୮।୬ (ବ୍ୟୁରୋ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍‌ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ସିମ୍ କାର୍ଡର ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଆଉ ଜଣେ ଅଭିଯୁକ୍ତଙ୍କୁ ନୟାଗଡ଼ରୁ ଗିରଫ କରିଛି। ସେ ହେଲେ ନୂଆଗାଁ ଥାନା ଅଞ୍ଚଳର ପ୍ରଦ୍ୟୁମ୍ନ କୁମାର ସାହୁ (୩୨)। ପ୍ରଦ୍ୟୁମ୍ନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ନୟାଗଡ଼ ଜିଲାର ଆଇଟିଆଇ ଶିକ୍ଷକ ପଠାଣିସାମନ୍ତ ଲେଙ୍କା, ସରୋଜ କୁମାର ନାୟକ ଏବଂ ଯାଜପୁର ଜିଲାର ସୌମ୍ୟ ପଟ୍ଟନାୟକଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଏସ୍‌ଟିଏଫ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଦ୍ୟୁମ୍ନ ଗ୍ରାଜୁଏଟ୍ ହୋଇଥିବାବେଳେ ସେ ପୂର୍ବରୁ ଆଇଡିଆର ଟେରିଟୋରି ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଓ ଜିଓ ପଏଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ତେବେ ସେ ବର୍ତ୍ତମାନ ବ୍ଲାକ ବକ୍ ଓ ଫାସ୍‌ଟାଗ୍ କମ୍ପାନୀରେ କାମ କରୁଛନ୍ତି। ପ୍ରଦ୍ୟୁମ୍ନ ପୂର୍ବରୁ ବହୁ ଲୋକଙ୍କୁ ଜାଲରେ ଫସାଇ ଅନେକ ସିମ୍ କରିଥିଲେ। ତଦନ୍ତବେଳେ ଜଣାପଡ଼ିଛି ଯେ, ଆଇଟିଆଇ ଶିକ୍ଷକ ପଠାଣିସାମନ୍ତ ଲେଙ୍କାଙ୍କୁ ପ୍ରଦ୍ୟୁମ୍ନ ୫୦୦ରୁ ଊର୍ଦ୍ଧ୍ୱ ପ୍ରି-ଆକ୍ଟିଭେଟେଡ୍ ସିମ୍ ଓ ୧୫୦ରୁ ଊର୍ଦ୍ଧ୍ୱ ପ୍ରି-ଆକ୍ଟିଭେଟେଡ୍ ପେଟିଏମ୍ ୱାଲେଟ୍ ବିକ୍ରି କରିଛନ୍ତି। ଏହି ସିମ୍ ଓ ୱାଲେଟ୍‌କୁ ଆଇଏସ୍‌ଆଇ ଏଜେଣ୍ଟମାନେ ବ୍ୟବହାର କରୁଥିଲେ ବୋଲି ଏସ୍‌ଟିଏଫ୍ କହିଛି। ଏହି ମାମଲାରେ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ପଠାଣିସାମନ୍ତ, ସରୋଜ, ସୌମ୍ୟ ପ୍ରି-ଆକ୍ଟିଭେଟେଡ୍ ସିମ୍‌ର ବିଭିନ୍ନ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାର କରି ବିପୁଳ ଟଙ୍କା ପାଉଥିଲେ। ଆଇଏସ୍‌ଆଇ ଏଜେଣ୍ଟମାନେ ଉକ୍ତ ଓଟିପିକୁ ଆଧାର କରି ହ୍ୱାଟ୍‌ସଆପ୍, ଟେଲିଗ୍ରାମ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଟୁଇଟର୍ ଆଦି ସୋସିଆଲ ମିଡିଆ ଏବଂ ଆମାଜନ, ଫ୍ଲିପକାର୍ଟ ଭଳି ଶପିଂ ଆପ୍‌ରେ ଆକାଉଣ୍ଟ ଅପରେଟ୍ କରିପାରୁଛନ୍ତି। କିଛିଦିନ ତଳେ ଏସ୍‌ଟିଏଫ୍ ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ସନ୍ଧାନ ପାଇଥିଲା। ସେଥିରେ ବହୁ ସଦସ୍ୟ ଥିବାବେଳେ ଏସ୍‌ଟିଏଫ୍ ଉପରୋକ୍ତ ୩ ଅଭିଯୁକ୍ତଙ୍କ ପରିଚୟ ପାଇବା ପରେ ସେମାନଙ୍କୁ ଗିରଫ କରି ଗତ ମେ' ୧୪ରେ କୋର୍ଟଚାଲାଣ କରିଥିଲା। ପରେ ୩ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ବହୁ ତଥ୍ୟ ହାସଲ କରିଥିଲା।

# 'ମୃତ୍ତିକା ନମୁନା ସଂଗ୍ରହ ଆପ୍‌ରେ ଆବଶ୍ୟକ ସଂଶୋଧନ ଦରକାର'

**କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ କୃଷିମନ୍ତ୍ରୀ**

ଭୁବନେଶ୍ୱର, ୮।୬(ବ୍ୟୁରୋ)

ନବୀକୃତ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପୋର୍ଟାଲର ମୃତ୍ତିକା ନମୁନା ସଂଗ୍ରହ ଆପ୍‌ରେ ଆବଶ୍ୟକ ସଂଶୋଧନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁବାର କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଚିଠି ଲେଖି ଚାଷୀଙ୍କ ହିତ ଦୃଷ୍ଟିରୁ ନୂତନ ଆପ୍‌ରେ ପୂର୍ବଧାରା ଅନୁସାରେ ଗୋଟିଏ ଗ୍ରୀଡ୍‌ର ନମୁନାରେ ଏକାଧିକ କୃଷକଙ୍କୁ ପଞ୍ଜୀକରଣ କରିବାର ସୁବିଧା ଯୋଗାଇବା ଲାଗି ଅନୁରୋଧ କରିଛନ୍ତି।

ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଚାଷ କାର୍ଯ୍ୟ ନିମନ୍ତେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଗୁଣବତ୍ତା ବଜାୟ ରଖିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ୨୦୨୨-୨୩ରୁ ରାଜ୍ୟରେ ଗ୍ରୀଡ୍ ବ୍ୟବସ୍ଥାରେ ଚାଷୀଙ୍କ କ୍ଷେତରୁ ମୃତ୍ତିକା ନମୁନା ସଂଗ୍ରହ ଏବଂ ପରୀକ୍ଷଣକରି ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇ ଆସୁଥିଲା। ଏଥିପାଇଁ ୩ ବର୍ଷିଆ ଯୋଜନାରେ ରାଜ୍ୟର ପ୍ରାୟ ୧୩ ଲକ୍ଷ ୫୭ ହଜାର ଗ୍ରୀଡ୍ ବ୍ୟବସ୍ଥା କରାଯାଇ ଅଧିକରୁ ଅଧିକ ଚାଷୀଙ୍କୁ ସ୍ୱାସ୍ଥ୍ୟକାର୍ଡ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି। ଏହି ଗ୍ରୀଡ୍ ବ୍ୟବସ୍ଥାରେ ଗୋଟିଏ ସଂଗୃହୀତ ମାଟି ନମୁନା ମାର୍ଫତରେ ଏକାଧିକ ଚାଷୀଙ୍କ ନାମ ପଞ୍ଜୀକରଣ କରିବାର ବ୍ୟବସ୍ଥା ଥିଲା। ହେଲେ ଡିସେମ୍ବର ୨୦୨୨ରେ କେନ୍ଦ୍ର ସରକାର ସେହି ପୋର୍ଟାଲକୁ ବନ୍ଦ କରିଦେଇ ମାର୍ଚ୍ଚ ୨୦୨୩ରେ ଏକ ରୂପାନ୍ତରିତ ପୋର୍ଟାଲର ପ୍ରଚଳନ କଲେ। ନୂତନ ଆପ୍‌ରେ ଗୋଟିଏ ଗ୍ରୀଡ୍‌ରୁ ସଂଗୃହୀତ ସମ୍ମିଶ୍ରିତ ନମୁନା ମୃତ୍ତିକା ଅଧୀନରେ ଏକାଧିକ ଚାଷୀଙ୍କ ନାମ ପଞ୍ଜୀକରଣର ସୁବିଧା ନାହିଁ। ଫଳରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରସ୍ତୁତ କରି ଚାଷୀଙ୍କୁ ଯୋଗାଇଦେବା ସମ୍ଭବପର ହୋଇପାରୁ ନାହିଁ। ଏନେଇ ଗତ ମାସ ୧୧ ତାରିଖରେ ଚିଠି ଲେଖାଯାଇଥିବା ସତ୍ତ୍ୱେ କୌଣସି ଉତ୍ତର ମିଳିନାହିଁ। ତେଣୁ ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୋର୍ଟାଲ ଓ ମୃତ୍ତିକା ସଂଗ୍ରହ ଆପ୍‌ରେ ଆବଶ୍ୟକ ସଂଶୋଧନ ଲାଗି ତୋମାରଙ୍କୁ ସେ ଅନୁରୋଧ କରିଛନ୍ତି।

ରାଜଧାନୀ ରେ ତାଣ୍ଡବ ରଚିଲା କାଳବୈଶାଖୀ




# 'ଅଗ୍ନି ପ୍ରାଇମ୍' ପରୀକ୍ଷଣ

ବାଲେଶ୍ୱର ଅଫିସ, ୮।୬

ଭଦ୍ରକ ଜିଲା ଧାମରା ନିକଟସ୍ଥ ଅବଦୁଲ କାଲାମ ଦ୍ୱୀପରୁ ବୁଧବାର ରାତିରେ ଅତ୍ୟାଧୁନିକ ବାଲାଷ୍ଟିକ୍ ମିଶାଇଲ 'ଅଗ୍ନି ପ୍ରାଇମ୍'ର ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ ସୂଚନା ଦିଆଯାଇଛି।

ଅତ୍ୟାଧୁନିକ ମିଶାଇଲ 'ଅଗ୍ନି ପ୍ରାଇମ୍'ର ଲକ୍ଷ୍ୟଭେଦ କ୍ଷମତା ୧ହଜାରରୁ ୨ ହଜାର କି.ମି. ରହିଛି। ୩ ଥର ଟ୍ରାଏଲ ପରେ ପରୀକ୍ଷଣ ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି। ଭାରତୀୟ ସଶସ୍ତ୍ର ବାହିନୀ ପାଇଁ ଆଗାମୀ ଦିନରେ ଏହା ସହାୟକ ହେବା ସହିତ ସେନାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଏଥିସହିତ ଡିଆରଡିଓ ଏବଂ ଏହି ପରୀକ୍ଷଣରେ ସମ୍ପୃକ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଡିଆର୍‌ଡିଓ ଚେୟାରମ୍ୟାନ୍ ଡ. ସମୀର ଭି. କାମାତ୍ ଲାବୋରେଟୋରୀ ଟିମ୍‌ର ପ୍ରୟାସକୁ ପ୍ରଶଂସା କରିଛନ୍ତି।


ପରୀକ୍ଷଣ ହୋଇଥିବା 'ଅଗ୍ନି ପ୍ରାଇମ୍' ମିଶାଇଲ।

# ସବୁ ଜିଲାପାଳଙ୍କୁ ଖରିଫ ସର୍କୁଲାର ଜାରିକଲେ ମୁଖ୍ୟ ଶାସନ ସଚିବ

## ଖରିଫ କାର୍ଯ୍ୟକ୍ରମ ୨୦୨୩କୁ ଅନୁମୋଦନ କଲେ ସରକାର

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଖରିଫ୍ ୨୦୨୩ କାର୍ଯ୍ୟକ୍ରମରେ ରାଜ୍ୟର ୬୧.୮୦ ଲକ୍ଷ ହେକ୍ଟର ଚାଷଜମିରୁ ୧୧୬.୮୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ, ୨.୨୨ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ, ୯.୨୮ ଲକ୍ଷ ଗାଣ୍ଠି ତନ୍ତୁଜ ଏବଂ ୮୭.୪୨ ଲକ୍ଷ ମେଟ୍ରିକ୍ ଟନ୍ ପନିପରିବା ଓ ମସଲା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। କୃଷି ବିଭାଗ ପକ୍ଷରୁ ପ୍ରସ୍ତୁତ ଖରିଫ୍ କାର୍ଯ୍ୟକ୍ରମ ୨୦୨୩କୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁରୁବାର ଅନୁମୋଦନ କରିଛନ୍ତି।

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ସ୍ୱାଭାବିକ ମୌସୁମୀ ବର୍ଷର ପୂର୍ବାନୁମାନ ଅନୁଯାୟୀ ଏହି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାୟ ୨ ଲକ୍ଷ ହେକ୍ଟର ଧାନଜମିରେ ଫସଲର ବିବିଧୀକରଣ କରାଯାଇ ଅଧିକ ଅର୍ଥକରୀ ଫସଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ମିଲେଟ୍ ମିଶନ, ଫସଲର ବିବିଧୀକରଣ, ସମନ୍ୱିତ କୃଷି, ଫାର୍ମପଣ୍ଡ ପ୍ଲସ୍, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯାନ୍ତ୍ରିକୀକରଣରେ ଡିବିଟି ମାଧ୍ୟମରେ ରିହାତି ପ୍ରଦାନ, ଜଳନିଧି ଓ ସୌର ଜଳନିଧି ଆଦିକୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ମିଲେଟ୍ ମିଶନକୁ ରାଜ୍ୟର ସମସ୍ତ ୩୦ ଜିଲାର ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକ୍‌କୁ ସମ୍ପ୍ରସାରିତ କରାଯାଇଛି। ସେହିପରି ଫସଲର ବିବିଧୀକରଣ କାର୍ଯ୍ୟକ୍ରମରେ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପର ଆୟକଟ୍ ଅନ୍ତର୍ଗତ ସମ୍ଭାବ୍ୟ ଉଚ୍ଚ ଏବଂ ମଧ୍ୟମ ଧାନଜମିରେ ବିଭିନ୍ନ ଅଣଧାନ ଉଚ୍ଚମୂଲ୍ୟର ଫସଲ ଚାଷ ଯଥା-ଡାଲି, ତୈଳବୀଜ ଏବଂ ପନିପରିବା ଚାଷ କରାଯିବା ପାଇଁ ଯୋଜନା କରାଯାଇଛି। ଖରିଫ୍ ଋତୁରେ ଚାଷୀମାନଙ୍କୁ ୨୦,୭୯୨ କୋଟି ଟଙ୍କାର ଫସଲ ଋଣ ଯୋଗାଇଦେବାର ବ୍ୟବସ୍ଥା ରହିଛି। ସମସ୍ତ ଇଚ୍ଛୁକ ଚାଷୀ ଏବଂ ଋଣଗ୍ରହୀତା ଚାଷୀମାନଙ୍କୁ ଫସଲ ବୀମାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଜିଲାର କୃଷି ପରିବେଶ ଅନୁଯାୟୀ ଉପଯୁକ୍ତ ରଣନୀତି ସହିତ ଖରିଫ ଫସଲ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସମସ୍ତ ଜିଲାର ଜିଲାପାଳଙ୍କୁ ଖରିଫ୍ ସର୍କୁଲାର ଜାରି କରାଯାଇଛି।

# ସହରକୁ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ଜଗିବେ

## ରଥଯାତ୍ରାରେ ଟ୍ରାଫିକ୍ ବ୍ୟବସ୍ଥା ନେଇ ଏଡିଜିଙ୍କ ସମୀକ୍ଷା

ପୁରୀ ଅଫିସ,୮।୬

ଶ୍ରୀବିଗ୍ରହଙ୍କ ଘୋଷଯାତ୍ରା ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଘୋଷଯାତ୍ରାକୁ ଯେପରି ସରସ ସୁନ୍ଦର ତଥା ଶୃଙ୍ଖଳିତ କରାଯିବ, ସେନେଇ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲୁଥିବାବେଳେ ବିଭିନ୍ନ ବିଭାଗ, ଅଧିକାରୀ ଏବଂ ସେବାୟତମାନଙ୍କ ସହ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରୁଛି। ଅପରପକ୍ଷେ ଆଇନ ଶୃଙ୍ଖଳା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବାରମ୍ବାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ପୋଲିସ ଏଡିଜି ଅମିତାଭ୍ ଠାକୁର ଗୁରୁବାର ପୁରୀରେ ପହଞ୍ଚି ରଥଯାତ୍ରା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ତଥା ଟ୍ରାଫିକ ବ୍ୟବସ୍ଥା ଉପରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାରେ ପୁରୀ ସହରରେ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଦାୟିତ୍ୱରେ ରହିବେ। ଏଥିପାଇଁ ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ତେବେ ବୈଠକରେ ଜନଗହଳି ନିୟନ୍ତ୍ରଣ ସହ ଟ୍ରାଫିକ ସୁପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଘୋଷଯାତ୍ରା ସମୟରେ ରାଜ୍ୟ ତଥା ରାଜ୍ୟ ବାହରୁ ପୁରୀ ଆସୁଥିବା ଶ୍ରଦ୍ଧାଳୁଙ୍କ ଯେଭଳି କୌଣସି ଅସୁବିଧା ନ ହେବ ଏବଂ କେଉଁ ସ୍ଥାନରେ ନିଜନିଜ ଗାଡ଼ି ପାର୍କିଂ କରିପାରିବେ, ସେନେଇ ଏକ ଭିଡିଓ ପୋଲିସ ପକ୍ଷରୁ ଜାରି କରାଯିବ। କେବଳ ଜନଗହଳି ନିୟନ୍ତ୍ରଣ ଓ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ୪୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ଶ୍ରୀମନ୍ଦିର ଭିତର, ବାହାର ଓ ଏହାର ଚତୁଃପାର୍ଶ୍ୱ ସହ ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା, ପୋଲିସ କଣ୍ଟ୍ରୋଲ ରୁମ୍ ସହ ଅନ୍ୟାନ୍ୟ ସମସ୍ତ ପଦକ୍ଷେପ ନେବା ପାଇଁ ବ୍ୟବସ୍ଥା କରାଯାଉଛି।







# କାଠ ଚୋରଙ୍କ ଆକ୍ରମଣରେ ୩ ବନ କର୍ମଚାରୀ ଆହତ

କେନ୍ଦୁଝର,୮।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ କୋଲିମାଟିଠାରେ ବୁଧବାର ରାତିରେ କାଠ ଚୋରଙ୍କ ଆକ୍ରମଣରେ ୩ ବନ କର୍ମଚାରୀ(ସ୍କ୍ୱାଡ୍) ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବନ ବିଭାଗର ଏତଲା କ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ବନ କର୍ମଚାରୀ ଚଢ଼ାଉ କରିବା ସମୟରେ କାଠ ଚୋରମାନେ ସେମାନଙ୍କୁ ଆକ୍ରମଣ କରିବା ସହ ଜବତ କାଠ ବୋଝେଇ ଗାଡ଼ି ନେଇଯାଇଥିବା ସୂଚନା ମିଳିଛି। ଆହତ କର୍ମଚାରୀମାନେ ହେଲେ ଅକ୍ଷୟ ମହାନ୍ତ(୩୬), କିରାଣି ନାଏକ(୫୧), ଜଗନ୍ନାଥ ମହାନ୍ତ(୩୨)।

ସୂଚନା ଅନୁଯାୟୀ, ଜାତୀୟ ରାଜପଥ ନଂ.୨୦ରେ ଚୋରା କାଠ ବୋଝେଇ ଗାଡ଼ି ଯାଉଥିବା ଖବରପାଇ ଘଟଗାଁ ରେଞ୍ଜର ପ୍ରଭାତ କୁଅଁର, ଫରେଷ୍ଟର ଯତିନ୍ଦ୍ର ସାହୁ ଓ ଅନ୍ୟ ବନ କର୍ମଚାରୀମାନେ ୨ଟି ଚୋରା କାଠ ବୋଝେଇ ଗାଡ଼ିକୁ ପିଛା କରିଥିଲେ। ପରେ ଏକ ବୋଲେରୋକୁ କୋଲିମାଟି ନିକଟରେ ଧରିଥିଲେ। ସେଠାରୁ ଗାଡ଼ି ଚାଳକ ଓ ଚୋରା କାଠ ବେପାରୀମାନେ ଫେରାର ହୋଇଯାଇଥିଲେ। ବନ କର୍ମଚାରୀ ଚୋରା ଶାଳକାଠ ବୋଝେଇ ଗାଡ଼ି ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣୁଥିଲେ। ସେହି ସମୟରେ ରାଜପଥ ୨୦ ମେଲଣ ନିକଟ ପଥପ୍ରାନ୍ତ ସେବାକେନ୍ଦ୍ର ନିକଟରେ ରାସ୍ତା ଉପରେ ୩ ଗାଡ଼ିରେ ୩୫ରୁ ୪୦ଜଣ ଚୋରା କାଠ ବେପାରୀ ବନ କର୍ମଚାରୀଙ୍କୁ ଅଟକାଇଥିଲେ। ସେମାନେ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରି ଜବତ କାଠ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ବନ ବିଭାଗର ୨ ଗାଡ଼ି ମଧ୍ୟ ଭାଙ୍ଗି ଦେଇଥିଲେ। ଆକ୍ରମଣରେ ୩ କର୍ମଚାରୀ ଆହତ ହୋଇଥିଲେ। ଆକ୍ରମଣକାରୀଙ୍କ ନିକଟରେ ବନ୍ଧୁକ, ଲୁହାରଡ୍ ଆଦି ମାରଣାସ୍ତ୍ର ଥିବା ବନବିଭାଗ କର୍ମଚାରୀମାନେ କହିଛନ୍ତି। ରେଞ୍ଜର ପ୍ରଭାତ କୁଅଁର କହିଛନ୍ତି, ଏ ନେଇ ଘଟଗାଁ ଥାନାରେ ଏତଲା ଦିଆଯାଇଛି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ପୋଖରୀରେ ବୁଡ଼ି ୨ ମହିଳା ମୃତ

ଜି.ଉଦୟଗିରି,୮।୬(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ଼ ଗ୍ରାମପଞ୍ଚାୟତ ଲିଙ୍ଗାଗଡ଼ ଗ୍ରାମ ନିକଟରେ ଗୁରୁବାର ଏକ ଅଭିଭାବନୀୟ ଘଟଣା ଘଟିଛି। କୁତୁଲୁମ୍ବା ପୋଖରୀରେ ଗୋଡ଼ ଖସି ଦୁଇଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୁରୁମଣି ପ୍ରଧାନ ଓ ସୂର୍ଯ୍ୟକାନ୍ତି ପ୍ରଧାନ। ସକାଳ ୬ଟାରେ କୁରୁମଣି ଓ ସୂର୍ଯ୍ୟକାନ୍ତି ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତାରେ ନୂଆ ପୋଖରୀରେ ଗୋଡ ଖସି ବୁଡି ଯାଇଥିଲେ। ଏମାନଙ୍କୁ ଭାସିଯାଉଥିବା ଦେଖି ଅନ୍ୟଜଣେ ମହିଳା ପାଟି କରି ଗାଁ ଲୋକଙ୍କୁ ଡାକିଥିଲେ। ଲିଙ୍ଗାଗଡ଼ ସରପଞ୍ଚ ଅବୋଲକରା ପ୍ରଧାନ ଓ ଗ୍ରାମବାସୀ ପହଞ୍ଚି ଗୋଟିଏ ମୃତଦେହ ବାହାର କରିଥିବା ବେଳେ ଅନ୍ୟ ମୃତଦେହକୁ ଜି.ଉଦୟଗିରି ଦମକଳ ବାହିନୀ ପହଞ୍ଚି ବାହାର କରିଥିଲା। ଉଭୟ ମହିଳାଙ୍କୁ ଜି.ଉଦୟଗିରି ହସ୍ପିଟାଲ ନେବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜି.ଉଦୟଗିରି ପୋଲିସ ପହଞ୍ଚି ୧୦ ଓ ୧୧/୨୩ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍ତ୍ରୀଙ୍କୁ କୁରାଢ଼ିରେ ହାଣି ହତ୍ୟା କଲେ ସ୍ୱାମୀ

ସେମିଳିଗୁଡା/ସୁନାବେଡା, ୮।୬ (ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ଥାନା ଅଧୀନ ଦୁଧାରୀ ପଞ୍ଚାୟତ ହଳଦୀବାଡ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ କୁରାଢିରେ ହାଣି ସ୍ୱାମୀ ହତ୍ୟା କରିଛନ୍ତି। ଖବରରୁ ଜଣାପଡିଛି, ଏହି ଗ୍ରାମର ସାନ ଦିସାରୀ (୪୫)ଙ୍କ କୌଣସି କାରଣରୁ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାନ ଏକ କୁରାଢିରେ ସ୍ତ୍ରୀଙ୍କୁ ହାଣି ହତ୍ୟା କରିଥିଲେ। ଖବର ପାଇ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ସାନଙ୍କୁ ଗିରଫ କରିଥିଲେ। ଏନେଇ ୭୯/୨୩ରେ ଏକ ମାମଲା ରୁଜୁ ହୋଇଛି। ସାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମହାପାତ୍ର କହିଛନ୍ତି।






ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ଜୁନ୍, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା ରସକୁ**
**ଫୁଲ ବାସକୁ।**

କଥାର ସୌନ୍ଦର୍ଯ୍ୟ, ପ୍ରକାଶ ଭଙ୍ଗୀର ଯଥାର୍ଥତା ଉପରେ ନିର୍ଭର କରେ। ବାଣୀ ଯଦି ଅମୃତ ହେବ ତା'ହେଲେ ସେ ମଣିଷର ମନକୁ କିଣିବାରେ ସଫଳ ହେବ। ଫୁଲର ବାସ୍ନା ପରି କଥାର ରସ ମନରେ ଆନନ୍ଦ ସଂଚାର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଟଣା ପଣ**
**କାଟି ଆଣିଦେବି ଚାକୁଣ୍ଡା ବଣ।**

ଚାକୁଣ୍ଡା ଡାଳ ଖୁବ ମସକା, ସହଜରେ ଭାଙ୍ଗିଯାଏ। ତାକୁ ଭାଙ୍ଗିବାରେ କି କାଟିବାରେ ବେଶି ଶାରୀରିକ ଶ୍ରମ ଲୋଡ଼ା ପଡି ନ ଥାଏ। ତେଣୁ ଏଥିରେ ବଳ ବା ସମାର୍ଥ୍ୟକୁ ନେଇ ଗର୍ବ କରିବା ନିରର୍ଥକ। ନିଜର ତୁଚ୍ଛା ଶକ୍ତି ସାମର୍ଥ୍ୟକୁ ନେଇ ଅନ୍ୟ ଆଗରେ ଅଯଥା ବାହାଦୁରି ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦନ୍ତାକୁ ବଞ୍ଚାଇ ପାରିଲେନି

## ୨ ଦିନର ଚିକିତ୍ସା ନିଷ୍ଫଳ

ସାତମାଇଲ, ୮।୬(ଡି.ଏନ୍.ଏ.)

ଫେଲ ମାରିଛି ସମସ୍ତ ଉଦ୍ୟମ। ୨ଦିନର ଚିକିତ୍ସା ସତ୍ତ୍ୱେ ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଗୁରିଲୋ ଗ୍ରାମ ଜଙ୍ଗଲରେ ଅସୁସ୍ଥ ହୋଇପଡ଼ିଥିବା ଦନ୍ତା ଜୀବନ ବଞ୍ଚାଇବାରେ ବିଫଳ ହୋଇଛି ବନ ବିଭାଗ। ବୁଧବାର ହାତୀଟି ସାମାନ୍ୟ ସୁସ୍ଥ ହୋଇ ଚଲାବୁଲା କରିବା ପରେ ବନ କର୍ମଚାରୀ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ତେବେ ଗୁରୁବାର ସକାଳେ ହଠାତ୍ ହାତୀର ମୃତ୍ୟୁ ଘଟିବା ଚର୍ଚ୍ଚାର ବିଷୟ ହୋଇଛି।

ଆନୁମାନିକ ୨୪ ବର୍ଷର ଉକ୍ତ ଦନ୍ତା ଅସୁସ୍ଥ ହୋଇ ଗୁରିଲୋ ଜଙ୍ଗଲରେ ପଡ଼ି ରହିଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ମଙ୍ଗଳବାର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁମିତ କୁମାର କର, ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ, ସାତକୋଶିଆରୁ ବନ୍ୟପ୍ରାଣୀ ବିଶେଷଜ୍ଞ ଦଳ, ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞ ଦଳ ପହଞ୍ଚି ଦୁଇଦିନ ଧରି ଚିକିତ୍ସା କରିଥିଲେ। ଇଞ୍ଜେକ୍ସନ, ସାଲାଇନ୍ ଦେବା ପରେ ବୁଧବାର ହାତୀଟି ସାମନ୍ୟ ସୁସ୍ଥ ହୋଇଥିଲା। ଜଙ୍ଗଲ ଆଡ଼କୁ ଯାଇ ଚଲାବୁଲା ମଧ୍ୟ କରିଥିଲା। ବନ କର୍ମଚାରୀ ଏହା ଉପରେ ନଜର ରଖିଥିଲେ। ଅସୁସ୍ଥତାର କାରଣ ଜାଣିବା ପାଇଁ ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଯାଇଥିଲା। ତେବେ ରିପୋର୍ଟ ଆସିବା ପୂର୍ବରୁ ଗୁରୁବାର ହାତୀଟିର ମୃତଦେହ ଠାବ କରାଯାଇଥିଲା। ବନ କର୍ମଚାରୀଙ୍କ ଉପସ୍ଥିତିରେ ଏହାର ଦୁଇଟି ଦାନ୍ତ ଜବତ କରାଯାଇଛି। ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ପୋତି ଦିଆଯାଇଛି। ଏ ସଂକ୍ରାନ୍ତରେ ଡିଏଫ୍‌ଓ କୁହନ୍ତି, ଉକ୍ତ ଦନ୍ତା ଆନ୍ଥ୍ରାକ୍ସରେ ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଥିଲା। ହେଲେ ତଦନ୍ତରୁ ଏହା ଆନ୍ଥ୍ରାକ୍ସ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଏହାର ଶରୀରରେ ରକ୍ତ ଜମାଟ ବାନ୍ଧିଥିଲା। ତେଣୁ ସଂକ୍ରମଣ ହୋଇଥିବା ଅନୁମାନ କରାଯାଉଛି। ରିପୋର୍ଟ ଆସିବା ପରେ ହାତୀର ମୃତ୍ୟୁ କେଉଁ କାରଣରୁ ହୋଇଛି, ତାହା ସ୍ପଷ୍ଟ ହେବ।





କାଳବୈଶାଖୀରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଅଜନ୍ତା ସର୍କସର ଟେଣ୍ଟ ଭାଙ୍ଗିପଡ଼ିଛି।

# ଗଛ ଉପୁଡ଼ିଲା, ମନ୍ଦିର ଭାଙ୍ଗିଲା

## ବିଭିନ୍ନ ସ୍ଥାନରେ କାଳବୈଶାଖୀ

- ବାତ୍ୟା ଭ୍ରମ ସୃଷ୍ଟି କଲା ଧୂଳିଝଡ଼, ଯାତାୟାତ ବାଧାପ୍ରାପ୍ତ
- ଟେଣ୍ଟ ଭାଙ୍ଗିବାରୁ ହୋଇପାରିଲାନି ସର୍କସର ପ୍ରଥମ ଶୋ'
- ବଜ୍ରପାତରେ ତାଳଗଛରେ ନିଆଁ ଲାଗିଲା

ଭୁବନେଶ୍ୱର, ୮।୬(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଝଡ଼ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଭୁବନେଶ୍ୱର ସହରରେ ବର୍ଷାଜଳର ସୁଅ ଛୁଟିବା ସହ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିଥିବାବେଳେ ଆଜବେଷ୍ଟସ୍ ଓ ହୋର୍ଡିଂ ଉଡ଼ିପଡ଼ିଥିବା ଦେଖିବାକୁ ମିଳିଛି। ଅପରାହ୍ନ ପ୍ରାୟ ୪ଟା ବେଳକୁ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଜୋର୍‌ରେ ପବନ ସାଙ୍ଗକୁ ଧୂଳିଝଡ଼ ବାତ୍ୟାର ଭ୍ରମ ସୃଷ୍ଟି କରିଥିଲା। ସାଢେ ୪ଟାରେ ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ପ୍ରାୟ ଅଧଘଣ୍ଟା ଯାଏ ପ୍ରବଳ ବେଗରେ ପବନ ବହିବା ସହ ଅନେକ ସ୍ଥାନରେ ଗଛ ଭାଙ୍ଗିଯାଇଥିବାବେଳେ ଆଜ୍‌ବେଷ୍ଟସ୍ ଉଡ଼ିଯାଇଥିଲା। ଏଥିସହ କେତେକ ସ୍ଥାନରେ ଗଛତଳେ ରଖାଯାଇଥିବା ଗାଡ଼ି ଉପରେ ଡାଳ ଭାଙ୍ଗିପଡ଼ିଥିବା ଦେଖାଯାଇଥିଲା। ବର୍ଷା ପବନରେ ସ୍ୱାଭାବିକ ଜୀବନଯାତ୍ରା ଏକ ପ୍ରକାର ଠପ୍ ହୋଇଯାଇଥିଲା। ଯିଏ ଯେଉଁଠି ଥିଲେ ସେଠାରେ ଅଟକି ରହିଥିଲେ। ବର୍ଷା ପବନ ମାଡ଼ରେ ଗଛ ଡାଳ ଭାଙ୍ଗିପଡୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଭୟଭୀତ ହୋଇ ସୁରକ୍ଷିତ ସ୍ଥାନରେ ଅଟକି ରହିଥିଲେ। ରସୁଲଗଡ଼, ରାଜମହଲ-ଏଜି ରାସ୍ତା, ଆଚାର୍ଯ୍ୟ ବିହାର ଠାରୁ ବାଣୀବିହାର ରାସ୍ତା, ଚନ୍ଦ୍ରଶେଖରପୁର, ଜେଲ୍ ଛକ, ଝାରପଡ଼ା, ବିଜେବି ନଗର ଆଦି ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହ କେତେକ ସ୍ଥାନରେ ଗଛ ଉପୁଡି ପଡିଥିଲା। ଫଳରେ ବର୍ଷା ଛାଡିବା ପରେ ଯାତାୟାତ ପ୍ରଭାବିତ ହୋଇଥିଲା। ସେହିପରି ଗଛଡ଼ାଳ ପଡି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ତେବେ ପ୍ରବଳ ଖରାରେ ସିଝିଥିବା ରାଜଧାନୀବାସୀଙ୍କୁ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଲୋକେ ତ୍ରାହି ପାଇଛନ୍ତି। କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥିବାରୁ ରାଜ୍ୟବାସୀ ଏହାର ଆଗମନକୁ ଅପେକ୍ଷା କରିଛନ୍ତି।

ଅପରପକ୍ଷେ ପ୍ରାୟ ୧୦ ବର୍ଷ ପରେ ଭୁବନେଶ୍ୱରକୁ ଅଜନ୍ତା ସର୍କସ ଫେରିଛି। ଗୁରୁବାର ସନ୍ଧ୍ୟା ୭ଟା ୧୫ରେ ପ୍ରଦର୍ଶନୀ ପଡ଼ିଆରେ ଏହାର ପ୍ରଥମ ଶୋ' ହେବାର ଥିଲା। ମାତ୍ର ଶୋ' ଆରମ୍ଭରୁ ହିଁ ସର୍କସ କର୍ତ୍ତୃପକ୍ଷଙ୍କୁ କ୍ଷତି ସହିବାକୁ ପଡ଼ିଛି। ଅପରାହ୍ନରେ ଆସିଥିବା କାଳବୈଶାଖୀ ପ୍ରଭାବରେ ସର୍କସର ୮୦ ଫୁଟ ଉଚ୍ଚ ଓ ବିଶାଳ ଟେଣ୍ଟକୁ ଉଡ଼ାଇ ନେଇଥିଲା। ଟେଣ୍ଟ ଭୁଶୁଡି ପଡିବା ଯୋଗୁ ଦର୍ଶକଙ୍କ ପାଇଁ ପଡିଥିବା ସିଟଗୁଡିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବିଜୁଳି ଖୁଣ୍ଟ ଉପୁଡି ପଡିବା ସହ ଏହାର ତାର ଛିଡି ତଳେ ପଡିଥିଲା। ସନ୍ଧ୍ୟାରେ ଶୋ' ଥିଲେ ମଧ୍ୟ ସେଠାକୁ ଦର୍ଶକଙ୍କ ଆଗମନ ହୋଇ ନ ଥିଲା। ଟେଣ୍ଟଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏହାକୁ ସଜାଡ଼ିବା ପାଇଁ ପ୍ରାୟ ୪ଦିନ ସମୟ ଲାଗିବ ବୋଲି ସର୍କସ କମିଟି ସଦସ୍ୟ କହିଛନ୍ତି। ପ୍ରଥମ ଦିନ ଶୋ' ଦେଖିବାକୁ ପ୍ରାୟ ୩ଶହ ଲୋକ ଟିକେଟ୍ ବୁକିଂ କରିଥିଲେ। ମାତ୍ର କାଳବୈଶାଖୀ ପାଇଁ ଦର୍ଶକଙ୍କୁ ନିରାଶ ହେବାକୁ ପଡିଛି। ତେବେ ଟେଣ୍ଟ ସଜା ପରେ ପୁଣି ଶୋ' କରାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ପଡ଼ିରହିଥିବା ଗଛ, ଡାଳ ଆଦିକୁ ହଟାଯାଉଛି। ବିଏମ୍‌ସିର ସ୍ୱତନ୍ତ୍ର ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ ଏଗୁଡିକୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିବାକୁ ଚେଷ୍ଟା କରୁଥିବା ସୂଚନା ମିଳିଛି।

ସେହିପରି ବାଲେଶ୍ୱର ଜିଲା ଖଇରା ବ୍ଲକର ସାରଡାଙ୍ଗ, ସୁଣ୍ଡିରା, ଝିଙ୍କିରିଆ ସମେତ ଅନ୍ୟାନ୍ୟ ପଞ୍ଚାୟତରେ ବ୍ୟାପକ କ୍ଷତି ଘଟିଛି। ସାରଡାଙ୍ଗ ପଞ୍ଚାୟତ ଅଲିପୁର ଗ୍ରାମ ବୁରେଇସାହିରେ ଗଛ ପଡି ପୁରୁଷୋତ୍ତମ ଘଡେଇ ଓ ଶ୍ରୀକାନ୍ତ ସାହୁଙ୍କ ଛପର ଉଡିଯାଇଥିବା ବେଳେ ସେଣ୍ଡସାହିରେ ଠାକୁରାଣୀ ମନ୍ଦିର ଭାଙ୍ଗିଯାଇଛି। ହନ୍ତବାବି ଗ୍ରାମରେ ଜ୍ୟୋତିରଞ୍ଜନ ପୃଷ୍ଟିଙ୍କ ନିର୍ମାଣାଧୀନ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଖୁଣ୍ଟ ଉପୁଡି ବିଦ୍ୟୁତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସୁଣ୍ଡିରା ପଞ୍ଚାୟତ ଅଧୀନ ତ୍ରିଲୋଚନପୁର ଗ୍ରାମରେ ଗଛ ପଡି ଆଜବେଷ୍ଟସ ଭାଙ୍ଗିବାରୁ ମହେନ୍ଦ୍ର ଓଝା ଆହତ ହୋଇଛନ୍ତି। ସେହିଭଳି ୪ଟି ବଡ ବଡ ଗଛ ଧରାଶାୟୀ ହେବା କାରଣରୁ ଭୋଗୁପୁର-ପାଇକାଳପୁର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। କଟକ ଜିଲା ସାଲେପୁର ବ୍ଲକରେ ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ବଜ୍ରପାତ ହୋଇଛି। ଏହି ସମୟରେ ସ୍ଥାନୀୟ ପିକୋଳ ପଞ୍ଚାୟତର ମନୋହରପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ତାଳଗଛରେ ବଜ୍ରପାତ ହୋଇ ଜଳିଯାଇଛି। ଏନେଇ ପରିବାର ଲୋକେ ଭୟଭୀତ ହୋଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ବେତନଟୀ/ମୋରଡ଼ା,୮।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ କେନ୍ଦୁଛାଟିଆ ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ କମଳି ଦେହୁରୀ (୬୬)। ସୂଚନା ଅନୁଯାୟୀ, ଅପରାହ୍ନରେ ହଠାତ୍ ଦୁଇଟି ହାତୀ ଜଙ୍ଗଲରୁ ବାହାରି କେନ୍ଦୁଛାଟିଆ ଗାଁରେ ପ୍ରବେଶ କରିଥିଲେ। ତେବେ ପରିବାର ଲୋକେ ହାତୀ ଦେଖି ଜୀବନ ବଞ୍ଚାଇ ଦୌଡ଼ି ପଳାଇ ଯାଇଥିବା ବେଳେ କମଳି ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେବା ସହ ପାଦରେ ଦଳି ଦେବାରୁ ଘଟଣାସ୍ଥଳର ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବଡ଼ଜାମଦା ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ରେଞ୍ଜ ଅଧିକାରୀ ଘନଶ୍ୟାମ ସିଂ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାସଗୋବିନ୍ଦପୁର ଏବଂ ବେତନଟୀ ରେଞ୍ଜ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ହାତୀପଲ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଛି। ତେବେ ୧୧ ଟିକିଆ ହାତୀ ପଲ ଅଞ୍ଚଳରେ ପ୍ରବେଶ କରିଥିବା ଜାଣି ସୁଦ୍ଧା ବନ ବିଭାଗ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଜଣେ ବୃଦ୍ଧାଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ଏବଂ ଅନ୍ୟ ଅଧିକାରୀମାନେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## କମିଲା ପାସ୍ ହାର...

ପ୍ରଥମ ପୃଷ୍ଠାରୁ...

ଛାତ୍ରୀଙ୍କ ପାସ୍ ହାର ୮୫.୬୬ ପ୍ରତିଶତ ଓ ଛାତ୍ରଙ୍କ ପାସ୍ ହାର ୭୦.୪୩ ପ୍ରତିଶତ ଥିବାବେଳେ ପ୍ରଥମ ଶ୍ରେଣୀରେ ୩୨ ହଜାର ୭୮୨, ଦ୍ୱିତୀୟରେ ୩୧ ହଜାର ୪୬୨ ଏବଂ ତୃତୀୟ ଶ୍ରେଣୀରେ ୧ ଲକ୍ଷ ୧୬ ହଜାର ୧୭୯ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। କମ୍ପାର୍ଟମେଣ୍ଟାଲରେ ୪୪୭ ଜଣ ପାସ୍ କରିଥିବାବେଳେ ଜଣଙ୍କର ଫଳାଫଳ ସ୍ଥଗିତ ରହିଛି। ସେହିପରି ଧନ୍ଦାମୂଳକ ବିଭାଗରେ ଚଳିତବର୍ଷ ମୋଟ୍ ୫୮୬୨ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୫୧୩୧ ଜଣ ରେଗୁଲାର ଓ ୭୩୧ ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଥିଲେ। ସେମାନଙ୍କ ମଧ୍ୟରୁ ୫୭୨୦ ଜଣ ପରୀକ୍ଷା ଦେଇଥିବାବେଳେ ୩୮୬୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କନ୍ଧମାଳରେ ସର୍ବାଧିକ ପାସ୍ ହାର ୮୯.୪୩ ପ୍ରତିଶତ ଏବଂ ଦେବଗଡ଼ରେ ପାସ୍ ହାର ସର୍ବନିମ୍ନ ୩୯.୪୭ ପ୍ରତିଶତ ହୋଇଛି। ଧନ୍ଦାମୂଳକ ପାଠ୍ୟକ୍ରମରେ ମଧ୍ୟ ଛାତ୍ରୀଙ୍କ ପ୍ରଦର୍ଶନ ଛାତ୍ରଙ୍କ ତୁଳନାରେ ଭଲ ରହିଛି। ଛାତ୍ରୀଙ୍କ ପାସ୍ ହାର ୭୧.୧୦ ଏବଂ ଛାତ୍ରଙ୍କ ପାସ୍ ହାର ୬୪.୨୩ ହୋଇଛି। ପ୍ରଥମ ଶ୍ରେଣୀରେ ୮୪୩, ଦ୍ୱିତୀୟ ଶ୍ରେଣୀରେ ୧୭୫୧, ତୃତୀୟ ଶ୍ରେଣୀରେ ୧୧୧୫ ଏବଂ କମ୍ପାର୍ଟମେଣ୍ଟାଲ ବର୍ଗରେ ୧୫୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସୂଚନାଥାଉ କି, ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପରୀକ୍ଷା ଦେବା ଲାଗି ୩ ଲକ୍ଷ ୫୭ହଜାର ୯୪୨ଜଣ ରେଗୁଲାର ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ଯୁକ୍ତ ୨ ପରୀକ୍ଷା ମାର୍ଚ୍ଚ ୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୨ଟି ପର୍ଯ୍ୟାୟରେ ଯୁକ୍ତ୨ ଖାତାଦେଖା ଆରମ୍ଭ ହୋଇଥିଲା। ଏପ୍ରିଲ ୧୦ରୁ ଆରମ୍ଭ ହୋଇ ମେ' ୫ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଖାତା ମୂଲ୍ୟାୟନ କରାଯାଇଥିଲା। ମେ ୩୧ ତାରିଖରେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଥିଲା।

ଭୁବନେଶ୍ୱରସ୍ଥିତ ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶୁଭଶ୍ରୀ ନନ୍ଦ, ପରିଷଦର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ଏବଂ ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପିଲାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ମେ ୩୧ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ବିଜ୍ଞାନରେ ୮୪.୯୩ ଏବଂ ବାଣିଜ୍ୟରେ ୮୧.୧୨ % ଫଳାଫଳ ହୋଇଥିଲା।

| କଳା | ଧନ୍ଦାମୂଳକ ପାଠ୍ୟକ୍ରମ |
|---|---|
| ଜିଲା - ପାସ୍ ହାର | ଜିଲା - ପାସ୍ ହାର |
| ବାଲେଶ୍ୱର- ୮୪.୯୭ | କନ୍ଧମାଳ-୮୯.୪୩ |
| ସମ୍ବଲପୁର-୮୩.୬୦ | ଝାରସୁଗୁଡ଼ା-୮୮.୮୮ |
| ବରଗଡ଼-୮୩.୩୭ | ପୁରୀ- ୮୪.୩୦ |
| ମୟୂରଭଞ୍ଜ-୮୩.୩୪ | ଜଗତ୍‌ସିଂହପୁର-୮୨.୨୪ |
| ନୟାଗଡ଼-୮୩.୦୪ | ନୟାଗଡ଼-୭୬.୭୨ |
| ପୁରୀ-୮୨.୫୬ | ଖୋର୍ଦ୍ଧା- ୭୬.୦୦ |
| ସୁବର୍ଣ୍ଣପୁର-୮୨.୦୮ | କେନ୍ଦୁଝର-୭୫.୦୬ |
| ଗଜପତି-୮୧.୫୪ | କେନ୍ଦ୍ରାପଡ଼ା-୭୪.୪ |
| ଖୋର୍ଦ୍ଧା-୮୦.୩୯ | ଗଞ୍ଜାମ-୭୩.୮୭ |
| ନୂଆପଡ଼ା-୭୯.୮୭ | ବାଲେଶ୍ୱର- ୭୩.୩୦ |
| ଢେଙ୍କାନାଳ-୭୯.୧୫ | ଭଦ୍ରକ-୭୧.୦୫ |
| ଗଞ୍ଜାମ- ୭୯.୪୦ | ମୟୂରଭଞ୍ଜ-୭୧.୦୧ |
| ଜଗତ୍‌ସିଂହପୁର-୭୮.୯୦ | ବୌଦ୍ଧ-୭୦.୧୪ |
| ଝାରସୁଗୁଡ଼ା-୭୮.୮୬ | ସୁନ୍ଦରଗଡ଼- ୬୯.୭୮ |
| ଭଦ୍ରକ- ୭୮.୮୪ | ସମ୍ବଲପୁର-୬୫.୯୭ |
| ସୁନ୍ଦରଗଡ଼- ୭୮.୬୩ | ରାୟଗଡ଼ା-୬୪.୫୧ |
| ଫୁଲବାଣୀ-୭୮.୬୦ | ଯାଜପୁର-୬୩.୬୬ |
| କେନ୍ଦ୍ରାପଡ଼ା-୭୮.୨୭ | କଟକ-୬୧.୮୮ |
| କଳାହାଣ୍ଡି-୭୭.୮୪ | ସୁବର୍ଣ୍ଣପୁର-୬୦.୦୦ |
| ଅନୁଗୋଳ- ୭୭.୬୩ | ଢେଙ୍କାନାଳ-୬୦.୦୦ |
| ଦେବଗଡ଼-୭୭.୦୭ | କୋରାପୁଟ-୫୯.୪୨ |
| ବୌଦ୍ଧ-୭୬.୭୩ | ନୂଆପଡ଼ା-୫୬.୦୦ |
| କେନ୍ଦୁଝର-୭୬.୧୫ | ବରଗଡ଼-୫୪.୮୩ |
| ବଲାଙ୍ଗୀର- ୭୬.୧୦ | କଳାହାଣ୍ଡି-୫୪.୪୮ |
| କଟକ-୭୫.୧୭ | ବଲାଙ୍ଗୀର- ୫୨.୩୪ |
| ରାୟଗଡ଼ା-୭୪.୩୮ | ଗଜପତି-୪୭.୬୯ |
| କୋରାପୁଟ-୭୨.୦୩ | ଅନୁଗୋଳ- ୪୫.୦୦ |
| ମାଲକାନଗିରି-୭୧.୭୧ | ଦେବଗଡ଼-୩୯.୪୭ |
| ଯାଜପୁର-୭୧.୭୦ | |
| ନବରଙ୍ଗପୁର-୭୦.୭୪ | |

## ଏଚ୍‌ଏସ୍‌ଆର୍‌ପି: ୨୩ରୁ...

ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲଗେଇବାକୁ କୁହାଯାଇଥିଲା। ଏହାର ଅବଧି ଚଳିତ ବର୍ଷ ଫେବୃୟାରୀ ୨୮ରୁ ଶେଷ ହୋଇସାରିଛି। ହେଲେ ଲକ୍ଷ୍ୟ କରାଯାଉଛି, କିଛି ଗାଡ଼ି ଏଚ୍‌ଏସ୍‌ଆର୍‌ପି ରେଜିଷ୍ଟ୍ରେଶନ ପ୍ଲେଟ୍ ବିନା ରାସ୍ତାରେ ଚାଲୁଛି। କେତେକ ଗାଡ଼ିକୁ ଫାଇନ୍ ହେବାପରେ ସେମାନେ ଆସି କହୁଛନ୍ତି, ଆମ ଗାଡ଼ି ଘରେ ରଖିଛୁ ହେଲେ ଆମକୁ କିପରି ଫାଇନ ଆସୁଛି। ଏହାକୁ ତର୍ଜମା କରିବା ପରେ ଅନେକ ଗାଡି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇ ନ ଥିବା ଜଣାପଡିଛି।

ଜୁନ୍ ୭ ସୁଦ୍ଧା ମୋଟ ୪୦ ଲକ୍ଷ ୯୩ ହଜାର ୬୦୮ ଗାଡ଼ି ମାଲିକ ଏଚ୍‌ଏସ୍‌ଆର୍‌ପି ସ୍ଲଟ୍ ବୁକ୍ କରିଛନ୍ତି। ସେଥିମଧ୍ୟରୁ ୩୫ ଲକ୍ଷ ୮୭ ହଜାର ୫୭୭ ଗାଡ଼ିରେ ନମ୍ବର ପ୍ଲେଟ୍ ଲଗାଯାଇଛି। ପ୍ରାୟ ୫ ଲକ୍ଷ ଗାଡ଼ିରେ ଏହା ଲାଗିନାହିଁ। ଦଣ୍ଡବିଧାନରୁ ବର୍ତ୍ତିବା ପାଇଁ ଯାନବାହନ ମାଲିକମାନେ ଶୀଘ୍ର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଉଚିତ। ଏମ୍‌ଭି ଆକ୍ଟ ୧୯୮୮ର ଧାରା ୧୯୨ ଅଧୀନରେ ଯଦି ଗାଡ଼ିଟିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବ, ତେବେ ସେହି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି କରାଯିବ। ଗାଡ଼ି ଚାଳକଙ୍କଠାରୁ ଏ ବାବଦରେ ଜରିମାନା ଆଦାୟ ହେବ। ସେଣ୍ଟ୍ରାଲ ମୋଟର ଭେହିକିଲ୍ ରୁଲ୍‌ସ, ୧୯୮୯ର ନିୟମ ୫୦ ଅନୁଯାୟୀ, ସମସ୍ତ ଯାନକୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ସହିତ ସଂଲଗ୍ନ କରିବା ବାଧ୍ୟତାମୂଳକ। ସେହିପରି ଅନେକ ଗାଡ଼ି ମାଲିକ ସ୍ଲଟ୍ ମଧ୍ୟ ବୁକ୍ କରିନାହାନ୍ତି। ସେମାନେ ମଧ୍ୟ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ସହ ନମ୍ବର ପ୍ଲେଟ୍ ଲଗାଇବାକୁ କମିଶନର ସେଠୀ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଦଶମ ଚନ୍ଦ୍ର ଶନି କ୍ଷେତ୍ରରେ ଅବସ୍ଥାନ କରି ମୃଦୁ ମନ୍ଦ ଗତିରେ କର୍ମପ୍ରବାହକୁ ଆଗକୁ ଗଡ଼ାଇନେବେ। ଆନୁଷ୍ଠାନିକ କାମ ସକାଶେ ତତ୍ପର ହେବେ। ପାରିବାରିକ କ୍ଷେତ୍ରରେ ରାହୁଙ୍କ ନକ୍ଷତ୍ରର କୁପ୍ରଭାବରୁ ମତାନ୍ତରଜନିତ ଅନର୍ଥ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ର, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା ତଥା ସଭାସମିତିରେ ପ୍ରଶଂସିତ ହେବେ।

**ବୃଷ**
ମନ ଚାହୁଁ ନ ଥିବା କେତେକ କାମ ପରିସ୍ଥିତିରେ ପଡି କରିବାକୁ ବାଧ ହେବେ। ବନ୍ଧୁଙ୍କ ସମ୍ମୁଖରେ ପାରିବାରିକ ଜୀବନର ଅକୁହା କଥାକୁ ଲୁଚାଇ ରଖି ହସି ହସି କଥା କହିବେ। ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ମଧ୍ୟାହ୍ନରେ ବନ୍ଧୁମିଳନଜନିତ ମାନସିକ ସ୍ତରରେ ସୁସ୍ଥ ମାନସିକତା ପରିଲକ୍ଷିତ ହେବ।

**ମିଥୁନ**
କେତେକ କ୍ଷେତ୍ରରେ ଅନ୍ୟକୁ ଖୁସି କରିବାକୁ ଯାଇ ନିଜର ସ୍ୱାର୍ଥକୁ ବଳି ଦେଇପାରନ୍ତି। ଘରୋଇ କଥା ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ଚିନ୍ତାଧାରାକୁ ବିକ୍ଷିପ୍ତ କରିଦେବ। ଅଫିସ୍‌ରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ**
ଆଜି କାମଗୁଡିକରେ କୌଣସି ପ୍ରତିବନ୍ଧକ ନ ରହିଲେ ମଧ୍ୟ ସେତେଟା ପ୍ରୀତିପ୍ରଦ ରହିବ ନାହିଁ। ନିକଟରେ ରହୁଥିବା ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ଦୁଃଖ ଭୁଲି ଯିବାରେ ସାହାଯ୍ୟ କରିବ। ପ୍ରକାଶନ, ପାରିବାରିକ, ପ୍ରଶାସନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**
କାର୍ଯ୍ୟ ହାସଲ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ରେ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ର ସକାଶେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ କଳହକୁ ନେଇ ମାନସିକ ଶାନ୍ତି ବ୍ୟାହତ ହେବ। ସାଙ୍ଗଠନିକ କାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଆଜି ଯାହା ପାଇବା କଥା ତାହା ସହଜ ଓ ସୁବିଧାରେ ପାଇବା କଷ୍ଟକର ହେବ। ପ୍ଲଟିଂ କାରବାର, ଯାନ୍ତ୍ରିକ କିମ୍ବା ବିଦ୍ୟୁତ୍ ବ୍ୟବସାୟୀମାନେ ବିଶେଷ ପରିମାଣରେ ଉପକୃତ ହେବେ। ପିଲାମାନଙ୍କ ଉଚ୍ଚ ଶିକ୍ଷା ସକାଶେ ପାରିବାରିକ ଆଲୋଚନାକୁ ପ୍ରାଧାନ୍ୟ ଦେଇପାରନ୍ତି। ଆକସ୍ମିକ ଭାବରେ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ତୁଳା**
ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଅଭାବ ନ ଥିଲେ ମଧ୍ୟ ନିଜର ପ୍ରିୟବ୍ୟକ୍ତିଙ୍କଠାରୁ ବହୁ ଦୂରେ ରହି ଚିନ୍ତିତ ରହିବେ। ସମ୍ପର୍କୀୟଙ୍କ ବେଖାତିର ମନୋଭାବ ଯାହାକି କାହାକୁ କହି ପାରିବେ ନାହିଁ କିନ୍ତୁ ମନେ ମନେ ଅସନ୍ତୁଷ୍ଟ ରହିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଏକ ପ୍ରକାର ଆତ୍ମସନ୍ତୋଷ ଲାଭ କରିପାରନ୍ତି।

**ବିଛା**
ଅତୀତର କୃତକର୍ମ ସକାଶେ ଅନୁତପ୍ତ ରହିବେ। ଭାଙ୍ଗିପଡିଥିବା ସମ୍ପର୍କକୁ ପୁଣି ଯୋଡିବାକୁ ଚେଷ୍ଟା କରି ଅସଫଳ ହୋଇପାରନ୍ତି। ନିଜ ପରିସରର ବ୍ୟକ୍ତିମାନେ ଅଯଥା ଦୋଷାରୋପ କରି ମାନସିକ ସ୍ଥିତିକୁ କଳୁଷିତ କରିପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ଉପର ମନରେ ଭଲ କଥା କହି ପଛରେ ବହୁତ ସମାଲୋଚନା କରିବେ।

**ଧନୁ**
ଅନାବଶ୍ୟକ କଥା ମନରୁ ପରିହାର କରି ବାସ୍ତବତାକୁ ଗୁରୁତ୍ୱ ଦେଇ କାମ କରିବା ଭଲ ହେବ। ବିଭିନ୍ନ ପ୍ରକାରର ସ୍ଥଗିତ କାମକୁ ନେଇ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର**
ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ। ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କାମଟିକୁ ଭଣ୍ଡୁର କରି ଦେଇପାରନ୍ତି।

**କୁମ୍ଭ**
ସମସ୍ୟା ଲାଗି ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆଜି ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କିଛି ବି କରିବାର ଉପାୟ ନ ଥିବ। ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ**
ଉପରିସ୍ଥଙ୍କ ସାହାଯ୍ୟରୁ ଅଫିସିଆଲି ଟେନ୍‌ସନ କମିଯିବ ଏବଂ ସହଯୋଗଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହାଇପାରେ। ତଥାପି ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ପୂରା ମାତ୍ରାରେ ରହିଛି।

ଆଜି ଆଷାଢ଼ କୃଷ୍ଣ ଷଷ୍ଠୀ ଶୁକ୍ରବାର, ଜୁନ୍ ୯ ତାରିଖ, ବିର୍ସା ମୁଣ୍ଡା ଶହୀଦ ଦିବସ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ଗତେଘ.୦୬।୫୬ମଧ୍ୟେ,ଘ.୧୨।୧୨ଗତେଘ.୦୨।୫୦ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ ଘ.୧୧।୪୫ ମଧ୍ୟେ ରାହୁକାଳ।

# ଘରେ ଘରେ ପହଞ୍ଚିବ ପାନୀୟ ଜଳ: ପାଣ୍ଡିଆନ




ରାୟଗଡ଼ା ଜିଲା ନିୟମଗିରି ପାହାଡରେ ନୂତନ ଇକୋ କଟେଜର ମ୍ୟାପ୍ ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ ।

- **୫-ଟି ସଚିବଙ୍କ କାଶୀପୁର, ବିଷମକଟକ, ପଦ୍ମପୁର ଓ ଗୁଣପୁର ବ୍ଲକ ଗସ୍ତ**
- **ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା ହେଉଛି ଚାଷୀଙ୍କ ଉନ୍ନତି**
- **ଜିଲାର ୧୨୦ କି.ମି. ରାସ୍ତା ପ୍ରଶସ୍ତୀକରଣ**

ଟିକିରି/ବିଷମକଟକ/ପଦ୍ମପୁର/ଗୁଣପୁର/ରାୟଗଡ଼ା,୮।୬(ସ୍ୱ.ପ୍ର.)/(ଡି.ଏନ୍.ଏ.)

ରାୟଗଡ଼ା ଜିଲାକୁ ୫-ଟି ସଚିବ ଭି.କେ.ପାଣ୍ଡିଆନ ୨ଦିନିଆ ଗସ୍ତରେ ଆସି ଦ୍ୱିତୀୟ ଦିନ ଗୁରୁବାର କାଶୀପୁର, ବିଷମକଟକ, ପଦ୍ମପୁର ଓ ଗୁଣପୁର ବ୍ଲକକୁ ଯାଇଥିଲେ। ସକାଳ ୭ଟାରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟ ସମୀକ୍ଷାକରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଖୁରିଗାଁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଛତୁମଞ୍ଜି ପ୍ରକଳ୍ପ ପରିଦର୍ଶନ କରିଥିଲେ। କାଶୀପୁର ଯୁକ୍ତ ୨ ମହାବିଦ୍ୟାଳୟରେ ଖୁବ୍‌ଶୀଘ୍ର ଯୁକ୍ତ ୩ ଖୋଲାଯିବା ନେଇ ସୂଚନା ଦେଇଥିଲେ। ମେଗା ପ୍ରକଳ୍ପ ଦ୍ୱାରା ଶୀଘ୍ର ପାନୀୟ ଜଳ ଯୋଗାଣ ହେବ ବୋଲି କହିଥିଲେ। ସେହିଭଳି ବ୍ରହ୍ମପୁର-ଜୟପୁର ବିଜୁ ଏକ୍ସପ୍ରେସ୍ ୱେ-୨ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ରାୟଗଡ଼ା ଜିଲାର ୧୨୦ କି.ମି. ରାସ୍ତା ତିଆରି ହେବ। ଏଥିପାଇଁ ୧୨ଶହ କୋଟି ଟଙ୍କାର ଅନୁଦାନ ଥିବା ପାଣ୍ଡିଆନ ସୂଚନା ଦେଇଥିଲେ। କାଶୀପୁରଠାରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ଏମ୍‌ବିକେ, ସିଆଇପି ଓ ବ୍ୟାଙ୍କ ମିତ୍ରଙ୍କ ଦରମା ବୃଦ୍ଧି ନେଇ ସୂଚନା ଦେଇଥିଲେ । କାଶୀପୁରରେ ଥିବା ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନତି ଓ ବିକାଶ ପାଇଁ ଆଗାମୀ ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ ବୋଲି ସେ କହିଥିଲେ ।

ସେଠାରୁ ବିଷମକଟକ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ମିଶନ ଶକ୍ତି ଦ୍ୱାରା ନବନିର୍ମିତ ମହିଳା ମିଶନ ଶକ୍ତି କାଫେରେ ଜଳପାନ କରିବା ସହିତ ସେମାନଙ୍କ ସହିତ ଆଲୋଚନା କରି ଏହାର ଉନ୍ନତି ଓ ବିକାଶ ପାଇଁ ସହାୟତା ରାଶି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ନିୟମଗିରିରେ ଥିବା ପୁରାତନ ଜଳପ୍ରପାତ ଗଦ୍‌ଗଦାଠାରେ ନିର୍ମାଣାଧୀନ ଇକୋ କଟେଜ୍ ଏବଂ ଚାଟିକଣା ପାତାଳେଶ୍ୱର ଶୈବପୀଠ ପରିଦର୍ଶନକରି ଏହାର ଉନ୍ନତୀକରଣ ପାଇଁ ଅର୍ଥ ଦିଆଯିବା ନେଇ କହିଥିଲେ। ଚାଟିକଣାଠାରେ ଆଦିମ ଜନଜାତିଙ୍କ ଅଭିଯୋଗ ଶୁଣିଥିଲେ। ସେଠାରେ ଥିବା ପୁରାତନ ନେଳିଆବନ୍ଧ ପରିଦର୍ଶନକରି ଏହାର ନବୀକରଣ ପାଇଁ ଜିଲାପାଳ ସ୍ୱଧାଦେବ ସିଂଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ମହିଳା ଏସ୍ଏଚ୍‌ଜି ଗ୍ରୁପ୍‌ଙ୍କ ସହ ଆଲୋଚନା କରିଥିଲେ। ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଷମକଟକ,ମୁନିଗୁଡ଼ା,ଚନ୍ଦ୍ରପୁର ଓ କଲ୍ୟାଣସିଂହପୁର ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣକରି ଦାବିଗୁଡିକ ୧୦ ଦିନ ମଧ୍ୟରେ ପୂରଣ କରାଯିବ ବୋଲି କହିଥିଲେ।

ସେଠାରୁ ପଦ୍ମପୁର ବ୍ଲକ ମରିଚଗୁଡ଼ା ଆଦିବାସୀ ସଉରା ଲିପି ମାତାରବନାମ ମନ୍ଦିର ପରିଦର୍ଶନକରି ଏହାର ଉନ୍ନତୀକରଣ ଓ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଆଦିବାସୀ ଭାଷା ସୁରକ୍ଷା ଓ ପ୍ରସାର ନିମନ୍ତେ ଶବର ସାଂସ୍କୃତିକ ପଦକ୍ଷେପ ବିଷୟରେ ଜାଣି ଖୁସି ବ୍ୟକ୍ତ କରିଥିଲେ। ଏହାପରେ ଖିଲାମୁଣ୍ଡାସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ କୃଷକ ଓ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେଠାରୁ ଗୁଣପୁର ବ୍ଲକ ସେଫାଳୀ ପାହାଡ଼ରେ ଥିବା ରାମେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ସେଫାଳି ପାହାଡ଼ ଓ ରାମେଶ୍ୱର ମନ୍ଦିରର ଉନ୍ନତୀକରଣ ପାଇଁ ଡିପିଆର୍ ପ୍ରସ୍ତୁତି କରି ଶୀଘ୍ର ପଠାଗଲେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିବା ସହିତ ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ ନେଇ ପ୍ରତିଶ୍ରୁତି ଦେଇଥିଲେ। ପରେ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ସହ ସମସ୍ତ କଲେଜ ୫-ଟି ଯୋଜନାରେ ସାମିଲ ଥିବା ନେଇ ସୂଚନା ଦେଇଥିଲେ। ପାଣ୍ଡିଆନଙ୍କ ଏହି ୨ଦିନିଆ ଗସ୍ତ ସମୟରେ କ୍ରୀଡ଼ା ସଚିବ ଆର୍.ଭିନିଲ କ୍ରିଷ୍ଣା, ଜିଲାପାଳ ସ୍ୱଧାଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା ଓ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଓ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଯୁକ୍ତ୨ ପରୀକ୍ଷାରେ ଭିନ୍ନକ୍ଷମ ପ୍ରିୟମ୍ବଦାଙ୍କ ସଫଳତା



ପ୍ରିୟମ୍ବଦା ପଧାନ

**ବଲାଙ୍ଗୀର ଅଫିସ, ୮।୬:** ବଲାଙ୍ଗୀର ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ପ୍ରିୟମ୍ବଦା ପଧାନ ଯୁକ୍ତ୨ କଳା ପରୀକ୍ଷାରେ ୫୩୩ ମାର୍କ (୮୮.୮୩%) ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଜଣେ ଭିନ୍ନକ୍ଷମ ଛାତ୍ରୀ। ପିଲାଦିନରୁ ତାଙ୍କର ବାମ ଆଖି ନଷ୍ଟ ହୋଇଯାଇଛି। ତାଙ୍କ ବାପା ବିଦ୍ୟାଧର ପଧାନ ଜଣେ ଅଟୋ ଡ୍ରାଇଭର। ମାତା ସଉରୀ ପଧାନ ଜଣେ ଗୃହିଣୀ। ପିଲାଦିନରୁ ସଂଘର୍ଷ କରି ପାଠ ପଢିଆସିଥିବା ପ୍ରିୟମ୍ବଦାଙ୍କୁ ମା'ବାପା ଉତ୍ସାହିତ କରିଆସିଥିଲେ। ତାଙ୍କର ଏହି ସଫଳତା ପାଇଁ ଗାଇଡ୍ କରିଥିବା ପଡୋଶୀ ମନୋଜ ଧଳ ଓ ଓମ୍ ଏକାଡେମୀ ଅଧ୍ୟକ୍ଷ ନାରାୟଣ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଭବିଷ୍ୟତରେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେବେ ବୋଲି କହିଛନ୍ତି। ପ୍ରିୟମ୍ବଦାଙ୍କ ଏଭଳି ସଫଳତା ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

DAYANAND PUBLIC SCHOOL
Padiabahal, Sambalpur, Odisha, Pin-768112
Mob- 9938895475, 7381058813, 9437055175
ADMISSION OPEN FOR 2023-24
+2 SCIENCE (CBSE)
FACILITIES
Hostel facility, Library
Special classes for NEET/JEE
Science/ Maths lab
Sports Campus, Bus facility
Accelerate your preparation with our learning partner
ICI IMMUNITY CAREER INSTITUTE
Special attention for poor performer

## ରେଳ ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୨ ଲକ୍ଷ ୫୦ ହଜାରର ସହାୟତା

ଭୁବନେଶ୍ୱର,୮।୬(ବ୍ୟୁରୋ)

ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସାହାଯ୍ୟ କରିବା ଲାଗି ବୁଧବାର ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦ ହଜାର ୧ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସଂଘର ସଭାପତି ସମୀର ରଞ୍ଜନ କାନୁନ୍‌ଗୋ ଏବଂ ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ରାଉତରାୟଙ୍କ ସହିତ ସଂଘର ଅନ୍ୟ କର୍ମକର୍ତ୍ତା ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ତରଫରୁ ୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବଙ୍କୁ ଲୋକସେବା ଭବନଠାରେ ସଂଘର ସଭାପତି ମିହିର ଦାସ, ଉପସଭାପତି ନାରାୟଣ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ସଭ୍ୟ ଅମିୟ କୁମାର ମହାନ୍ତି ସାକ୍ଷାତକରି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଓଡ଼ିଶା ମତ୍ସ୍ୟ ସେବା ସଂଘ ପକ୍ଷରୁ ମଧ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୯ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କୁ ସଂଘର ସଭାପତି ଦେବାନନ୍ଦ ଭଞ୍ଜ, ଉପସଭାପତି ସୁବ୍ରତ ଦାଶ ପ୍ରମୁଖ ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଏହି ସମୟରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଉପସ୍ଥିତ ଥିଲେ।

## ହାତୀଦାନ୍ତ ଚୋରା ଚାଲାଣବେଳେ ୪ ଗିରଫ

- **ହାତୀଦାନ୍ତ, ୪ ମୋବାଇଲ ଫୋନ୍, ଥର୍ ଗାଡ଼ି ଜବତ**
- **ଦାନ୍ତ ନେବାକୁ ଆସିଥିବା ବେପାରୀ ଖସିଗଲେ**
- **ଅଭିଯୁକ୍ତଙ୍କୁ ବନ ବିଭାଗକୁ ହସ୍ତାନ୍ତର**

ପାଣିକୋଇଲି,୮।୬(ଡି.ଏନ.ଏ.)

ହାତୀଦାନ୍ତ ଚୋରା ଚାଲାଣବେଳେ ଜଣେ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରାଯାଇଛି। ଏଥିସହିତ ୪ ମୋବାଇଲ ଫୋନ୍, ଏକ ଥର୍ ଗାଡ଼ି ଓ ଏକ ହାତୀଦାନ୍ତ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ରାଜେଶ ସେଠୀ (୩୩), ସୋମନାଥ ନାୟକ(୨୬), ଗାଡ଼ି ଚାଳକ ଭବତୋଷ ଜେନା (୨୮) ଓ ଖଇରା ଥାନା ଅଞ୍ଚଳର ମମତା ମହାରଥ(୫୦)। ହାତୀଦାନ୍ତ ନେବା ପାଇଁ ଚଣ୍ଡିଖୋଲ କଣ୍ଟିଗଡ଼ିଆରୁ ଆସିଥିବା ବେପାରୀ ଫେରାର ହୋଇଯାଇଛନ୍ତି। ଜବତ ହାତୀଦାନ୍ତର ମୂଲ୍ୟ ୬ ଲକ୍ଷଟଙ୍କା ହେବ ବୋଲି ଅଭିଯୁକ୍ତ ପ୍ରକାଶ କରିଛନ୍ତି।

ବାଲେଶ୍ୱର ନୀଳଗିରିରୁ ଯାଜପୁର ଜିଲା ଚଣ୍ଡିଖୋଲ ଅଞ୍ଚଳକୁ ହାତୀଦାନ୍ତର ଚୋରା କାରବାର ଜାରି ରହିଛି। ତେବେ ହାତୀଦାନ୍ତ ପାଣିକୋଇଲି ଆସୁଥିବା ସୂଚନା ପାଇ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ଏକ କଳା ରଙ୍ଗର ଥର୍(ଓଡି-୦୧-ଏଟି-୦୨୦୧) ଗାଡ଼ି ଆସିବା କ୍ଷଣି ତାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସ୍ପେସାଲ ସ୍କ୍ୱାଡ୍ ଅଭିଯୁକ୍ତମାନଙ୍କୁ କାବୁ କରିବା ପରେ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରିଥିଲା। ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଏନେଇ ବନ ବିଭାଗକୁ ଜଣାଇଥିଲେ। ଯାଜପୁରରୋଡ୍ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ର, ଫରେଷ୍ଟର ନୀଳିମା ପ୍ରିୟଦର୍ଶିନୀ, ଫରେଷ୍ଟ ଗାର୍ଡ ସୋନାଲି ମାଝି, ନିର୍ମଳ କୁମାର ମଲ୍ଲିକ, ଅଜୟ କୁମାର ମଲ୍ଲିକ, ଶରତ ସ୍ୱରୂପ ନାୟକ ଓ ଦେବେନ୍ଦ୍ର ସେଠୀ ପ୍ରମୁଖ ପହଞ୍ଚି ଗିରଫ ୪ ଅଭିଯୁକ୍ତ ଓ ଜବତ ହାତୀଦାନ୍ତକୁ ନେଇଥିଲେ। ପରେ ବନ ବିଭାଗ ମାମଲା ରୁଜୁକରି ସେମାନଙ୍କୁ କୋର୍ଟଚାଲାଣ କରିବ ବୋଲି ସୂଚନା ମିଳିଛି।



ଜବତ ହାତୀଦାନ୍ତ ସହ ଗିରଫ ୪ ଅଭିଯୁକ୍ତ।



ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। **–ଶ୍ରୀଅରବିନ୍ଦ**



# ପ୍ରକୃତି ସଙ୍କଟ ଓ ସମାଧାନ



ସିମୋନ ଜାଡେକ

ୟୁକ୍ରେନ୍ ବିରୋଧରେ ରୁଷିଆ ଯୁଦ୍ଧ ଓ ଚାଇନା ସହିତ ଆମେରିକାର ଶତ୍ରୁତା ବିଶ୍ୱ ଦୃଶ୍ୟପଟରେ ଚିନ୍ତା ବଢ଼ାଇଦେଇଛି। ଏହି ସ୍ଥିତି ସହ ସମ୍ବନ୍ଧିତ ଭୂରାଜନୈତିକ ପରିବର୍ତ୍ତନ ନିକଟ ବର୍ଷଗୁଡ଼ିକରେ ବହୁଦେଶୀୟ ଭାଗୀଦାରି ଧାରାକୁ ବି ଦୋହଲାଇ ଦେଇଛି। ଖାଦ୍ୟ ଏବଂ ଶକ୍ତି ମୂଲ୍ୟବୃଦ୍ଧିଠାରୁ ଆରମ୍ଭ କରି ଯୁଦ୍ଧ ଯୋଗୁ ବିପଦ ବଢୁଛି। ଏଭଳି ପରିଣାମ ଉପରେ ବିସ୍ତୃତ ଆଲୋଚନା କରାଯାଉଥିବାବେଳେ ଜଳବାୟୁ ଓ ପ୍ରକୃତି ସଙ୍କଟକୁ ସମାଧାନ କରିବାର ପ୍ରୟାସକୁ ଅଧିକ ଧ୍ୟାନ ଦେବା ଦରକାର। ଆମେ ଏବେ ଅନୁଭବ କରୁଥିବା ଭୂରାଜନୈତିକ ପରିବର୍ତ୍ତନ ବିଶ୍ୱକୁ ଦୁଇ ଭାଗରେ ବିଭକ୍ତ କରିଛି। ଏହାର ଏକ ସଙ୍କେତ ଗତବର୍ଷ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବେଳେ ଦେଖିବାକୁ ମିଳିଥିଲା। ବିଶ୍ୱର ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଦେଶ (ଗ୍ଲୋବାଲ ସାଉଥ୍)ମଧ୍ୟରୁ ଅଧିକାଂଶ ରୁଷିଆର ଆକ୍ରମଣକୁ ସମର୍ଥନ କରିବା କିମ୍ବା ନିନ୍ଦା କରିବାକୁ ମନାକରିବା ଦେଖାଯାଇଥିଲା। ତେବେ ଏକ ପ୍ରମୁଖ ଅର୍ଥ ବ୍ୟବସ୍ଥା ଭାବେ ଉଭାହେଉଥିବା ବ୍ରିକ୍ସ ଗୋଷ୍ଠୀ (ବ୍ରାଜିଲ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା) ସବୁବେଳେ ପାଶ୍ଚାତ୍ୟ ନେତୃତ୍ୱଧୀନ ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକର ବିକଳ୍ପସବୁ ସୃଷ୍ଟି କରିବାକୁ ଚାହିଁଆସିଛନ୍ତି। ଏହି ଗୋଷ୍ଠୀ ଆଗକୁ ବଢିବା ଆରମ୍ଭ କରିପାରେ, କାରଣ ଏହା ସହ ୧୯ଟି ଦେଶ ଏବେ ସାମିଲ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ଆମେରିକୀୟ ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ନୂଆ ବ୍ରିକ୍ସ ମୁଦ୍ରା ସୃଷ୍ଟି କରିବାକୁ ଅଲୋଚନା ଚାଲିଛି। ଏହି ସମୟରେ ଚାଇନା ତା'ମୁଦ୍ରା 'ରେନମିନବି'କୁ ଅନ୍ତର୍ଜାତୀୟ ସ୍ତରରେ ସମ୍ପ୍ରସାରିତ କରିବାକୁ ଜୋରସୋର ଲାଗିପଡ଼ିଛି। ଏଥିରେ ତାହା କିଛି ସଫଳତା ବି ପାଉଛି। ଖୁବ୍‌ନିକଟରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡି ସିଲ୍‌ଭା ରେନମିନବିର ପ୍ରାଧାନ୍ୟ ଥିବା ବାଣିଜ୍ୟକୁ ନେଇ ଚାଇନା ଓ ବ୍ରାଜିଲ ମଧ୍ୟରେ ଚୁକ୍ତିକୁ ସୁଗମ କରିବାକୁ ପଦକ୍ଷେପ ନେଇଛନ୍ତି। ଏଭଳି ସହଯୋଗୀ ମନୋଭାବ ଗଢିବାର ସମନ୍ୱିତ ପଦକ୍ଷେପ ବି ଜଳବାୟୁ ଓ ପ୍ରକୃତି ସଙ୍କଟକୁ ଆୟତ୍ତ କରିବା ପାଇଁ ଆବଶ୍ୟକ। କିନ୍ତୁ ଅବିଶ୍ୱାସ, ପ୍ରତିଯୋଗିତା, ବିତ୍ତୀୟ କଟକଣା ଏବଂ ଅସମାନ ରାଜନୈତିକ ସୁଯୋଗସବୁ ରହିଥିବା ବିଶ୍ୱରେ ଏହା ହେବା ଅସମ୍ଭବ। କାରଣ ଏବେ ବି ସମ୍ପର୍କ ଗଢିବାଠାରୁ ଦୂରେଇ ରହୁଥିବା ବିଶେଷକରି ଧନୀ ଦେଶଗୁଡ଼ିକ ବିଶ୍ୱରେ ବିଭାଜନ ବଢ଼ାଉଛନ୍ତି।

ୟୁରୋପୀୟ ସଂଘ (ଇୟୁ) ନିକଟରେ ଏକ ଆଇନ ଆଣିଛି, ଯେଉଁଥିରେ ଜଙ୍ଗଲ ଧ୍ୱଂସ ସହ ଜଡ଼ିତ ଉତ୍ପାଦଗୁଡ଼ିକର ଆମଦାନୀ ଉପରେ କଟକଣା ଲଗାଯାଇଛି। ଏହି ଆଇନ ଅନୁଯାୟୀ କଫି, ଗୋମାଂସ ଏବଂ ସୋୟା ଭଳି ସାମଗ୍ରୀକୁ ୟୁରୋପରେ ବିକ୍ରି କରୁଥିବା କମ୍ପାନୀଗୁଡ଼ିକୁ ଏସବୁ ଉତ୍ପାଦ ନିକଟରେ ଜଙ୍ଗଲ ଧ୍ୱଂସ ହୋଇଥିବା ଜମିରେ ଉତ୍ପାଦନ ହୋଇ ନ ଥିବାର ପ୍ରମାଣ ଦେବାକୁ ପଡ଼ିବ। ଏହିଆଇନକୁଗ୍ରୀନ୍‌ଆକ୍ଟିଭିଷ୍ଟ ଓ ୟୁରୋପୀୟ ନେତାମାନେ ସ୍ୱାଗତ କରିଛନ୍ତି। କିନ୍ତୁ ଏହି ପଦକ୍ଷେପକୁ ନେଇ ସମାଲୋଚନା ହେଉଛି। ଉକ୍ତ ଆଇନ ପାସ୍ ହେବା ପୂର୍ବରୁ ବ୍ରାଜିଲ ଓ ଇଣ୍ଡୋନେସିଆ ସରକାର ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟ ଥିବା ୧୪ଟି ଦେଶର ସ୍ୱାକ୍ଷର ସମ୍ବଳିତ ଚିଠି ଦାଖଲ କରି ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ ଦେଶଗୁଡ଼ିକୁ ସାମିଲ ନ କରି ଇୟୁ ଏକତରଫା ଆଇନ ଗଢ଼ିବାକୁ ପ୍ରୟାସ କରୁଥିଲା ବୋଲି ଦର୍ଶାଉଥିଲେ। ହେଲେ ସମ୍ପୃକ୍ତ ଦେଶଗୁଡ଼ିକ ସହ ପରାମର୍ଶ ନ କରି ଇୟୁ ଉତ୍ପାଦଗୁଡ଼ିକୁ ନେଇ ଅନିଶ୍ଚିତ ଓ ଭେଦଭାବପୂର୍ଣ୍ଣ ଆଇନ ଗଢିଦେଲା।



ବାଧ୍ୟତାମୂଳକ ହୋଇ ନ ଥିବା କାର୍ବନ କ୍ରେଡିଟ୍ ମାର୍କେଟ ଓ ବାୟୋଡାଇଭର୍ସିଟି ମାର୍କେଟଗୁଡ଼ିକ ମଧ୍ୟ ସମାନ ଭାବେ ତ୍ରୁଟିପୂର୍ଣ୍ଣ। ଧନୀଦେଶର ସମାଲୋଚକମାନେ ଅଭିଯୋଗ କରନ୍ତି ଯେ,ଏହିସବୁ ମାର୍କେଟ ବାୟୁମଣ୍ଡଳରୁ କାର୍ବନ ହ୍ରାସ କରିବାରେ ବିଫଳ ହୋଇଛନ୍ତି। ବ୍ୟାପକ ତ୍ରୁଟି ଯୋଗୁ ପ୍ରକୃତି ଆଧାରିତ କାର୍ବନ କ୍ରେଡିଟ୍‌ଗୁଡ଼ିକରେ ଦୁର୍ନୀତି ବଢୁଛି। ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥିବା ଦେଶଗୁଡ଼ିକର ନେତାମାନେ ସେମାନଙ୍କ ପକ୍ଷରୁ ଅସମାନତାକୁ ସାମ୍ନାକୁ ଆଣିଛନ୍ତି। ଗ୍ଲୋବାଲ ସାଉଥ୍‌ରେ ୫–୧୦ ଡଲାରରୁ କମ୍‌ରେ କିଣାଯାଇଥିବା କାର୍ବନ କ୍ରେଡିଟ୍‌କୁ ୟୁରୋପରେ ୧୦୦ କିମ୍ବା ଏହାଠାରୁ ଅଧିକ ଡଲାରରେ ବିକ୍ରି କରାଯାଇଛି। ତେବେ ବିକାଶଶୀଳ ଅର୍ଥ ବ୍ୟବସ୍ଥାର ନେତାମାନେ ଜଙ୍ଗଲ ସୁରକ୍ଷା ଲାଗି ପାଣ୍ଠି ଯୋଗାଣରେ ଧନୀ ଦେଶଗୁଡ଼ିକର ନିଷ୍କ୍ରିୟତାକୁ ପଦାକୁ ଆଣିଛନ୍ତି। ନିକଟରେ 'ୱାନ ଫରେଷ୍ଟ ସମିଟ୍'ବା ସମ୍ମିଳନୀ ଗାବୋନର ରାଷ୍ଟ୍ରପତି ଅଲି ବୋଙ୍ଗୋ ଓଣ୍ଡିମ୍ବା ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଗାବୋନର ପରିବେଶ ମନ୍ତ୍ରୀ ଲି ହ୍ୱାଇଟ ଉଲ୍ଲେଖ କରିଥିଲେ ଯେ,ପୃଥିବୀରେ ସବୁଠୁ ଅଧିକ କାର୍ବନ ଶୋଷୁଥିବା ଜଙ୍ଗଲର ଭୂମିକା ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ କରିବାରେ ୨୦–୩୦% ରହୁଛି। ଯଦି କାର୍ବନ କ୍ରେଡିଟଗୁଡ଼ିକୁ ଉଚିତ ମୂଲ୍ୟରେ କିଣାଯାଇପାରିବ, ତେବେ କାର୍ବନ କ୍ରେଡିଟ୍ ଜଙ୍ଗଲ ସୁରକ୍ଷା ଦିଗରେ ପାଣ୍ଠି ଯୋଗାଣକୁ ସୁଗମ କରିବାରେ ସାହାଯ୍ୟ କରିପାରିବ।

ଜଳବାୟୁ ଓ ପ୍ରକୃତିର ସହଭାଗୀ ଲକ୍ଷ୍ୟରେ ଅଧିକ ସାମିଲ ହେବା ଓ ପ୍ରକୃତିକୁ ଗତିଶୀଳ କରିବା ପାଇଁ ଅନେକ ସିଧା ବାଟ ରହିଅଛି। ଉଦାହରଣ ସ୍ୱରୂପ, ଜଙ୍ଗଲ ନଷ୍ଟ ରୋକିବାକୁ ଇୟୁ ଆଣିଥିବା ନୂଆ ଆଇନର ଅତ୍ୟଧିକ ପ୍ରଭାବ ରହିବ। ଏହା ମଧ୍ୟ ଏକ ପ୍ରଭାବୀ ସହଯୋଗକୁ ଉତ୍ସାହିତ କରିପାରେ। ଆଗକୁ ବଢିବାକୁ ଯଦି ଏହି ପଦକ୍ଷେପ ସମର୍ଥନ ହାସଲ କରେ, ତେବେ ପ୍ରଭାବିତ ଦେଶଗୁଡ଼ିକରେ ଏଭଳି ଆଇନ ଆଣିବାରେ ସାହାଯ୍ୟ କରିପାରିବ। ତେବେ ୱାନ୍ ଫରେଷ୍ଟ ସମିଟ୍ ସମୟରେ ସହଭାଗୀ ଅନ୍ତଃଦୃଷ୍ଟି ସୃଷ୍ଟି ହେବା ଯୋଗୁ ଜଙ୍ଗଲ ସଂରକ୍ଷଣ କରୁଥିବା ଏବଂ କାର୍ବନ ଓ ବାୟୋଡାଇଭର୍ସିଟି କ୍ରେଡିଟ ପାଇଁ ଏକ ମୂଲ୍ୟ ନିର୍ଦ୍ଧାରଣ କରୁଥିବା ଦେଶଗୁଡ଼ିକୁ ଜୈବବିବିଧତା ସେବା ଲାଗି ଦେୟ ଦେବାକୁ ନିଆଯାଇଥିବା ସିଦ୍ଧାନ୍ତକୁ ଧନୀ ଦେଶଗୁଡ଼ିକ ଗ୍ରହଣ କରିପାରନ୍ତି। ନିକଟରେ ଜି୭ 'ଆଲିଆନ୍ସ ଅଫ୍ ନେଚର ପଜିଟିଭ ଇକୋନୋମିଜ' ଘୋଷଣା କରିଛି। ପ୍ରାଇଭେଟ ସେକ୍ଟର ଓ ସିଭିଲ ସୋସାଇଟି ସହଯୋଗରେ ଜ୍ଞାନ ଶେୟାର କରିବା ଏବଂ ସୂଚନା ନେଟୱର୍କ ସୃଷ୍ଟି କରିବା ପାଇଁ ଏହାକୁ ଏକ ଫୋରମ ଭାବେ ଗ୍ରହଣ କରାଯାଉଛି। ଅଧିକ ସହଯୋଗ ଦିଗରେ ପରିବର୍ତ୍ତନକୁ ଏହା ସମର୍ଥନ କରିପାରେ। ଏବକାର ଟେକ୍ନୋଲୋଜି ବିନା ଏବଂ ବାଣିଜ୍ୟରେ ଅଧିକ ବାଧା ସୃଷ୍ଟି ନ କରି ପ୍ରକୃତି ଓ ଜଳବାୟୁ ଲକ୍ଷ୍ୟଗୁଡ଼ିକୁ କିଭଳି ସମାଧାନ କରାଯାଇପାରିବ ତା' ଉପରେ ଅଧିକ ଧ୍ୟାନ ଦେବା ହେଉଛି ମୁଖ୍ୟ ବିଷୟ। ଏହା ବ୍ୟତୀତ ସମ୍ମିଳିତ ଭାବ ଓ ସମାନତା ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର।

୨୦୨୪ରେ ଜି୨୦ର ଅଧ୍ୟକ୍ଷତା କରିବା ଏବଂ ୨୦୨୫ରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍ ୩୦)ର ଆୟୋଜକ ଭାବେ ବ୍ରାଜିଲ ପାଇଁ ଏସବୁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ପ୍ରକୃତି ସମୃଦ୍ଧ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକର ସବୁଠୁ ପ୍ରଭାବଶାଳୀ ପ୍ରତିନିଧି ଭାବେ ବ୍ରାଜିଲ ଜଳବାୟୁ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ପାଇଁ ଅତ୍ୟଧିକ କାର୍ଯ୍ୟ କରୁଥିବା ଦେଶଗୁଡ଼ିକର ଅଧିକ ସମର୍ଥନ ପାଇଁ ଏହି ସବୁ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବାର ସମ୍ଭାବନା ରହିଛି। ତେବେ ବିଶ୍ୱ ଆର୍ଥିକ ଓ ବିତ୍ତୀୟ ଯୋଜାନକୁ ପରିସଂସ୍ଥା ଲକ୍ଷ୍ୟ ଆଡ଼କୁ ମୁହାଁଇବା ମୁଖ୍ୟ ଉଦ୍ଦେଶ୍ୟ ହେବା ଦରକାର। ପ୍ରକୃତି ଓ ଜଳବାୟୁ ନୂଆ ଭୂରାଜନୀତି ସ୍ଥିତିର ଅଂଶବିଶେଷ। ବିଶ୍ୱର ସବୁଠୁ ଅଧିକ ଉଷ୍ମମଣ୍ଡଳୀୟ ଜଙ୍ଗଲ ଥିବା ବ୍ରାଜିଲ, ଇଣ୍ଡୋନେସିଆ ଏବଂ ରିପବ୍ଲିକ ଅଫ୍ କଙ୍ଗୋ ଜଙ୍ଗଲ ସଂରକ୍ଷଣ କରିବା ଲାଗି ଧନୀ ଦେଶଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଚାପ ପକାଇବା ଲକ୍ଷ୍ୟରେ ଏକ ମେଣ୍ଟ ଗଠନ କରିଛନ୍ତି। ଜଙ୍ଗଲ ନଷ୍ଟ ରୋକିବା ଲାଗି ଇୟୁ ଆଣିଥିବା ନୂଆ ଆଇନ ଓ ସ୍ୱେଚ୍ଛାକୃତ କାର୍ବନ କ୍ରେଡିଟ୍ ମାର୍କେଟ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଉଚିତ ପଦକ୍ଷେପ ହେବ ବୋଲି ମନେହେଉଛି। ସେମାନେ ସ୍ୱଳ୍ପକାଳୀନ ଲାଭ ଆଣିପାରନ୍ତି, କିନ୍ତୁ ଭୂରାଜନୀତିକ ପୁନର୍ଗଠନ ସମୟରେ ବିକାଶଶୀଳ ଦେଶଗୁଡ଼ୁକୁ ଅଲଗା କଲେ ସେମାନଙ୍କର ଦୀର୍ଘକାଳୀନ କ୍ଷତି ଅତ୍ୟଧିକ ହେବାର ସମ୍ଭାବନା ରହିଛି।

**–ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ନେଚର ଫାଇନାନ୍ସ**

# ବିଲୁପ୍ତପ୍ରାୟ ହାତୀବଂଶ



ବିମଳ ପ୍ରସନ୍ନ ଦାସ

ତା୧୪।୩।୨୦୨୩ ରିଖରେ ଓଡ଼ିଶା ବିଧାନସଭା ପ୍ରଶ୍ନୋତ୍ତର କାଳରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି, ଗତ ଦଶ ବର୍ଷରେ ବିବିଧ କାରଣ ଯଥା ଶିକାରୀଙ୍କ ଗୁଳିଚୋଟ, ରେଳ ଲାଇନରେ ଦୁର୍ଘଟଣା ଓ ଇଲେକ୍ଟ୍ରି ତାର ଲାଗି ୭୮୪ ହାତୀ ମରିଛନ୍ତି ଓ ହାତୀ–ମଣିଷ ସଂଘର୍ଷରେ ୯୨୫ ମଣିଷଙ୍କର ମୃତ୍ୟୁ ହୋଇଛି। ଏଥିରୁ ଯାହା ପ୍ରତୀୟମାନ ହୁଏ ହାତୀବଂଶ ଧୀରେ ଧୀରେ ଲୋପ ପାଇଯିବ। ଆମ ପରପିଢ଼ିର ପିଲାମାନେ ପାଠ ବହିରେ ହାତୀ ଛବି ଦେଖି ଜାଣିବେ ଯେ ଏପରି ଏକ ବୃହତ୍‌କାୟ ପ୍ରାଣୀ ଥିଲା। ସେ ମଧ୍ୟ ଆମ ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ। ଗଜପତି ମହାରାଜା ଶ୍ରୀନଅରରୁ ଗଜାରୂଢ଼ ହୋଇ ପୃଥିବୀ ପ୍ରସିଦ୍ଧ ରଥଯାତ୍ରାରେ ରଥ ଉପରେ ଛେରାପହଁରା କରିବାକୁ ଆସନ୍ତି। କ୍ରମଶଃ ସମୟର ପ୍ରଭାବରେ ଗଜପତି 'ତାମଜାନି'ରେ ବସି ଶ୍ରୀନଅରରୁ ବିଜେ ହେଉଛନ୍ତି ଓ ପବିତ୍ର ଛେରାପହଁରା ସମ୍ପନ୍ନ କରି ଫେରୁଛନ୍ତି। ଗଜପତି ଅଛନ୍ତି, ମାତ୍ର ଗଜ ନାହିଁ। ଏହା ହିଁ ଦୁଃଖଦ ଓ ବିଡମ୍ବନା।

ହାତୀଟିଏ ଖାଦ୍ୟ, ପାନୀୟ ଓ ବାସସ୍ଥଳୀ ଅଭାବରୁ ବାଧ୍ୟ ହୋଇ ସହର ଓ ଜନବସତିମୁହାଁ ହେଉଛି । କହିବା ବାହୁଲ୍ୟ ଯେ ହାତୀ ଏକ ବିଶାଳକାୟ ପ୍ରାଣୀ। ଜନବସତିମୁହାଁ ହେବାରୁ ମୃତ୍ୟୁ ତା' ପାଇଁ ଅନିବାର୍ଯ୍ୟ ହୋଇଯାଉଛି। ଏଇଠି ସୃଷ୍ଟି ହେଉଛି ହାତୀ–ମଣିଷ ଲଢ଼େଇ ଓ ମଣିଷ ହିଁ ପ୍ରାଣ ହରାଉଛି। ମନ୍ତ୍ରୀ କହିଥିଲେ, ୨୦୧୨–୧୩ରେ ୮୨ ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ, ୨୦୧୩–୧୪ରେ ୭୦, ୨୦୧୪–୧୫ରେ ୫୪, ୨୦୧୫–୧୬ରେ ୮୬, ୨୦୧୬–୧୭ରେ ୭୬, ୨୦୧୭–୧୮ରେ ୭୮, ୨୦୧୮–୧୯ରେ ୯୩, ୨୦୧୯–୨୦ରେ ୮୨, ୨୦୨୦–୨୧ରେ ୭୭ ଏବଂ ୨୦୨୧–୨୨ରେ ୮୬ ହାତୀଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୧୨–୧୩ରେ ହାତୀ ଆକ୍ରମଣ ହେତୁ ୮୦ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୧୩–୧୪ରେ ୬୬, ୨୦୧୪–୧୫ରେ ୬୫, ୨୦୧୫–୧୬ରେ ୮୯, ୨୦୧୬–୧୭ରେ ୬୬, ୨୦୧୭–୧୮ରେ ୧୦୫, ୨୦୧୮–୧୯ରେ ୮୫, ୨୦୧୯–୨୦ରେ ୧୧୭, ୨୦୨୦–୨୧ରେ ୧୩୯ ଓ ୨୦୨୧–୨୨ରେ ୧୧୨ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ସମୟରେ ହାତୀ ଆକ୍ରମଣରେ ମୋଟ ୨୧୨ ଜଣ ମଣିଷ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଛନ୍ତି। ୨୦୨୧–୨୨ରେ ସର୍ବାଧିକ ୫୧ ଜଣ ଅକର୍ମଣ୍ୟ ହୋଇଛନ୍ତି। ହାତୀ ମୃତ୍ୟୁ ମାମଲାରେ ୫୦ ଜଣ ବ୍ୟକ୍ତିଙ୍କର ସମ୍ପୃକ୍ତି ନେଇ ମାମଲା ଓ ଚାର୍ଜଶିଟ ହୋଇଥିବା ମନ୍ତ୍ରୀ କହିଛନ୍ତି।

୨୦୧୭ ହସ୍ତିଗଣନା ଅନୁସାରେ ରାଜ୍ୟରେ ୧୯୭୬ ହାତୀ ଅଛନ୍ତି। ହାତୀ ସୁରକ୍ଷା ନିମନ୍ତେ ଜଙ୍ଗଲରେ ବୃକ୍ଷରୋପଣଠାରୁ ଆରମ୍ଭ କରି ଚାରଣଭୂମି ସୃଷ୍ଟି, ଜଳାଶୟ ଖନନ, ଶିକାରୀ ବିରୋଧ ଶିବିର କରିବା, ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ବିଷୟ ମନ୍ତ୍ରୀ ଅମାତ କହିଛନ୍ତି। ସେ ମଧ୍ୟ କହିଛନ୍ତି, ବିଷ ପ୍ରୟୋଗ କରି ରାଉରକେଲା ଅଞ୍ଚଳରେ ଗୋଟିଏ ହାତୀକୁ ମରାଯାଇଛି। ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁବରଣ କରିଥିବାବେଳେ ୩୫ ହାତୀଙ୍କୁ ବିଭିନ୍ନ ଉପାୟରେ ମାରିଦିଆଯାଇଛି। ରେଳ ଦୁର୍ଘଟଣାରେ ୧୭ ଓ ସଡକ ଦୁର୍ଘଟଣାରେ ୪ହାତୀଙ୍କ ଜୀବନ ଯାଇଛି। ବିଭିନ୍ନ ରୋଗ ହେତୁ ଆନ୍ଥ୍ରାକ୍ସରେ ୨୪, ହରପିସ୍‌ରେ ୧୦ ହାତୀ ମରିଛନ୍ତି। ସେହିପରି ଅନ୍ୟାନ୍ୟ ବ୍ୟାଧିରେ ୧୨୪ ହାତୀଙ୍କ ପ୍ରାଣ ଯାଇଛି। ଏହା ବ୍ୟତୀତ ୩୬ ହାତୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ।

ଭବିଷ୍ୟତରେ ଆମ ପରପିଢ଼ି ଅଝଟିଆ ପିଲାମାନେ କେବଳ ମାଆ କୋଳରେ ଥାଇ ହାତୀକୁ ନେଇ ଗୀତ ଶୁଣି ଶୁଣି ଶୋଇପଡିବେ।

ସୁତରାଂ ଗଜରାଜଙ୍କ ସୁରକ୍ଷିତ ଜୀବନ ଆଜି ଆମ ଚିନ୍ତା ଓ ଚେତନାକୁ ସ୍ପନ୍ଦିତ କରୁ ଏତିକି ପ୍ରାର୍ଥନା। ଗଜରାଜ ବଞ୍ଚି ରହୁ। ସୁତରାଂ ଆଜିର ବିପଥଗାମୀ ମଣିଷ ନିଜକୁ ସଂଶୋଧନ କଲେ ଗଜରାଜ ଅକ୍ଷୁଣ୍ଣ ରହିବ– ଏତିକି ଆମର ଅନୁଚିନ୍ତା ହେଉ।

**ମୋ : ୯୪୩୮୧୮୬୨୨୬**

## ଏଇ ଭାରତରେ

ମୃତକଙ୍କ ଦଶାହ କର୍ମରେ ହେଉଥିବା ଅଯଥା ଖର୍ଚ୍ଚ ରୋକିବା ପାଇଁ ବାରାଣସୀର ୱାଜିଦପୁରର ଲୋକମାନେ ଏକଜୁଟ ହୋଇଛନ୍ତି। ଗାଁରେ କାହାର ମୃତ୍ୟୁରେ ଦଶାହ କର୍ମ ନ କରି ଏ ବାବଦରେ ହେଉଥିବା ଖର୍ଚ୍ଚରେ ପିଲାମାନଙ୍କ ପାଠପଢ଼ା ହେବ ଓ ଏହି ଦିନ ଗାଁରେ ଚାରା ରୋପଣ କରାଯିବ ବୋଲି ହରହୁଆର ୱାଜିଦପୁର ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗାଁ ମୁଖିଆ ଲଲମାନ ଯାଦବ କହିଛନ୍ତି, କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ଦଶାହ କର୍ମ ପାଇଁ ତାଙ୍କ ପରିବାରକୁ ବହୁତ ଚିନ୍ତା କରିବାକୁ ପଡ଼ିଥାଏ। ଅନେକ ଗରିବ ପରିବାରକୁ ଏନେଇ ଋଣ ନେବାକୁ ପଡ଼ିଥାଏ। ଏଣିକି ଆଉ ଏଭଳି ସ୍ଥିତି ଉପୁଜିବ ନାହିଁ। ନିଷ୍ପତ୍ତି ଅନୁଯାୟୀ ଏକ କମିଟି ଗଠନ କରାଯିବ ଏବଂ ଦଶାହ କର୍ମରେ ହେବାକୁ ଥିବା ଖର୍ଚ୍ଚ ସମ୍ପୃକ୍ତ ପରିବାରର ସାଧ୍ୟ ଅନୁଯାୟୀ ଜମା କରାଯିବ। ଏହା ପରେ କମିଟି ନିଷ୍ପତ୍ତି ଅନୁସାରେ ସେହି ଟଙ୍କା ଗାଁର ଗରିବ ପିଲାଙ୍କ ଶିକ୍ଷା ପାଇଁ ଖର୍ଚ୍ଚ ହେବ। ଦଶାହ ଦିନ ପଞ୍ଚାୟତ ଭବନରେ କେବଳ ଶୋକସଭା ଅନୁଷ୍ଠିତ ହେବ। ଶୋକସଭା ବୈଠକ ପରେ ମୃତକଙ୍କ ପୁଅଙ୍କ ସଂଖ୍ୟା ଅନୁସାରେ ଚାରା ସର୍ବସାଧାରଣ ଜମିରେ କିମ୍ବା ମୃତ ବ୍ୟକ୍ତିଙ୍କ ଜମିରେ ଲଗାଯିବ। ମାତାପିତାଙ୍କ ମୃତ୍ୟୁପରେ ବୃକ୍ଷଗୁଡିକ ସେମାନଙ୍କର ପ୍ରତୀକ ଭାବରେ ସ୍ମରଣୀୟ ହେବେ। ବୃକ୍ଷଗୁଡିକର ସୁରକ୍ଷା ଦୟିତ୍ୱ ପୁଅମାନେ ତୁଲାଇବେ ଓ ଏହାଦ୍ୱାରା ପରିବେଶ ସଂରକ୍ଷଣ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୯୮

- ନାଇଜେରିଆ ସାମରିକ ଶାସକ ଜେନେରାଲ ସାନି ଆବାଚାଙ୍କ ପରଲୋକ।
- ମାରୁତି ଉଦ୍ୟୋଗର ଦୁଇ ସହଯୋଗୀ ଅଂଶୀଦାର ଭାରତ ସରକାର ଓ ସୁଜୁକୀ ମୋଟର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ସୁଦର୍ଶନ ମହାପାତ୍ରଙ୍କ ୮୫ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 4 | | | |
| | 3 | 4 | 2 | 7 | | | | |
| 5 | 8 | | | | 3 | | | |
| | 6 | | | | 1 | | | |
| | | | | | | | 1 | |
| | | | | | | 3 | 4 | 9 |
| 8 | | | | 9 | | | 3 | 4 |
| 9 | 4 | | | | | 8 | | 2 |
| | | | | 5 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 3 | 2 | 5 | 8 | 9 | 6 | 7 |
| 6 | 9 | 8 | 1 | 3 | 7 | 5 | 2 | 4 |
| 7 | 5 | 2 | 6 | 9 | 4 | 1 | 3 | 8 |
| 5 | 6 | 4 | 9 | 8 | 3 | 2 | 7 | 1 |
| 8 | 3 | 9 | 7 | 1 | 2 | 6 | 4 | 5 |
| 1 | 2 | 7 | 5 | 4 | 6 | 3 | 8 | 9 |
| 2 | 4 | 1 | 8 | 6 | 9 | 7 | 5 | 3 |
| 9 | 8 | 6 | 3 | 7 | 5 | 4 | 1 | 2 |
| 3 | 7 | 5 | 4 | 2 | 1 | 8 | 9 | 6 |

ଗତକାଲିର ଉତ୍ତର

# ବୟସ୍କଙ୍କ ପ୍ରତି ସମ୍ବେଦନଶୀଳ ହେବା



ଈପ୍ସିତା ମହାନ୍ତି

ବୃଦ୍ଧାବସ୍ଥା, ମାନବ ଜୀବନର ଅନିବାର୍ଯ୍ୟ ସୋପାନ। ଜୀବନର ହାରାହାରି ବୟସ ବୃଦ୍ଧି କାରଣରୁ କେବଳ ଆମଦେଶ ଭାରତରେ ନୁହେଁ ବରଂ ବିଶ୍ୱର ବିଭିନ୍ନ ଦେଶରେ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବ୍‌ସାଇଟ ପ୍ରଦତ୍ତ ତଥ୍ୟ ଅନୁଯାୟୀ ; ଆମଦେଶରେ ବୃଦ୍ଧାବୃଦ୍ଧଙ୍କ ଆନୁପାତିକ ସଂଖ୍ୟା ୧୯୬୧ରେ ଥିଲା ୫.୬ ପ୍ରତିଶତ, ଯାହା ୧୯୯୧ରେ ବୃଦ୍ଧି ଘଟି ୬.୬ ପ୍ରତିଶତରେ ପହଞ୍ଚିଥିଲା। ଏକ ଆକଳନ ଅନୁସାରେ ୨୦୨୩ ଶେଷ ବେଳକୁ ଏହି ସଂଖ୍ୟା ୧୦ ପ୍ରତିଶତକୁ ଅତିକ୍ରମ କରିସାରିଥିବ। ୧୯୯୧ରେ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ୫କୋଟି ୫୦ଲକ୍ଷ ଥିଲାବେଳେ, ୨୦୨୦ରେ ଏହି ସଂଖ୍ୟା ବୃଦ୍ଧି ପାଇ ୧୨କୋଟି ୪୦ଲକ୍ଷରେ ପହଞ୍ଚିଥିଲା। ବିଶେଷଜ୍ଞଙ୍କ ମତରେ ୨୦୨୫ ବେଳକୁ ଏହି ସଂଖ୍ୟା ବୃଦ୍ଧି ଘଟି ୧୭କୋଟି ୭୪ଲକ୍ଷ ହୋଇଯାଇଥିବ। ଏକଥାରେ ସଭିଏ ଏକମତ ହେବେ ଯେ, ବୃଦ୍ଧାବସ୍ଥାଜନିତ ଜୀବନ ପ୍ରକ୍ରିୟାର ପ୍ରଭାବ ପ୍ରତ୍ୟେକଟି ସାମାଜିକ ସମ୍ପ୍ରଦାୟ ସହ ସମାଜର ପ୍ରତିଟି ସମ୍ବନ୍ଧ ଉପରେ ପଡ଼ିଥାଏ।

ଭାରତରେ ମଧ୍ୟ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ଏମାନଙ୍କ ସହ ଜଡିତ ଏକାଧିକ ଗମ୍ଭୀର ପାରିବାରିକ ଏବଂ ସାମାଜିକ ସମସ୍ୟା ସହ ଆଜି ଆମେ ସମସ୍ତେ ଏକାଠି ଲଢୁଛନ୍ତି। ବୃଦ୍ଧାବୃଦ୍ଧଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ଏକଲାପଣ। ଏହି ଏକଲାପଣ ସହ ଭାବପ୍ରବଣତାର ଅଭାବ ସମସ୍ୟାକୁ ଜଟିଳତର କରୁଛି। ସେବାନିବୃତ୍ତ, ପୂର୍ବରୁ ଭୋଗକରି ଆସୁଥିବା ପଦମର୍ଯ୍ୟାଦାର ଅଭାବ, ସାମାଜିକ ପ୍ରତିଷ୍ଠା ହରାଇବା, ସମ୍ପର୍କୀୟଙ୍କ ମଧ୍ୟରେ ସାମାଜିକ ସହାୟତାର ଅଭାବ ଦେଖାଦେବା, ପରିବାରର ପୂର୍ଣ୍ଣ ସମର୍ଥନ ନ ମିଳିବା ଓ ଦେଖାଶୁଣାର ଅଭାବ ରହିବା, ବିଧବା ବା ବିପତ୍ନୀକ, ଅକ୍ଷମତା, ବିଚ୍ଛିନ୍ନତା, ସ୍ଥାନାନ୍ତର, ବିସ୍ଥାପନ ଆଦି ବୃଦ୍ଧାବସ୍ଥାଜନିତ ସାଧାରଣ ଅସୁସ୍ଥତାର ଗୋଟିଏ ଗୋଟିଏ କାରଣ ହୋଇପାରେ। ତଥାପି, ଆମ ଭାରତୀୟ ସମାଜରେ ବୃଦ୍ଧାବୃଦ୍ଧମାନେ ପାରମ୍ପରିକ ଭାବେ ସର୍ବୋଚ୍ଚ ସାମାଜିକ ମାନସମ୍ମାନ ପାଉଛନ୍ତି। ବିବାହବ୍ରତଠାରୁ ଆରମ୍ଭ କରି ଶିକ୍ଷା, ସାମାଜିକ ଏବଂ ଅର୍ଥନୈତିକ ବିଷୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏମାନଙ୍କ ପରାମର୍ଶ ଲୋଡ଼ା ଯାଇଥାଏ। କିନ୍ତୁ ଆଧୁନିକତାର ଦୁହାଇ ଦେଇ କାହିଁ କେଉଁ କାଳରୁ ଚାଲି ଆସିଥିବା ଆମ ସମାଜର ଏହି ଧାରା ବା ପରମ୍ପରା ଆଜି ଖୁବ୍ ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି। ସମ୍ପ୍ରତି ଭାରତୀୟ ଯୁବଗୋଷ୍ଠୀ ନିଜ ଜୀବନଯୁଦ୍ଧର ମାର୍ଗରେ ବହୁଳ ଭାବେ ସହରମୁହାଁ ହେଉଛନ୍ତି। ଏଥିପାଇଁ ନିଜ ପରିବାରର ବୃଦ୍ଧ ମାତାପିତା ତଥା ବୟୋଜ୍ୟେଷ୍ଠଙ୍କଠାରୁ ସେମାନଙ୍କୁ ପୃଥକ ହେବାକୁ ପଡୁଛି। ଏହି କାରଣରୁ ବୃଦ୍ଧାବୃଦ୍ଧମାନେ ନିଜ ପିଲାଙ୍କଠାରୁ ଆଶା କରିଥିବା ଭାବପ୍ରବଣତାର ସାହାରାରୁ ବଞ୍ଚିତ ହେଉଛନ୍ତି। ବଂଶାନୁକ୍ରମିକ ଦୃଷ୍ଟିଗୋଚର ହେଉଥିବା ଆଦର୍ଶଗତ ପାର୍ଥକ୍ୟ ବି ପାରିବାରିକସମ୍ପର୍କରେସମନ୍ୱୟ ନ ରହିବାର ଅନ୍ୟତମ ମୌଳିକ କାରଣ। ଯାହାର ସର୍ବାଧିକ କୁପରିଣାମ ଆମ ବୟୋଜ୍ୟେଷ୍ଠମାନଙ୍କୁ ଭୋଗିବାକୁ ପଡୁଛି।

ସମ୍ପର୍କର ଆତ୍ମୀୟତା ଏବଂ ସ୍ନେହ, ସମ୍ମାନର ଗୌରବ ରକ୍ଷା ପାଇଁ ସାରା ବିଶ୍ୱରେ ଭାରତ ହେଉଛି ଏକ ପରିଚିତ ନାମ। ପ୍ରତ୍ୟେକ ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ ଯୌବନ କାଳକୁ ନିଜ ସନ୍ତାନ ସନ୍ତତିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥାନ୍ତି। ହେଲେ ଏହି ସନ୍ତାନ ସନ୍ତତି ହିଁ ଆଜି ସେମାନଙ୍କୁ ପରକରି ଛାଡି ଚାଲି ଯିବାରେ ତିଳେମାତ୍ର ପଶ୍ଚାତ୍ତାପ କରୁନାହାନ୍ତି। ଏହାଠାରୁ ବଡ଼ ଦୁଃଖଦାୟକ ଘଟଣା ଆଉ କ'ଣ ହୋଇପାରେ ? ପରିବାର ହେଉଛି ସମାଜର ପ୍ରଥମ ସଙ୍ଗଠନ। ବୃଦ୍ଧାବୃଦ୍ଧମାନଙ୍କର ଯତ୍ନ ନେବା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କେବଳ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ନୁହେଁ



ବରଂ ଦାୟିତ୍ୱବୋଧତା ମଧ୍ୟ। ବୃଦ୍ଧାବୃଦ୍ଧମାନଙ୍କ ପାଇଁ ଏକ ସମ୍ମାନଜନକ ତଥା ଗୌରବପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପରିବାର, ସମାଜ ଏବଂ ସରକାରଙ୍କର ମିଳିତ ଦାୟିତ୍ୱ ହୋଇଥାଏ। ଅନୁଭବୀ ତଥା ଅଭିଜ୍ଞ ବୃଦ୍ଧାବୃଦ୍ଧଗଣ ଆମ ପରିବାର, ସମାଜ ଏବଂ ରାଷ୍ଟ୍ର ପାଇଁ କୌଣସି ଐତିହ୍ୟଠାରୁ କମ୍ ନୁହନ୍ତି। ଏ ଦୃଷ୍ଟିରୁ ପାରିବାରିକ ଏବଂ ସାମାଜିକ ମୂଲ୍ୟବୋଧର ପୁନରୁଦ୍ଧାର ଆବଶ୍ୟକ। ସାଥେ ସାଥେ ବୃଦ୍ଧାବୃଦ୍ଧଙ୍କ ପ୍ରତି ଆମ ନୂତନ ପିଢ଼ି ଯେଉଁଳି ସମ୍ବେଦନଶୀଳ ରହିବେ ସେଥିପ୍ରତି ଆମ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ। ଆମ ନୂତନ ପିଢ଼ିଙ୍କୁ ଆମେ ସେହିଭଳି ଗଢ଼ିତୋଳିବାକୁ ପ୍ରୟାସ କରିବାକୁ ପଡ଼ିବ।

ଦିନେ ନା ଦିନେ ଆମ୍ଭମାନଙ୍କର ବି ସନ୍ତାନ ସନ୍ତତି ହେବେ। ଏକଥା ଭୁଲିଯିବା ଆଦୌ ଉଚିତ ହେବନାହିଁ। ଦିନେ ଆମ ସମସ୍ତଙ୍କୁ ସେହି ବୃଦ୍ଧା ଅବା ବୃଦ୍ଧ ଅବସ୍ଥାରେ ଉପନୀତ ହେବାକୁ ପଡ଼ିବ। ନିଜନିଜ ପିଲାଙ୍କୁ ଯଦି ଆମେ ପିଲାଟି ବେଳୁ ଉତ୍ତମ ଶିକ୍ଷା ଦେଇ ନ ଥିବା କିମ୍ବା ସଂସ୍କାର ଶିଖେଇ ନ ଥିବା, ତେବେ ଆସନ୍ତାକାଲି ସେମାନେ ଯେତେବେଳେ ବଡ଼ ହୋଇଯିବେ ସେତେବେଳେ ସେମାନେ ମଧ୍ୟ ଆମ ପାଖରୁ ଦୂରେଇ ଯିବାକୁ ଆଗ୍ରହ ରଖିବେ। ଏତିକିବେଳେ ଆମେ ବଞ୍ଚିବା କିଭଳି ? ଆମ ଜୀବନ ଦୁର୍ବିଷହ ହୋଇଯିବ। କଥାରେ ଅଛି– 'ଦେଇ ଥିଲେ ପାଇ'। ବର୍ତ୍ତମାନ ଯଦି ଆମେ ନିଜ ପିଲାଙ୍କୁ ଉପଯୁକ୍ତ ସମ୍ମାନ ସହ ସଂସ୍କାର ଦେଇଥିବା ତେବେ ଭବିଷ୍ୟତରେ ଆମେ ମଧ୍ୟ ସେମାନଙ୍କଠାରୁ ନିଶ୍ଚିତ ରୂପେ ଉପଯୁକ୍ତ ସମ୍ମାନ ଫେରିପାଇବା। ଫଳତଃ ଆମ ବଞ୍ଚିବା ପଥଟି ସୁଗମିତ ହୋଇଯିବ।

ବୟସ୍କଙ୍କ ପାଖରେ ପ୍ରଚୁର ଅନୁଭବ ଓ ଅଭିଜ୍ଞତା ରହିଥାଏ। ଯାହା ଆମକୁ ଆଗକୁ ବଢ଼ିବାରେ ମାର୍ଗଦର୍ଶନ କରେ। ଏଥିଯୋଗୁ ଆମ ଜୀବନଯାପନ ସହଜ ଓ ସରଳ ହୋଇଥାଏ। ଆମ ସୁଖଶାନ୍ତି ପାଇଁ ଜୀବନ ତମାମ ନିଜ ଜୀବନକୁ ଉତ୍ସର୍ଗ କରି ଚାଲିଥିବା ଏହି ବୃଦ୍ଧାବୃଦ୍ଧଙ୍କ ପରିଣତ ବୟସରେ ଆମେ ସେମାନଙ୍କର ସାହାରା ସାଜିବା କେବଳ ନିଜ ପରିବାର ପାଇଁ ହିଁ ନୁହେଁ ସମାଜ ଓ ରାଷ୍ଟ୍ର ଲାଗି ମଧ୍ୟ ମଙ୍ଗଳଦାୟକ ହୋଇଥାଏ। ବାସ୍ତବରେ ବୃଦ୍ଧାବୃଦ୍ଧ ହେଉଛନ୍ତି ଆମ ସମାଜର ଅସଲ ପୁଞ୍ଜି। ଏସବୁ ଦୃଷ୍ଟିରୁ ଏମାନଙ୍କର ଉପଯୁକ୍ତ ଯତ୍ନ ନେବା ଆମ ସମସ୍ତଙ୍କର ଧେୟ ହେବା ଆବଶ୍ୟକ। ଏମାନଙ୍କ ପାଇଁ ସରକାର ମଧ୍ୟ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ପ୍ରଣୟନ କରୁଛନ୍ତି। ସମାଜରେ ବାର୍ଦ୍ଧକ୍ୟଜନିତ କାରଣରୁ ବହୁ ବୃଦ୍ଧାବୃଦ୍ଧ ଆଜି ଶଯ୍ୟାଶାୟୀ ରହିଛନ୍ତି। ଏମାନଙ୍କ ଶୌଚାଦି କ୍ରିୟା ସକାଶେ ପରିବାର ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଏପରିସ୍ଥଳେ ଶୟନାବସ୍ଥାରେ ଶୌଚାଦି କ୍ରିୟା ପାଇଁ ଉପଯୁକ୍ତ ଶଯ୍ୟା ଯୋଗାଇଦେବା ସକାଶେ ସରକାର ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ ମନେହୁଏ। ସେହିଭଳି ବାର୍ଦ୍ଧକ୍ୟଜନିତ ଏକାଧିକ ବ୍ୟାଧି କାରଣରୁ ଔଷଧପତ୍ର କ୍ରୟ ବାବଦରେ ବୟସ୍କମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାର ସ୍ଥାୟୀ ସମାଧାନ ସକାଶେ ପଦକ୍ଷେପ ଜରୁରୀ। ଏ କ୍ଷେତ୍ରରେ ଡାକ୍ତରୀ ସେବା ସହ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ସେମାନଙ୍କୁ ମାଗଣା ଔଷଧ ଅବା ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। କାରଣ ଏହା ହେଉଛି ସାମାଜିକ ସୁରକ୍ଷାର କଥା। କାରଣ ସମୟଚକ୍ରରେ କିଏ, କେତେବେଳେ, କାହାର ଦରକାରରେ ଆସିବେ ବା ନ ଆସିବେ ସେକଥା କେହି କହିପାରିବେ ନାହିଁ ? ଏହା ହିଁ ହେଉଛି ଜୀବନର ବାସ୍ତବତା। ଏକଥାକୁ ହେଜିଲେ ହେଲା। ନଚେତ ଆମ ଆଖପାଖରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ପାଇଚାଲିଥିବ। ଆଉ ସମୟକ୍ରମେ ଆମକୁ ମଧ୍ୟ ଏହାର ସଦସ୍ୟତା ଗ୍ରହଣ କରିବାକୁ ପଡ଼ିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ– ୬୩୭୦୬୭୯୪୦୫**

## ଚିରନ୍ତନୀ

ଚାଲିଥାଏ ସାଥୀମେଳେ
ଜୀବନର ତଡ଼ିତ ପ୍ରବାହ,
ଯାଏ ନିଭି କାହିଁ ପୁଣି
ମଧ୍ୟାହ୍ନର ତୀବ୍ର ବହ୍ନିଦାହ।
(ଜଡ଼–ଦର୍ଶନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେମିତି ଏଡ଼ାଯାଇପାରିବ

ମହାଶୟ,

ଓଡ଼ିଶା ମାଟିରେ ସଦ୍ୟ ଘଟିଥିବା ରେଳ ଦୁର୍ଘଟଣା ଲେଖିଦେଲା ଦୁଃଖଦାୟକ ଇତିହାସ। ବାଲେଶ୍ୱର ନିକଟ ବାହାନଗା ରେଳଷ୍ଟେସନରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ଅତ୍ୟନ୍ତ ହୃଦୟବିଦାରକ। ଏହି ଦୁର୍ଘଟଣା ପାଇଁ ରେଳବିଭାଗର କର୍ତ୍ତବ୍ୟବୋଧତାରେ ଖାମଖିଆଲ ମନୋଭାବ ପୋଷଣ, ଅବହେଳା ଏବଂ ଅସାବଧାନତା କାରଣକୁ ସମ୍ପୂର୍ଣ୍ଣ ଦାୟୀ କରାଯାଇପାରେ। ପ୍ରଶ୍ନଉଠେ, ଆତ୍ମୀୟ ସ୍ୱଜନ ଓ ଜ୍ଞାତିକୁଟୁମ୍ବମାନଙ୍କୁ ଅକାରଣେ ହରାଇ ବସିଥିବା ନିକଟ ସମ୍ପର୍କୀୟମାନଙ୍କୁ କେବେବି ସାନ୍ତ୍ୱନା ବା ଆଶ୍ୱାସନା ଦେଇପାରିବ ନାହିଁ ମୃତାହତଙ୍କ ପାଇଁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶି। ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କ ସତର୍କତା ଉପରେ ନିର୍ଭର କରେ ପରିଚାଳନାର ନିରାପତ୍ତା। ତେଣୁ ରେଳ ବିଭାଗ ନିଜ ସେବା ପ୍ରଦାନ କରିବାରେ ଆଦର୍ଶବାଦ ଓ ନୈତିକତା ସହ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ନିରାପତ୍ତା ପାଇଁ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାରେ ଯତ୍ନବାନ ଓ ସଚେତନ ହେବା ଆବଶ୍ୟକ। କାରଣ, ଭାରତବର୍ଷରେ ବହୁସଂଖ୍ୟକ ଲୋକ ରେଳରେ ଯିବାଆସିବା କରନ୍ତି। ଆଧୁନିକ ବିଜ୍ଞାନ ଯୁଗରେ ରେଳ ଦୁର୍ଘଟଣା ଏଡ଼ାଇବା ନିମନ୍ତେ ସାଟେଲାଇଟ କ୍ୟାମେରା ଦ୍ୱାରା ଭାରତ ବର୍ଷର ରେଲୱେକୁ ନିଜ ନିୟନ୍ତ୍ରଣରେ ରଖି ଯେପରି ଭାବରେ ଦୁର୍ଘଟଣା ପୂର୍ବରୁ ସତର୍କ ସୂଚନା ମିଳିପାରିବ ବ୍ୟବସ୍ଥା କରିବାକୁ ହେବ। ଭାରତବର୍ଷରେ ଦ୍ରୁତଗାମୀ ବୁଲେଟ ଟ୍ରେନ ଚାଲିବାର ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ମଧ୍ୟ ତାଲିମ ନେବା ଆବଶ୍ୟକ ବୁଲେଟ୍ ଟ୍ରେନ ରେଳବିଭାଗ ଅଧିକାରୀ ମାନଙ୍କର।

**–ଅଶୋକ କୁମାର ଆଢ୍ୟ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ଜୁନ୍, ୨୦୨୩

**ଆଫଗାନିସ୍ତାନରେ ବିସ୍ଫୋରଣ: ୧୫ ମୃତ**

ଆଫଗାନିସ୍ତାନର ଡେପୁଟି ଗଭର୍ନରଙ୍କ ଶେଷକୃତ୍ୟ ନିକଟରେ ଗୁରୁବାର ବିସ୍ଫୋରଣ ଘଟି ୧୫ ଜଣଙ୍କ ମୃତ୍ୟୁ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଫୈଜାବାଦ ନିକଟ ହେସା-ଇ ଆୱ୍ୱଲରେ ଥିବା ନବାଓ୍ୱି ମସ୍‌ଜିଦ ନିକଟରେ ହୋଇଥିବା ଏହି ବିସ୍ଫୋରଣକୁ ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଜ କାର୍ଜାଇ ଦୃଢ଼ ନିନ୍ଦା କରିଛନ୍ତି। ଆଫଗାନିସ୍ତାନର ବାଦାଖଶାନ ପ୍ରଦେଶର ଉପରାଜ୍ୟପାଳ ନିସାର ହମଦ ଅହମଦିଙ୍କ ମଙ୍ଗଳବାର ଏକ ବିସ୍ଫୋରଣରେ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଥିଲେ।



## ସଂକ୍ଷେପରେ

### ବୋର୍‌ୱେଲ୍‌ରେ ଖସିଥିବା ଶିଶୁର ମୃତ୍ୟୁ

**ଭୋପାଳ, ୮।୬:** ମଧ୍ୟପ୍ରଦେଶର ସେହୋର ଜିଲାରେ ଏକ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ଅଢ଼େଇ ବର୍ଷର ଶିଶୁକନ୍ୟାର ଗୁରୁବାର ମୃତ୍ୟୁ ଘଟିଛି। ଶିଶୁଟିକୁ ଉଦ୍ଧାର ପାଇଁ ୫୨ ଘଣ୍ଟାର ଉଦ୍ୟମ ବ୍ୟର୍ଥ ଯାଇଛି। ଗୁରୁବାର ଅପରାହ୍ନ ୫ଟା ୩୦ରେ ବୋର୍‌ୱେଲରୁ ପିଲାଟିକୁ ବାହାର କରି ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲାର ମୁଙ୍ଗାଭାଲି ଗ୍ରାମ ନିକଟ କ୍ଷେତରେ ଥିବା ୩୦୦ ଫୁଟ୍ ଗଭୀର ବୋର୍‌ୱେଲ୍‌ରେ ମଙ୍ଗଳବାର ଅପରାହ୍ନରେ ଶିଶୁଟି ଖସିପଡ଼ିଥିଲା। ପାଇପ୍ ସହାୟତାରେ ଶିଶୁକୁ ଅକ୍ସିଜେନ୍ ଯୋଗାଇ ଦିଆଯାଇଥିଲା। ସୃଷ୍ଟି ନାମ୍ନୀ ଏହି ଶିଶୁ ୧୦୦ ଫୁଟ୍ ଗଭୀରରେ ଅଟକିଥିବାରୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଥିଲା।

### ହୋଟେଲରେ ପରିବାରର ୩ ଜଣଙ୍କ ଆତ୍ମହତ୍ୟା

**ତ୍ରିଶୂର, ୮।୬:** କେରଳର ଗୋଟିଏ ପରିବାରର ୩ ସଦସ୍ୟଙ୍କ ମୃତଦେହ ତ୍ରିଶୂର ଜିଲାର ଏକ ହୋଟେଲ ପ୍ରକୋଷ୍ଠରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ମୃତକ ହେଲେ ସ୍ୱାମୀ ସ୍ତ୍ରୀ ଓ ସେମାନଙ୍କ ଝିଅ। ସେମାନେ କିଛିଦିନ ହେଲା ଉକ୍ତ ହୋଟେଲରେ ରହିଥିଲେ। ମୃତ୍ୟୁର ପୂର୍ବ ରାତିରେ ସେମାନେ ରୁମ୍ ଛାଡ଼ିବେ ବୋଲି ହୋଟେଲ କର୍ମଚାରୀଙ୍କୁ କହିଥିଲେ। ବାରମ୍ବାର ଡାକିବା ସତ୍ତ୍ୱେ ରୁମ୍‌ରୁ କୌଣସି ଜବାବ ନ ମିଳିବାରୁ କର୍ମଚାରୀମାନେ ପୋଲିସକୁ ଜଣାଇଥିଲେ। ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିବା ପୋଲିସ କହିଛି। ସେମାନେ କିଛିବର୍ଷ ହେବ ଚେନ୍ନାଇରେ ରହୁଥିଲେ ବୋଲି ହୋଟେଲ ରୁମ୍‌ରୁ ମିଳିଥିବା ପରିଚୟପତ୍ରରୁ ଜଣାପଡ଼ିଛି।

### ଦୂରଦର୍ଶନ ଉପସ୍ଥାପିକା ଗୀତାଞ୍ଜଳି ଆୟାରଙ୍କ ପରଲୋକ

**ନୂଆଦିଲ୍ଲୀ, ୮।୬:** ଦୂରଦର୍ଶନର ଖ୍ୟାତନାମା ନ୍ୟୁଜ୍ ଉପସ୍ଥାପିକା ଗୀତାଞ୍ଜଳି ଆୟାରଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ପାର୍କିନସନ୍ ରୋଗରେ ପୀଡ଼ିତ ଥିଲେ।



ଦୂରଦର୍ଶନରେ ଇଂଲିଶରେ ଖବର ଉପସ୍ଥାପନ କରିବାରେ ସେ ଭାରତର ପ୍ରଥମ ମହିଳା। କୋଲକାତାର ଲୋରେଟୋ କଲେଜରୁ ସ୍ନାତକ ଶିକ୍ଷା ପରେ ଆୟାର ୧୯୭୧ରେ ଦୂରଦର୍ଶନରେ ଯୋଗଦେଇଥିଲେ। ସେ ୪ ଥର ଶ୍ରେଷ୍ଠ ଉପସ୍ଥାପିକା ପୁରସ୍କାର ଜିତିଛନ୍ତି। ୧୯୮୯ରେ ସେ ଇନ୍ଦିରା ଗାନ୍ଧୀ ପ୍ରିୟଦର୍ଶିନୀ ଆୱାର୍ଡ ଫର ଆଉଟଷ୍ଟାଣ୍ଡିଂ ୱମେନ୍ ଜିତିଥିଲେ। ସେ ବିଭିନ୍ନ ଛାପା ବିଜ୍ଞାପନରେ କାର୍ଯ୍ୟ କରିବା ସହ ଟିଭି ଡ୍ରାମା 'ଖାନ୍ଦାନ'ରେ ଅଭିନୟ କରିଥିଲେ। ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି(ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ସହ ସେ ଜଡ଼ିତ ଥିଲେ।

### ୟୁପିରେ ଗୋରୁ ପରିବହନ ଅପରାଧ ନୁହେଁ: ହାଇକୋର୍ଟ

**ଲକ୍ଷ୍ନୌ, ୮।୬:** ଉତ୍ତରପ୍ରଦେଶ ଗୋହତ୍ୟା ପ୍ରତିକାର ଆଇନ ଅନୁଯାୟୀ ରାଜ୍ୟ ଭିତରେ ଗୋରୁ ରଖିବା ଓ ପରିବହନ ଅପରାଧ ନୁହେଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଛନ୍ତି। କୁନ୍ଦନ ଯାଦବ ନାମକ ବ୍ୟକ୍ତି ଏକ ଗାଡ଼ିରେ ୬ଟି ଗାଈ ନେଉଥିଲେ। ଗାଈ ଦେହରେ ଆଘାତ ଚିହ୍ନ ନ ଥିଲା। ତଥାପି ଗୋହତ୍ୟା ନିରୋଧ ଆଇନ ଏବଂ ଜୀବେ ନିଷ୍ଠୁରତା ଆଇନର ବିଭିନ୍ନ ଧାରାରେ ତାଙ୍କୁ ଗିରଫ କରାଯାଇ ୩ ମାସ ହେଲା ଜେଲରେ ରଖାଯାଇଛି। ହାଇକୋର୍ଟ ଯାଦବଙ୍କୁ ଜାମିନରେ ଯିବା ଲାଗି ଅନୁମତି ଦେବା ବେଳେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

# ମଡେଲ ଭିକ୍ଟୋରିଆ ହୋଇପାରନ୍ତି ଇଟାଲୀ ରାଣୀ

ଉତ୍ତରପଶ୍ଚିମ ଇଟାଲୀର ସାଭୋୟ ହେଉଛି ୧୧୮ ଛୋଟ ଦ୍ୱୀପପୁଞ୍ଜକୁ ନେଇ ଗଠିତ ଏକ ରାଜ୍ୟ। ଏହାର ରାଜଧାନୀ ହେଉଛି ଭେନିସ୍। ପ୍ରିନ୍ସ ଇମାନ୍ୱେଲ ଫିଲିବର୍ଟୋ ଅଫ୍ ସାଭୋୟ 'ପ୍ରିନ୍ସ ଅଫ୍ ଭେନିସ୍' ନାମରେ ମଧ୍ୟ ପରିଚିତ। ସେ ଫରାସୀ ହାଇ ସୋସାଇଟିର ଅନ୍ୟତମ ଗ୍ଲାମରସ୍ ମହିଳା ପ୍ରିନ୍ସେସ୍ କ୍ଲୋଟିଲ୍‌ଡେ ମାରିଏ ପାସ୍କେଲ ଅଫ୍ ସାଭୋୟଙ୍କୁ ବିବାହ କରିଛନ୍ତି। ଭେନିସ୍ ପ୍ରିନ୍ସ ଓ ପ୍ରିନ୍ସେସ୍‌ଙ୍କ ୨ ଝିଅ ହେଲେ ପ୍ରିନ୍ସେସ୍ ଭିକ୍ଟୋରିଆ ଚିଆରା ଏବଂ ପ୍ରିନ୍ସେସ୍ ଲୁଇସା ଜିଓଭାନ୍ନା। ଭେନିସ୍ ପ୍ରିନ୍ସ ନିଜ ୮୬ ବର୍ଷୀୟ ପିତା ପ୍ରିନ୍ସ ଭିକ୍ଟୋରିଓ ଇମାନ୍ୱେଲଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ଇଟାଲୀ ରାଜସିଂହାସନ ଉପରେ ଦାବି ପରିତ୍ୟାଗ କରିବାକୁ ଚାହୁଁଛନ୍ତି। ସେ ଇଟାଲୀ ରାଜସିଂହାସନ ଉପରେ ତାଙ୍କ ଅଧିକାରକୁ ନିଜ ୧୯ ବର୍ଷୀୟା ଝିଅ ପ୍ରିନ୍ସେସ୍



ଭିକ୍ଟୋରିଆ ଚିଆରାଙ୍କୁ ପ୍ରତ୍ୟକ୍ଷ ଭାବେ ହସ୍ତାନ୍ତର କରିବାକୁ ଆଗ୍ରହୀ। କାରଣ ତାଙ୍କ ପରିବାର ଖୋଲା ଓ ପ୍ରଗତିଶୀଳ ବୋଲି ଏହି ପଦକ୍ଷେପ ଦର୍ଶାଇବ। ଝିଅ ତାଙ୍କ ତୁଳନାରେ ଅଧିକ ଭଲ କାମ କରିପାରିବେ ବୋଲି ଗଣମାଧ୍ୟମକୁ ସେ ଜଣାଇଛନ୍ତି। ପ୍ରିନ୍ସ ଆହୁରି କହିଛନ୍ତି, ଆସନ୍ତାକାଲି ହେଉ ବର୍ଷେ ପରେ ଝିଅ ରାଜି ହେଲେ ସବୁକିଛି ସମ୍ଭବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଧୁନିକ ବିଚାରଧାରାକୁ ନେଇ ଚଳୁଥିବା ଯୁବପିଢ଼ିଙ୍କୁ ନୂଆ ସୁଯୋଗ ମିଳିବ। ସେମାନେ ବିଶ୍ୱର ଜଟିଳ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଆମଠାରୁ ଅଧିକ ସଚେତନ।

ଭିକ୍ଟୋରିଆ ପେସାରେ ଜଣେ ମଡେଲ। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ୭୯,୦୦୦ ଅନୁଗାମୀ ଅଛନ୍ତି। ସେ ବର୍ତ୍ତମାନ ଲଣ୍ଡନ ୟୁନିଭର୍ସିଟିରେ ରାଜନୀତି ବିଜ୍ଞାନ ଓ ଇତିହାସ ବିଭାଗ ଛାତ୍ରୀ। ଇଟାଲୀ ରାଜସିଂହାସନର ଦାୟାଦ ଭାବେ ଭିକ୍ଟୋରିଆଙ୍କ ଭୂମିକା ତାଙ୍କ ପରିବାର ଦ୍ୱାରା ପରିଚାଳିତ ଚ୍ୟାରିଟି ପାଇଁ ଲାଭଦାୟକ ହେବ। ଗତବର୍ଷ ଏହି ଚ୍ୟାରିଟିରୁ ବିଭିନ୍ନ ପ୍ରକଳ୍ପ ପାଇଁ ୧ ନିୟୁତ ଡଲାର ଖର୍ଚ୍ଚ କରାଯାଇଥିଲା।

# ସଂସଦରେ ଶିଶୁକୁ ସ୍ତନ୍ୟପାନ କରାଇଲେ

ଇଟାଲୀ ପାର୍ଲାମେଣ୍ଟରେ ଏମ୍‌ପି ଗିଲ୍‌ଡା ସ୍ପୋର୍ଟିଏଲ୍ଲୋ ନିଜ ଶିଶୁପୁତ୍ର ଫେଡେରିକୋକୁ ସ୍ତନ୍ୟପାନ କରାଇ ଚର୍ଚ୍ଚାକୁ ଆସିଛନ୍ତି। ଚ୍ୟାମ୍ବର ଅଫ୍ ଡେପୁଟିଜ୍‌ରେ ନିଜ ପିଲାକୁ କ୍ଷୀର ପିଆଉଥିବାବେଳେ ସବୁ ଦଳର ଏମ୍‌ପିମାନେ ତାଳିମାରି ତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଦେଶରେ ପୂର୍ବରୁ ଏପରି ଘଟଣା ଦେଖିବାକୁ ମିଳିଥାଇପାରେ। କିନ୍ତୁ ପୁରୁଷ ପ୍ରଧାନ ଇଟାଲୀ ସଂସଦରେ ଏହା ହେଉଛି ପ୍ରଥମ ଘଟଣା। ପ୍ରକାଶ ଯେ, କୌଣସି ମହିଳା ଏମ୍‌ପି ନିଜ ପିଲାଙ୍କୁ ପାର୍ଲାମେଣ୍ଟକୁ ଆଣିପାରିବେ ଏବଂ ସ୍ତନ୍ୟପାନ କରାଇପାରିବେ ବୋଲି ଗତବର୍ଷ ଇଟାଲୀରେ ନୂଆ ନିୟମ କରାଯାଇଥିଲା।



# ପାର୍ଟନରଙ୍କୁ ଖଣ୍ଡ ଖଣ୍ଡ କରି ସିଝାଇଲେ



ଅଭିଯୁକ୍ତ ମନୋଜ ସାନେ — ମୃତା ସରସ୍ୱତୀ ବୈଦ୍ୟ

**ଠାଣେ,୮।୬**

ଗତବର୍ଷ ଦିଲ୍ଲୀରେ ଶ୍ରଦ୍ଧା ୱାଲ୍‌କରଙ୍କୁ ହତ୍ୟା କରିବା ଭଳି ଅନୁରୂପ କାଣ୍ଡ ଗୁରୁବାର ମହାରାଷ୍ଟ୍ରର ପୁଣେରେ ଦେଖିବାକୁ ମିଳିଛି। ମୀରା ରୋଡ୍‌ସ୍ଥିତ ଗୀତାନଗରରେ ରହୁଥିବା ୫୬ ବର୍ଷୀୟ ମନୋଜ ସାନେ ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରିଥିଲେ। ତାକୁ ପ୍ରେସର କୁକରରେ ସିଝାଇ କୁକୁରଙ୍କୁ ଖାଇବାକୁ ଦେଇଥିଲେ। ମନୋଜଙ୍କ ଘରୁ ଦୁର୍ଗନ୍ଧ ଆସିବା ପରେ ପଡ଼ୋଶୀ କିଛି ଗୋଟିଏ ଘଟିଥିବା ଆଶଙ୍କା କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରି ଜୁନ୍ ୧୬ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଛି।

୩୨ ବର୍ଷୀୟା ପୀଡ଼ିତା ସରସ୍ୱତୀ ବୈଦ୍ୟ ଓ ତାଙ୍କ ଲିଭ୍-ଇନ୍ ପାର୍ଟନର ମନୋଜ ସାନେ ଠାଣେସ୍ଥିତ ମୀରା-ଭୟଣ୍ଡର ଅଞ୍ଚଳର ଏକ କୋଠାର ସପ୍ତମ ଫ୍ଲୋର ଫ୍ଲାଟ୍ ନମ୍ବର ୭୦୪ରେ ୩ ବର୍ଷ ହେଲା ଭଡ଼ାରେ ରହିଆସୁଥିଲେ। ସେହି ଫ୍ଲାଟ୍‌ରୁ ପଚା ଗନ୍ଧ ଆସୁଥିବା ଜାଣି ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକେ ନୟା ନଗର ଥାନାକୁ ଖବର ଦେଇଥିଲେ। ପୋଲିସର ଏକ ଟିମ୍ ମନୋଜଙ୍କ ଘରେ ପହଞ୍ଚି ସରସ୍ୱତୀଙ୍କ ପଚା ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଜବତ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ଦୁଇଟି କଟର୍ ଓ ଅନ୍ୟ କେତେକ ସାମଗ୍ରୀ ଜବତ କରିଛି। ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବିଷୟ ମୁମ୍ବାଇ ପୋଲିସ ଡେପୁଟି କମିଶନର ଜୟନ୍ତ ବାଜ୍‌ବାଲେ ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ହେଁ ହତ୍ୟା ପଛର କାରଣ ପ୍ରଘଟ କରି ନାହିଁ। ସରସ୍ୱତୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କେହି କିଛି ସୁରାକ୍ ପାଇଲେ ପୋଲିସକୁ ଦିଅନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

## ଶାସକ-ବିରୋଧୀ ବାକ୍ୟୁଦ୍ଧ

ଠାଣେ ହତ୍ୟାକାଣ୍ଡ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଏହାକୁ ନେଇ ମହାରାଷ୍ଟ୍ରର ଶାସକ ଭାଜପା ଓ ବିରୋଧୀଙ୍କ ମଧ୍ୟରେ ବାକ୍ୟୁଦ୍ଧ ଆରମ୍ଭ ହୋଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏମ୍‌ପି ସୁପ୍ରିୟା ସୁଲେ ଏହି ହତ୍ୟାକୁ 'ଅତ୍ୟନ୍ତ ଭୟଙ୍କର ଓ ବର୍ବର' ବୋଲି ଅଭିହିତ କରିଛନ୍ତି। ରାଜ୍ୟରେ ଆଇନ ପ୍ରତି ଅପରାଧୀଙ୍କ ଭୟ ନ ଥିବାରୁ ମହିଳା ବିରୋଧୀ ଅପରାଧ ବଢ଼ିଚାଲିଛି। ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ନିଜ ଦାୟିତ୍ୱ ଗମ୍ଭୀରତାର ସହ ତୁଲାନ୍ତୁ। ଫାଷ୍ଟ ଟ୍ରାକ୍ କୋର୍ଟରେ ଏହି ମାମଲାର ଶୁଣାଣି ହେଉ ଏବଂ ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲାଯାଉ ବୋଲି ସୁପ୍ରିୟା ଟୁଇଟ୍ କରିଛନ୍ତି। ଏଥିରେ ସେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଟ୍ୟାଗ୍ କରିଛନ୍ତି।

ଅନ୍ୟପକ୍ଷେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ମୁଖ୍ୟ ଚିତ୍ରା ୱାଘ ଏହାର ଜବାବର କହିଛନ୍ତି, ସୁପ୍ରିୟା କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମୀରା ରୋଡ୍ ମାମଲାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଫଡ୍‌ନବିସ ସକ୍ଷମ। କିନ୍ତୁ ଅଢ଼େଇ ବର୍ଷ ତଳେ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ଚାଲିଥିବାବେଳେ ପୁଣେ ଜିଲାର ମଞ୍ଚରେ ଜଣେ ନାବାଳିକାଙ୍କୁ ଜଣେ ମୁସଲମାନ ଯୁବକ ଅପହରଣ କରିନେଇଥିଲେ। ଏମ୍‌ଭିଏ ସରକାର ହସ୍ତକ୍ଷେପ କରିଥିଲେ ଶ୍ରଦ୍ଧା ୱାକରଙ୍କୁ ତାଙ୍କ ପାର୍ଟନର ଖଣ୍ଡ ଖଣ୍ଡ କରିପାରି ନ ଥାଆନ୍ତେ। ଏହି ମାମଲାରେ ସୁପ୍ରିୟା ଲୁହ ଝରାଇ ନ ଥିଲେ ବୋଲି ସେ ସମାଲୋଚନା କରିଛନ୍ତି।

## ଶ୍ରଦ୍ଧା ୱାକର ହତ୍ୟାକାଣ୍ଡ ଭଳି ବର୍ବରତା



ଗତବର୍ଷ ମେ' ୧୮ରେ ୨୭ ବର୍ଷୀୟା କଲ୍ ସେଣ୍ଟର କର୍ମଚାରୀ ଶ୍ରଦ୍ଧା ୱାକରଙ୍କୁ ତାଙ୍କ ଲିଭ୍-ଇନ୍ ପାର୍ଟନର ଆଫତାବ ପୁନାୱାଲା ଦକ୍ଷିଣ ଦିଲ୍ଲୀର ମେହରୁଲିସ୍ଥିତ ଏକ ଭଡ଼ାଘରେ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହକୁ ୩୫ ଖଣ୍ଡ କରି ପ୍ରାୟ ୩ ସପ୍ତାହ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖିବା ପରେ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଶ୍ରଦ୍ଧାଙ୍କ ବାପା ନିଜ ଝିଅ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିବାରୁ ହତ୍ୟାକାଣ୍ଡର ୬ ମାସ ପରେ ସବୁକଥା ସାମ୍ନାକୁ ଆସିଥିଲା। ଦିଲ୍ଲୀ ପୋଲିସ ଅଭିଯୁକ୍ତ ଆଫ୍‌ତାବଙ୍କୁ ହତ୍ୟା ଓ ପ୍ରମାଣ ନଷ୍ଟ ଅଭିଯୋଗରେ ଗିରଫ କରିଛି।

# ୭୦୦ ଭାରତୀୟ ଛାତ୍ରୀଛାତ୍ର କାନାଡାରୁ ବହିଷ୍କୃତ ହେବେନି

**ଟରଣ୍ଟୋ, ୮।୬**

ଜାଲ୍ କଲେଜ ନାମଲେଖା ପତ୍ର ଦେଖାଇ କାନାଡାରେ ପ୍ରବେଶ କରିଥିବା ପ୍ରାୟ ୭୦୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଦେଶାନ୍ତର ନ କରିବାକୁ କାନାଡା ପାର୍ଲାମେଣ୍ଟ କମିଟି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି। ଏନେଇ ଦେଶର ସୀମାନ୍ତ ସେବା ସଂସ୍ଥାକୁ ଜଣାଇ ଦିଆଯିବ। ଏହି ଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ପଞ୍ଜାବର। ସେମାନେ ସେଠାର କେତେକ ଶିକ୍ଷାନୁଷ୍ଠାନର ଜାଲ୍ ନାମଲେଖା ପତ୍ର ଦେଖାଇଥିବା କର୍ତ୍ତୃପକ୍ଷ ଜାଣିବା ପରେ ସେମାନଙ୍କୁ ଦେଶାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲା। ଗତ ମାର୍ଚ୍ଚରେ ଏହି ପିଲାମାନେ କାନାଡାରେ ସ୍ଥାୟୀ ଭାବେ ରହିବା ପାଇଁ ଆବେଦନ କରିଥିବାବେଳେ ଘଟଣା ପଦାକୁ ଆସିଥିଲା। ମାନବିକତା ଦୃଷ୍ଟିରୁ କିମ୍ବା ଏକ ନିୟମିତୀକରଣ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ସ୍ଥାୟୀ ରହଣି ପାଇଁ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ସଂସଦୀୟ କମିଟି କାନାଡା ସୀମା ସେବା ସଂସ୍ଥା (ସିବିଏସ୍‌ଏ)କୁ କହିଛି। ଏହି ପିଲାମାନେ ଠକେଇର ଶିକାର ହୋଇଥିବା ଅଭିଯୋଗ କରି ସେମାନଙ୍କୁ ଦଣ୍ଡିତ ନ କରିବା ପାଇଁ ପାର୍ଲାମେଣ୍ଟ ସଦସ୍ୟ ଜେନି କ୍ୱାନ୍ ଗୃହରେ ପ୍ରସ୍ତାବ ଆଣିଥିଲେ।

# ଫ୍ରାନ୍ସରେ ୪ ପିଲାଙ୍କୁ ଛୁରାମାଡ଼

**ପ୍ୟାରିସ୍,୮।୬**

ଫ୍ରାନ୍ସର ଆନ୍ନେସି ସହରରେ ଗୁରୁବାର ସ୍ଥାନୀୟ ସମୟ ପୂର୍ବାହ୍ନ ୯ଟା ୪୫ରେ ଜଣେ ବ୍ୟକ୍ତିଙ୍କ ଛୁରାମାଡ଼ରେ ୪ ଛୋଟପିଲାଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ଆକ୍ରମଣକାରୀ ଛୁରାମାଡ଼ କରିବା ପରେ ଦୌଡ଼ି ପଳାଉଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ୬ ସେକେଣ୍ଡର ଉକ୍ତ ଭିଡିଓକୁ ଜଣେ ଫ୍ରିଲାନ୍ସ ଜର୍ନାଲିଷ୍ଟ ଟୁଇଟରରେ ପୋଷ୍ଟ କରିଥିଲେ।

ଅଭିଯୁକ୍ତଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ। ସେ ଜଣେ ସିରିଆ ନାଗରିକ। ଗତ ଏପ୍ରିଲରେ ସୁଇଡେନ୍‌ରେ ତାଙ୍କୁ ଶରଣାର୍ଥୀ ମାନ୍ୟତା ଦିଆଯାଇଥିଲା ବୋଲି ପୋଲିସ କହିଛି। ଜଣେ ଫୁଟ୍‌ବଲ ଖେଳାଳି କହିଛନ୍ତି, ପାର୍କରେ ସେ ସମସ୍ତଙ୍କୁ ଆକ୍ରମଣ କରିବାକୁ ଚାହୁଁଥିଲେ। ଗୃହମନ୍ତ୍ରୀ ଗେରାଲ୍ଡ ଡରମାନିଆନ୍ ଟୁଇଟ୍ କରିଛନ୍ତି, ଅପରାଧୀଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଏହାକୁ ଜଣେ ଅତି ଭୀରୁଙ୍କ ଆକ୍ରମଣ ବୋଲି ଅଭିହିତ କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**ଲକ୍ଷ୍ନୌ, ୮।୬**

ଲକ୍ଷ୍ନୌର ଇନ୍ଦିରାନଗର ଅଞ୍ଚଳରେ ଗୁରୁବାର ୧୪ ବର୍ଷୀୟା ବାଳିକାଙ୍କୁ ଜଣେ ନାବାଳକ ବଳାତ୍କାର ପରେ ହାତୁଡ଼ିରେ ଛେଚିହତ୍ୟା କରିଛନ୍ତି। ମୃତଦେହକୁ ଅଭିଯୁକ୍ତ ଘରେ ଝୁଲାଇଦେଇ ପଳାଇ ଯାଇଥିଲେ। ଅଭିଯୁକ୍ତ ଶାହିଦ ଗୁରୁବାର ଅପରାହ୍ନ ୧ଟାରୁ ୧ଟା ୩୦ ମଧ୍ୟରେ ନାବାଳିକାଙ୍କ ଟାକ୍ରୋହିସ୍ଥିତ ଘରେ ପଶି ଏଭଳି ଜଘନ୍ୟ କାଣ୍ଡ ଭିଆଇଥିଲେ। ନାବାଳିକାଙ୍କ ସହ ତାଙ୍କ କ'ଣ ସମ୍ପର୍କ ଏବଂ ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ କ'ଣ ଜଣାପଡ଼ିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପୋଲିସ ଶାହିଦଙ୍କୁ ଗିରଫ କରିଥିବାବେଳେ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି।



ଇସ୍ରାଏଲ୍ ସୈନ୍ୟ ରାମାଲ୍ଲାହକୁ ଟାର୍ଗେଟ କରିଥିବାବେଳେ ଜେରୁଜେଲମ୍ ଦଖଲରେ ଥିବା ୱେଷ୍ଟ ବ୍ୟାଙ୍କରେ ଜଣେ ପାଲେଷ୍ଟିନୀୟ ସେମାନଙ୍କ ଉପରକୁ ଟେକା ଫିଙ୍ଗୁଛନ୍ତି।

# କରମଣ୍ଡଳ ଦୁର୍ଘଟଣା ପୂର୍ବରୁ ବଗି ଭିତରର ଭିଡିଓ ଭାଇରାଲ



**ନୂଆଦିଲ୍ଲୀ, ୮।୬**

ଓଡ଼ିଶାର ବାଲେଶ୍ୱର ଜିଲାର ବାହାନଗା ବଜାର ନିକଟରେ କରମଣ୍ଡଳ ଏକ୍ସପ୍ରେସ୍ ମର୍ମନ୍ତୁଦ ଦୁର୍ଘଟଣାର ୬ ଦିନ ପରେ ଏହାର ଏକ ବଗି ଭିତରର ଭିଡିଓ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଭିଡିଓଟି ଦୁର୍ଘଟଣା ଘଟିବାର କେଇ ସେକେଣ୍ଡ ପୂର୍ବର। ମୋବାଇଲ ଫୋନ୍ କ୍ୟାମେରାରେ ଉତ୍ତୋଳନ ହୋଇଥିବା ଏହି ଭିଡିଓରେ ଜଣେ ସଫେଇ କର୍ମଚାରୀ ବଗିର ଚଟାଣକୁ ପୋଛୁଥିବା ଦେଖାଯାଇଛି। କେତେଜଣ ଯାତ୍ରୀ ସେହି ସମୟରେ ବଗି ଭିତରେ ଶୋଇ ରହିଥିଲେ। ହଠାତ୍ କ୍ୟାମେରା ହଲିଥିଲା ଓ ଭିଡିଓ ଅନ୍ଧକାର ହୋଇଯାଇଥିଲା। ଏହି ସମୟରେ କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଲାଇନଚ୍ୟୁତ୍ ହେବାରୁ ଯାତ୍ରୀମାନେ ଖୁବ୍‌ଜୋରରେ ଚିତ୍କାର କରୁଥିବା ଶୁଣିବାକୁ ମିଳିଛି। ଦୁର୍ଘଟଣା ପରେ ପ୍ରଥମ ଥର ପାଇଁ ଟ୍ରେନ୍ ବଗି ଭିତରର ଏକ ଭିଡିଓ ସାମ୍ନାକୁ ଆସିଛି। ଗତ ଶୁକ୍ରବାର ଶାଲିମାର-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ୍ ବାହାନଗା ବଜାର ଷ୍ଟେଶନ ନିକଟରେ ଲୁପ୍ ଲାଇନରେ ପ୍ରବେଶ କରିବାରୁ ସେଠାରେ ଥିବା ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। କରମଣ୍ଡଳର କେତେକ ବଗି ଯଶୱନ୍ତପୁର ଏକ୍ସପ୍ରେସ୍‌କୁ ଧକ୍କା ଦେଇଥିଲା। ଏହି ଟ୍ରିପଲ ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିବା ସହ ପାଖାପାଖି ହଜାରେ ଯାତ୍ରୀ ଆହତ ହୋଇଥିଲେ।

# ଇନ୍ଦିରା ହତ୍ୟାକାଣ୍ଡକୁ ନେଇ କାନାଡାରେ ଉତ୍ସବ

## ନିନ୍ଦା କଲା ଭାରତ

**ନୂଆଦିଲ୍ଲୀ, ୮।୬**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡକୁ ନେଇ କାନାଡ଼ାରେ ଉତ୍ସବ ମନାଇବା ଘଟଣାକୁ ନୂଆଦିଲ୍ଲୀ କଡ଼ା ନିନ୍ଦା କରିଛି। କାନାଡ଼ାରେ ବିଚ୍ଛିନ୍ନତାବାଦୀ ଉଗ୍ରପନ୍ଥୀ ଓ ହିଂସାକୁ ସମର୍ଥନ କରୁଥିବା ଭାରତ ବିରୋଧୀ ତତ୍ତ୍ୱଙ୍କୁ ସ୍ଥାନ ଦିଆଯାଉଛି। ଏହା କାନାଡ଼ା ପାଇଁ ଏବଂ ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କ ରଖିବା ପାଇଁ ଭଲ ନୁହେଁ ବୋଲି



ଏସ୍. ଜୟଶଙ୍କର

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। କାନାଡ଼ାର ବ୍ରାମ୍ପଟନ୍ ସହରରେ ଇନ୍ଦିରାଙ୍କ ହତ୍ୟାକାଣ୍ଡକୁ ନେଇ ଉତ୍ସବ ପାଳନ ବେଳର ଭିଡିଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ବହିର୍ବ୍ୟାପାର ମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା ପଛରେ ବଡ଼ ପ୍ରସଙ୍ଗ ସମ୍ପୃକ୍ତ ଥାଇପାରେ। ଭୋଟବ୍ୟାଙ୍କ ରାଜନୀତିର ଆବଶ୍ୟକତା ବ୍ୟତୀତ କିଏ କାହିଁକି ଏପରି କରିବ ତାହା ବୁଝାପଡୁନାହିଁ ବୋଲି ଜୟଶଙ୍କର କହିଛନ୍ତି।

ସୋସିଆଲ ମିଡିଆରେ ପ୍ରକାଶିତ ଭିଡିଓ ଏକ ପରେଡ୍‌ର ଅଂଶବିଶେଷ ଥିଲା। ବ୍ରାମ୍ପଟନ୍‌ର କେତେଜଣ ଖଲିସ୍ତାନୀ ଏହି ପରେଡ୍‌ର ଆୟୋଜନ କରିଥିଲେ। ଅନ୍ୟପକ୍ଷରେ କାନାଡ଼ାରେ ଘୃଣା କିମ୍ବା ହିଂସାକୁ ଗୌରବାନ୍ୱିତ କରାଯିବାର ସ୍ଥାନ ନାହିଁ ବୋଲି ଭାରତରେ ଏହାର ଉଚ୍ଚାୟୁକ୍ତ କାମେରନ ମାକି ଟୁଇଟ୍ କରିଛନ୍ତି। ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡକୁ ନେଇ ଉତ୍ସବ ମନାଇବା ଘଟଣାକୁ ସେ ନିନ୍ଦା କରିଛନ୍ତି। କାନାଡ଼ାରେ ପାଠ ପଢ଼ିବା ପାଇଁ ଆବେଦନ କରିଥିବା କେତେକ ଭାରତୀୟ ଛାତ୍ରୀଛାତ୍ର ସେଠାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ନେଇ କାନାଡ଼ା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜୟଶଙ୍କର କହିଛନ୍ତି। ଇନ୍ଦିରା ହତ୍ୟାକାଣ୍ଡର ସେଲିବ୍ରେଶନ ଘଟଣାରେ କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ପ୍ରତିବାଦ ଜଣାଇବା ପାଇଁ କଂଗ୍ରେସ ଜୟଶଙ୍କରଙ୍କୁ ନିବେଦନ କରିଛି।

# ପୋଲ ନିକଟରେ ଫୁଟିଲା ବୋମା, ଯୁବକ ଗୁରୁତର

**ବଲାଙ୍ଗୀର ଅଫିସ/ପାଟଣାଗଡ, ୮।୬ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡଡ଼ ଥାନା ଅନ୍ତର୍ଗତ ବିଲେଇସାଥି ଗାଁ ପୋଲ ନିକଟରେ ଗୁରୁବାର ଅପରାହ୍ଣରେ ଏକ ବୋମା ବିସ୍ଫୋରଣ ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ବିଲେଇସାଥି ଗାଁର ହେମସାଗର ସାହୁ (୩୫)।

ସୂଚନା ମୁତାବକ, ପାଟଣାଗଡ-ଖପ୍ରାଖୋଲ ରାସ୍ତାର ବିଲେଇସାଥି ଗାଁ ନିକଟରେ ଥିବା ଏକ ଯୋରକୁ ଅପରାହ୍ଣରେ ହେମସାଗର ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଏକ ଜରି ବ୍ୟାଗରେ ଏକ ପ୍ୟାକେଟ ଭଳି ଗୁଡା ହୋଇଥିବା ସାମଗ୍ରୀ ପଡିଥିବା ଦେଖିବାକୁ ସେ ପାଇଥିଲେ। ଧରିଥିବା ଏକ ଲାଠିରେ ସେ ଉକ୍ତ ବ୍ୟାଗକୁ ଖୋଲିଲା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ହେମସାଗରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଭୟଙ୍କର ଶବ୍ଦ ଓ ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ସେଠାକୁ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣାଗଡ ଉପଖଣ୍ଡ ହସ୍ପିଟାଲକୁ ନିଆଯାଇଥିଲା। ବୋମା ବିସ୍ଫୋରଣ ଖବର ପାଇ ପାଟଣାଗଡ ଉପଜିଲାପାଳ ବିଜୟାନନ୍ଦ ସେଠୀ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପୀଡିତ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ହେମସାଗରଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। କେଉଁ ପରିସ୍ଥିତିରେ ବୋମା ବିସ୍ଫୋରଣ ହେଲା ସେନେଇ ପୋଲିସ ତନାଘନା ଚଳାଇଛି। ଘଟଣାସ୍ଥଳରେ ବୋମା ସ୍କ୍ୱାଡ, ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କ ସହ ପୋଲିସ ଅଧିକାରୀ ଉପସ୍ଥିତ ରହି ତଦନ୍ତ କରୁଛନ୍ତି। ବିସ୍ଫୋରଣରେ ଆହତ ହେବା ପରେ ହେମସାଗରଙ୍କୁ ଦେଖାଯାଉନାହିଁ, ସେ କଥା ହୋଇ ପାରୁ ନଥିବା ତାଙ୍କ ସ୍ତ୍ରୀ କହିଛନ୍ତି।


ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗୁରୁତର ଆହତ ହେମସାଗରଙ୍କୁ ଭର୍ତ୍ତି କରାଯାଉଛି।

- ଶୌଚ ପାଇଁ ଯାଇଥିବା ବେଳେ ଘଟିଲା ଏପରି ଘଟଣା
- ପଡିଥିବା ଜରିବ୍ୟାଗକୁ ଲାଠିରେ ଖୋଲିବା ବେଳେ ହେଲା ବିସ୍ଫୋରଣ


STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

SPOT ADMISSION
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years (For Degree) 04 Years (For Honors Degree) | 10+2 pass or equivalent with English one of the subjects (45% marks for Gen/OBC & 40% marks for SC & ST candidates) | No Age Limit |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484


# ଖପ୍ରାଖୋଲରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ


କାଫେ ଉଦ୍‌ଘଟନ ଅବସରରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

**ଖପ୍ରାଖୋଲ, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ମିଶନ ଶକ୍ତି କାଫେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର କାଫେକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ପାଟଣାଗଡ ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ, ବିଡ଼ିଓ ବିଜୟ କୁମାର ହୋତା, ମିଶନ ଶକ୍ତି ଡିପିଏମ ସୁମନ ଦ୍ୱିବେଦୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ କାଫେ ମାଧ୍ୟମରେ ସୁସ୍ୱାଦୁ ଖାଦ୍ୟ ବଣ୍ଟନ ସହିତ ରୋଜଗାରକ୍ଷମା ହୋଇ ପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।







ନେହରୁ ସ୍ମାରକୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟ
ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର
ତିନ୍ ମୂର୍ତ୍ତି ହାଉସ୍, ନୂଆଦିଲ୍ଲୀ-୧୧୦୦୧୧

ନେହରୁ ସ୍ମାରକୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟ (ଏନ୍‌ଏମ୍‌ଏମ୍‌ଏଲ୍), ସଂସ୍କୃତି ବିଭାଗ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା ନିମ୍ନଲିଖିତ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟତାପ୍ରାପ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି:
**ପଦବୀର ନାମ: ଫଟୋଗ୍ରାଫର**
**ପଦବୀ ସଂଖ୍ୟା: ୩ (ତିନି)**
**ବର୍ଗ: ଅଣସଂରକ୍ଷିତ-୨, ଇଡବ୍ଲ୍ୟୁଏସ୍-୧ ।**
**ବେତନ ହାର: ସ୍ତର-୫ (୨୯୨୦୦-୯୨୩୦୦)**
**ଯୋଗ୍ୟତା:** ଯୋଗ୍ୟତା, ନିଯୁକ୍ତି ପଦ୍ଧତି, ସାଧାରଣ ନିର୍ଦ୍ଦେଶାବଳୀ ଇତ୍ୟାଦି ବିବରଣୀ ପାଇଁ ଦୟାକରି www.nehrumemorial.nic.in ପରିଦର୍ଶନ କରନ୍ତୁ ।
ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ଦରଖାସ୍ତ ସହିତ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ପ୍ରମାଣପତ୍ରର ସେଲ୍‌ଫ-ଆଟେଷ୍ଟେଡ୍ ପ୍ରତିଲିପି ଏହି କାର୍ଯ୍ୟାଳୟ ଠିକଣାରେ ସର୍ବଶେଷ ତା୦୫।୦୭।୨୦୨୩ରିଖ ଅପରାହ୍ଣ ୫.୩୦ ଘଟିକା ସୁଦ୍ଧା ପଠାଇପାରିବେ: ନିର୍ଦ୍ଦେଶକ, ନେହରୁ ସ୍ମାରକୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟ, ତିନ୍ ମୂର୍ତ୍ତି ହାଉସ୍, ନୂଆଦିଲ୍ଲୀ-୧୧୦୦୧୧ ।
CBC 09142/12/0015/2324


# ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର

**ଖଡ଼ିଆଳ,୮।୬(ଡି.ଏନ.ଏ.)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ କମିଟି ପକ୍ଷରୁ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ପ୍ରତାପ ବେହେରାଙ୍କ ଜରିଆରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିପତ୍ର ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ରାଜ୍ୟ ସଂଘ ପକ୍ଷରୁ ଦିଆଯାଇଥିବା ରାଜ୍ୟ ବ୍ୟାପୀ ଆନ୍ଦୋଳନ ଡାକରାକୁ ସାର୍ଥକ କରି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ଶାଖା ତରଫରୁ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଜୁନ ୧ରେ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ତୋଳାଳି ଓ ସିଜିନାଲ ଷ୍ଟାଫଙ୍କ ଦ୍ୱାରା ବିଶାଳ ସମାବେଶ, ଘେରାଉ ଓ ବିକ୍ଷୋଭ କରାଯାଇଥିଲା। ବୋନସ, ଝିଅ ବାହାଘର ସହାୟତା, ଶିକ୍ଷା ସହାୟତା, ଚିକିତ୍ସା ସହାୟତା, ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି, ସର୍ବନିମ୍ନ ମଜୁରି ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ପୁଣି ଥରେ ଡିଏଫଓ (କେନ୍ଦୁପତ୍ର)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ, ଆଦିବାସୀ ନେତା ଜ୍ଞାନେଶ୍ୱର ମାଝି, ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡ଼ିଆଳ ଡିଭିଜନର ବିଭିନ୍ନ ରେଞ୍ଜର ସମସ୍ତ ନେତୃମଣ୍ଡଳୀ ଯଥା ସୁରେଶ ବେହେରା, ଈଶ୍ୱର ଶବର, ସନ୍ତୋଷ ସାହୁ, ଗୌତମ ବରିହା, ରୁଦ୍ର ନାଗ, ନଟବର ନାଗ, କୃଷ୍ଣ ବଲ୍ଲଭ ବାରିକ, ମଙ୍ଗଳସାଇ ବଗର୍ତ୍ତି, ଦମନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।


FAKIR MOHAN UNIVERSITY
Vyasa Vihar, Nuapadhi,Balasore,Odisha, Pin-756089
Phone:06782-275902/Fax:06782-275768
Email Id: registrarfmuniversity@gmail.com
Website:www.fmuniversity.nic.in
No.FMU-DEV-425-2023/5709 Date:08.06.23

TENDER CALL NOTICE

Sealed tenders are invited from the reputed firms/ Contractors having Contractor license, GSTIN and PAN for construction of Green House in Botanic Garden at New Campus of F.M. University. The tenderers are required to super-scribe on the envelope "Construction of Green House in Botanic Garden at New Campus of F.M. University". The last date for receipt of tenders at the end of the undersigned is 19.06.2023 by 3.00 P.M. The tenders will be opened on the same day at 04.00 P.M. The authority reserves right to cancel any/ all the quotation(s) without assigning any reason thereof. For details, please visit the website: https://fmuniversity.nic.in/tender.html.

Sd./- Registrar


# ଆଟେଣ୍ଡାଣ୍ଟ ଗ୍ରୁପ୍-ଡି ପଦବୀରେ ନିଯୁକ୍ତ ହେବେ ଗୋମିତ୍ର

- ସଂକଳ୍ପନାମା ସଂଶୋଧନକୁ କୃଷି ମନ୍ତ୍ରୀଙ୍କ ଅନୁମୋଦନ
- ସର୍ବୋଚ୍ଚ ବୟସସୀମା ୧୦ ବର୍ଷ କୋହଳ

**ଭୁବନେଶ୍ୱର,୮।୬(ବ୍ୟୁରୋ)**

କାର୍ଯ୍ୟରତ ଗୋମିତ୍ରମାନଙ୍କୁ ପ୍ରାଣୀସମ୍ପଦ ବିକାଶ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ଖାଲିଥିବା ଆଟେଣ୍ଡାଣ୍ଟ ଗ୍ରୁପ୍-ଡି ପଦବୀରେ ନିଯୁକ୍ତି ଦିଆଯିବ। ଏଥିନିମନ୍ତେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଗୁରୁବାର ବିଭାଗ ପକ୍ଷରୁ ୨୦୧୭ରେ ଜାରି କରାଯାଇଥିବା ସଂକଳ୍ପରେ ଆବଶ୍ୟକ ସଂଶୋଧନ କରାଯାଇଛି । ସଂଶୋଧିତ ସଂକଳ୍ପ ଅନୁଯାୟୀ ଗ୍ରୁପ୍-ଡି ଆଟେଣ୍ଡାଣ୍ଟ ପଦବୀରେ ଗୋମିତ୍ରମାନଙ୍କୁ ନିଯୁକ୍ତିଦେବା ନିମନ୍ତେ ସଂକଳ୍ପରେ ଗୋଟିଏ ଥର ପାଇଁ କୋହଳ ନୀତି ଅବଲମ୍ବନ କରାଯାଇ ସର୍ବୋଚ୍ଚ ବୟସସୀମା ୪୫ ବର୍ଷରୁ ୫୫ ବର୍ଷକୁ କୋହଳ କରାଯାଇଛି । ନିଯୁକ୍ତି ନିମନ୍ତେ ଗୋମିତ୍ରମାନଙ୍କର ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଆବଶ୍ୟକ । ନିଯୁକ୍ତି କମିଟିର ବୈଠକ ବସିବା ବର୍ଷର ଜାନୁୟାରୀ ପହିଲା ସୁଦ୍ଧା ୫୫ ବର୍ଷ ମଧ୍ୟରେ ହୋଇଥିଲେ ସେମାନଙ୍କୁ ଖାଲିଥିବା ଆଟେଣ୍ଡାଣ୍ଟ ପଦବୀ ପୂରଣ ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯିବ । ପୂର୍ବରୁ ଏହି ବୟସସୀମା ୪୫ ବର୍ଷ ରଖାଯାଇଥିଲା । ଜିଲାରେ ଗୋମିତ୍ରମାନଙ୍କୁ ଆଟେଣ୍ଡାଣ୍ଟ ପଦବୀରେ ନିଯୁକ୍ତି କରାଯିବ। ଯଦି କୌଣସି ବଳକା ଗୋମିତ୍ର ରହିଯାଇ ଥାଆନ୍ତି, ତେବେ ଗୋମିତ୍ରଙ୍କ ସମ୍ମତି କ୍ରମେ ଅନ୍ୟ ଜିଲାରେ ଖାଲିଥିବା ଆଟେଣ୍ଡାଣ୍ଟ ପଦବୀରେ ମଧ୍ୟ ନିଯୁକ୍ତି ଦିଆଯାଇପାରିବ । ଏହାଦ୍ୱାରା ଗୋମିତ୍ରମାନଙ୍କର ଦୀର୍ଘଦିନରୁ ଥିବା ଦାବି ପୂରଣ ହୋଇଛି ।


HERO INTERCONTINENTAL CUP
ପାର୍କିଂ ସ୍ଥଳ ଓ ମୋ ବସ୍ ରୁଟ ସମ୍ବନ୍ଧିତ ସୂଚନା DSPL-76




**ପାର୍କିଂ ସ୍ଥଳ**

ବସ୍ ବ୍ୟତିତ ସମସ୍ତ ଦର୍ଶକ ସେମାନଙ୍କ ବାହନକୁ ସ୍ଥିରୀକୃତ ସ୍ଥାନରେ ରଖିପାରିବେ।

| | |
|---|---|
| କଳିଙ୍ଗ ଷ୍ଟାଡ଼ିୟମ ଭିତରେ ପାର୍କିଂ ମୋଟର ସାଇକେଲ /କାର | ଗେଟ-୮ଏ/୮ବି ସିପିଡ଼ିଓ ପାର୍କିଂ |
| ବାହାର ପାର୍କିଂ ମୋଟର ସାଇକେଲ /କାର | ନିୟୁ ଏଜି କଲୋନୀ ଏବଂ ରିଜର୍ଭ ପୋଲିସ ଲାଇନ |

**ମୋ ବସ୍ ରୁଟ୍**

| | |
|---|---|
| ୧୦ | ରୁଟ୍ ୧୦ - ଏୟାରପୋର୍ଟ ଠାରୁ ସିଡ଼ିଏ (କଟକ) |
| ୧୨ | ରୁଟ୍ ୧୨ - ରେଳ ଷ୍ଟେସନ୍ ଠାରୁ ନନ୍ଦନ କାନନ୍ |
| ୧୮ | ରୁଟ୍ ୧୮ - ବରମୁଣ୍ଡା ଠାରୁ ଜଗତପୁର |

ମୋ ବସ୍ ସେବା ବ୍ୟବହାର କରୁଥିବା ଦର୍ଶକ କଳିଙ୍ଗ ଷ୍ଟାଡିୟମ ଗେଟ୍ ନଂ ୩ ଓ ୪ ରେ ପ୍ରବେଶ କରିପାରିବେ।

ଓଡ଼ିଶା ଶାସନ
OIPR-29001/13/0030/2324



TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

Notice Inviting Tender (NIT)

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
1. **TPWODL/SA/O/SU/019 : RC for supply of GI Stay wire & GI Wire.**
2. **TPWODL/RP/O/SU/020 : PO for supply of various testing instruments.**

Interested bidders to submit Tender Participation Fee and Authorization Letter through email on or before **17th June 2023, 15:00Hrs** (for Srl No.-1) & **23rd June 2023, 18:00Hrs** (for Srl No.-2), respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

## ଗିରୋ ଡି' ଇଟାଲିଆ ବିଜେତା ପ୍ରିମୋଜ ରୋଗ୍ଲିକ୍

# ସ୍କି ଜମ୍ପରରୁ ସାଇକ୍ଲିଷ୍ଟ

**ବିଶ୍ୱର ଅନ୍ୟତମ ସମ୍ମାନଜନକ ସାଇକେଲ ରେସ୍ ଗିରୋ ଡି' ଇଟାଲିଆର ୧୦୬ତମ ସଂସ୍କରଣ ନିକଟରେ ଶେଷ ହୋଇଛି। ତିନି ସପ୍ତାହବିଶିଷ୍ଟ ଗ୍ରାଣ୍ଡ ଟୁର୍ ସାଇକ୍ଲି ଷ୍ଟେଜ୍ ରେସ୍‌ରେ ଚାମ୍ପିୟନ ହୋଇଛନ୍ତି ସ୍ଲୋଭାନିଆର ପ୍ରିମୋଜ ରୋଗ୍ଲିକ୍। ଜଣେ ସ୍କି ଜମ୍ପରଭାବେ ୨୦୦୩ରେ କ୍ୟାରିୟର ଆରମ୍ଭ କରିଥିବା ରୋଗ୍ଲିକ୍ ସମୟ ଚକ୍ରରେ ୨୦୧୩ରୁ ସାଇକ୍ଲିଂକୁ ପେସା କରିଥିଲେ...**



ପ୍ରିମୋଜ ରୋଗ୍ଲିକ୍

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏବଂ ସମ୍ମାନଜନକ ସାଇକେଲ ରେସ୍ ଗିରୋ ଡି' ଇଟାଲିଆର ୧୦୬ତମ ସଂସ୍କରଣ ନିକଟରେ ଶେଷ ହୋଇଛି। ତିନି ସପ୍ତାହବିଶିଷ୍ଟ ଗ୍ରାଣ୍ଡ ଟୁର୍ ସାଇକ୍ଲିଂ ଷ୍ଟେଜ୍ ରେସ୍‌ରେ ବାଜି ମାରିଛନ୍ତି ସ୍ଲୋଭାନିଆର ପ୍ରିମୋଜ ରୋଗ୍ଲିକ୍। ପ୍ରତିଯୋଗିତା ମୋଟ ୨୧ ଷ୍ଟେଜ ବିଶିଷ୍ଟ ଥିଲା। ଏହା ମଧ୍ୟରେ ୩ଟି ଇଣ୍ଡିଭିଜୁଆଲ ଟାଇମ ଟ୍ରାଏଲ୍ ଷ୍ଟେଜ୍ ସାମିଲ। ୬ଟି ଷ୍ଟେଜ୍‌ର ଦୂରତା ୨୦୦ କିଲୋମିଟରରୁ ଅଧିକ ରହିଥିଲା। ରୋଗ୍ଲିକ୍ ହେଉଛନ୍ତି ଟିମ୍ ଜୁମ୍ବୋ ଭିସ୍ମାର ରାଇଡର। ଏହାଥିଲା ତାଙ୍କର ୪ର୍ଥ ଗ୍ରାଣ୍ଡ ଟୁର୍ ବିଜୟ। ପ୍ରଥମ ସ୍ଲୋଭିଆନାନଭାବେ ସେ ଗିରୋ ଡି' ଇଟାଲିଆ ଟାଇଟଲ ଜିତିଥିଲେ। ଗ୍ରାଣ୍ଡ ଟୁର୍ ସାଇକ୍ଲି ଷ୍ଟେଜ୍ ରେସ୍ ଜିତିବାପାଇଁ ରୋଗ୍ଲିକ୍ ମୋଟ ୮୫ ଘଣ୍ଟା ୨୯.୦୨ ସେକେଣ୍ଡ ସମୟ ନେଇଥିଲେ। ଇନିଅସ ଗ୍ରେନାଡିର୍ସ ଟିମ୍ ରାଇଡର ଗ୍ରେଟ୍ ବ୍ରିଟେନର ଗେରାଣ୍ଟ ଥୋମାସ ୧୪ ସେକେଣ୍ଡ ପଛରେ ରହି ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୟୁଏଇ ଟିମ୍ ଏମିରେଟ୍ସ ରାଇଡର ପର୍ତ୍ତୁଗାଲର ଜୋଆଓ ଆଲ୍‌ମେଇଡା ୧ ମିନିଟ ୧୫ ସେକେଣ୍ଡ ଅଧିକ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ପଏଣ୍ଟ କ୍ଲାସିଫିକେସନରେ ପ୍ରଥମସ୍ଥାନ ଅଧିକାର କରିଥିଲେ ଇଟାଲୀର ଜୋନାଥନ ମିଲାନ। ସେ ୨୧୭ ପଏଣ୍ଟ ପାଇଥିଲେ। ସେହିପରି ମାଉଣ୍ଟେନ୍ସ କ୍ଲାସିଫିକେଶନରେ ପ୍ରଥମ ହୋଇଥିଲେ ଫ୍ରାନ୍ସର ଥିବଟ ପିନଟ। ସେ ୨୩୭ ପଏଣ୍ଟ ପାଇ ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ। ୟଙ୍ଗ ରାଇଡର କ୍ଲାସିଫିକେଶନ ପୁରସ୍କାର ପାଇଥିଲେ ପର୍ତ୍ତୁଗାଲର ଜୋଆଓ ଆଲ୍‌ମେଡା। ସେ ୮୫ ଘଣ୍ଟା ୩୦.୧୭ ସେକେଣ୍ଡ ସମୟ ନେଇଥିଲେ।

୧୯୮୯ ଅକ୍ଟୋବର ୨୯ରେ ଜନ୍ମିତ ପ୍ରିମୋଜ ରୋଗ୍ଲିକ୍ ଏବେ ଟିମ୍ ଜୁମ୍ବୋ-ଭିସ୍ମା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ସେ ଜଣେ ସ୍କି ଜମ୍ପରଭାବେ ୨୦୦୩ରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୭ରେ ସେ ଜୁନିୟର ୱାର୍ଲ୍ଡ ଟିମ୍ ଇଭେଣ୍ଟ ଚାମ୍ପିୟନ ହୋଇଥିଲେ। ସେ ସେକେଣ୍ଡ ଲେଭଲ ଇଣ୍ଟରନ୍ୟାଶନାଲ ସ୍କି ଜମ୍ପିଂରେ ୨ ଥର କଣ୍ଟିନେଣ୍ଟାଲ କପ୍ ବିଜେତା ମଧ୍ୟ ହୋଇଥିଲେ। ୨୦୦୭ରେ ସେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଜଣେ ଟେଷ୍ଟ ଜମ୍ପରଭାବେ ଅଫିସିଆଲ ଟ୍ରେନିଂ ଅବସରରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ସ୍କି ଜମ୍ପିଂ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୧ରେ ସେ ପ୍ଲାନିକାଠାରେ ବ୍ୟକ୍ତିଗତ ଶ୍ରେଷ୍ଠ ୧୮୫ ମିଟର ଦୂରତା ଅତିକ୍ରମ କରିଥିଲେ ହେଁ ୨୦୧୨ରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ କ୍ୟାରିୟର ଶେଷ କରିଥିଲେ। ୨୦୧୩ରୁ ସେ ସାଇକ୍ଲିଂକୁ ପେସା କରି ନେଇଥିଲେ। ୨୦୧୭ରେ ପ୍ରଥମ ସ୍ଲୋଭାନିଆନ ରାଇଡରଭାବେ ସେ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ଏକ ଷ୍ଟେଜ ଜିତିଥିଲେ। ୨୦୧୯ ସେପ୍ଟେମ୍ବରରେ ସେ ଭୁଏଲ୍ଟା ଏ ଇସ୍ପାନା ବିଜେତା ହୋଇଥିଲେ। ପ୍ରଥମ ସ୍ଲୋଭାନିଆ ରାଇଡରଭାବେ ସେ ଏକ ଗ୍ରାଣ୍ଡ ଟୁର୍ ପ୍ରତିଯୋଗିତା ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦୧୯ ଗିରୋ ଡି' ଇଟାଲିଆରେ ସେ ତୃତୀୟ ସ୍ଥାନ ଅଧିକାର କରି ପୋଡିୟମ ମଣ୍ଡନ କରିଥିଲେ। ୨୦୨୦ ଟୁର୍ ଡି'ଫ୍ରାନ୍ସରେ ପ୍ରଥମ ସ୍ଲୋଭାନିଆନଭାବେ ସେ ୟେଲୋ ଜର୍ସି (ଅଗ୍ରଣୀ ରାଇଡର) ପରିଧାନର ସୁଯୋଗ ପାଇଥିଲେ। ଏଥିରେ ସେ ଓଭରଅଲ୍ ଦ୍ୱିତୀୟ ଏବଂ ସାଥୀ ରାଇଡର ଟାଡେଜ ପୋଗାକର ବିଜେତା ହୋଇଥିଲେ। ୨୦୨୦ରେ ସେ ଭୁଏଲ୍ଟା ଏ ଇସ୍ପାନା ବିଜେତା ହୋଇ ଟାଇଟଲ ବଜାୟ ରଖିଥିଲେ। ୨୦୨୧ ଅଲିମ୍ପିକ୍ସରେ ସେ ପୁରୁଷ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍‌ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକଲାଭ କରିଥିଲେ। ଏହିବର୍ଷ ସେ କ୍ରମାଗତ ତୃତୀୟଥରପାଇଁ ଭୁଏଲ୍ଟା ଏ ଇସ୍ପାନା ଜିତି ହ୍ୟାଟ୍ରିକ କରିଥିଲେ। ଇତିହାସରେ ତୃତୀୟ ଡ୍ରାଇଭରଭାବେ ସେ ଏହି ସୌଭାଗ୍ୟ ପାଇଥିଲେ। ୨୦୧୯ରୁ ୨୦୨୧ ମଧ୍ୟରେ ସେ ୭୫ ସପ୍ତାହପାଇଁ ରେସିଂ ୱାର୍ଲ୍ଡ ର୍ୟାଙ୍କିଙ୍ଗ୍‌ରେ ପ୍ରଥମସ୍ଥାନ ଅଧିକାର କରି ରେକର୍ଡର ଅଧିକାରୀ ହୋଇଥିଲେ।

-ତପନ ସ୍ୱାଇଁ

### ଷ୍ଟେଜ ଫଳାଫଳ

| ଷ୍ଟେଜ୍ | କୋର୍ସ | ବ୍ୟବଧାନ | ବିଜେତା |
|---|---|---|---|
| ୧ | ଫୋସାସେସିଆରୁ ଓର୍ଟୋନୋ | ୧୯.୬ କି.ମି. | ରୋମିଓ ଇଭେନପୋଏଲ (ବେଲ୍‌ଜିୟମ) |
| ୨ | ଟେରାମୋରୁ ସାନ୍ ସାଲ୍‌ଭୋ | ୨୦୨ କି.ମି. | ଜୋନାଥନ ମିଲାନ (ଇଟାଲୀ) |
| ୩ | ଭାଷ୍ଟୋରୁ ମେଲ୍‌ଫି | ୨୧୩ କି.ମି. | ମିଚେଲ ମାଥ୍ୟୁସ (ଅଷ୍ଟ୍ରେଲିଆ) |
| ୪ | ଭେନୋସାରୁ ଲାଗୋ ଲାସେନୋ | ୧୭୫ କି.ମି. | ଔରେଲେନ ପାରେଟ-ପେଣ୍ଟ୍ରେ (ଫ୍ରାନ୍ସ) |
| ୫ | ଅଟ୍ରିପଲ୍ଡାରୁ ସାଲେମୋ | ୧୭୧ କି.ମି. | କାଡେନ ଗ୍ରୋଭ୍ସ (ଅଷ୍ଟ୍ରେଲିଆ) |
| ୬ | ନାପ୍‌ଲେସରୁ ନାପ୍‌ଲେସ | ୧୬୨ କି.ମି. | ମ୍ୟାଡ୍ସ ପେଡେର୍ସନ (ଡେନମାର୍କ) |
| ୭ | କାପୁଆରୁ ଗ୍ରାନ୍ ସାସୋ | ୨୧୮ କି.ମି. | ଡାମିଡ ବାଇସ (ଇଟାଲୀ) |
| ୮ | ଟର୍ନିରୁ ଫୋସୋମବର୍ନ | ୨୦୭ କି.ମି. | ବେନ୍ ହିଲି (ଆୟର୍ଲାଣ୍ଡ) |
| ୯ | ସାଭିଗ୍ନାନୋ ସୁଲ୍ ରୁବିକୋନେରୁ କେସେନା | ୩୫ କି.ମି. | ରେମ୍‌କୋ ଇଭେନପୋଏଲ (ବେଲ୍‌ଜିୟମ) |
| ୧୦ | ସ୍କାଣ୍ଡିଆନୋରୁ ଭାରେଗିଓ | ୧୯୬ କି.ମି. | ମ୍ୟାଗ୍ନସ କୋର୍ଟ (ଡେନମାର୍କ) |
| ୧୧ | କାମାଓରେରୁ ଟୋର୍ଟୋନା | ୨୧୯ କି.ମି. | ପାସ୍କାଲ ଆକରମାନ (ଜର୍ମାନୀ) |
| ୧୨ | ବ୍ରା'ରୁ ରିଭୋଲି | ୧୮୫ କି.ମି. | ନିକୋ ଡେଞ୍ଜ (ଜର୍ମାନୀ) |
| ୧୩ | ଲି ଚାବ୍‌ଲେରୁ କ୍ରେନ୍ସ-ମୋଣ୍ଟାନା | ୭୪.୬ କି.ମି. | ଇନର ରୁବିଓ (କଲମ୍ବିଆ) |
| ୧୪ | ସିଏରେରୁ କାସାନୋ ମାଗ୍ନାଗୋ | ୧୯୪ କି.ମି. | ନିକୋ ଡେଞ୍ଜ (ଜର୍ମାନୀ) |
| ୧୫ | ସେରେଗ୍ନୋରୁ ବର୍ଗାମୋ | ୧୯୫ କି.ମି. | ବ୍ରେଣ୍ଡନ ମ୍ୟାକ୍‌ନୁଲ୍ଟି (ଆମେରିକା) |
| ୧୬ | ସାବିଓ ଚିଜ୍‌ରୁ ମଣ୍ଟେ ବନ୍‌ଡନ୍ | ୨୦୩ କି.ମି. | ଜୋଆଓ ଆଲ୍‌ମେଡା (ପର୍ତ୍ତୁଗାଲ) |
| ୧୭ | ପର୍ଗିନେ ଭାଲସୁଗାନାରୁ କାଓର୍ଲେ | ୧୯୭ କି.ମି. | ଆଲବର୍ଟୋ ଡେନେସେ (ଇଟାଲୀ) |
| ୧୮ | ଓଡେର୍ଜୋରୁ ଜୋଲ୍‌ଡୋ ଅଲ୍‌ଟୋ | ୧୬୧ କି.ମି. | ଫିଲିପୋ ଜାନା (ଇଟାଲୀ) |
| ୧୯ | ଲୋଙ୍ଗାରୋନେରୁ ଟ୍ରି କିମେ ଡି ଲାଭାରେଡୋ | ୧୮୩ କି.ମି. | ସାଣ୍ଟିଆଗୋ ବୁଟ୍ରାଗୋ (କଲମ୍ବିଆ) |
| ୨୦ | ଟାର୍ଭିସିଓରୁ ମଣ୍ଟେ ଲୁସାରି | ୧୮.୬ କି.ମି. | ପ୍ରିମୋଜ ରୋଗ୍ଲିକ୍ (ସ୍ଲୋଭାନିଆ) |
| ୨୧ | ରୋମ୍‌ରୁ ରୋମ | ୧୨୬ କି.ମି. | ମାର୍କ କାଭେଣ୍ଡିସ (ଗ୍ରେଟ୍ ବ୍ରିଟେନ) |

### ଜେନେରାଲ କ୍ଲାସିଫିକେଶନ (ଟପ୍-୧୦)

| ର୍ୟାଙ୍କ୍ | ରାଇଡର | ଦେଶ | ଟିମ୍ | ସମୟ |
|---|---|---|---|---|
| ୧ | ପ୍ରିମୋଜ ରୋଗ୍ଲିକ୍ | ସ୍ଲୋଭାନିଆ | ଟିମ୍-ଜୁମ୍ବୋ ଭିସ୍ମା | ୮୫ ଘଣ୍ଟା ୨୯.୦୨ ସେକେଣ୍ଡ |
| ୨ | ଗେରାଣ୍ଟ ଥୋମାସ | ଗ୍ରେଟ୍ ବ୍ରିଟେନ | ଇନିଅସ ଗ୍ରେନାଡିଅର୍ସ | +୧୪ ସେକେଣ୍ଡ |
| ୩ | ଜୋଆଓ ଆଲ୍‌ମେଡା | ପର୍ତ୍ତୁଗାଲ | ୟୁଏଇ ଟିମ୍ ଏମିରେଟ୍ସ | +୧.୧୫ ସେକେଣ୍ଡ |
| ୪ | ଡାମିଆନୋ କାରୁସୋ | ଇଟାଲୀ | ଟିମ୍ ବାହାରିନ୍ ଭିକ୍ଟୋରିଅସ | +୪.୪୦ ସେକେଣ୍ଡ |
| ୫ | ଥିବଟ ପିନଟ | ଫ୍ରାନ୍ସ | ଗ୍ରୁପାମା-ଏଫ୍‌ଡିଜେ | +୫.୪୩ ସେକେଣ୍ଡ |
| ୬ | ଥିମେନ ଆରେନ୍ସମାନ | ନେଦରଲାଣ୍ଡ୍ସ | ଇନିଅସ ଗ୍ରେନାଡେର୍ସ | +୬.୦୫ ସେକେଣ୍ଡ |
| ୭ | ଇଡି ଡନବାର | ଆୟର୍ଲାଣ୍ଡ | ଟିମ୍ ଜୟକୋ-ଏଆଇୟୁଆଇଏ | +୭.୩୦ ସେକେଣ୍ଡ |
| ୮ | ଆନ୍ଦ୍ରେସ ଲେକନେସୁଣ୍ଡ | ନରୱେ | ଟିମ୍ ଡିଏସ୍‌ଏମ୍ | +୭.୩୧ ସେକେଣ୍ଡ |
| ୯ | ଲେନାର୍ଡ କମ୍ନା | ଗ୍ରେଟ୍ ବ୍ରିଟେନ | ବୋରା-ହନ୍ସଗ୍ରୋହେ | +୭.୪୬ ସେକେଣ୍ଡ |
| ୧୦ | ଲୌରେନ୍ସ ଡି'ପ୍ଲସ | ବେଲଜିୟମ | ଇନିଅସ ଗ୍ରେନାଡେର୍ସ | +୯.୦୮ ସେକେଣ୍ଡ |



ଡିଫରେଣ୍ଟ

ଚବିଶ ଘଣ୍ଟାରେ ତେଇଶ ହଜାର
ଏକା ଲଗାଇକି ଗଛ
କାନାଡ଼ା ଆଣ୍ଟୋନି ବାର୍ତ୍ତାଦିଏ ରଖ
ବିଶ୍ୱ ପରିବେଶ ସ୍ୱଚ୍ଛ
ଆମ ଗଛ ପୋତା ମିଛ
ଓନ୍‌ଲି ପବ୍ଲିସିଟି ବରଂ ଦେଖ ୟଙ୍ଗ୍
ଡେଲି ନ'ଘଣ୍ଟିଆ ମ୍ୟାଚ।

କପୁଲ୍‌ଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ
କ୍ରୀଡ଼ାର ମାନ୍ୟତା ଦେଇ
ସ୍ୱିଡେନ କରିବ ସେକ୍ସ ଚାମ୍ପିୟନଶିପ୍
ୟୁରୋପୀୟ ଦେଶ ହୋଇ
ରିଲ୍‌ରେ ଦେଖିବା ପାଇଁ
ଲାଗୁଥିଲା ଲାଜ ରିୟଲରେ ଯାଆ
ଦେଖିବୁ ଟିକେଟ ନେଇ।

ଛ' ସପ୍ତାହ ଧରି ଚାଲିବ ଏ ମ୍ୟାଚ
ଖେଳିବେ କୋଡ଼ିଏ ଜଣ
ଯୌନକ୍ରୀଡ଼ା ସମ୍ପର୍କିତ କାର୍ଯ୍ୟ, ବଡ଼ି
ମସାଜ ରହିଛି ଜାଣ
କା' ଦେଶ ସଂସ୍କୃତି କ'ଣ
ମୋ ଦେଶର ନାରୀ ମୁଣ୍ଡରୁ ଓଢ଼ଣି
ଖସିଗଲେ ଫୁଟେ ବାଣ।

-ସୁବାସ ଚନ୍ଦ୍ର ପ୍ରଧାନ

# ବୁବ୍‌କାଙ୍କ ଉତ୍ତରାଧିକାରୀ

**ବିଶ୍ୱ ପୋଲଭୋଲ୍ଟ ଇତିହାସରେ ରୁଷୀୟ ପୋଲଭୋଲ୍ଟର୍ ସର୍ଗି ବୁବ୍‌କାଙ୍କ କୃତିତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି। ତାଙ୍କୁ ପୋଲଭୋଲ୍ଟ କ୍ରୀଡ଼ାର ରାଜା କୁହାଯାଉଥିଲା। ତାଙ୍କର ଉତ୍ତରାଧିକାରୀଭାବେ ଏବେ ବିଶ୍ୱରେକର୍ଡର ଅଧିକାରୀ ଅଛନ୍ତି ଆମେରିକାର ଆର୍ମଣ୍ଡ ଡୁପ୍ଲାଣ୍ଟିସ୍। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ମଧ୍ୟ ସେ ନମ୍ବର ୱାନ ସ୍ଥାନରେ ରହିଛନ୍ତି...**



ଆର୍ମଣ୍ଡ ଡୁପ୍ଲାଣ୍ଟିସ୍

ହାଇଜମ୍ପ ଓ ପୋଲଭୋଲ୍ଟ କ୍ରୀଡ଼ାରେ ଅନେକ ସାମଞ୍ଜସ୍ୟ ରହିଛି। ଦୁଇଟି ଯାକ ଦୌଡ଼, କୁଦ କ୍ରୀଡ଼ାର ଅଂଶବିଶେଷ। ହାଇଜମ୍ପ ପାଇଁ ଦୁଇଟି ଶୈଳୀ ଥିଲାବେଳେ ପୋଲଭୋଲ୍ଟ ଜମ୍ପ ପାଇଁ ଗୋଟିଏ ଶୈଳୀ। ଏଥିସକାଶେ ବାଉଁଶ ପରି ନମନୀୟ ଏକ ଫାଇବର ପୋଲ୍ ଆବଶ୍ୟକ। ପିଚ୍ ଆଡ଼କୁ ଦ୍ରୁତ ଗତିରେ ଦୌଡ଼ ଲଗାଇ ପୋଲ୍ ଜରିଆରେ ସମଗ୍ର ଶରୀରକୁ ଉତ୍ତୋଳନ କରି ଶୂନ୍ୟରେ କ୍ରସବାର୍ ଅତିକ୍ରମ କରିବାକୁ ପଡ଼େ। ପୋଲଭୋଲ୍ଟ ଏକ ବିପଜ୍ଜନକ ତଥା କଠିନ କ୍ରୀଡ଼ା। ଏହାକୁ ପୋଲ୍ ଜମ୍ପିଂ କ୍ରୀଡ଼ା କୁହାଯାଏ। ହାଇଜମ୍ପରେ ରେକର୍ଡ ସର୍ବାଧିକ ୮ଫୁଟ୍ ଥିବାବେଳେ ପୋଲଭୋଲ୍ଟରେ ରେକର୍ଡ ୨୦ ଫୁଟ୍ ବା ୬ ମିଟରରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଚଳିତ ବର୍ଷ ସ୍ୱିଡେନ୍ ପୋଲଭୋଲ୍ଟର୍ ଆର୍ମଣ୍ଡ ଡୁପ୍ଲାଣ୍ଟିସ୍ ୬.୨୨ମିଟର(୨୦ଫୁଟ୍ ୮ଇଞ୍ଚ) ଉଚ୍ଚତା ଡେଇଁ ନିଜ ବିଶ୍ୱ ରେକର୍ଡରେ ଉନ୍ନତି ଆଣିଥିଲେ। ଫେବୃୟାରୀ ୨୫ରେ ଫ୍ରାନ୍ସର କେନ୍ଦ୍ରାଞ୍ଚଳ କ୍ଲିର୍ମଣ୍ଟ ଫେରାନ୍ଦରେ ଅଲ୍ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଆମେରିକାରେ ଜନ୍ମିତ ୨୩ ବର୍ଷୀୟ ଡୁପ୍ଲାଣ୍ଟିସ୍ ଏଠାରେ ତାଙ୍କର କ୍ରମାଗତ ଷଷ୍ଠ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପୋଲଭୋଲ୍ଟ ଚାମ୍ପିୟନ୍ ଫ୍ରାନ୍ସର ରିନୋଡ ଲାଭିନେନୀ ଏହି ଚାମ୍ପିୟନଶିପ୍‌ର ଆୟୋଜକ ଥିଲେ। ୪ ହଜାର ପୋଲଭୋଲ୍ଟ ପ୍ରେମୀଙ୍କ ଉପସ୍ଥିତିରେ ଡୁପ୍ଲାଣ୍ଟିସ୍ ତାଙ୍କ ତୃତୀୟ ଉଦ୍ୟମରେ ନୂଆ ରେକର୍ଡ କରିଥିଲେ। ଡୁପ୍ଲାଣ୍ଟିସ୍ ତାଙ୍କ ସଫଳତା ପାଇଁ ରିନୋଡଙ୍କୁ ଶ୍ରେୟ ଦେଇଛନ୍ତି। ତୁର୍କୀର ଇସ୍ତାନବୁଲ୍‌ରେ ମାର୍ଚ୍ଚରେ ୟୁରୋପିଆନ୍ ଇନ୍‌ଡୋର ଚାମ୍ପିୟନଶିପ୍ ଶେଷ ହୋଇଛି। ଏହାକୁ ଏଡ଼ାଇଯାଇ ସେ ଆଗାମୀ ବିଶ୍ୱ ଆଉଟଡୋର୍ ଚାମ୍ପିୟନଶିପ୍ ଉପରେ ଫୋକସ କରିଛନ୍ତି। ଏହି ଚାମ୍ପିୟନଶିପ୍ ହଙ୍ଗେରୀ ରାଜଧାନୀ ବୁଡାପେଷ୍ଟରେ ଅଗଷ୍ଟରେ ଆୟୋଜନ ହେବ। ୨୦୧୭ରୁ ଡୁପ୍ଲାଣ୍ଟିସ୍ ତାଙ୍କ ବିଶ୍ୱ ରେକର୍ଡରେ ଉନ୍ନତି କରିବାରେ ଲାଗିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ୨୦୨୪, ଜୁଲାଇ୨୬ରୁ ଅଗଷ୍ଟ୧୧ ଯାଏ ଚାଲିବ। ଏହି ଅଲିମ୍ପିକ୍ସରେ ସେ ତାଙ୍କ ରେକର୍ଡକୁ ପୁଣି ଥରେ ଉପରକୁ ନେବାକୁ ପ୍ରୟାସ କରିବେ। ସେ ଦୁଇଥର ୟୁରୋପିଆନ୍ ଏବଂ ଥରେ ଅଲିମ୍ପିକ୍ ଚାମ୍ପିୟନ୍ ହୋଇଥିଲେ। ୫ ଫୁଟ ୧୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ଡୁପ୍ଲାଣ୍ଟିସ୍ ୨ଥର ଡାଇମଣ୍ଡ ଲିଗ୍ ଫାଇନାଲ ଚାମ୍ପିୟନ୍ ଏବଂ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧ନମ୍ବର ସ୍ଥାନରେ ଅଛନ୍ତି। ବିଶ୍ୱ ପୋଲଭୋଲ୍ଟ ଇତିହାସରେ କିନ୍ତୁ ରୁଷୀୟ ପୋଲଭୋଲ୍ଟର୍ ସର୍ଗି ବୁବ୍‌କାଙ୍କ କୃତିତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି। ସେ ଥିଲେ ପ୍ରଥମ ରେକର୍ଡମାଷ୍ଟର। ତାଙ୍କୁ ପୋଲଭୋଲ୍ଟ କ୍ରୀଡ଼ାର ରାଜା କୁହାଯାଉଥିଲା। ତାଙ୍କ ବିଶ୍ୱ ରେକର୍ଡ ୫.୮୫ମିଟରରୁ ଆରମ୍ଭ ହୋଇ ୬.୧୪ମିଟରରେ ଶେଷ ହୋଇଥିଲା। ୧୯୮୪, ମେ'ମାସ ୨୬ ଦିନ ବୁବ୍‌କା ତାଙ୍କ ପେସାଦାର କ୍ୟାରିୟରର ଶେଷ ରେକର୍ଡ ଜମ୍ପ କରିଥିଲେ। ନିଜ ବିଶ୍ୱ ରେକର୍ଡରେ ବୁବ୍‌କା ୧୭ଥର ଉନ୍ନତି ଆଣିଥିଲେ। ଅନ୍ୟପଟେ ରୁଷିଆର ୟେଲେନା ଇଶିନ୍‌ବାୟେଭାଙ୍କ ହାତରେ ରହିଛି ମହିଳା ବିଶ୍ୱ ରେକର୍ଡ। ତାଙ୍କ ରେକର୍ଡ ଉଚ୍ଚତା ହେଉଛି ୫.୦୬ମିଟର(୧୬ଫୁଟ୍ ୭ ଇଞ୍ଚ)। ଆମେରିକାର ସାଣ୍ଡି ମୋରିସ୍ ଓ କ୍ୟାଟି ନାଗିଓ୍ୱତ୍ ସମାନ ୫.୦୬ ମିଟର ହାସଲ କରିଥିଲେ ବି ୟେଲେନାଙ୍କ ସଫଳତାକୁ ବିଶ୍ୱ ରେକର୍ଡ ମାନ୍ୟତା ଦିଆଯାଇଛି। ଭାରତରେ ପୋଲଭୋଲ୍ଟ ରେକର୍ଡ ଏହିପରି। ଜାତୀୟ ପୁରୁଷ ରେକର୍ଡ ଉଚ୍ଚତା ହେଉଛି ୫.୩୦ ମିଟର। କେରଳର ଶିବା ସୁବ୍ରମଣିଙ୍କ ନାମରେ ଏହି ରେକର୍ଡ ରହିଛି। ସେ ୨୦୧୮ ମସିହା ସର୍ବଭାରତୀୟ ଆନ୍ତଃ ସାମରିକ ବିଭାଗ କ୍ରୀଡ଼ାରେ ଏହି ସଫଳତା ହାସଲ କରିଥିଲେ। ସେହିପରି ମହିଳା ବର୍ଗର ଜାତୀୟ ରେକର୍ଡ ୪.୨୦ ମିଟର ରହିଛି। ତାମିଲନାଡ଼ୁ ପୋଲଭୋଲ୍ଟର୍ ରୋଜିମୀନା କୌଲରାଜ୍ ୨୦୨୨ ନ୍ୟାଶନାଲ ଗେମ୍ସରେ ଏହି ଉଚ୍ଚତା ଡେଇଁଥିଲେ। ୮ବର୍ଷ ତଳେ ଭିଏସ ସୁରେଖା ୪.୧୫ମିଟର ଉଚ୍ଚତା ଡେଇଁ ଜାତୀୟ ରେକର୍ଡ କରିଥିଲେ। ଏହାକୁ ଅତିକ୍ରମ କରିଥିଲେ ରୋଜିମୀନା।

-ଇଭାନ୍ କୁମାର ସାହୁ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:.................................
ଜନ୍ମ ତାରିଖ: ...........................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦାବି ପୂରଣ ନ ହେଲେ ବ୍ୟାପକ ହେବ ଆନ୍ଦୋଳନ : ଏଏପି

**■ମାଗଣା ବିଜୁଳି ଦାବିରେ ବିକ୍ଷୋଭ**
**■ମୁଖ୍ୟମନ୍ତ୍ରୀଙ୍କୁ ୨୦ ହଜାର କର୍ମୀଙ୍କ ଦାବିପତ୍ର**

ଭୁବନେଶ୍ୱର,୮।୬(ବ୍ୟୁରୋ)

ଓଡ଼ିଶାର ପ୍ରତ୍ୟେକ ପରିବାରକୁ ୨ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇବା ଲାଗି ଆମ୍ ଆଦ୍‌ମୀ ପାର୍ଟି ଦାବି କରିଛି। ଏନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟର ପୁରପଲ୍ଲୀରୁ ୫ଲକ୍ଷ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଦଳ ପକ୍ଷରୁ ପ୍ରଦାନ କରାଯାଇଛି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଗୁରୁବାର ପୂର୍ବାହ୍ନରେ ଲୋୟର ପିଏମ୍‌ଜିଠାରେ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟିର ପ୍ରାୟ୨୦ହଜାର କାର୍ଯ୍ୟକର୍ତ୍ତା ଏବଂ ସମର୍ଥକ ସମବେତ ହୋଇଥିଲେ। ଏହି ଅବସରରେ ସେଠାରେ ଆୟୋଜିତ ସଭାରେ ଆମ୍ ଆଦ୍‌ମୀ ପାର୍ଟିର କେନ୍ଦ୍ରୀୟ ସଦସ୍ୟ ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂହ, ଦିଲ୍ଲୀର ବିଧାୟକ ତଥା ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ରସିଂ କାଦିଆନ, ଦଳର ରାଜ୍ୟ ଶାଖା ସଂଯୋଜକ ନିଶିକାନ୍ତ ମହାପାତ୍ର, ରାଜ୍ୟ ଶାଖା ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ, ରାଧାରମଣ ଦାସ, ପୃଥ୍ୱୀରାଜ ଦାସ ଏବଂ ଦଳର ଅନ୍ୟାନ୍ୟ ବରିଷ୍ଠ ଜିଲ୍ଲା ଓ ରାଜ୍ୟସ୍ତରୀୟ ସଦସ୍ୟ ଉଦ୍‌ବୋଧନ ଦେବା ସହ ଏହି ଦାବିର ଯଥାର୍ଥତା ସପକ୍ଷରେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ଏହାପରେ ଦଳର କର୍ମକର୍ତ୍ତା ଏବଂ ସମର୍ଥକମାନେ ଏକ ବିଶାଳ ଶୋଭାଯାତ୍ରାରେ ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିଲେ ଏବଂ ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରତ୍ୟେକ ଘରକୁ ଟିକସମୁକ୍ତ ମାସିକ ୨ଶହ ୟୁନିଟ ମାଗଣା ବିଜୁଳି ଯୋଗାଣ ଲାଗି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଗତ ୨୦୨୧ ଏପ୍ରିଲରେ ଭୁବନେଶ୍ୱରରେ ସତ୍ୟାଗ୍ରହ କରାଯାଇଥିଲା। ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର ଏଥିଲାଗି ୧୦ଦିନ ଯାଏ ଅନଶନରେ ବସିଥିଲେ। ସମାଜର ବିଭିନ୍ନ ବର୍ଗର ଲୋକେ ସତ୍ୟାଗ୍ରହ ସ୍ଥଳକୁ ଆସି ଏହି ଦାବି ପ୍ରତି ସମର୍ଥନ ଜଣାଇଥିଲେ। କିନ୍ତୁ ସେତେବେଳେ ରାଜ୍ୟରେ କୋଭିଡ୍‌ର ପ୍ରାଦୁର୍ଭାବ ଏବଂ କଟକଣାକୁ ଦୃଷ୍ଟିରେ ରଖି ଦଳର ସର୍ବଭାରତୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନିର୍ଦ୍ଦେଶରେ ଉକ୍ତ ସତ୍ୟାଗ୍ରହକୁ ସ୍ଥଗିତ ରଖାଯାଇଥିଲା। ଏହାପରେ ଦଳର ନେତା ଓ କର୍ମୀମାନେ ରାଜ୍ୟସାରା ଘରକୁ ଘର ବୁଲି ଏହି ଦାବି ସପକ୍ଷରେ ଦସ୍ତଖତ ସଂଗ୍ରହ ଅଭିଯାନ ଚଳାଇଥିଲେ।


ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ନବୀନ ନିବାସ ଅଭିମୁଖେ ଯାଉଥିବା ଶୋଭାଯାତ୍ରାକୁ ପୋଲିସ ଅଶୋକନଗରଠାରେ ଅଟକାଉଛି।


ବେଙ୍ଗାଲୁରୁଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ନିଜ ବାସଭବନରେ ସାଧାରଣ ଲୋକଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି।

# ମହାରାଷ୍ଟ୍ରରେ ଭାଜପାକୁ ଔରଙ୍ଗଜେବ ଭରସା : ସଞ୍ଜୟ ରାଉତ

ମୁମ୍ବାଇ,୮।୬

ମହାରାଷ୍ଟ୍ରରେ ଔରଙ୍ଗଜେବଙ୍କୁ ନେଇ ଦୁଇଟି ଜିଲାରେ ଉତ୍ତେଜନା ଦେଖାଦେଇଛି। ପ୍ରଥମ ଘଟଣା କୋହ୍ଲାପୁରରେ ଘଟିଥିଲା ଯେଉଁଠାରେ ମଙ୍ଗଳବାର କିଛି ଯୁବକ ସୋସିଆଲ ମିଡିଆରେ ଔରଙ୍ଗଜେବଙ୍କ ସମର୍ଥନରେ ପୋଷ୍ଟ କରିଥିଲେ। ବୁଧବାର ଏହାକୁ ବିରୋଧ କରାଯାଇ ପ୍ରତିବାଦ ବେଳେ ବିକ୍ଷୋଭକାରୀମାନେ ପୋଲିସ ସହିତ ସଂଘର୍ଷ କରିଥିଲେ। ଏହାପୂର୍ବରୁ ମଙ୍ଗଳବାର ଅହମ୍ମଦନଗରରେ ପଥର ଫିଙ୍ଗିବା ଘଟଣା ସାମ୍ନାକୁ ଆସିଛି। ଔରଙ୍ଗଜେବଙ୍କ ସମର୍ଥନରେ ଏକ ରାଲି ବିରୋଧରେ ଏଠାରେ ଏକ ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଏହାକୁ ନେଇ ଉଦ୍ଧବ ଠାକରେ ଦଳର ଏମ୍‌ପି ସଞ୍ଜୟ ରାଉତ ଭାଜପାକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ବଜରଙ୍ଗ ବାଲୀ କର୍ଣ୍ଣାଟକରେ ଭାଜପାକୁ ସାହାଯ୍ୟ କରିନାହାଁନ୍ତି। ତେଣୁ ଏବେ ମହାରାଷ୍ଟ୍ରରେ ଔରଙ୍ଗଜେବ ଉପରେ ଭାଜପା ଭରସା କରୁଛି। ଏଥିସହିତ ସେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। ଖବରଦାତାଙ୍କ ସହ ଗୁରୁବାର ଆଲୋଚନା ବେଳେ ସଞ୍ଜୟ କହିଛନ୍ତି, କୋହ୍ଲାପୁରର ସ୍ଥିତି ନିୟନ୍ତ୍ରଣରେ ରହିଛି। ମୋତେ ମିଳିଥିବା ସୂଚନା ଅନୁଯାୟୀ କୋହ୍ଲାପୁର ଲୋକେ ଏହି ସଂଘର୍ଷରେ ଜଡିତ ନୁହଁନ୍ତି। ପରିସ୍ଥିତିକୁ ଖରାପ କରିବା ପାଇଁ ବାହାରୁ ଲୋକଙ୍କୁ ଅଣାଯାଇଥିଲା। ଶିନ୍ଦେ ସରକାର କ୍ଷମତାକୁ ଆସିବା ପରଠାରୁ ଏପରି କାହିଁକି ବାରମ୍ବାର ଘଟୁଛି? ଯଦି ତୁମେ ହିନ୍ଦୁତ୍ୱ ବିଷୟରେ କହୁଛ, ତେବେ ତୁମର ହିନ୍ଦୁତ୍ୱ ଏତେ ଦୁର୍ବଳ ଯେ, ଯଦି କୌଣସି ସହରରେ କାହାର ଫଟୋ ଏକ କାର୍ଯ୍ୟକ୍ରମରେ ବ୍ୟବହୃତ ହୁଏ, ତେବେ ତୁମର ହିନ୍ଦୁତ୍ୱ ବିପଦରେ ପଡ଼ିଯାଉଛି। ମହାରାଷ୍ଟ୍ରରେ ଔରଙ୍ଗଜେବଙ୍କୁ ସମାଧି ଦିଆଯିବାର ଚାରି ଶହ ବର୍ଷ ବିତିଯାଇଛି। ତଥାପି ତୁମେ ନିର୍ବାଚନରେ ଜିତିବା ପାଇଁ ତାଙ୍କର ସାହାରା ନେଉଛ। ଏହାର କାରଣ ହେଉଛି ବଜରଙ୍ଗ ବାଲି କର୍ଣ୍ଣାଟକରେ ସାହାଯ୍ୟ କରି ନ ଥିଲେ। ସେଥିପାଇଁ ତୁମେ ଆମ ରାଜ୍ୟରେ ଔରଙ୍ଗଜେବଙ୍କ ସହାୟତା ଆବଶ୍ୟକ କରୁଛ। ଭାଜପା ମହାରାଷ୍ଟ୍ରରେ କି ପ୍ରକାର ରାଜନୀତି କରିବାକୁ ଯାଉଛି। ଏହି ଗୈରିକ ଦଳର ଆଖପାଖ ଲୋକେ ଦଙ୍ଗାକାରୀ। ସର୍ବପ୍ରଥମେ ସେମାନଙ୍କୁ ନିୟନ୍ତ୍ରଣ କରୁ। ଯଦି ପ୍ରକୃତରେ ଭାଜପା ରାଜ୍ୟବାସୀଙ୍କ ପାଇଁ କିଛି କରିବାକୁ ଚାହୁଁଛି, ତେବେ ଏହି ଦଙ୍ଗା ବନ୍ଦ କରୁ। ଶିନ୍ଦେ ସରକାର ସଚେତନ ହୁଅନ୍ତୁ ବୋଲି ସଞ୍ଜୟ କହିଛନ୍ତି।

# ଧାନର ଏମ୍‌ଏସ୍‌ପି ୩ ହଜାର ଟଙ୍କା କର: କିଷାନ କଂଗ୍ରେସ

ଭୁବନେଶ୍ୱର, ୮।୬(ବ୍ୟୁରୋ)

କୃଷି ଉତ୍ପାଦନରେ ବର୍ତ୍ତମାନ ଯେପରି କୃଷି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି, ଚାଷୀ ତା'ର ଉତ୍ପାଦନ ଖର୍ଚ୍ଚର ପ୍ରକୃତ ମୂଲ୍ୟ ପାଇପାରୁନାହିଁ। ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଉତ୍ପାଦନ ଖର୍ଚ୍ଚ ମୂଲ୍ୟରେ ଦେଢ଼ଗୁଣା ବୃଦ୍ଧି କରାଯିବ ବୋଲି ୨୦୧୪ ସାଧାରଣ ନିର୍ବାଚନରେ ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ ଭାଜପା କେନ୍ଦ୍ରରେ ଶାସନକୁ ଆସିଥିଲା। ଏହା ମଧ୍ୟରେ ଶାସନକୁ ୯ ବର୍ଷ ପୂରିଲାଣି। ଏ ପର୍ଯ୍ୟନ୍ତ ପ୍ରତିଶ୍ରୁତି ମୁତାବକ ଏମ୍‌ଏସ୍‌ପିର ମୂଲ୍ୟବୃଦ୍ଧି କରାଗଲା ନାହିଁ। ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ମାନ୍ୟତା ମିଳିଲା ନାହିଁ। ଚଳିତ ଖରିଫରେ ସରକାର ଧାନ କୁଇଣ୍ଟାଲ ପ୍ରତି ଯେଉଁ ସାମାନ୍ୟତମ ୧୪୩ ଟଙ୍କାର ମୂଲ୍ୟ ବୃଦ୍ଧି କରିଛନ୍ତି,ଏହା ନରେନ୍ଦ୍ର ମୋଦି ସରକାରର ଚାଷୀଙ୍କ ପ୍ରତି ପ୍ରତାରଣା ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। କେନ୍ଦ୍ର ସରକାର ଅବିଳମ୍ବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ସର୍ବଦଳୀୟ ବୈଠକରେ ତୁରନ୍ତ ନିଷ୍ପତ୍ତି ନେବାକୁ କୃଷକ ସେଲ୍ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଥିବା ଅମିୟ କହିଛନ୍ତି।

# ବିରୋଧୀ ବୈଠକରେ ଯୋଗଦେବେ ପାୱାର

ମୁମ୍ବାଇ, ୮।୬

୨୦୨୪ ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀ ଦଳଗୁଡ଼ିକ ଏକାଠି କରିବାକୁ ଜୋର୍‌ଦାର ଉଦ୍ୟମ ଚାଲିଛି। ଜାତୀୟ ପ୍ରସଙ୍ଗ ଉପରେ ବିରୋଧୀମାନେ ଏକାଠି କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଷ୍ଟ୍ରୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କ ଆବାହକତ୍ୱରେ ଆସନ୍ତା ୨୩ ତାରିଖରେ ବିରୋଧୀ ନେତାମାନଙ୍କ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ପାୱାର ଯୋଗଦେବେ ବୋଲି ଗୁରୁବାର କହିଛନ୍ତି। ନୀତୀଶ ତାଙ୍କୁ ବୈଠକରେ ଯୋଗଦେବା ଲାଗି ଆମନ୍ତ୍ରଣ କରିଥିଲେ। ବିରୋଧୀମାନେ ଏକାଠି କାର୍ଯ୍ୟ କରିବା ଆବଶ୍ୟକ ରହିଛି। ସେଥିପାଇଁ ସେ ୨୩ ତାରିଖ ବୈଠକରେ ଯୋଗଦେବା ଲାଗି ନିଷ୍ପତ୍ତି ନେଇଥିବା ପାୱାର କହିଛନ୍ତି। ପାଟନାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ୧୫ଟି ଦଳ ଯୋଗଦେବେ ବୋଲି ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ବୈଠକରେ ଯୋଗଦେବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ତାଙ୍କ ସହ ଏପର୍ଯ୍ୟନ୍ତ କଥା ହୋଇ ନ ଥିବା ତେଜସ୍ୱୀ କହିଛନ୍ତି। ଜୁନ୍ ୧୨ରେ ବୈଠକ ବସିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପାଇଁ ବୈଠକରେ ଯୋଗଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଏହାକୁ ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରର ଭାଜପା ସରକାର ବିରୋଧରେ ବିରୋଧୀମାନଙ୍କୁ ଏକାଠି କରିବା ଏହି ବୈଠକର ଉଦ୍ଦେଶ୍ୟ। ଏଥିରେ ଖାର୍ଗେଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଲେଶ ଯାଦବ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ନେତା ଷ୍ଟାଲିନ ପ୍ରମୁଖ ଯୋଗଦେବେ।

# ପ୍ରତି ଘରେ କେନ୍ଦ୍ରର ୯ ବର୍ଷର ସଫଳତା ପହଞ୍ଚାଇବ ମହିଳା ମୋର୍ଚ୍ଚା

ଭୁବନେଶ୍ୱର, ୮।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଗତ ୯ ବର୍ଷର ଶାସନରେ ମହିଳାଙ୍କ ସମ୍ମାନକୁ ପ୍ରାଧାନ୍ୟ ଦେଇ ବିଭିନ୍ନ କଲ୍ୟାଣମୂଳକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ପ୍ରଥମ ଥର ପାଇଁ ଜଣେ ଜନଜାତି ବର୍ଗର ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ମୋଦି ସରକାର ଅଳଙ୍କୃତ କରିଛନ୍ତି। ମହିଳା ମୋର୍ଚ୍ଚା ତରଫରୁ ଘରକୁ ଘର ଯାଇ ମୋଦି ସରକାରର ଗତ ୯ ବର୍ଷର ସଫଳତାର 'ନଅ ସାଲ୍ ବେମିସାଲ୍' ବାର୍ତ୍ତାକୁ ପହଞ୍ଚାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

**Classified Everyday**
**0674-2580101, 2549949**

CLASSIFIED DISPLAY — MORE SPACE • SAME PRICE — ALL EDITION - B/W (Everyday)


REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରିସିଟି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

Newly built 3 BHK Duplex at Subhadra Villa, Gated Community, Land Area - 1200 sqft., Built-up Area- 1765 sqft., At: Pradhan Sahi on Sundarapada - Jatani main road side. Contact: 9437404347. D-74708

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866


Healthcare

Newly open health benefits Spa special offer @ 799, Master canteen. 9124527173. D-75116

Newly open Spa Positively Health benefits with expert therapist. 9040286886. D-75115

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly open SPA positively health benefit with expert. Contact: 7749976301. D-74546

All types of professional body massage by professional therapy. Contact: 9556924059, 7077933109. D-0499

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

**LOST**

ମୁଁ ଚିତ୍ତରଞ୍ଜନ ବରାଡ଼, ପି- ପାଣ୍ଡୁ ଚରଣ ବରାଡ଼, ଗ୍ରାମ- ନାଟୁଗାଁ, ଥାନା- ଇଟାମାଟି, ଜି- ନୟାଗଡ଼ ଜଣାଇଦେଉଅଛି କି ଗତ ୨୯।୦୫।୨୦୨୩ ଦିନ ସଉଦା ସାରି ମୁ ଫେରୁଥିବା ବେଳେ ଇଟାମାଟି, ଚମ୍ପତିପୁର ରାସ୍ତାରେ ମୋର ବ୍ୟାଗଟି କେଉଁଠି ପଡ଼ିଯାଇଥିଲା। ସେଥିରେ ମୋର MCA Certificate (BPUT Roll no. 1525266008), ଆଧାର କାର୍ଡ ବି ହଜିଯାଇଛି। ତେଣୁ ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ବ୍ୟାଗ ବିଷୟରେ ଜାଣିଥାନ୍ତି ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ 7978909252. D-0544

I Smt. Smitalekha Rath, W/o Prabhas Kumar Rath residing At- Badikata, PO- Badikata, PS- Baunsuni, Dist.- Boudh, Odisha declare that the deeds of sale registered in the year 2005 that is AC 0.47 dc vide RSD No- 1293/2005 Dt- 07.10.2005 of plot No- 236/600 and sale deed registered in the year 2006 that is Ac 0.39 DC vide RSD No- 06/2006 Dt- 04/01/2006 of plot no- 235 related to khata No- 136/28 mouza Dantapali have been lost while I was going from Badikata to Baunsuni market on Dt.20/12/2022 at 4 P.M. I wish to create mortgage of the said landed property for availing credit facility from State Bank of India, Baunsuni branch on the basis of certified copies of RSDS. Any person or financial institutions who have any rights or objections to the above noted property may file their objection to SBI, Baunsuni branch and/or to Tahasildar, Boudh within 15 days of publication of this notice. D-0540

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ସବ୍‌ଡିଭିଜନ୍ ଅନ୍ତର୍ଗତ ଖପ୍ରାଖୋଲ ଗ୍ରାମର ବସଷ୍ଟାଣ୍ଡ ପାଖରେ ମୋର ରେଜେଷ୍ଟ୍ରି ଜମି ବିକ୍ରୟ ଦଲିଲ ଯାହାର ନଂ.- ୧୫୧୪/୨୦୦୯ ଯାହାକି ତା ୨୯।୦୫।୨୦୨୩ଦିନ କୌଣସି ଜାଗାରେ ପଡ଼ି ହଜି ଯାଇଛି। ତେଣୁ କୌଣସି ସହୃଦୟ ବ୍ୟକ୍ତି ମୋର ଉପରୋକ୍ତ ଦଲିଲଟି ପାଇଥିଲେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଜୟ ମେହେର ଲାଠୋର, ଜି: ବଲାଙ୍ଗୀର। ମୋ. ନଂ.- 9938777283. D-0545

**AFFIDAVIT**

I Jagabandhu Barik alias Shankarshan Barik (57), S/o- Surendra Barik, Vill- Jayakrushnapur, PS- Naikanidihi, Dist- Bhadrak. I have an Lic policy, bearing no- 599460552, where in my name Jagabandhu Barik. My name is Shankarshan Barik as per Aadhaar card. Jagabandhu Barik and Shankarshan Barik same and one person. D-0541

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By an affidavit sworn before the Notary Public, Jharsuguda, I, Bhavesh Kumar Thakkar, R/o. At- Ward No.18, house No.53, Mangal bazar, PO/Dist.- Jharsuguda, declare that my son's actual name is Vaiibhav B Thakkar. But in his mark sheet of Indian Certificate of Secondary Education Examination 2022, bearing Unique ID- 7710183, index No.1223117/154 his name has been mentioned as Vaiibhav Thakkar. That both the names relates to one and same person. D-0546

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ATC ଟାୱାର**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
**7625811050**

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏପର୍ଶୁରାମ ମହାରଣା
(ବ୍ୟବସାୟୀ, ହରଚଣ୍ଡୀ ସାହି, ଓଲ୍ଡ ଟାଉନ୍)
ଆବିର୍ଭାବ: ମସିହା ୧୯୬୨
ତିରୋଧାନ: ମସିହା ୨୦୦୮
ଆଜିକୁ ୧୫ବର୍ଷ ହୋଇଗଲା ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଛାଡ଼ି ଚାଲିଗଲ। ତୁମର ସେହି ସ୍ନେହ, ଶ୍ରଦ୍ଧାକୁ ଆମ୍ଭେମାନେ ଭୁଲିପାରୁ ନାହୁଁ ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରେ ପ୍ରାର୍ଥନା କରୁଅଛୁ ଓ ଆମ୍ଭମାନଙ୍କ ଉପରେ ତୁମର ଆଶୀର୍ବାଦ ସବୁବେଳେ ରହିଥାଉ।
ହତଭାଗା ଭ୍ରାତା: କାନନ, ବନ୍ଧୁ ଓ ପରିବାରବର୍ଗ।

ଦଶାହ ଉପଲକ୍ଷେ

ଏବାସୁଦେବ ଆଚାର୍ଯ୍ୟ
ପୁରୀ
ଆବିର୍ଭାବ- ୧୪।୦୪।୧୯୩୯
ତିରୋଧାନ- ୩୧।୦୫।୨୦୨୩
ଆଜି ଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଜ୍ୟୋତ୍ସ୍ନାରାଣୀ, ହେମା, ମଦନ, ବାୟାଣୀ, ଚିନ୍ମୟ, ସୁନ୍ଦୁ, ପୁନୁ, ସାର୍ଥକ, ଶଙ୍କର, କାହ୍ନା, ବନ୍ଧୁ ଏବଂ ପରିବାରବର୍ଗ।

# ଏସିଆ କପ୍ ପାଇଁ ବଢ଼ିଆ ପ୍ରସ୍ତୁତି: ଷ୍ଟିମାକ୍

ଭୁବନେଶ୍ୱର, ୮।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଶୁକ୍ରବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ଚତୁଃରାଷ୍ଟ୍ରୀୟ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟବଲ୍ ଟୁର୍ନାମେଣ୍ଟ। ଆୟୋଜକ ଭାରତ ସମେତ ଭାନୁଆଟୁ, ମଙ୍ଗୋଲିଆ ଓ ଲେବାନନ ଅଂଶଗ୍ରହଣ କରୁଛନ୍ତି। ୨୦୧୯ରେ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା। ଏଥର ଆୟୋଜକ ଦଳ ଭାବେ ଭାରତ ଖେଳିବାକୁ ସୁଯୋଗ ପାଇଥିବାବେଳେ ଏସିଆନ୍ ଫୁଟବଲ କନ୍‌ଫେଡେରେଶନ(ଏଏଫ୍‌ସି)ରୁ ଲେବାନନ ଓ ମଙ୍ଗୋଲିଆ ଏବଂ ଓସେନିଆ ଫୁଟବଲ କନ୍‌ଫେଡେରେଶନ(ଓଏଫ୍‌ସି)ରୁ ଭାନୁଆଟୁ ପ୍ରତିନିଧିତ୍ୱ କରିବାକୁ ଯାଉଛି। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାନୁଆଟୁ (୧୬୪) ଓ ଲେବାନନ(୯୯) ପରସ୍ପର ସମ୍ମୁଖୀନ ହେବେ। ସନ୍ଧ୍ୟାରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୧୦୧ ତମ ସ୍ଥାନରେ ଥିବା ଆୟୋଜକ ଭାରତ ଅନ୍ୟତମ ଦଳ ମଙ୍ଗୋଲିଆକୁ ଭେଟିବ। ଏହି ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାନୁଆଟୁ ଦଳ ପହଞ୍ଚି ପାରି ନ ଥିବା ବେଳେ ଭାରତ, ମଙ୍ଗୋଲିଆ ଓ ଲେବାନନ ଦଳର ଅଧିନାୟକ ଓ କୋଚ୍ ଏଥିରେ ଯୋଗ ଦେଇଥିଲେ। ଭାରତ ପକ୍ଷରୁ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ଓ ଅଧିନାୟକ ସୁନୀଲ ଛେତ୍ରୀ ଏହି ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଭାରତୀୟ ଦଳ ୩ ସପ୍ତାହ ହେଲାଣି ଭୁବନେଶ୍ୱରରେ



କୋଚ୍ ଇଗୋର ଷ୍ଟିମାକଙ୍କ ସହ ସୁନୀଲ ଛେତ୍ରୀ।

**ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟବଲ ଆଜିଠାରୁ**

ରହି ଅଭ୍ୟାସ ଜାରି ରଖିଥିବା ବେଳେ ଏହି ଟୁର୍ନାମେଣ୍ଟ ଏସିଆ କପ୍ ପାଇଁ ଭଲ ପ୍ରସ୍ତୁତି ବୋଲି କହିଛନ୍ତି ଭାରତୀୟ କୋଚ୍ ଇଗୋର ଷ୍ଟିମାକ୍। ଭାରତ ଏହି ଟୁର୍ନାମେଣ୍ଟ ପାଇଁ କଠିନ ପରିଶ୍ରମ କରିଛି। ଏସିଆ କପ୍‌ରେ ସାମାନ୍ୟ ଶକ୍ତିଶାଳୀ ଦଳ ରହିବେ, ମାତ୍ର ଏହି ଟୁର୍ନାମେଣ୍ଟରେ ମଧ ସମସ୍ତ ଦଳ ବେଶ୍ ଶକ୍ତିଶାଳୀ ଅଛନ୍ତି ବୋଲି ଷ୍ଟିମାକ୍ କହିଛନ୍ତି। ଲେବାନନ ଭାରତଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଦଳ ରହିଥିବା ବେଳେ ମଙ୍ଗୋଲିଆ ଦଳରେ ଏକାଧିକ ଯୁବ ଖେଳାଳି ରହିଛନ୍ତି। ସେହିପରି ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ ଓଡ଼ିଶାର ଆତିଥେୟତାକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଓଡ଼ିଶାରେ ଖେଳିବାର ମଜା ନିଆରା ଓ ଏଠାକାର ଦର୍ଶକ ବେଶ୍ ସମର୍ଥନ କରିଥାନ୍ତି। ଭାରତୀୟ ଦଳରେ ଯୁବ ଖେଳାଳି ଓ ଅଭିଜ୍ଞତାର ଏକ ସନ୍ତୁଳନ ରହିଛି, ଯାହା ଦଳକୁ ବିଜୟୀ ହେବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଲେବାନନ ଦଳର ମୁଖ୍ୟ କୋଚ ଆଲେକଜାଣ୍ଡାର ଇଲିକ୍, ଅଧିନାୟକ ହସନ ମାଟୌକ ଓ ମ୍ୟାନେଜର ଫୌଆଦ୍ ବଲ୍ହୱାନ ଯୋଗ ଦେଇଥିଲେ। ଭାନୁଆଟୁ ଦଳ ପହଞ୍ଚି ପାରି ନ ଥିବା ବେଳେ ମଙ୍ଗୋଲିଆ ପକ୍ଷରୁ ମୁଖ୍ୟ କୋଚ୍ ଇଚିରୋ ଓଟସୁକା ଓ ଅଧିନାୟକ ଖୁରେଲବାଟର ସେଣ୍ଡ ଆୟୁଷ ଯୋଗ ଦେଇଥିଲେ।

# ମୁଚୋଭା ଫ୍ରେଞ୍ଚ ଓପନ ଫାଇନାଲରେ

ପ୍ୟାରିସ, ୮।୬

କାରୋଲିନା ମୁଚୋଭା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଆରିନା ସାବାଲେଙ୍କାଙ୍କୁ ୭-୬ (୭-୫), ୬-୭ (୫-୭), ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଚତୁର୍ଥ ସିଡ୍ କାସ୍ପର ରୁଡ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନରୱେର ଏହି ଖେଳାଳି ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟରଫାଇନାଲରେ ଡେନମାର୍କର ହୋଲଗର ରୁନ୍‌ଙ୍କୁ ୬-୧, ୬-୨, ୩-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ରୁଡ୍ ଗତବର୍ଷ ଫାଇନାଲରେ ରଫେଲ ନାଡାଲଙ୍କଠାରୁ ହାରିଯାଇଥିଲେ। ଜାପାନର ମିୟୁ କାଟୋ ଓ ଜର୍ମାନୀର ଟିମ୍ ପୁଲଜ୍ ମିକ୍ସଡ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ଏହି ଯୋଡ଼ି ଫାଇନାଲରେ କାନାଡାର ବାଏଙ୍କା ଆଣ୍ଡ୍ରେସ୍କୁ ଓ ନ୍ୟୁଜିଲାଣ୍ଡର ମାଇକେଲ ଭେନସଙ୍କୁ ୪-୬, ୬-୪, ୧୦-୬ ସେଟ୍‌ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର କାଟୋ ଓ ପାର୍ଟନର ଇଣ୍ଡୋନେସିଆର ଅଲ୍‌ଡିଲା ସୁଜିଆଦିଙ୍କୁ ମହିଳା ଡବଲ୍ସ ଟୁର୍ନାମେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ମ୍ୟାଚ ବେଳେ କାଟୋ ଜଣେ ବଲ୍ ଗର୍ଲଙ୍କୁ ବଲ୍‌ରେ ଆଘାତ ଦେବାପରେ ଏହି ଦଣ୍ଡ ମିଳିଥିଲା।


କାରୋଲିନା ମୁଚୋଭା



ଅତିଥିଙ୍କ ଗହଣରେ କଳାହାଣ୍ଡି କପ୍ ଚାମ୍ପିୟନ୍ କଟକ-ଏ ଦଳ ଟ୍ରଫି ସହ।

# କଳାହାଣ୍ଡି କପ୍: କଟକ 'ଏ' ଚାମ୍ପିୟନ

ଭୁବନେଶ୍ୱର,୮।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ଆନୁକୂଲ୍ୟରେ କଟକର ରେଭେନ୍ସା-୧ ଗ୍ରାଉଣ୍ଡରେ ଅନୁଷ୍ଠିତ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ୍ ହୋଇଛି କଟକ 'ଏ'। ଫାଇନାଲରେ ସାଇଦୀପ ମହାପାତ୍ରଙ୍କ ଶତକ ଏବଂ ସୌଭାଗ୍ୟ ମିଶ୍ରଙ୍କ ଦୃଢ଼ ବ୍ୟାଟିଂ ବଳରେ କଟକ 'ଏ' ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୯୦ ଓଭରରେ ୭ ଉଇକେଟ ହରାଇ ୩୬୧ ରନ ସଂଗ୍ରହ କରିଥିଲା। ଜବାବରେ ଅବଶିଷ୍ଟ ଓଡ଼ିଶା ଡି ୯୦ ଓଭରରେ ୮ ଉଇକେଟରେ ୧୮୮ ରନ୍ କରିଥିଲା। ଦଳ ପକ୍ଷରୁ ଦେବେନ୍ଦ୍ର ୪୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାମଲା ବି ମହାପାତ୍ର ୩୬ ଓ ଶୁଭମ ନାୟକ ୩୪ ରନ୍ କରିଥିଲେ। କଟକ ପକ୍ଷରୁ ରାମଚନ୍ଦ୍ର ବେହେରା ୩୦ ରନ୍ ଦେଇ ୬ ଉଇକେଟ ନେଇଥିଲେ। ପ୍ରଥମ ଦିନରେ ସାଇଦୀପ ୨୧୯ ବଲ୍‌ରୁ ୧୭୬ ରନର ଇନିଂସ ଖେଳିଥିବା ବେଳେ ସୌଭାଗ୍ୟ ୮୬ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ଡି' ପକ୍ଷରୁ ଜାମଲା ଭଞ୍ଜନ ମହାପାତ୍ର ୩ଟି ଓ ମିଲନ ସାମଲ ୨ଟି ଉଇକେଟ ନେଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୯/୨୦୨୩ Bhubaneswar, Friday, June 9/ 2023

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ଦ ଓଭାଲ, ୮।୬**

ଦ ଓଭାଲରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ଫାଇନାଲର ଦ୍ୱିତୀୟ ଦିନରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥଙ୍କ ଶତକ ବଳରେ ୪୬୯ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଭାରତ ଖବର ପ୍ରସ୍ତୁତ ସୁଦ୍ଧା ୩୮ ଓଭରରେ ୫ ଉଇକେଟ ହରାଇ ୧୫୧ ରନ୍ ସଂଗ୍ରହ କରିଛି। ହାତରେ ୫

**ଡବ୍ଲ୍ୟୁଟିସି ଫାଇନାଲ**

ଉଇକେଟ ଥିବାବେଳେ ଭାରତ ୩୧୮ ରନ୍ ପଛରେ ରହିଛି।

ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚର ଦ୍ୱିତୀୟ ଦିବସରେ ଚମତ୍କାର ଖେଳ ପ୍ରଦର୍ଶନ କରିବା ସହିତ ଟେଷ୍ଟ କ୍ୟାରିୟରର ୩୧ ତମ ଶତକ ହାସଲ କରିଥିଲେ। ୯୭ ତମ ଟେଷଟ ଖେଳୁଥିବା ସ୍ମିଥ୍ ୨୬୮ ବଲ୍ ଖେଳି ୧୯ ଚୌକା ସହିତ ୧୨୧ ରନ୍ କରିଥିଲେ। ପ୍ରଥମ ଦିନ ଶେଷ ସୁଦ୍ଧା ଅପରାଜିତ ୯୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଦ୍ୱିତୀୟ ଦିନ ଆରମ୍ଭରୁ ୪୦ ରନ୍ ଯୋଡିବା ପରେ ଟ୍ରାଭିସ୍ ହେଡ୍ ୧୬୩ ରନ୍ କରି ଦଳୀୟ ସ୍କୋର ୩୬୧ ରନ୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଦୁର୍ଭାଗ୍ୟଜନକ ଭାବରେ ଶାର୍ଦ୍ଦୂଳ ଠାକୁରଙ୍କ ବଲରେ ବୋଲ୍ଡ ହୋଇଥିଲେ ସ୍ମିଥ୍।

ପ୍ରଥମ ଦିନରେ ଭାରତୀୟ ବୋଲିଂ ପ୍ରଭାବହୀନ ରହିଥିବା ବେଳେ ଦ୍ୱିତୀୟ ଦିନ ଆରମ୍ଭରୁ ଭାରତୀୟ ଖେଳାଳି ଚମତ୍କାର ବୋଲିଂ କରିଥିଲେ। ବିଶେଷ କରି ଦୁଇ ଦ୍ରୁତ ବୋଲର ମହମ୍ମଦ ସିରାଜ ଓ ମହମ୍ମଦ ଶାମି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ମହମ୍ମଦ ସିରାଜ ୧୦୮ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଶାମି ଓ ଶାର୍ଦ୍ଦୂଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଟ୍ରାଭିସ ହେଡଙ୍କୁ ଆଉଟ କରି ସିରାଜ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ଶାମି କାମେରୁନ୍ ଗ୍ରୀନ୍(୬ ରନ୍)ଙ୍କୁ ଆଉଟ କରିଥିଲେ। ଷ୍ଟିଭ୍ ସ୍ମିଥ୍ ସେଟ୍ ହୋଇ ବଡ ଇନିଂସ ଆଡକୁ ଅଗ୍ରସର ହେଉଥିବା ବେଳେ ତାଙ୍କୁ ବୋଲ୍ଡ କରିଥିଲେ ଶାର୍ଦ୍ଦୂଳ ଠାକୁର। ଆଲେକ୍ସ କେରୀ ୪୮ ରନ୍ କରିଥି ରବୀନ୍ଦ୍ର ଜାଡେଜାଙ୍କ ବଲରେ ଲେଗ୍ ବିଫୋର ହେବା ପରେ ଅଷ୍ଟ୍ରେଲିଆ ନିମ୍ନ କ୍ରମକୁ ଶେଷ କରିଥିଲେ ସିରାଜ। ନାଥାନ ଲିୟନ ଓ ପ୍ୟାଟ୍ କୁମିନ୍ସଙ୍କୁ ଆଉଟ କରି ୪୬୯ ରନରେ ସେ ଅଷ୍ଟ୍ରେଲିଆ ଇନିଂସର ମୁଣ୍ଡି ମାରିଥିଲେ।

୪୬୯ ରନ୍ ଜବାବରେ ଭାରତର ଆରମ୍ଭ ଭଲ ରହିଥିଲା। ରୋହିତ ଶର୍ମା(୧୫) ଓ ଶୁବମାନ୍ ଗିଲ୍(୧୩) ଓପନିଂରେ ୩୦ ରନ୍ ଯୋଡିଥିଲେ। ଉଭୟ ଖେଳାଳି ଦଳୀୟ ସ୍କୋର ୩୦ରେ ମାତ୍ର ୪ ବଲ ବ୍ୟବଧାନରେ ପ୍ୟାଭିଲିୟନ ଫେରିଥିଲେ। ଚେତେଶ୍ୱର ପୂଜାରା(୧୪) ଓ ବିରାଟ କୋହଲି(୧୪) ରନ୍ ଲେଖାଏ ସ୍କୋର କରିଥିଲେ। ଭଲ ଆରମ୍ଭ ପାଇଥିଲେ ମଧ୍ୟ ଉଭୟ ଖେଳାଳି ବଡ ସ୍କୋର କରି ପାରି ନ ଥିଲେ। ବିରାଟ କୋହଲି ଦଳୀୟ ସ୍କୋର ୭୧ ରନ୍‌ରେ ଆଉଟ ହେବା ସହିତ ଭାରତ ସଙ୍କଟରେ ପଡିଥିଲା।

୭୧ ରନ୍‌ରେ ୪ ଉଇକେଟ ପରେ ଅଜିଙ୍କ୍ୟ ରାହାନେ। ଉଭୟ ଖେଳାଳି ୫ମ ଉଇକେଟରେ ୭୧ ରନ୍ ଯୋଡିଥିଲେ। ଜାଡେଜା ୫୧ ବଲ୍ ଖେଳି ୪୮ ରନ୍ କରି ନାଥାନ ଲିୟନଙ୍କ ବଲରେ ଆଉଟ ହୋଇଥିଲେ। ଖବର ପ୍ରସ୍ତୁତ ବେଳକୁ ଅଜିଙ୍କ୍ୟ ରାହାନେ ୨୮ ରନ କରି ବ୍ୟାଟିଂ କରୁଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ସ୍କଟ୍ ବୋଲାଣ୍ଡ, କାମେରନ୍ ଗ୍ରୀନ୍ ଓ ନାଥାନ ଲିୟନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।




ଆଉଟ୍ ହେବା ପରେ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୨୧.୩ ଓଭରରେ ୪୬୯/୧୦(ଟ୍ରାଭିସ୍ ହେଡ-୧୬୩, ଷ୍ଟିଭ୍ ସ୍ମିଥ୍-୧୨୧, ଆଲେକ୍ସ କେରୀ-୪୮, ମହମ୍ମଦ ସିରାଜ-୪/୧୦୮, ଶାର୍ଦ୍ଦୂଳ ଠାକୁର-୨/୮୩, ମହମ୍ମଦ ଶାମି-୨/୧୨୨)।

ଭାରତ ପ୍ରଥମ ଇନିଂସ ୩୮ ଓଭରରେ ୧୫୧/୫( ରବୀନ୍ଦ୍ର ଜାଡେଜା-୪୮, ଅଜିଙ୍କ୍ୟ ରାହାନେ-୨୯*, ରୋହିତ ଶର୍ମା-୧୫, ନାଥାନ ଲିୟନ-୧/୪, କାମେରନ୍ ଗ୍ରୀନ୍- ୧/୨୨, ସ୍କଟ୍ ବୋଲାଣ୍ଡ-୧/୨୭)।

## କୁସ୍ତି ଯୋଦ୍ଧା ଯୌନଶୋଷଣ ମାମଲାରେ ନୂଆ ମୋଡ଼

**ନୂଆଦିଲ୍ଲୀ, ୮।୬(ପି.ଟି.)**

ଭାରତୀୟ ରେସଲିଂ ଫେଡେରେଶନ (ଡବ୍ଲ୍ୟୁଏଫଆଇ) ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଆସିଛି ନୂଆ ମୋଡ। ନାବାଳିକା ଅଭିଯୋଗ କାରିଣୀଙ୍କ ପିତା ନଜର ମତ ବଦଳାଇବା ସହିତ ଚାପରେ ଆସି ଏମିତି ଅଭିଯୋଗ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ବିଗତ ୩ ମାସ ଧରି ରେସ୍‌ଲରଙ୍କ ପକ୍ଷରୁ ନୂଆଦିଲ୍ଲୀର ଯନ୍ତର ମନ୍ତର ଠାରେ ଆନ୍ଦୋଳନ କରାଯାଉଥିବା ବେଳେ ଦେଶ ଓ ବିଦେଶର ଅନେକ ବୁଦ୍ଧିଜୀବୀ ମଧ୍ୟ ଏହାକୁ ବିରୋଧ କରିଥିଲେ। ତେବେ ବର୍ତ୍ତମାନ ସତ ବାହାରକୁ ଆସିବା ଦରକାର ବୋଲି ପୀଡିତାଙ୍କ ପିତା କହିଛନ୍ତି। ଗତ ବର୍ଷ ୧୭ ବର୍ଷରୁ କମ୍ ମହିଳା ଏସିଆନ୍ ଚାମ୍ପିୟନଶିପ୍ ଟ୍ରାଏଲ୍ସରେ ତାଙ୍କ ଝିଅ ପରାଜିତ ହେବା ପରେ ଉତ୍‌କ୍ଷିପ୍ତ ହୋଇ ସେ ଏଭଳି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ। ସରକାର ଏହି ମାମଲାରେ ତଦନ୍ତ ପାଇଁ ଘୋଷଣା ମଧ୍ୟ କରିଛନ୍ତି। ରେଫରୀଙ୍କ ଭୁଲ ନିଷ୍ପତ୍ତି କାରଣରୁ ଝିଅର ଏକ ବର୍ଷର ପରିଶ୍ରମ ଖରାପ ହୋଇ ଯାଇଥିଲା। ମନ ମଧ୍ୟରେ ଥିବା ଦ୍ୱେଷ କାରଣରୁ ସେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏପରିକି ବ୍ରିଜ୍ ଭୂଷଣଙ୍କ ବିରୋଧରେ ତାଙ୍କୁ ପ୍ରବର୍ତ୍ତାଇ ଯାଇଥିଲା ବୋଲି ମଧ୍ୟ ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହିଳା ରେସଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବ୍ରିଜଭୂଷଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ୭ ଜଣ ମହିଳା ଆଥଲେଟ ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ଥିଲେ। ତେବେ ବର୍ତ୍ତମାନ ନାବାଳିକାଙ୍କ ଅଭିଯୋଗ ପ୍ରତ୍ୟାହାର ହେବା ସହିତ ଖେଳାଳି ମାନେ ମଧ୍ୟ କାର୍ଯ୍ୟରେ ଯୋଗ ଦେଲେଣି।

## ଭାରତ ସେମିଫାଇନାଲରେ

**କାକାମିଗାହାରା (ଜାପାନ), ୮।୬(ପି.ଟି.)**

ଭାରତୀୟ ଜୁନିୟର ମହିଳା ହକି ଦଳ ଏସିଆ କପ୍ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଗୁରୁବାର ଏହାର ଅନ୍ତିମ ପୁଲ୍ ମ୍ୟାଚରେ ଚାଇନିଜ ତାଇପେକୁ ୧୧-୦ ଗୋଲ୍‌ରେ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ ପୁଲ୍ 'ଏ'ରେ

**ଜୁନିୟର ମହିଳା ଏସିଆ କପ୍ ହକି**

ଅପରାଜେୟ ରହିବା ସହ ଶୀର୍ଷ ସ୍ଥାନ ବଜାୟ ରଖିଛି। ଭାରତ ୩ଟି ଗେମ୍ ଜିତିଥିବା ବେଳେ ଗୋଟିଏ ଡ୍ର ରଖିପାରିଛି। ଭାରତ ପକ୍ଷରୁ ଅନୁ (୧୦ମ ଓ ୫୨ତମ ମିନିଟ) ଓ ସୁନେଲିତା ଟପ୍ପୋ (୪୩ ତମ ଓ ୫୭ ତମ) ଦୁଇଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ବୈଷ୍ଣବୀ ବିଥାଲ ଫାଲ୍‌କେ (ପ୍ରଥମ ମିନିଟ), ଦୀପିକା (୩ୟ), ଋତୁଜା ଦାଦାସୋ ପିସାଲ (୧୨ଶ), ନୀଲମ (୧୯ତମ), ମଞ୍ଜୁ ଛୋରିଆ (୩୩ତମ), ଦୀପିକା ସୋରେଙ୍ଗ୍ (୪୬ତମ) ଓ ମମ୍‌ତାଜ (୫୫ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ଏହି ମ୍ୟାଚରେ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଭାରତ ଶନିବାର ସେମିଫାଇନାଲରେ ଜାପାନ କିମ୍ବା କାଜାଖସ୍ତାନକୁ ଭେଟିବ।



ଭାରତ ଓ ଚାଇନିଜ୍ ତାଇପେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୯/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, June 9/2023 | Page 20 | ₹ 7.00 | SAMBALPUR



**ଇଣ୍ଟର ମାୟାମିରୁ ଖେଳିବେ ମେସି**

ଆମେରିକୀୟ ଲିଗ୍‌ରେ ଇଣ୍ଟର ମାୟାମି ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସି।

୦୪

୦୫

**୧୦ହଜାର ଅବହେଳିତ ଶିଶୁଙ୍କ ପାଇଁ 'ଆଦିପୁରୁଷ' ଟିକେଟ୍ କିଣିଲେ**

'ଆଦିପୁରୁଷ' ରିଲିଜ୍ ହେବା ପୂର୍ବରୁ ଅଭିନେତା ରଣବୀର କପୁର ୧୦ ହଜାର ଅବହେଳିତ ଶିଶୁଙ୍କ ପାଇଁ ଟିକେଟ୍ ବୁକ୍ କରିଥିବା ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।





ବାହାନଗା ହାଇସ୍କୁଲକୁ ଗୁରୁବାର ପରିଦର୍ଶନରେ ଆସିଥିବା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ।

# ୩୪୫୭ କୋଟିର ୧୮ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

**ସୃଷ୍ଟି ହେବ ୧୪ ହଜାର ନିଯୁକ୍ତି ସୁଯୋଗ**

ଭୁବନେଶ୍ୱର, ୮।୬(ବ୍ୟୁରୋ)

ରାଜ୍ୟ ସରକାର ୩୪୫୭ କୋଟି ଟଙ୍କାର ୧୮ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିରେ ୧୪,୪୩୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୧୮ତମ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ସେହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୦ଟି ଶିଳ୍ପ ପ୍ରକଳ୍ପ ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ଆସିଥିଲା। ଯାଜପୁର, ଖୋର୍ଦ୍ଧା, କୋରାପୁଟ, କଟକ, ସୁନ୍ଦରଗଡ଼, ଭଦ୍ରକ, ସୋନପୁର, ବଲାଙ୍ଗୀର ଏବଂ ବୌଦ୍ଧ ଜିଲାରେ ଫାର୍ମାସ୍ୟୁଟିକାଲ, ଖାଦ୍ୟ ପ୍ରକ୍ରିୟାକରଣ, ସିମେଣ୍ଟ, ଟେକ୍ସଟାଇଲ, ଆପାରେଲ ମେଟାଲ ଡାଉନଷ୍ଟ୍ରିମ୍ ଆଦି କ୍ଷେତ୍ରରେ ଉକ୍ତ ଶିଳ୍ପ ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବ। ଯାଜପୁର ଜିଲା କଳିଙ୍ଗନଗରଠାରେ କାଏଡେରିଜ୍ ଇନ୍‌ଫ୍ରାକ୍ଟୋରିଜ୍ ଇଣ୍ଡିଆ ଲିମିଟେଡ ୫୦୦ କୋଟି ଟଙ୍କା ବ୍ୟୟରେ ଇସ୍ପାତ(ଆଙ୍କସିଲାରି) କାରଖାନା ସ୍ଥାପନ କରିବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଟିଓ୍ୱାଇକେ ସେରାମିକ କଳିଙ୍ଗନଗରଠାରେ ୫୭ କୋଟି ଟଙ୍କା ବ୍ୟୟରେ ଇସ୍ପାତ(ଆଙ୍କସିଲାରି) କାରଖାନା ☞ପୃଷ୍ଠା-୪

# ବିଭାଗୀୟ ତଦନ୍ତ ଆରମ୍ଭ

**ମାଲବାହୀ ବଗିରେ କଟି ୬ ଶ୍ରମିକ ମୃତ ଘଟଣା**

ଯାଜପୁର ଅଫିସ,୮।୬

ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ନିକଟରେ ବୁଧବାର ଅପରାହ୍ନରେ ମାଲବାହୀ ବଗିରେ କଟି ୬ ଜଣଙ୍କ ମୃତ୍ୟୁ ଓ ୨ ଜଣ ଗୁରୁତର ଆହତ ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଖୋର୍ଦ୍ଧା ପୂର୍ବତଟ ରେଳ ଡିଭିଜନ ସୁରକ୍ଷା ବିଭାଗର ଏକ ୪ ଜଣିଆ ଟିମ୍ ଗୁରୁବାର ଘଟଣାସ୍ଥଳକୁ ଏକାଧିକ ଥର ଯାଇ ତଦନ୍ତ କରି ଫେରିଛନ୍ତି। ତେବେ ଏହି ଘଟଣାକୁ ଡିଆର୍‌ଏମ୍ ସିଙ୍କେଶ ରୟ ଅତି ହାଲୁକା ଭାବେ ନେଇ କେହି ଜଣେ ହ୍ୟାଣ୍ଡିଲ ପୂର୍ବରୁ ଖୋଲି ଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି କହିଛନ୍ତି। ଯଦି ଏହା ସତ୍ୟ, ତେବେ ସୁରକ୍ଷା ବିଭାଗ କର୍ମଚାରୀମାନେ କାହିଁକି ନିୟମିତ ଭାବେ ତଦାରଖ କରୁ ନ ଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ଅଚଳ ଲାଇନର ଶେଷ ଭାଗରେ ଥିବା ପାଚେରିକୁ ଲାଗି ଅନ୍ୟ ଏକ ଭଙ୍ଗା ବଗି ଚକରେ ପବନରେ ଗଡି ଯାଇଥିବା ମାଲବାହୀ ବଗିଗୁଡ଼ିକ ପିଟି ହେବା ଫଳରେ ସମ୍ମୁଖ ବଗି ସାମାନ୍ୟ ଲାଇନଚ୍ୟୁତ ହୋଇ ଡାହାଣକୁ ବଙ୍କି ଯାଇଛି। ଯଦି ନିକଟସ୍ଥ ରେଲଲାଇନରେ ଉକ୍ତ ବଗି ପଡି ଯାଇଥାନ୍ତା, ତେବେ ପୁଣି ଏକ ବଡ଼ ରେଳ ଦୁର୍ଘଟଣା ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରି ନ ଥାଆନ୍ତା ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ମୃତକଙ୍କ ପରିବାରବର୍ଗଙ୍କୁ ରାଜ୍ୟ ସରକାର ୫ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିବାବେଳେ ଏଯାଏ କେନ୍ଦ୍ର ସରକାର ନୀରବ ରହିଥିବା ଘଟଣାକୁ ଜିଲାବାସୀ ସହଜେ ଗ୍ରହଣ କରି ପାରିନାହାନ୍ତି। ତେଣୁ ବିଭିନ୍ନ ସାମାଜିକ ସଙ୍ଗଠନ ମୃତକଙ୍କ ☞ପୃଷ୍ଠା-୪

**ନନ୍ଦିନୀ ଶତପଥୀଙ୍କ ୯୨ତମ ଜୟନ୍ତୀ**

**ଅବସରରେ**

**ଧରିତ୍ରୀ ପରିବାରର ବିନମ୍ର ପ୍ରଣତି ।**



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ତାରିଖ: ୦୯।୦୬।୨୦୨୩, ସକାଳ ୮ ଘଟିକା

ସ୍ଥାନ: ରାଜଭବନ ନିକଟସ୍ଥ ଏଲ୍‌ଆଇସି ଅଫିସ ଛକ

# ବାହାନଗା ବିଦ୍ୟାଳୟ କୋଠରି ଭଙ୍ଗାଯିବ

- **ଟ୍ରେନ୍ ଦୁର୍ଘଟଣା ପରେ ୨୦୦ ମୃତଦେହ ରଖାଯାଇଥିଲା**
- **ପରିଦର୍ଶନ ପରେ ନିର୍ଦ୍ଦେଶ ଦେଲେ ଜିଲାପାଳ**

ବାଲେଶ୍ୱର ଅଫିସ, ୮।୬

ବାଲେଶ୍ୱର ଜିଲା ବାହାନଗା ନିକଟରେ ଗତ ୨ ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତଦେହଗୁଡ଼ିକୁ ସ୍ଥାନୀୟ ବାହାନଗା ହାଇସ୍କୁଲରେ ରଖାଯାଇଥିଲା। ହାଇସ୍କୁଲର ବିଭିନ୍ନ କୋଠରିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ମୃତଦେହ ରଖାଯାଇଥିଲା। ସ୍କୁଲ ଗୃହରେ ରକ୍ତର ଛିଟା ପଡ଼ିଥିବାବେଳେ ବେଞ୍ଚ, ଡେସ୍କରେ ମଧ୍ୟ ଏବେବି ରକ୍ତଦାଗ ଲିଭି ନାହିଁ। ଏହାକୁ ନେଇ ବିଦ୍ୟାଳୟ ପରିସରରେ ଏକ ପ୍ରକାର ଭୟର ବାତାବରଣ ଦେଖାଦେଇଛି। ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ସ୍କୁଲକୁ ଆସିବା ପାଇଁ ଭୟ କରୁଛନ୍ତି। କିଛି ଦିନ ପରେ ବିଦ୍ୟାଳୟ ଖୋଲିବ। ଉକ୍ତ ଗୃହରେ କିପରି ଛାତ୍ରୀଛାତ୍ର ପାଠ ପଢ଼ିବେ ସେନେଇ ଚିନ୍ତା ପ୍ରକଟ କରି ବିଦ୍ୟାଳୟ ପରିଚାଳନା କମିଟି ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ଏ ସମ୍ପର୍କରେ ସଚିବଙ୍କ ସହ ଆଲୋଚନା କରିବା ପରେ ଉକ୍ତ ବିଦ୍ୟାଳୟ ଗୃହକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତଦେହଗୁଡ଼ିକୁ ବାହାନଗା ହାଇସ୍କୁଲ ପରିସରରେ ଥିବା ଶ୍ରେଣୀ କକ୍ଷ ଓ ଅଡିଟୋରିୟମରେ ରଖାଯାଇଥିଲା। ଧୀରେ ଧୀରେ ଏଗୁଡ଼ିକୁ ଚିହ୍ନଟ କରାଯିବା ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ଏପରି କି କେତେକ ମୃତଦେହ ଚିହ୍ନଟ ହୋଇ ନ ଥିବାରୁ ସେଗୁଡ଼ିକୁ ଭୁବନେଶ୍ୱର ଏମ୍ସକୁ ପଠାଯାଇ ମର୍ଗ ହାଉସରେ ରଖାଯାଇଛି। ବିଦ୍ୟାଳୟ ପରିସରରୁ ମୃତଦେହ ନିଆଯିବା ପରେ ଏବେ ସେଠାରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍କୁଲ ଛୁଟି ଥିବାରୁ ପିଲାମାନେ ଆସୁ ନାହାନ୍ତି ସତ, କିନ୍ତୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଶିକ୍ଷୟିତ୍ରୀଶିକ୍ଷକ ସେଠାକୁ ଯିବାକୁ ଭୟ କରୁଛନ୍ତି। ଛୁଟି ସରିବା ପରେ ବିଦ୍ୟାଳୟ ଖୋଲାଗଲେ ☞ପୃଷ୍ଠା-୪

# ପ୍ରାୟ ୫୦% ୨ ହଜାରିଆ ନୋଟ୍ ଫେରିଲାଣି

ମୁମ୍ବାଇ,୮।୬

ଦେଶର ବ୍ୟାଙ୍କଗୁଡ଼ିକୁ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କାର ୨ ହଜାରିଆ ନୋଟ୍ ଫେରିଲାଣି ବୋଲି ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୩ ମାର୍ଚ୍ଚ ୩୧ରେ ସର୍କ୍ୟୁଲେଶନରେ ୩.୬୨ ଲକ୍ଷ କୋଟିର ୨ ହଜାର ଟଙ୍କିଆ ନୋଟ୍ ଥିଲା। ଗତ ମେ' ୧୯ରେ ଏହି ବଡ଼ ନୋଟ୍‌ର ପ୍ରଚଳନ ବନ୍ଦ ଘୋଷଣା କରାଯିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧.୮୦ ଲକ୍ଷ କୋଟି ଟଙ୍କାର ଅର୍ଥାତ୍ ପ୍ରାୟ ଅଧା ନୋଟ୍ ଫେରିସାରିଲାଣି। ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ଜମା ହେଉଥିବା ନୋଟ୍‌ଗୁଡ଼ିକ ମଧ୍ୟରୁ ପ୍ରାୟ ୮୫% ହେଉଛି ୨,୦୦୦ ଟଙ୍କିଆ ନୋଟ୍।

# ରେପୋ ରେଟ୍ ୬.୫%ରେ ଅପରିବର୍ତ୍ତିତ

- **କ୍ରମାଗତ ଦ୍ୱିତୀୟ ଥର ସୁଧହାର ବଢ଼ିଲାନି**
- **ଜିଡିପି ଅଭିବୃଦ୍ଧି ୬.୫% ରହିବା ଅନୁମାନ**

ମୁମ୍ବାଇ,୮।୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର କ୍ରମାଗତ ଦ୍ୱିତୀୟ ଥର ପାଇଁ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ ଆଣିନାହିଁ। ଗତ ୬ ତାରିଖରୁ ଚାଲିଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ରିପର୍ଚେଜ୍ ରେଟ୍ (ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଦେଉଥିବା ଋଣ ଉପରେ ସୁଧ)କୁ ୬.୫୦%ରେ ସୀମିତ ରଖିବା ସପକ୍ଷରେ ଭୋଟ ଦେଇଥିଲେ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି।

ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନକରି ଶକ୍ତିକାନ୍ତ କହିଛନ୍ତି, ୨୦୨୩ ମାର୍ଚ୍ଚ-ଏପ୍ରିଲରେ ଉପଭୋକ୍ତା ମୂଲ୍ୟ ମୁଦ୍ରାସ୍ଫୀତି (ସିପିଆଇ) ହ୍ରାସ ପାଇଥିଲେ ହେଁ ଧାର୍ଯ୍ୟ ଲକ୍ଷ୍ୟ ୪% ଉପରେ ରହିଛି। ଚଳିତ ଆର୍ଥିକବର୍ଷର ଅବଶିଷ୍ଟ ସମୟରେ ଏଥିରେ ବିଶେଷ ପରିବର୍ତ୍ତନ ଆସି ନ ପାରେ। ମୌସୁମୀଜନିତ ବୃଷ୍ଟିପାତ ଅନୁମାନ ଏବଂ ଏଲ୍ ନିନୋର ପ୍ରଭାବ ଅପରିବର୍ତ୍ତିତ ରହିଥିବାରୁ ମୁଦ୍ରାସ୍ଫୀତି ଉପରେ କଡ଼ା ନଜର ରହିବ ବୋଲି ସେ କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଆର୍ଥିକବର୍ଷ (୨୦୨୩ ଏପ୍ରିଲରୁ ୨୦୨୪ ମାର୍ଚ୍ଚ)ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫% ରହିବା ଆକଳନ କରିଛି। ତେବେ ଖୁଚୁରା ମୁଦ୍ରାସ୍ଫୀତି ୫.୨%ରୁ ୫.୧%କୁ ଖସିବା ଅନୁମାନ କରିଛି। ☞ପୃଷ୍ଠା-୪

# କେରଳରେ ମୌସୁମୀ: ସପ୍ତାହେ ବିଳମ୍ବିତ

ନୂଆଦିଲ୍ଲୀ, ୮।୬(ପି.ଟି.)

ଦକ୍ଷିଣ-ପଶ୍ଚିମ ମୌସୁମୀ ଗୋଟିଏ ସପ୍ତାହ ବିଳମ୍ବରେ କେରଳରେ ପ୍ରବେଶ କରିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ଘୋଷଣା କରିଛି। ବାତ୍ୟା 'ବିପର୍ଯ୍ୟୟ' ମୌସୁମୀକୁ ପ୍ରଭାବିତ କରୁଥିବାରୁ କେରଳରେ ହାଲୁକା ମୌସୁମୀ ବର୍ଷା ହେବ ବୋଲି ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ କରିଥିଲେ। ଗୁରୁବାର ମୌସୁମୀ କେରଳର ଅଧିକାଂଶ ସ୍ଥାନରେ ପହଞ୍ଚିବା ସମେତ ଦକ୍ଷିଣ ଆରବ ସାଗର, କେନ୍ଦ୍ରୀୟ ଆରବ ସାଗରର କେତେକ ଅଞ୍ଚଳ, ସମ୍ପୂର୍ଣ୍ଣ ଲାକ୍ଷାଦ୍ୱୀପ ଅଞ୍ଚଳ, ଦକ୍ଷିଣ ତାମିଲନାଡୁର କେତେକ ସ୍ଥାନ, କୋମୋରିନ୍‌ର ଅବଶିଷ୍ଟ ଅଞ୍ଚଳ, ମାନ୍ନାର ଉପସାଗର ଏବଂ ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ, କେନ୍ଦ୍ରୀୟ ଓ ଉତ୍ତର-ପୂର୍ବ କ୍ଷେତ୍ରର କେତେକ ସ୍ଥାନକୁ ସ୍ପର୍ଶ କରିଛି। ମୌସୁମୀ କେରଳରେ ଜୁନ୍ ୧ରେ ପହଞ୍ଚିଲେ ଓଡ଼ିଶାରେ ଜୁନ୍ ୧୫ ବେଳକୁ ପ୍ରବେଶ କରିଥାଏ। ତେବେ ଏଥର ବିଳମ୍ବରେ କେରଳ ଛୁଇଁଥିବାରୁ ଓଡ଼ିଶାରେ ମଧ୍ୟ ବିଳମ୍ବ ହେବ ବୋଲି କୁହାଯାଉଛି। ଫଳରେ ରାଜ୍ୟରେ ଧାନ ଓ ଅନ୍ୟ ଖରିଫ ଫସଲ ବୁଣାକାର୍ଯ୍ୟ ବିଳମ୍ବିତ ହେବ। ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। ଏଥିରେ ବେଳେବେଳେ ପ୍ରାୟ ୭ ଦିନ ବ୍ୟତିକ୍ରମ ☞ପୃଷ୍ଠା-୪





# ମହାନଦୀ ପ୍ରଦୂଷିତ, ଅସୁରକ୍ଷିତ

ସମ୍ବଲପୁର, ୮।୬(ବ୍ୟୁରୋ)

ମହାନଦୀକୁ ଓଡ଼ିଶାର ଜୀବନରେଖା ବୋଲି କୁହାଯାଇଥାଏ। ଏପରିସ୍ଥଳେ ନଦୀ ପ୍ରବାହିତ ହେଉଥିବା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଲାଗିରହିଛି। କେଉଁଠାରେ ବ୍ୟାରେଜ ନିର୍ମାଣ ତ କେଉଁଠି କଳକାରଖାନାକୁ ପାଣି ଦେବା, ନର୍ଦ୍ଦମା ପାଣି ମହାନଦୀରେ ଛାଡିବା, ତଟଦେଶରେ ଗଢିଉଠିଥିବା କଳକାରଖାନାରୁ ନିର୍ଗତ ପାଉଁଶ ସିଧାସଳଖ ପାଣିରେ ମିଶିବା ଭଳି ସ୍ଥିତି ଦେଖିବାକୁ ମିଳୁଛି। ଏହାକୁ ନେଇ ସର୍ଭେ କରୁଥିବା ବିଭିନ୍ନ ସଂସ୍ଥା ଓ ପରିବେଶବିତ୍ ଅଭିଯୋଗ କରିଆସୁଛନ୍ତି। ହେଲେ ସରକାରୀ ସ୍ତରରେ ମହାନଦୀ ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏବେ ପ୍ରଦୂଷିତ ଓ ଅସୁରକ୍ଷିତ ହୋଇପଡିଛି ।

ସମ୍ବଲପୁର ସହର ଦେଇ ପ୍ରବାହିତ ହେଉଥିବା ନଦୀକୁ ଦେଖିଲେ ସହଜରେ ଅନୁମେୟ କରି ହେଉଛି। ମହାନଦୀ ସୁରକ୍ଷା ନେଇ ଯୋଜନା କରାଯାଇଛି। ଗ୍ରୀନ ମହାନଦୀ ଯୋଜନାରେ କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି। ହେଲେ ବର୍ଷ ବର୍ଷ ବିତିଯିବା ସତ୍ତ୍ୱେ ମହାନଦୀ ପ୍ରଦୂଷଣ ମୁକ୍ତ ହୋଇନାହିଁ। ମହାନଦୀ ଶଯ୍ୟା ଅନାବନା ଗଛଲଟାରେ ପରିପୂର୍ଣ୍ଣ। ଏହା ସତ୍ତ୍ୱେ ନଦୀ କୂଳରେ ବସବାସ କରୁଥିବା ଜନସାଧାରଣ ଏହି ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଫଳରେ ସେମାନେ ଚର୍ମ ରୋଗର ଶିକାର ହେଉଛନ୍ତି।


ସମ୍ବଲପୁର ମହାନଦୀ ଘାଟ ଆବର୍ଜନା ପରିପୂର୍ଣ୍ଣ।

ପ୍ରତିବର୍ଷ ଗ୍ରୀଷ୍ମ ମାସ ଆସିଲେ ପ୍ରଶାସନର ମହାନଦୀ ସୁରକ୍ଷା ପାଇଁ ଚେତା ପଶିଥାଏ। ଏ ନେଇ ସଚେତନତା ଓ ମିନି ମାରାଥନ କରାଯାଇଥାଏ। ପୂର୍ବରୁ ମହାନଦୀ ପାଣି ସ୍ୱଚ୍ଛ ଓ ନିର୍ମଳ ଥିଲା। ଏହାକୁ ନେଇ ସମ୍ବଲପୁରୀ ଲୋକଗୀତ ‘କଟଙ୍ଗ ପାଉଁଶ ପୁଲାରେ ମୋର ଧନ୍ କଟଙ୍ଗ ପାଉଁଶ ପୁଲା, ମହାନଦୀର ପାନି ମାରୁଛେ ହୁଲା’ ରହିଥିଲା। ସମ୍ପ୍ରତି ମହାନଦୀ କୂଳରେ କଟଙ୍ଗ ବାଉଁଶ ନାହିଁ। ଏହା ରିଂ-ରୋଡ୍‌ରେ ପରିଣତ ହୋଇଛି। ମହାନଦୀରେ ଲହଡି ମଧ୍ୟ ଦେଖିବାକୁ ମିଳୁନାହିଁ। ମହାନଦୀ ପ୍ରଦୂଷଣ ଯୋଗୁ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ, ସ୍ଥାନୀୟ ଲୋକ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ପ୍ରଭାବିତ ହେଉଛନ୍ତି। ଏହାସହ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଭାବେ ପ୍ରଭାବ ପକାଉଛି। ଏବେ ସବୁଠାରୁ ବଡ ସମସ୍ୟା ହୋଇଛି ମହାନଦୀ ଜଳ ପରିଚାଳନା। ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିବାଦ ହୋଇ ଟ୍ରିବ୍ୟୁନାଲ ଗଠନ ହୋଇଛି। ସମୟ ପୂର୍ବରୁ ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହା ଭୟାନକ ରୂପ ନେବ ବୋଲି ପରିବେଶବିତ୍ ଆଶଙ୍କା କରୁଛନ୍ତି ।







## ପେସାରେ କନ୍‌ଷ୍ଟେବଲ
# ନିଶା ସାପ ଧରିବା

ସୋନପୁର,୮।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଅଞ୍ଚଳର ପ୍ରମୋଦ ଦାଶିଆ(୪୦) ପେସାରେ ଜଣେ କନ୍‌ଷ୍ଟେବଲ। କିନ୍ତୁ ନିଶା ତାଙ୍କର ବିଷଧର ସାପକୁ ଉଦ୍ଧାର କରି ବଣ ଜଙ୍ଗଲରେ ଛାଡ଼ିବା। ସେ ବର୍ତ୍ତମାନ ସୁବର୍ଣ୍ଣପୁର ରିଜର୍ଭ ପୋଲିସରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ। କୌଣସି ସର୍ବସାଧାରଣ ଜାଗାରେ କିମ୍ବା କାହାରି ଘରେ ସାପ ବାହାରିଲେ ଲୋକେ ଖୋଜିଥାନ୍ତି ପ୍ରମୋଦଙ୍କୁ। ସେ ବି ନିଜ କାର୍ଯ୍ୟବ୍ୟସ୍ତତା ଭିତରେ ଟିକିଏ ଫୁରସତ ମିଳିଲେ ଲାଗି ପଡନ୍ତି ଲୋକଙ୍କ ସେବାରେ। ସବୁବେଳେ ବାଇକ୍‌ରେ ହୁକ୍ ଧରି ବୁଲୁଥାନ୍ତି। ହୁକ୍ ଦ୍ୱାରା ହିଁ ସେ ବିଷଧର ସାପ ଧରନ୍ତି। ଜିଲା ସଦର ମହକୁମା ସୋନପୁର, ତରଭା, ଉଲୁଣ୍ଡା, ବୀରମହାରାଜପୁର, ଡୁଙ୍ଗୁରିପାଲି, ବିନିକା ହେଉ କି ବରଗଡ଼ ଜିଲାର ଭେଡେନ ଓ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳ ହେଉ ଯେକୌଣସି ଅଞ୍ଚଳରୁ ଫୋନ୍ ଆସିଲେ କାଳବିଳମ୍ବ ନ କରି ଧାଇଁ ଯାଆନ୍ତି ପ୍ରମୋଦ। ତେବେ ସାପ ଧରିବାକୁ ସାଙ୍ଗରେ ଗୋଟିଏ ସ୍ନେକ୍ କେଚର ବାଡି ଓ ଗୋଟିଏ ପ୍ଲାଷ୍ଟିକ୍ ଜାର ଧରି ପହଞ୍ଚିଯାନ୍ତି ସାପ ବାହାରିଥିବା ଘରେ। ତେବେ ଅତି ଚତୁରତା ଏବଂ ସତର୍କତାର ସହ ବିଷଧର ସାପକୁ କାବୁକରି ପ୍ଲାଷ୍ଟିକ୍ ଜାରରେ ଭର୍ତ୍ତିକରି ଫେରିଆସନ୍ତି। ପୁଣି ସେଇ ସାପକୁ ନେଇ ଛାଡି ଦିଅନ୍ତି ଘଞ୍ଚ ଜଙ୍ଗଲ ମଧ୍ୟରେ। ଅନେକ ସମୟରେ ସେ ସାପ ଧରିବା ଓ ତାକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡିବା ଭିଡିଓ କରି ଲୋକଙ୍କୁ ସଚେତନ କରିବା ଲାଗି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରନ୍ତି। ଏଥିପାଇଁ ସେ ସୋନପୁର ସ୍ନେକ୍ ନାମରେ ଏକ ୟୁଟ୍ୟୁବ୍ ଚାନେଲ ଖୋଲିଛନ୍ତି। ଏଥିରେ ସେ ସାପ ଧରିବାଠାରୁ ଆରମ୍ଭକରି ବିଭିନ୍ନ କୌଶଳ ପ୍ରଦର୍ଶିତ କରିଥାନ୍ତି। ଏପରି କି ଜନସାଧାରଣଙ୍କ ସୁବିଧା ପାଇଁ ନିଜର ଫୋନ ନମ୍ବର ପ୍ରଦାନ କରିଛନ୍ତି। ଘରେ କିମ୍ବା କୌଣସି ଜାଗାରେ ସାପ ବାହାରିଲେ ତାକୁ ନ ମାରି ତାଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରିଥାନ୍ତି। ତେବେ ଏ ନିଆରା ନିଶା ବିଷୟରେ ପଚାରିବାରୁ ସେ କହିଥିଲେ, ମଣିଷ ହୁଅନ୍ତୁ କି ସାପ ସମସ୍ତଙ୍କର ଏ ଜୀବଜଗତରେ ବଞ୍ଚିବାର ସମାନ ଅଧିକାର ଅଛି। ତେବେ ନିଜ ଜୀବନ ବଞ୍ଚାଇବାକୁ ଯାଇ ଉଭୟେ ଉଭୟଙ୍କୁ ଶତ୍ରୁ ବୋଲି ଭାବି କ୍ଷତି କରିଥାନ୍ତି। କିନ୍ତୁ ଟିକିଏ ସାବଧାନତା ଅବଲମ୍ବନ କଲେ ଉଭୟେ ସୁରକ୍ଷିତ ରହିବେ। ଏଣୁ ମଣିଷ ଏବଂ ସାପ ଉଭୟଙ୍କୁ ସୁରକ୍ଷା ଦେବାର ଏକ ଛୋଟିଆ ପ୍ରୟାସ କରୁଛି। ଏହା ମୋତେ ଆତ୍ମସନ୍ତୋଷ ପ୍ରଦାନ କରୁଛି ବୋଲି ପ୍ରମୋଦ ନିଜର ମତ ରଖିଛନ୍ତି। ସାପ ଧରିବାର ପ୍ରେରଣା କେଉଁଠୁ ପାଇଲେ ବୋଲି ପଚାରିବାରୁ ସେ କହିଥିଲେ, ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ନିଜ ଗାଁ ରାମପୁରସ୍ଥିତ ଘରକୁ ଜଣେ ଭିକାରୀ ବେକରେ ଏକ ବିରାଟ ଅଜଗର ସାପ ଝୁଲାଇ ଭିକ୍ଷା ମାଗିବାକୁ ଆସିଥିଲେ। ମୁଁ ତାଙ୍କୁ ୫ ଟଙ୍କା ଦେଇ ସେଇ ଅଜଗର ସାପକୁ ମୋ ବେକରେ ଝୁଲାଇବାକୁ କହିବାରୁ ସେ ମୋ ବେକରେ ଅଜଗର ସାପକୁ ରଖି ଦେଇଥିଲେ। ମୁଁ ବହୁତ ଖୁସି ହୋଇଥିଲି। ତା'ପରେ ସେହିଦିନଠାରୁ ସାପ ପ୍ରତି ମୋ ମନରେ ଗୋଟେ ଭିନ୍ନ ଆକର୍ଷଣ ସୃଷ୍ଟି ହୋଇଥିଲା। ତେବେ ସେହି ଛୋଟ ବୟସରୁ ମୁଁ ସାପ ଧରିବାକୁ ପ୍ରୟାସ କରିଥିଲି। ଗତ ୧୦ ବର୍ଷ ହେଲା ହଜାର ହଜାର ବିଷଧର ସାପ ଧରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିଛି। ତେବେ ଏହାକୁ ମୋର ଏକ ନିଶା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ପ୍ରମୋଦ କହିଛନ୍ତି। ଏହି ଯୁବକଙ୍କ ସାପ ଧରା କୌଶଳକୁ ଦେଖିଲେ ଯେ କେହି କହିବ ଯେ ବିଷଧର ସାପଙ୍କୁ ବୋଲ ମନାଉଛନ୍ତି। ସୂଚନା ମିଳିଲେ ଦିନକୁ ୬ରୁ ୭ଟି ସାପ ଧରିଥାନ୍ତି। ସେ ନିଜେ ଚେଷ୍ଟାକରି ସାପ ଧରା କୌଶଳ ଶିଖିଥିବାରୁ ତାଙ୍କ ପାଖରେ ସାପ ଧରିବାର କୌଣସି ପ୍ରଶିକ୍ଷଣ ନେଇଥିବା ପ୍ରମାଣପତ୍ର ନାହିଁ। ଏଣୁ ବନ ବିଭାଗ ପକ୍ଷରୁ ତାଙ୍କୁ ସାପ ଧରାଳି ଭାବେ କୌଣସି ସ୍ୱୀକୃତିପତ୍ର ମିଳିପାରୁ ନ ଥିବା କହିଛନ୍ତି ପ୍ରମୋଦ। ତେବେ ସାପ ଧରିବା ଓ ବଣ ଜଙ୍ଗଲରେ ଛାଡିବା ଏହା ବନ ବିଭାଗର କାମ। କିନ୍ତୁ ପରୋକ୍ଷରେ ହେଲେ ମଧ୍ୟ ପ୍ରମୋଦ ନିଜସ୍ୱ ଉଦ୍ୟମରେ ବନ ବିଭାଗକୁ ଏକପ୍ରକାର ସହଯୋଗ କରୁଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ପାଇଁ ତାଙ୍କୁ ୨୦୨୨ରେ ବିଜୁ ପଟ୍ଟନାୟକ ୱାଇଲ୍ଡ ଲାଇଫ କଞ୍ଜରଭେଶନ ଆୱାର୍ଡ ସମ୍ମାନ ମିଳିଛି। ସେହିପରି ସୁବର୍ଣ୍ଣପୁର ଏସ୍‌ପି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ଏଣୁ ବନ ବିଭାଗ ପ୍ରମୋଦଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଇବାକୁ ଦାବି ହେଉଛି। ଅପରପକ୍ଷରେ ସେ ଆଗ୍ରହୀ ଯୁବକଙ୍କୁ ସାପ ଧରା କଳାକୌଶଳ ଶିଖାଇବାକୁ ଇଚ୍ଛା ରଖିଥିବା କହିଛନ୍ତି।


ପ୍ରମୋଦ ଦାଶିଆ।

**ମୃତ୍ୟୁଞ୍ଜୟ ଶତପଥୀ,ସୋନପୁର**

MAHESWARI GROUP OF INSTITUTE
Recognised by: Health & Family Welfare Department
Govt. of Odisha, Odisha Nursing Council
Directorate of Medical Education & Training, Odisha,
Sambalpur University, Jyoti Vihar, Burla.
ADMISSION OPEN 2023-24
COURSES OFFERED:
1. ANM - 2 Years: (+2 any Stream), 2. GNM - 3 Years : (+2 any Stream), 3. DMLT - 2 Years (+2 Science), 4. D.Pharm - 2 Years (+2 Science), 5. B.Sc. Nursing - 4 Years (+2 Science - PCB), 6. P.B.B.Sc. Nursing - 2 Years (GNM Pass), 7. M.Sc. Nursing - 2 Years (B.Sc. N / P.B.B.Sc. N Pass with 1 year experience), 8. Ph.D. in Nursing - (3 to 6 Years) (M.Sc. Nursing Passed with 55% Marks and 3 years experience), 9. +2 Science & Arts - (10th Passed).
HOSTEL FACILITY AVAILABLE
100% Placement
Address & Contact:

| CAMPUS-1 | CAMPUS-2 |
|---|---|
| HEAD OFFICE: At/P.O.: Sankara, Dist.: Sundargarh, Odisha - 770020 | At: Bhatli Chowk (Infron of Vishal Mega Mart), P.O.: Bargarh, Dist.: Bargarh, Odisha - 768028 |

Contact No.: 9437158472, 9937693555, 8342927552
Mail Id: nlcattabira@gmail.com, rsncbsc@gmail.com, snggnmtrainingcolleg@gmail.com, maheswarisciencecollege@gmail.com
Website: www.maheswarigroup.in

### ରାସ୍ତାକଡରୁ ନବଜାତ ମୃତ ଶିଶୁକନ୍ୟା ଉଦ୍ଧାର

**ରାଉରକେଲା ଅଫିସ,୮।୬**

ବିଶ୍ରା ଥାନା ଅନ୍ତର୍ଗତ ମସଜିଦ୍ ମହଲା ଅଞ୍ଚଳ ରାସ୍ତାକଡରୁ ଏକ ନବଜାତ ମୃତ ଶିଶୁକନ୍ୟାକୁ ପୋଲିସ ଜବତ କରିଛି। ଉକ୍ତ ଶିଶୁକନ୍ୟାଙ୍କ ମୃତଦେହ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖାଯାଇଛି। ବୁଧବାର ସନ୍ଧ୍ୟାରେ ବିଶ୍ରା ମସଜିଦ ମହଲାରେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ପଡିଥିବା ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲା।



# ନୂଆ ପର୍ଯ୍ୟଟନର ଆକର୍ଷଣ ଭୀମଡୁଙ୍ଗୁରି




ଭୀମଡୁଙ୍ଗୁରି ପାଦଦେଶରେ ଥିବା ସୁରମ୍ୟ ପାର୍କ।

**ବଲାଙ୍ଗୀର ଅଫିସ, ୮।୬**

ବଲାଙ୍ଗୀର ଜିଲାର ଏକ ନୂଆ ପର୍ଯ୍ୟଟନ ଆକର୍ଷଣ ହେଉଛି ଭୀମଡୁଙ୍ଗୁରି। ଜିଲା ସଦର ମହକୁମା ବଲାଙ୍ଗୀରଠାରୁ ପ୍ରାୟ ୨୦କିଲୋମିଟର ଦୂର ଦେଓଗାଁ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମପଞ୍ଚାୟତରେ ରହିଛି ଏଇ ପର୍ଯ୍ୟଟନସ୍ଥଳୀ। ଭୀମଡୁଙ୍ଗୁରିର ସବୁଜ ଜଙ୍ଗଲ ସମ୍ପଦ, ପ୍ରାକ୍ ଐତିହାସିକକାଳୀନ ଗୁମ୍ଫା, ଶିଳାଚିତ୍ର, ବୋଟିଂ ସୁବିଧା, ନବନିର୍ମିତ ଆକର୍ଷଣୀୟ ପାର୍କ ଓ ମିଶନ୍ ଶକ୍ତି କାଫେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏହି ନୂଆ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣସ୍ଥଳୀର ମାନ୍ୟତା ପାଇଛି।

ଐତିହାସିକ ଦୃଷ୍ଟିକୋଣରୁ ଭୀମଡୁଙ୍ଗୁରିର ବିଶେଷ ଗୁରୁତ୍ୱ ରହିଛି। ଭୀମଡୁଙ୍ଗୁରିରୁ ଆବିଷ୍କୃତ ହୋଇଛି ପ୍ରାକ୍ ଐତିହାସିକ ଯୁଗର ଶିଳାଚିତ୍ର, ରିଂ-ଷ୍ଟୋନ୍ ଓ ଲୌହ

**■ପ୍ରାକ୍ ଐତିହାସିକ ଗୁମ୍ଫା, ଶିଳାଚିତ୍ର**

**■ପର୍ଯ୍ୟଟକଙ୍କୁ ଟାଣୁଛି ନବନିର୍ମିତ ପାର୍କ, ବୋଟିଂ, କାଫେ ସୁବିଧା**

ଅସ୍ତ୍ରଶସ୍ତ୍ର । ଏଠାରେ ରହିଛି ୬୩ଟି ପ୍ରାକୃତିକ ଗୁମ୍ଫା। ବଡ ପ୍ରସ୍ତର ଖଣ୍ଡରେ ତିଆରି ହୋଇଥିବା ଏହି ପ୍ରାକୃତିକ ଗୁମ୍ଫା ପ୍ରାକ୍ ଐତିହାସିକକାଳୀନ ମାନବର ଆବାସସ୍ଥଳୀ ଥିଲା ବୋଲି ଗବେଷକଙ୍କ ମତ। ପାହାଡର ଅନେକ ଶିଳାରେ ରହିଛି ଆଦିମାନବର ବିରଳ ଶିଳାଚିତ୍ର। ଭୀମଡୁଙ୍ଗୁରିଠୁ ଶୁଲିଆ ଡୁଙ୍ଗୁରି ପର୍ଯ୍ୟନ୍ତ ଲମ୍ବିଛି ପ୍ରାଚୀନ ଆଦିବାସୀ ସାମାଜିକ-ସାଂସ୍କୃତିକ ଜୀବନ ଓ ଧର୍ମଧାରାର ଏକ ନିଆରା ପ୍ରତିବେଦନ। ଏହି ପାହାଡ ସହ ଯୋଡି ହୋଇରହିଛି ଆଦିବାସୀ କନ୍ଧମେଳିର ବ୍ରିଟିଶ ବିଦ୍ରୋହୀ ସଂଘର୍ଷ ଗାଥା। ତେବେ ଏସବୁ ଦିଗରେ ଅଧିକ ଗବେଷଣାର ଅପେକ୍ଷା ରଖେ।

୨୦୧୪ ମସିହା ପରେ ବିଧାୟକ ନରସିଂହ ମିଶ୍ରଙ୍କ ଉଦ୍ୟମକ୍ରମେ ଭୀମଡୁଙ୍ଗୁରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲା। ତତ୍କାଳୀନ ଜଙ୍ଗଲ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଏହି କ୍ଷେତ୍ରର ବିକାଶ ଦିଗରେ ଅନୁଦାନ ବ୍ୟବସ୍ଥା କରିଥିଲେ। ଇତିମଧ୍ୟରେ ପାହାଡର ଗୋଟିଏ ପଟରୁ ଚଢ଼ି ଅନ୍ୟପଟରେ ଓହ୍ଲାଇବା ପାଇଁ ୫୧୧ଟି ପାହାଚ ନିର୍ମାଣ ହୋଇଛି। ପାହାଡ ପାଦଦେଶରେ ଏକ ସୁନ୍ଦର ଶିବମନ୍ଦିର ରହିଛି। କିଛି ଦିନ ପୂର୍ବରୁ ପାହାଡ ପାଦଦେଶରେ ଏକ ସୁରମ୍ୟ ପାର୍କ ଉଦ୍‌ଘାଟନ ହୋଇଛି। ଏହି ପାର୍କରେ ଶିଶୁଙ୍କଠାରୁ ଆରମ୍ଭ କରି ବଡ ଲୋକଙ୍କ ପାଇଁ ବସିବା, ବୁଲିବା ସୁବିଧା ରହିଛି। ପାର୍କ ଭିତରେ ଏକ କୃତ୍ରିମ ଗୁମ୍ଫା ତିଆରି କରାଯାଇଛି। ଯାହା ଶିଶୁ, ମହିଳା ଓ ପୁରୁଷଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ଉଦ୍ୟାନ ମଝିରେ ତିଆରି ହୋଇଛି ଏକ ୱାଟର ଫାଉଣ୍ଟେନ୍। ତାଭିତରେ ଛୋଟ ଶିଶୁମାନଙ୍କ ପାଇଁ ବୋଟିଂ ସୁବିଧା କରାଯାଇଛି। ପାର୍କ ଭିତରେ ବିଭିନ୍ନ କିସମର ଫୁଲଗଛ ଏବଂ ଛୋଟ ପିଲାଙ୍କ ପାଇଁ ଦୋଳି ଲଗାଯାଇଛି। ପାର୍କକୁ ଲାଗିକରି ରହିଛି ମିଶନ ଶକ୍ତି କାଫେ। ଏଠାରେ ବୁଲିବା ବେଳେ ହାଲୁକା ଖାଦ୍ୟ ମଧ୍ୟ ଖାଇପାରିବେ। ପାହାଡ ପାଦଦେଶରେ ରହିଛି ଭୀମକଟା ଜଳାଶୟ। ଏଥିରେ ରହିଛି ଜିଲାର ପ୍ରଥମ ବୋଟିଂ ସୁବିଧା। ୧୨ଟି ଡଙ୍ଗା ରଖାଯାଇଛି ଯାହା ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ର ପାଲଟିଛି। ପର୍ଯ୍ୟଟକମାନେ ଏଠାକୁ ପହଞ୍ଚିବା ପରେ ପାହାଡ ଚଢ଼ିବା, ଗୁମ୍ଫା ଓ ମନ୍ଦିର ଦର୍ଶନ, ବୋଟିଂ କରିବା ତଥା ପାର୍କ ବୁଲିବା ମଜା ନେଉଛନ୍ତି। ପାହାଡ ଉପରେ କିଛି ଭିଉ ପଏଣ୍ଟ ନିର୍ମାଣ କରାଯାଇଛି। ସେଠାରୁ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ବିଶେଷକରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଖିବା ଅନ୍ୟତମ ଆକର୍ଷଣ। ଖୁବ୍ କମ୍ ଦିନ ମଧ୍ୟରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ପ୍ରାୟ ପ୍ରତିଦିନ ଏଠାକୁ ପର୍ଯ୍ୟଟକମାନେ ଆସି କିଛି ସମୟ ଅତିବାହିତ କରୁଛନ୍ତି। ବଲାଙ୍ଗୀର ବନ ବିଭାଗ ପକ୍ଷରୁ ଏହି ପର୍ଯ୍ୟଟନସ୍ଥଳୀର ତଦାରଖ କରାଯିବା ସହ ଅନେକ ନୂଆ ଯୋଜନା ପ୍ରସ୍ତୁତ କରାଯାଉଛି। ବଲାଙ୍ଗୀର ଡିଏଫ୍ଓ ନୀତୀଶ କୁମାର କହିଛନ୍ତି ଯେ, ଭୀମଡୁଙ୍ଗୁରି ଏବେ ସାରା ରାଜ୍ୟର ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଅନେକ ବ୍ୟବସ୍ଥା କରାଯାଉଛି। ପାର୍କ, ବୋଟିଂ, ମିଶନ ଶକ୍ତି କାଫେ ନିର୍ମାଣ କରାଯାଇଛି। ଆଗକୁ ୬.୬୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଠାରେ ଦୋକାନ ଘର ସହ ପିକ୍‌ନିକ୍ ପିଣ୍ଡି ନିର୍ମାଣ କରାଯିବ। ପର୍ଯ୍ୟଟକଙ୍କ ସୁରକ୍ଷା ଓ ଆମୋଦ ପ୍ରମୋଦ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ଭୀମକଟାରେ ଥିବା ବୋଟିଂ ସୁବିଧା।







## ୫୦ ପ୍ରତିଶତ ଭୂତଳ ଜଳରେ ଫ୍ଲୋରାଇଡ୍

**ବୌଦ୍ଧ,୮।୬(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ପ୍ରତିବର୍ଷ ଭୂତଳ ଜଳସ୍ତର ୧ମିଟର ନିମ୍ନଗାମୀ ହେବାରେ ଲାଗିଛି। ମହାନଦୀ, ତେଲନଦୀ ଓ ଶାଖାନଦୀଗୁଡ଼ିକରେ ଜଳ ପ୍ରବାହ ପରିମାଣ କମୁଛି। ଗ୍ରୀଷ୍ମଋତୁରେ ପାନୀୟ ଜଳ ପାଇଁ ଲୋକେ ଆଉଟୁପାଉଟ ହେଉଛନ୍ତି। ନାଳ ଓ ଚୁଆର ଦୂଷିତ ପାଣି ପିଇ ଲୋକେ ରୋଗରେ ପୀଡ଼ିତ ହେଉଛନ୍ତି। କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଉଦ୍‌ବେଗଜନକ ହୋଇଛି। ହରଭଙ୍ଗା ବ୍ଲକର ବରଝୁଲି ଓ ପାଖ ଗ୍ରାମରେ ନଳକୂପରୁ ଫ୍ଲୋରାଇଡ୍ ମିଶ୍ରିତ ଜଳ ବାହାରୁଥିବା ଅଭିଯୋଗ ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାଣି ନମୁନା ସଂଗ୍ରହ କରାଯାଇଥିଲା। ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ପରୀକ୍ଷାରୁ ଜଣାପଡିବା ପରେ ବିଭାଗ ପକ୍ଷରୁ ନଳକୂପ ଚିହ୍ନଟ କରାଯାଇ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି ଏହି ଅଞ୍ଚଳର ଲୋକଙ୍କ ପାନୀୟ ଜଳ ପାଇଁ ପ୍ରଶାସନ ବିଶେଷ ସୁବିଧା କରିପାରି ନାହିଁ। କେତେକେ ବାଧ୍ୟବାଧକତାରେ ଚିହ୍ନଟ ନଳକୂପ ପାଣି ବ୍ୟବହାର କରୁଛନ୍ତି। ସରକାରୀ ସମୀକ୍ଷା ବୈଠକରେ କିଡ୍‌ନୀ ରୋଗର କାରଣ ପାନୀୟଜଳ ବୋଲି ଉପସ୍ଥାପିତ ହେବା ପରେ ଭୂତଳ ଜଳର ମାନ ପରୀକ୍ଷଣ କରିବାକୁ ପ୍ରଶାସନ ସୁପାରିସ କରିଥିଲା। କେନ୍ଦ୍ରୀୟ ଜଳ ଶକ୍ତି ବିଭାଗର ୨ଜଣ ଅଧିକାରୀ ଜିଲାର ବିଭିନ୍ନ ସ୍ଥାନରେ ଜଳ ନମୁନା ସଂଗ୍ରହ କରିବା ପରେ ୫୦ ପ୍ରତିଶତ ଭୂତଳ ଜଳରେ ଫ୍ଲୋରାଇଡ୍ ମିଶ୍ରିତ ଥିବା ରିପୋର୍ଟ ପ୍ରଦାନ କରିଛି। ଏନେଇ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗକୁ ସୂଚନା ଦିଆଯାଇଛି। ଜଳଶକ୍ତି ବିଭାଗର ଅଧିକାରୀ ଶିଶିର ବାସେର ଓ ତେତେନ୍ଦ୍ର ମାର୍ବାହା କଣ୍ଟାମାଳ ବ୍ଲକର ୪ ଓ ହରଭଙ୍ଗା ବ୍ଲକର ୧୨ ଗ୍ରାମରୁ ଜଳ ନମୁନା ସଂଗ୍ରହ କରଥିଲେ। ୮ ଗ୍ରାମର ନଳକୂପରୁ ଫ୍ଲୋରାଇଡ୍ ଜଳ ବାହାରୁଥିବା ସେ ସ୍ପଷ୍ଟ କରିଛନ୍ତି।









**ଏସ୍‌ଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଦୁଃଖ ପ୍ରକାଶ**

**ନୂଆଦିଲ୍ଲୀ:** ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ବାଲେଶ୍ୱର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ ସହ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପରିବାରବର୍ଗଙ୍କ ସହ ଠିଆହେବାକୁ କମ୍ପାନୀ ଆଶ୍ୱାସନା ଦେଇଛି। ଏଭଳି ଏକ ଦୁଃଖଦ ଦୁର୍ଘଟଣା ସମୟରେ ନିଜ ପ୍ରିୟଜନଙ୍କୁ ହରାଇଥିବା ଏବଂ ଆହତ ହୋଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ସୁଯୋଗ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଜୀବନଜୀବିକାର ସମସ୍ୟା ଦୂରକରିବା ପାଇଁ ସହାୟତା କରିବାକୁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ।

# ବଜାରରେ ମହିନ୍ଦ୍ରାର ନ୍ୟୁ ସୁପ୍ରୋ ସିଏନ୍‌ଜି ଡୁଓ

ଭୁବନେଶ୍ୱର,୮।୬

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ସୁପ୍ରୋ ସିଏନ୍‌ଜି ଡୁଓ'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ପ୍ରଥମଧରଣର ଡୁଆଲ ଫୁଏଲ ଏସ୍‌ସିଭି ମଡେଲ ସୁପ୍ରୋ ସିଏନ୍‌ଜି ଡୁଓକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଥିଲା। ଉକ୍ତ ମଡେଲ ଶ୍ରେଷ୍ଠ ମାନର ପେ'ଲୋଡ୍ ସହ ଉଲ୍ଲେଖନୀୟ ମାଇଲେଜ୍ ପ୍ରଦାନ କରୁଥିବା ବେଳେ ଉତ୍କୃଷ୍ଟ ପ୍ରଦର୍ଶନ ଓ ସର୍ବାଧିକ ଲାଭର ପ୍ରତିଶ୍ରୁତି ସହ ଉଭୟ ସିଏନ୍‌ଜି ଓ ପେଟ୍ରୋଲ ଦ୍ୱାରା ପରିଚାଳିତ ହେଉଛି। ଏ ସମ୍ପର୍କରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଅଟୋମୋଟିଭ୍ ଡିଭିଜନର ସଭାପତି ବିଜୟ ନାକ୍ରା କହିଛନ୍ତି, ଗ୍ରାହକଙ୍କୁ ଭଲ ଭାବେ ବୁଝିବା ଓ ବଜାରରେ ଦଶନ୍ଧି ଧରି ପ୍ରମୁଖ ଏସ୍‌ସିଭି ବର୍ଗରେ ରହିବା ସହିତ ଅଭିନବ ଓ ଭରସାଯୋଗ୍ୟ କମର୍ସିଆଲ୍ ଯାନ ପ୍ରସ୍ତୁତ କରିବା ଲାଗି ମହିନ୍ଦ୍ରାର ରହିଥିବା ସମୃଦ୍ଧ ଓ ଗର୍ବିତ ଐତିହ୍ୟର ପ୍ରତିଫଳନ ହେଉଛି ସୁପ୍ରୋ ସିଏନ୍‌ଜି ଡୁଓର ଶୁଭାରମ୍ଭ। ସେହିଭଳି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ସଭାପତି ଅଟୋମୋଟିଭ୍ ଟେକ୍ନୋଲୋଜି ଆଣ୍ଡ୍ ପ୍ରଡକ୍ଟ ଡେଭେଲପ୍‌ମେଣ୍ଟ ଆର୍ ଭେଲୁସ୍ୱାମୀ କହିଛନ୍ତି, ନୂଆ ସୁପ୍ରୋ ସିଏନ୍‌ଜି ଡୁଓକୁ ସ୍ମାର୍ଟ ଓ ସହଜରେ ପରିଚାଳିତ ହେଉଥିବା ଦ୍ୱୈତ-ଇନ୍ଧନ ବିଶିଷ୍ଟ ଛୋଟ କମର୍ସିଆଲ ଯାନ ଭାବେ ବିକାଶ କରାଯାଇଛି, ଯାହା ପ୍ରଦୂଷଣ ଓ ପରିଚାଳନା ଖର୍ଚ୍ଚ କମ୍ କରିବ। ଅପରପକ୍ଷରେ ସୁପ୍ରୋ ସିଏନ୍‌ଜି ଡୁଓ ଟାଙ୍କିକୁ ଥରେ ଫୁଲ୍ କଲେ ତାହା ୩୨୫ କି.ମି. ଯାତ୍ରା କରିବ। ଏଥିରେ ୨୦.୦୧ କିଲୋୱାଟ୍‌ର ବିଏସ୍-୬ ଆର୍‌ଡିଇ ଇଞ୍ଜିନ୍ ମଧ୍ୟ ରହିଛି। ସେହିଭଳି ଗାଡ଼ିରେ ୧୨ ଇଞ୍ଚ ଟାୟାର ଓ ୧୫୮ ଏମ୍‌ଏମ୍ ଗ୍ରାଉଣ୍ଡ୍ କ୍ଲିୟରାନ୍ସ ରହିଛି। ଏହାର ଗ୍ରାହକମାନେ କମ୍ ଡାଉନ୍‌ପେମେଣ୍ଟ ଦେଇ ଗାଡ଼ିର ବୁକିଂ କରିପାରିବେ ଏବଂ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ଜରିଆରେ ମଧ୍ୟ ଏହାକୁ କିଣିପାରିବେ। ଏହା ଉପରେ ୩ ବର୍ଷ/୮୦,୦୦୦ କି.ମି. ୱାରେଣ୍ଟି ପ୍ରଦାନ କରାଯାଉଛି। ଉକ୍ତ ମଡେଲ ଡାଇମଣ୍ଡ ହ୍ୱାଇଟ୍ ଓ ଡିମ୍ ୱାର୍ମ ବ୍ଲୁ ରଙ୍ଗରେ ଉପଲବ୍ଧ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ (ନୂଆଦିଲ୍ଲୀ) ୬.୩୨ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।



ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ଭିପି ତଥା ଜାତୀୟ ବିକ୍ରୟ ମୁଖ୍ୟ (ଅଟୋ ଡିଭିଜନ) ବାଣେଶ୍ୱର ବାନାର୍ଜୀ ମହିନ୍ଦ୍ରାର ନ୍ୟୁ ସୁପ୍ରୋ ସିଏନ୍‌ଜି ଡୁଓକୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଉଛନ୍ତି।

# ମିସୋର ନ୍ୟୁ ବ୍ରାଣ୍ଡ୍ ଆଇଡେଣ୍ଟି ଉନ୍ମୋଚିତ

ଭୁବନେଶ୍ୱର,୮।୬

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ମିସୋର ନବୀକରଣ ଯୋଗ୍ୟ ନୂତନ ବ୍ରାଣ୍ଡ୍ ଆଇଡେଣ୍ଟି ନିକଟରେ ଉନ୍ମୋଚିତ ହୋଇଯାଇଛି। ୱାନ୍ ଷ୍ଟପ୍ ଭୂ-ସମାନ୍ତର ପ୍ଲାଟ୍‌ଫର୍ମ ଭାବେ ଏହାର ସ୍ଥିତିକୁ ମଜଭୁତ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି, ଯାହା ଲକ୍ଷ ଲକ୍ଷ ଭାରତୀୟ ଦୋକାନୀଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବ। ଏପରିକି ଇ-କମର୍ସ ପ୍ଲାଟ୍‌ଫର୍ମର ଅନ୍ତର୍ଭୁକ୍ତିକୁ ମୂଲ୍ୟ ଓ ପ୍ରଥମ ଉତ୍ପାଦଗୁଡ଼ିକର ଏକ ବୃହତ୍ ସଂଗ୍ରହ ସହିତ ପ୍ରଦର୍ଶନ କରିବା ତଥା ଏହା କିପରି ଭାବେ ଆୟ ବିଭାଗ, ଭୌଗୋଳିକ, ଭାଷା, ଲିଙ୍ଗ ଏବଂ ବୟସ ଶ୍ରେଣୀରେ ଗ୍ରାହକଙ୍କୁ ସେମାନଙ୍କର ଶପିଂ ଆକାଂକ୍ଷାକୁ ହୃଦୟଙ୍ଗମ କରିବାରେ ସାହାଯ୍ୟ କରିବା ସହିତ ବ୍ରାଣ୍ଡ୍ ରିଭ୍ୟାମ୍ପ୍ ମଧ୍ୟ ଲକ୍ଷ୍ୟ ରଖିଛି। ସେହିଭଳି ନୂତନ ରଙ୍ଗ ପ୍ୟାଲେଟ୍‌ରେ 'ଜାମୁନି' ଏବଂ 'ଆମ୍' ରଙ୍ଗ ସାମିଲ ରହିଛି, ଯାହା ଭାରତର ବିବିଧତାର ସ୍ପନ୍ଦନ ଏବଂ ମହାନତାକୁ ଆବଦ୍ଧ କରିଥାଏ। ଏହି ରଙ୍ଗ ସିଦ୍ଧାନ୍ତ ଅନୁଯାୟୀ ଜାମୁନିଙ୍କର ଆକାଂକ୍ଷା ସହିତ ଏକ ସଙ୍ଗଠନ ଥିବାବେଳେ ଆମ୍ ଆମନ୍ତ୍ରଣ ଏବଂ ସ୍ୱାଗତଯୋଗ୍ୟ ଭାବରେ ଦେଖାଯାଏ । ସତେଜ ରଙ୍ଗ ପ୍ୟାଲେଟ୍ ହେଉଛି ମେସୋ ଗ୍ରାହକ ଏବଂ ବିକ୍ରେତାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ନିକଟତର ତା'ର ବ୍ୟକ୍ତିତ୍ୱର ଗୁଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ମିସୋର ପ୍ରତିଷ୍ଠାତା ତଥା ସିଇଓ ଭିଦିତ ଆତ୍ରେ କହିଛନ୍ତି, ଆମର ନବୀକରଣ ହୋଇଥିବା ବ୍ରାଣ୍ଡ୍ ପରିଚୟକୁ ଉପସ୍ଥାପନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହା ଆମର ପରିବର୍ତ୍ତନକୁ ଏକ ପ୍ରକୃତ ଅନ୍ତର୍ଭୁକ୍ତ ଏବଂ ସମାନ୍ତରାଳ ଇ-କର୍ମସ ପ୍ଲାଟ୍‌ଫର୍ମରେ ପରିଣତ କରିବ। ଏପରିକି ନୂତନ ରଙ୍ଗ ପ୍ୟାଲେଟ୍ ଏବଂ ସୋନିକ୍ ପରିଚୟ ଆମର ବ୍ରାଣ୍ଡ୍ ପରିଚୟରେ ଏକ ଶକ୍ତିଶାଳୀ ନୂତନ ଦିଗ ଯୋଗକରିବ। ସେହିଭଳି ଆଜି ଏବଂ ଭବିଷ୍ୟତରେ ଲୋକମାନେ କିପରି ମିସୋକୁ ଚିହ୍ନିବେ, ତା'ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେବ। ବିଶେଷକରି ଆମେ ବିଶ୍ୱାସକରୁ ଯେ ଭାରତରେ ଇ-କର୍ମସକୁ ବହୁଳ ଭାବେ ଗ୍ରହଣ କରିବା ପାଇଁ ବହୁତ ସୁଯୋଗ ରହିଛି ଏବଂ ପରବର୍ତ୍ତୀ ଅଭିବୃଦ୍ଧିର ତରଙ୍ଗ ଏହାକୁ ସମସ୍ତ ଦୋକାନୀଙ୍କ ପାଇଁ ପ୍ରଯୁଜ୍ୟ କରିବ ବୋଲି ଆତ୍ରେ ମତବ୍ୟକ୍ତ କରିଛନ୍ତି।

# ବାଧାମୁକ୍ତ ଦାବି ସମାଧାନର ବ୍ୟବସ୍ଥା

ଭୁବନେଶ୍ୱର,୮।୬

ଏଚ୍‌ଡିଏଫ୍‌ସି ଏର୍ଗୋ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ ବାଲେଶ୍ୱର ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ସମ୍ପର୍କୀୟ ଓ ପ୍ରଭାବିତ ବୀମାଧାରୀମାନଙ୍କୁ ସହାୟତାର ହାତ ବଢ଼ାଇଛି। ବିଶେଷକରି କମ୍ପାନୀ ସହ ଜଡ଼ିତ ବୀମାଧାରୀଙ୍କ ବୀମା ସମ୍ପର୍କିତ ସୂଚନା ଓ ଆବଶ୍ୟକ ସହଯୋଗ ପ୍ରଦାନ କରିବା ଏବଂ ଏକ ବାଧାମୁକ୍ତ ଦାବି ସମାଧାନର ବ୍ୟବସ୍ଥା କରିବା ପାଇଁ କମ୍ପାନୀ ପକ୍ଷରୁ ଏକ ଉତ୍ସର୍ଗୀକୃତ ଡେସ୍କର ଶୁଭାରମ୍ଭ କରାଯାଇଛି। ସେହିଭଳି ଏକ ଦାୟିତ୍ୱସମ୍ପନ୍ନ ବୀମା କମ୍ପାନୀ ଭାବେ ଏଚ୍‌ଡିଏଫ୍‌ସି ଏର୍ଗୋ ଏହି ସମୟରେ ପୀଡିତ ଓ ସେମାନଙ୍କ ପରିଜନଙ୍କ ସହ ଦୃଢତାର ସହ ଛିଡ଼ା ହୋଇଛି। ଏପରିକି ସେମାନଙ୍କୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛି। ଏଭଳି ଏକ ଦୁର୍ଘଟଣା ଯୋଗୁ ଅନେକ ମୂଲ୍ୟବାନ୍ ଜୀବନ ଚାଲିଯାଇଥିବା ବେଳେ ବହୁ ସଂଖ୍ୟକ ଲୋକ ଆହତ ମଧ୍ୟ ହୋଇଛନ୍ତି। ବିଶେଷକରି ପ୍ରଭାବିତମାନେ ଦୁଃଖ ଓ ଆର୍ଥିକ ବୋଝର ସମ୍ମୁଖୀନ ହେଉଛନ୍ତି। ତେଣୁ କମ୍ପାନୀ ଦାବି ସମାଧାନ କ୍ଷେତ୍ରରେ ନିଜର ସହଯୋଗ ପ୍ରଦାନ କରିବା ପାଇଁ ପ୍ରଭାବିତ ବ୍ୟକ୍ତିଙ୍କ ତଥ୍ୟ ହାସଲ କରିବା ଏବଂ ସକ୍ରିୟ ଭାବେ ସେମାନଙ୍କର ପରିଜନଙ୍କ ନିକଟରେ ପହଞ୍ଚିବା ପାଇଁ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଏହାର ପ୍ରଭାବିତ ବୀମାଧାରକଙ୍କୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଛି। ଦାବି ସମାଧାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏହି ବୀମା କମ୍ପାନୀ ରାଜ୍ୟ ଓ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ମୃତାହତ ବ୍ୟକ୍ତିଙ୍କ ତାଲିକାକୁ ମୃତ୍ୟୁର ପ୍ରମାଣ ଭାବେ ଗ୍ରହଣ କରିବ। ଅପରପକ୍ଷରେ କମ୍ପାନୀ ପକ୍ଷରୁ ବ୍ୟକ୍ତିଗତ ଦୁର୍ଘଟଣା କିମ୍ବା ସ୍ୱାସ୍ଥ୍ୟ ବୀମା ଦାବିଗୁଡ଼ିକ ସହ କୌଣସି ପ୍ରକାର ସହାୟତା ପାଇଁ ଏକ ହେଲ୍ପଲାଇନ୍ ନମ୍ବର- +୯୧୮୯୭୬୮୭୬୪୦୪ ଓ ଇମେଲ୍ ମବକ୍ସରଅଷୟଲମରକ୍ସଶକ୍ଟ.ମକ୍ଟଞ୍ଜ ଶୁଭାରମ୍ଭ କରାଯାଇଛି। ଏପରିକି ଏକ ବିଶେଷଜ୍ଞ ଟିମ୍ ଦାବିଦାରମାନଙ୍କୁ ବ୍ୟକ୍ତିଗତ ସହଯୋଗ ପ୍ରଦାନ କରିବ।

**ଫୁର୍‌ସତ**

# ୧୦ହଜାର ଅବହେଳିତ ଶିଶୁଙ୍କ ପାଇଁ 'ଆଦିପୁରୁଷ' ଟିକେଟ କିଣିଲେ


ରଣବୀର କପୁର

**ମୁମ୍ବାଇ:** ବଲିଉଡ୍ ଅଭିନେତା ପ୍ରଭାସ ଏବଂ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଅଭିନୀତ ଫିଲ୍ମ 'ଆଦିପୁରୁଷ' ଆସନ୍ତା ୧୬ ତାରିଖରେ ରିଲିଜ୍ ହେବାକୁ ଯାଉଛି। ପ୍ରଭାସ ଏଥିରେ ରାମଙ୍କ ଚରିତ୍ରରେ ନଜରକୁ ଆସିଥିବାବେଳେ କ୍ରିତିଙ୍କୁ ସୀତାଙ୍କ ବେଶରେ ଦେଖିବାକୁ ମିଳିଛି। ପୂର୍ବରୁ ଏହି ଫିଲ୍ମକୁ ନେଇ ଅନେକ ବିବାଦ ଉଠିଥିଲା। ଓମ୍ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଟ୍ରେଲର ନିକଟରେ ରିଲିଜ୍ ହେବା ପରେ ଏବେ ଲୋକେ ଉତ୍କଣ୍ଠାର ସହ ଏହାକୁ ଅପେକ୍ଷା କରି ରହିଛନ୍ତି। ମୁଭି ରିଲିଜ୍ ପୂର୍ବରୁ ଅଭିନେତା ରଣବୀର କପୁର ୧୦ହଜାର ଅବହେଳିତ ଶିଶୁଙ୍କ ପାଇଁ ଫିଲ୍ମ ଟିକେଟ ବୁକ କରି ତାଙ୍କୁ ଉପହାର ଦେଇଛନ୍ତି। ଏନେଇ ସେ ଏକ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି। ଏଥିରେ ପ୍ରଭାସ ଏବଂ କ୍ରିତିଙ୍କ ସହିତ ଅଭିନେତା ସୈଫ ଅଲି ଖାନ୍‌ଙ୍କୁ ରାବଣ ବେଶରେ ଦେଖିବାକୁ ମିଳିବ। ଏଥିସହ ଫିଲ୍ମରେ ଅମିତାଭ ବଚ୍ଚନ, କାଜଲ, ସନ୍ନି ସିଂ, ଦେବଦତ୍ତ ନାଗେଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ରାମାୟଣକୁ ଆଧାର କରି ନିର୍ମାଣ କରାଯାଇଛି। ଅନ୍ୟପଟେ ଚଳଚ୍ଚିତ୍ର 'ଦ କଶ୍ମୀର ଫାଇଲ୍ସ' ନିର୍ମାତା ଅଭିଷେକ ଅଗ୍ରୱାଲ 'ଆଦିପୁରୁଷ'ର ୧୦ ହଜାର ଟିକେଟ ତେଲଙ୍ଗାନାରେ ମାଗଣାରେ ଦେବେ ବୋଲି ଘୋଷଣା କରିଛନ୍ତି। ଏସବୁ ଟିକେଟ ସରକାରୀ ସ୍କୁଲର ଛାତ୍ରୀଛାତ୍ର, ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଦିଆଯିବ। ଏଥିସହ ପ୍ରତି ହଲ୍‌ରେ ଫିଲ୍ମ ଚାଲିବା ସମୟରେ ଗୋଟିଏ ସିଟ୍ ଖାଲି ରହିବ ବୋଲି ଆଦିପୁରୁଷ ନିର୍ମାତା ନିକଟରେ ଘୋଷଣା କରିଛନ୍ତି।

## ଝିଅ ଜନ୍ମଦିନରେ ମା'ଙ୍କ ଇ-ସିଗାରେଟ୍ ଗିଫ୍ଟ

ମାଡ୍ରିଡ

ଜଣେ ସନ୍ତାନ ପାଇଁ ତା' ମା'ଠାରୁ କେହି ଅଧିକ ଭଲ ଚିନ୍ତା କରିପାରିବେନି। ମା' ତାଙ୍କ ସନ୍ତାନର ଭୁଲ ଠିକ୍ ବାବଦରେ ପୂରା ଖବର ରଖିଥାନ୍ତି। ନିକଟରେ ସ୍ପେନର ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ମା' ତାଙ୍କ ଝିଅର ୧୦ମ ଜନ୍ମଦିନ ଅବସରରେ ଇ- ସିଗାରେଟ୍‌ର କିଛି ବାକ୍ସ ଏବଂ ଏକ ଆଇ ଫୋନ୍ ଉପହାର ସ୍ୱରୂପ ଦେଇଛନ୍ତି। ଏହି ସେଲିବ୍ରେଶନର ଏକ ଭିଡିଓ ଟିକ୍‌ଟକ୍‌ରେ ଛାଡ଼ିଥିଲେ। ଖୁବ୍‌ଶୀଘ୍ର ଏହି ଭିଡିଓ ଭାଇରାଲ ହେବାରେ ଲାଗିଲା। ଏଥିରେ ଅନେକ ଲୋକ ମା'ଙ୍କୁ ସମାଲୋଚନା କରିବାରୁ ସେ ତୁରନ୍ତ ଭିଡିଓକୁ ଡିଲିଟ୍ କରିଦେଇଥିଲେ। ଜଣେ ବ୍ୟକ୍ତି କହିଛନ୍ତି, ମା' ପିଲାଙ୍କୁ ଖରାପ ରାସ୍ତାରୁ ଭଲ ରାସ୍ତାକୁ ଆଣିଥାନ୍ତି। ହେଲେ ଏଠାରେ ଓଲଟା ଦେଖିବାକୁ ମିଳୁଛି। ଜଣାପଡିଛି ଯେ ଝିଅଟି ବର୍ତ୍ତମାନ ସ୍କୁଲରେ ପଢୁଛି।

# ୫୦୦୦ କୋଟି ନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍

ଭୁବନେଶ୍ୱର,୮।୬

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଆଦିତ୍ୟ ବିର୍ଲା ଗ୍ରୁପ୍ ନିକଟରେ ବ୍ରାଣ୍ଡେଡ୍ ଅଳଙ୍କାର ରିଟେଲ ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିଛି। ଏପରିକି ଉକ୍ତ ବ୍ୟବସାୟରେ କମ୍ପାନୀ ୫୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବୋଲି ଗ୍ରୁପ୍ ପକ୍ଷରୁ କୁହାଯାଇଛି। ବିଶେଷକରି ଗ୍ରୁପ୍‌ର ନୂଆ ସଂସ୍ଥା 'ନୋଭେଲ୍ ଜୁଏଲସ୍ ଲିମିଟେଡ୍' ଜରିଆରେ କମ୍ପାନୀ ବ୍ରାଣ୍ଡେଡ୍ ଅଳଙ୍କାର ରିଟେଲ ବ୍ୟବସାୟ କରିବ। ସେହିଭଳି ସାରା ଭାରତରେ କମ୍ପାନୀ ବଡ଼ ଆକାରର ସ୍ୱତନ୍ତ୍ର ଅଳଙ୍କାର ରିଟେଲ ଷ୍ଟୋର ସ୍ଥାପନ କରିବା ସହ ନିଜସ୍ୱ ବ୍ରାଣ୍ଡ୍‌ର ଅଳଙ୍କାର ଉପଲବ୍ଧ କରାଇବ। ଏପରିକି ସ୍ୱତନ୍ତ୍ର ଭାବେ ଡିଜାଇନ ଓ ଦୃଢ଼ ଆଞ୍ଚଳିକ ଛାପ ସହ ଏକ ଅଭିଳାଷପୂର୍ଣ୍ଣ ଜାତୀୟ ବ୍ରାଣ୍ଡ୍ ଭାବେ ଏହି ନୂଆ ସଂସ୍ଥା ଗ୍ରାହକମାନଙ୍କ ଅନୁଭୂତିରେ ପରିବର୍ତ୍ତନ ଆଣିବ ବୋଲି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ ବିର୍ଲା ମତ ପ୍ରକାଶ କରିଛନ୍ତି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, खूँटी**

**शुद्धि पत्र**

इस प्रमंडल द्वारा आमंत्रित ई०-निविदा सूचना संख्या-RDD/SD/KHUNTI/02/2023-24 (2ND CALL) जिसका पी.आर. संख्या 299049 RURAL DEVELOPMENT (2022-23)_D है, को निम्न प्रकार से संशोधित किया जाता है :-

| क० सं० | विवरण | पूर्व प्रकाशित तिथि/समय | संशोधित तिथि एवं समय |
|---|---|---|---|
| 1 | वेबसाईट में निविदा प्रकाशन की तिथि | 05.06.2023 के अपराह्न 2.00 बजे | 10.06.2023 के अपराह्न 2.00 बजे |
| 2 | वेबसाईट में निविदा डालने की अंतिम तिथि | 12.06.2023 के अपराह्न 5.00 बजे | 16.06.2023 के अपराह्न 5.00 बजे |
| 3 | निविदा शुल्क, अग्रधन की राषि, शपथ पत्र की मूल प्रति जमा करने की अंतिम तिथि | 13.06.2023 के अपराह्न 2.00 बजे | 17.06.2023 के अपराह्न 2.00 बजे |
| 4 | निविदा खोलने की तिथि | 14.06.2023 के अपराह्न 3.00 बजे | 19.06.2023 के अपराह्न 3.00 बजे |

निविदा सूचना की शेष शर्तें पूर्ववत रहेगी ।

PR 299585 Rural Development(23-24)#D

कार्यपालक अभियंता
ग्रामीण विकास विशेष प्रमंडल, खूँटी



**OFFICE OF THE SUPERINTENDENT**
**BPMSU (NHM), C.H.C. KHAPRAKHOL, DIST.: BOLANGIR**
**Advt. No. 386/CHC** **Date: 07.06.2023**

**TENDER CALL NOTICE FOR HIRING OF VEHICLE FOR RBSK - 2 & Addl. MHU**

Sealed quotations are invited from the intending Transporters/Travel Agency/Individuals/NGOs/Private Organisation towards hiring of vehicle for MHT under RBSK programme at CHC Gudvella on monthly basis. The details of vehicle requirement for the Institution and other Term & Conditions are available in the BPMSU, CHC, Khaprakhol during office hour. Sealed quotations (Super Scribing Quotation for engagement of NHT Vehicle) should be submitted in the prescribe forms in two envelopes, i.e. Technical Bid and Financial Bid to the Superintendent, CHC, Khaprakhol on or before 21.06.2023 by 12.00 P.M. through Registered Post/ Speed Post/Courier only. Neighter this office not the Superintendent will held responsible for any postal delay. No personal correspondence or enquiry will be entertained in this matter. The tender will be opened on the same day by the Institution at 3.00 P.M. in presence of bidders or their representative. The authority reserves the right to cancel/reject any or all the tender without assigning any reason thereof. The vehicle must be Bolero/Scorpio/Innova/Tavera.

**Sd./- Superintendent**
**CHC, Khaprakhol, Dist.: Bolangir**



**ODISHA JOINT ENTRANCE EXAMINATION - 2023 (OJEE - 2023)**

**No: OJEE/0250** **DATE : 08.06.2023**

**NOTICE FOR EXTENSION OF THE LAST DATE FOR ONLINE APPLICATION FOR 2nd /SPECIAL OJEE - 2023**

**No.h-05:**This is for the information of all candidates, interested to apply for 2nd / Special OJEE 2023, that the **last date for registration and final submission of online application forms for 2nd/Special OJEE - 2023, which was earlier notified as 08.06.2023, is extended up to 10.06.2023 (till 04.30 PM).**

Candidates are advised to visit OJEE websites (www.ojee.nic.in / www.odishajee.com). read the **'Information Brochure'** and the **'Instructions to fill On-line Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

**It may be noted that there will be no further extension of the registration / application period beyond this date.**

**Sd./- CHAIRMAN, OJEE**
**Odisha**

**OIPR-14020/11/0006/2324**



**DISTRICT EDUCATION OFFICE, SAMBALPUR**
**(DISTRICT PROJECT MANAGEMENT UNIT, PM Poshan (MDM))**
**No. 4416/PM POSHAN (MDM)** **Dt.08.06.2023**

**SHORT TENDER CALL NOTICE**

Sealed tenders are invited in the prescribed format from the intending Individual/Firm/Transport Contractor(s)/ Agents having agent's licence for transportation of foodstuff(rice) under PM Poshan feeding programme from OSCSC RRC Godown i.e., A. Katapali, Nuakhurigaon, Kuchinda & Rairakhol of the district to different school points of Sambalpur District without transit for 2023-24. The detaild tender papers and documetns can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of Rs.500/- (Rupees five hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan (MDM), Sambalpur"** payable at Sambalpur. The details of the tender call notice and other documents are also available in Office website **http://sambalpur.nic.in** of Sambalpur District.

| | | |
|---|---|---|
| Date of Commencement of Sale of Tender Document | : | Dt.09.06.2023 |
| Last date of Sale of Tender Document | : | Dt.29.06.2023 |
| Last Date & time of Receipt of Tender Document | : | Dt.03.07.2023 (12.00 Noon) |
| Date & Time of Opening of Tender Documents | : | Dt.04.07.2023 at 11.00 A.M. |

Notwithstanding anything contained to the contrary in the tender document, the undersigned reserves the right to cancel/modify the "Invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Sd./- District Education Officer, Sambalpur**



**BHUBANESWAR DEVELOPMENT AUTHORITY**
**Akash Shova Building, Pandit Jawaharlal Nehru Marg, Bhubaneswar - 751001, Odisha**
**Telephone: (0674) 2396437, 2390998, 2392801, Fax: 0674-2390633**
**No.18795/BDA, Bhubaneswar** **Date: 05.06.2023**
**e-Commerce-36/2023**

**NOTICE**

No. CAD-883: Applications are hereby invited for auction sale of 25 (Twenty-five) shops at K-6 (A), Neighborhood Shopping Complex, Subudhipur, Bhubaneswar through e-auction to be held 02.08.2023 (RERA Registration Number - CP/19/2023/00915)

| Sl. No. | Shop No. | Carpet area in Sq.ft. | Reserved Price | Security Money |
|---|---|---|---|---|
| 1 | G/1 | 77.5 | Rs.7,97,800/- | Rs.50,000/- |
| 2 | G/2 | 77.5 | Rs.7,97,800/- | Rs.50,000/- |
| 3 | G/3 | 77.5 | Rs.7,97,800/- | Rs.50,000/- |
| 4 | G/4 | 77.5 | Rs.7,97,800/- | Rs.50,000/- |
| 5 | G/5 | 77.5 | Rs.7,97,800/- | Rs.50,000/- |
| 6 | G/6 | 77.5 | Rs.7,97,800/- | Rs.50,000/- |
| 7 | G/7 | 77.5 | Rs.7,97,800/- | Rs.50,000/- |
| 8 | G/8 | 77.5 | Rs.7,97,800/- | Rs.50,000/- |
| 9 | G/9 | 77.5 | Rs.7,97,800/- | Rs.50,000/- |
| 10 | G/10 | 77.5 | Rs.7,97,800/- | Rs.50,000/- |
| 11 | G/11 | 77.5 | Rs.7,97,800/- | Rs.50,000/- |
| 12 | G/12 | 77.5 | Rs.7,97,800/- | Rs.50,000/- |
| 13 | F/1 | 77.5 | Rs.7,28,360/- | Rs.50,000/- |
| 14 | F/2 | 158.77 | Rs.14,29,233/- | Rs.50,000/- |
| 15 | F/3 | 77.5 | Rs.7,28,360/- | Rs.50,000/- |
| 16 | F/4 | 77.5 | Rs.7,28,360/- | Rs.50,000/- |
| 17 | F/5 | 77.5 | Rs.7,28,360/- | Rs.50,000/- |
| 18 | F/6 | 77.5 | Rs.7,28,360/- | Rs.50,000/- |
| 19 | F/7 | 77.5 | Rs.7,28,360/- | Rs.50,000/- |
| 20 | F/8 | 77.5 | Rs.7,28,360/- | Rs.50,000/- |
| 21 | F/9 | 77.5 | Rs.7,28,360/- | Rs.50,000/- |
| 22 | F/10 | 77.5 | Rs.7,28,360/- | Rs.50,000/- |
| 23 | F/11 | 77.5 | Rs.7,28,360/- | Rs.50,000/- |
| 24 | F/12 | 77.5 | Rs.7,28,360/- | Rs.50,000/- |
| 25 | F/13 | 77.5 | Rs.7,28,360/- | Rs.50,000/- |

Details of the scheme brochure are available in the BDA website **www.bda.gov.in**. The receipt of online application will commence at 11.00 A.M. on 13.06.2023 and continue till 11.59 P.M. on 14.07.2023. Duly filled in online applications for participating in the e-auction must be submitted to the Bhubaneswar Development Authority by 14.07.2023 with requisite Security Money.

**Sd./- Secretary**
**Bhubaneswar Development Authority**
**OIPR-13033/11/0122/2324**



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 4896/PSC** **Dt.08.06.2023**
**PF-1E-11-2021-22 (DR-III)**

No. D-64: It is for information of all concerned that pursuant to Advt. No. 24 of 2021-22, **68 (Sixty Eight)** candidates bearing following PPSAN have been allowed to appear in the interview to determine their eligibility for recruitment to the Post of **Post Graduate Teachers in Physics.**The interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on **26.06.2023, 27.06.2023, 28.06.2023 & 29.06.2023** as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 26.06.2023 | 10.30 A.M. | 00093578, 00120447, 00090691, 00122422, 00089820, 00117945, 00092314, 00091662 & 00096242 **= 09 Candidates** |
| | | 2.30 P.M. | 00103998, 00119265, 00118990, 00100779, 00124720, 00096884, 00102909 & 00116380 **= 08 Candidates** |
| 2 | 27.06.2023 | 10.30 A.M. | 00103552, 00048661, 00040565, 00101333, 00115159, 00126033, 00112561, 00058717, 00123129 & 00111966 **= 10 Candidates** |
| | | 2.30 P.M. | 00114657, 00060517, 00104735, 00018802, 00099935, 00126097 & 00132373 **= 07 Candidates** |
| 3 | 28.06.2023 | 10.30 A.M. | 00098890, 00117918, 00104445, 00091547, 00034841, 00103050, 00061979, 00118231, 00125659 & 00089143 **= 10 Candidates** |
| | | 2.30 P.M. | 00092343, 00034707, 00117256, 00116890, 00118203, 00063105 & 00041139 **= 07 Candidates** |
| 4 | 29.06.2023 | 10.30 A.M. | 00073447, 00078795, 00115121, 00066781, 00020850, 00117024, 00111827, 00101158, 00114485 & 00122662 **= 10 Candidates** |
| | | 2.30 P.M. | 00031839, 00080400, 00099297, 00114425, 00103290, 00028544 & 00127790 **= 07 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laiddown in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date and time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

**OIPR-12002/11/0045/2324** **Sd./- Secretary (I/C)**

**ବାଇକ ସହ ୭୫ ଲିଟର ମଦ ଜବତ, ୨ ଗିରଫ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହାରେ ଅବକାରୀ ବିଭାଗ ଚଢାଉ କରି ଗୁରୁବାର ୭୫ଲିଟର ରନ୍ଧାମଦ ସହ ଏକ ବାଇକ ଜବତ କରିଛି। ଏହି ଘଟଣାରେ ଚତୁର୍ଭୁଜ ବିଶୋୟୀ ଓ ଦୀପକ ସୁନାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଭାରତ ପାଇଁ ଆଣିଲେ କାଂସ୍ୟ ପଦକ

**ଏସିଆନ ଅଣ୍ଡର ୨୦ ଚାମ୍ପିୟନଶିପ୍‌ରେ ବିକାଶ ଡିଗ୍ରୀ କଲେଜ ଛାତ୍ରଙ୍କ ସଫଳତା**



ଭବାନୀପାଟଣା,୮।୬(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ କଲେଜର ବିବିଏ ବିଭାଗ ପ୍ରଥମ ବର୍ଷ ଛାତ୍ର ଦଣ୍ଡପତି ନୃତ୍ୟୁମ ଜୟରାମ ସାଉଥ କୋରିଆଠାରେ ଜୁନ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏସିଆନ ଅଣ୍ଡର ୨୦ ଅଥେଲେଟିକ ଚାମ୍ପିୟନଶିପରେ ୪x୧୦୦ ରିଲେରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଭାରତ ପାଇଁ ଏକ କାଂଶ ପଦକ ହାସଲ କରି ଜିଲା ତଥା ରାଜ୍ୟ ଓ ଦେଶର ଟେକ ରଖିପାରିଛନ୍ତି। ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଜୟରାମଙ୍କ ଏହି ସଫଳତା ନେଇ ମା'ବାପା ବିକାଶ ଅନୁଷ୍ଠାନ ଅଧକ୍ଷ ଡି. ମୁରଲୀ କ୍ରିଷ୍ଣା, ନିର୍ଦ୍ଦେଶକ ଡି. ଶ୍ୟାମ. ଅନ୍ୟତମ ନିର୍ଦ୍ଦେଶକ ଡି. ରାମକୁମାର, ଏକାଡେମିକ ଇନଚାର୍ଜ ଡି. ବିଜୟା, ମ୍ୟାନେଜମେଣ୍ଟ ଅଧକ୍ଷ ଡି. ପଦ୍ମିନୀ, ଡିଗ୍ରୀ କଲେଜ ଅଧକ୍ଷ ସୁଦୀପ୍ତ କୁମାର ଜେନା, ଯୁକ୍ତ ୨ ଅଧକ୍ଷ ଯୁବରାଜ ନାୟକ, ଆଦିତ୍ୟ କୁମାର ପଟ୍ଟନାୟକ, ସୁଶ୍ରୀ କେ ଜୟଶ୍ରୀ, ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଡ୍ରେନ ଖୋଳାକୁ ନେଇ ଗଣ୍ଡଗୋଳ, ଥାନାରେ ମାମଲା

ବେଲପଡ଼ା,୮।୬(ଡି.ଏନ.ଏ.): ବଲାଙ୍ଗୀର ଜିଲ ବେଲପଡ଼ା ଥାନା ସିହିନି ପଞ୍ଚାୟତ ସେମେଲପାଲି ଗ୍ରାମରେ ସରକାରୀ ଡ୍ରେନ ଖୋଳାକୁ ନେଇ ଗଣ୍ଡଗୋଳ ଘଟିଛି। ମାମଲା ଥାନାକୁ ଯାଇଛି। ଅଭିଯୋଗ ଅନୁଯାୟୀ ଗ୍ରାମରେ ସରକାରୀ ଡ୍ରେନ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ଡ୍ରେନ ପାଇଁ ଜେସିବିରେ ରାସ୍ତା ପାର୍ଶ୍ୱ ମାଟି ଖନନ କରାଇବା ବେଳେ ଗାଁର ପରମାନନ୍ଦ ଥାର୍ଟୀଙ୍କ ଘରର ପିଲାର ଦୋହଲି ଯାଇ କୁଆଡେ ଫାଟ ହୋଇଥିଲା। ପରମାନନ୍ଦ ଏ ନେଇ କହିବା ପରେ ଉଭୟ ପକ୍ଷ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଠିକାଦାର ଜେସିବି ଲଗାଇ ଘର ଭାଙ୍ଗିଦେବା ସହ ମାଡ଼ ମାରିବା ଧମକ ଦେଉଥିବା ପରମାନନ୍ଦ ଥର୍ଟୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ସିସିଟିଭି କ୍ୟାମେରା ସହ ଘର ସାମଗ୍ରୀ ଚୋରି କଲେ ଦୁର୍ବୃତ୍ତ

ବଲାଙ୍ଗୀର ଅଫିସ, ୮।୬: ବଲାଙ୍ଗୀର ସହର ଲାଲଟିକ୍ରାଠାରେ ଭଡା ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ସିସିଟିଭି କ୍ୟାମେରା ସହ ଘରରୁ ଟଙ୍କା, ସୁନା ଓ ରୂପା ଅଳଙ୍କାର ଚୋରି କରିନେଇଛନ୍ତି। ଘର ମାଲିକ ସତ୍ୟନାରାୟଣ ବେହେରା ଗୁରୁବାର ଏ ନେଇ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା (୨୬୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସତ୍ୟନାରାୟଣ ପରିବାର ସହ ଅନ୍ୟତ୍ର ଯାଇଥିବାବେଳେ ଗୁରୁବାର ସକାଳେ ଘରକୁ ଫେରିଥିଲେ। ଘର କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ଘର ଭିତରେ ଅନେକ ସାମଗ୍ରୀ ଚୋରି ହୋଇଥିବା ଦେଖି ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଟାଉନ୍ ଥାନା ପକ୍ଷରୁ କୁହାଯାଇଛି।

### ଆହତ ବାଇକ୍ ଆରୋହୀଙ୍କୁ ମେଡିକାଲରେ ଭର୍ତ୍ତି କଲେ ଉପଜିଲାପାଳ

ଜୁନାଗଡ଼,୮।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲକପୁରଠାରେ ଗୁରୁବାର ୨ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପୁରୁଣାସର ଗ୍ରାମର ବାଇକ୍ ଆରୋହୀ ଅନଙ୍ଗ ମୁଣ୍ଡା (୩୮) ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଧର୍ମଗଡ଼ ଉପଜିଲାପାଳ ବେଦଭୁଷଣ କଲମପୁର ଯାଉଥିଲେ। ଆହତମାନଙ୍କ ଅବସ୍ଥା ଦେଖି ଉପଜିଲାପାଳ ନିଜ ସରକାରୀ ଗାଡିରେ ସେମାନଙ୍କୁ ଚିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। ଆହତଙ୍କ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ନିଜ ଘରକୁ ପଠାଇଥିଲେ। ଏଭଳି ମାନବ ସେବା ପାଇଁ ଉପଜିଲାପାଳଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ୬ ପଞ୍ଚାୟତ ଜଳସେଚନରୁ ବାଦ୍

ଲୋଇସିଂହା, ୮।୬(ଡି.ଏନ.ଏ.)

**ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ**

**■ ଚାଷୀ ମହଲରେ ବଢୁଛି ଅସନ୍ତୋଷ**

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଚଳିତ ବର୍ଷରୁ ଡ୍ୟାମରେ ବର୍ଷା ଜଳ ସଂରକ୍ଷିତ ରଖାଯିବ ଏବଂ ଭୂତଳ ପାଇପ ଲାଇନ ଜରିଆରେ ଜଳସେଚନ ଲକ୍ଷ୍ୟ ରଖାଯାଇଛି। ଏନେଇ ଭୂତଳ ପାଇପ ଲାଇନ କାମ ଆରମ୍ଭ ହୋଇଛି। ପ୍ରକଳ୍ପର ବାମପାର୍ଶ୍ୱ କେନାଲ ପାଇଁ ଲୋୟର ସୁକତେଲ ଜଳସେଚନ ବିଭାଗ ପକ୍ଷରୁ ମେ ୧୫ରୁ ଜୁନ ୨ପର୍ଯ୍ୟନ୍ତ ଲୋଇସିଂହା ବ୍ଲକର ୧୪ଟି ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଜଳସେଚନ ହେଉଥିବା ଗ୍ରାମର ଶତ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା ରହି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଭୂତଳ ପାଇପ ଲାଇନ ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ଓ ସମ୍ବଲପୁର-ଟିଟିଲାଗଡ ରେଳପଥ ପାର କରିବାର ନିୟମ ନ ଥିବା ବିଭାଗୀୟ ଅଧିକାରୀ ଗ୍ରାମସଭା ବେଳେ କହିଥିଲେ। ପ୍ରକଳ୍ପରୁ ରାଜପଥର ଡାହାଣ ପାର୍ଶ୍ୱର ଜମିକୁ କେବଳ ଜଳସେଚନ ଯୋଜନା ରହିଛି। ରାଜପଥ ଅପରପାର୍ଶ୍ୱରେ ଥିବା ଜମିକୁ ଜଳ ସେଚନା ବ୍ୟବସ୍ଥା ନ ଥିବାରୁ ବୃହତ ଅଞ୍ଚଳ ଜଳସେଚନରୁ ବଞ୍ଚିତ ରହିବ। ବ୍ଲକ ସଦର ମହକୁମା ଲୋଇସିଂହା, ବୁର୍ଡା ଓ ହୀରାପୁର ପଞ୍ଚାୟତରେ ଆଂଶିକ ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। ଯୋଗୀସର୍ଡା, ବାଦିବାହାଲ ସମେତ ପ୍ରକଳ୍ପର ଉପରମୁଣ୍ଡରେ ଥିବା ରେଙ୍ଗାଲି, ରତାଖଣ୍ଡି ଓ ଉପରବାହାଲ ପଞ୍ଚାୟତପ ସମ୍ପୂର୍ଣ୍ଣ ଭାବେ ଜଳସେଚନରୁ ବାଦ ପଡୁଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ତେଜିବାରେ ଲାଗିଛି।

ବ୍ଲକର ମାଗୁରବେଡାଠାରେ ଲୋୟର ସୁକତେଲ ପ୍ରକଳ୍ପ ଡ୍ୟାମ କାମ ଚାଲିଛି। ଡ୍ୟାମ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକ କୃଷି ବିଭାଗ ୨୦୨୨-୨୩ ଆର୍ଥିକ ବର୍ଷ ତଥ୍ୟ ଅନୁଯାୟୀ ବ୍ଲକରେ ସର୍ବମୋଟ ୨୧ହଜାର ୨୦୦ହେକ୍ଟର ଜମି ରହିଛି। ତନ୍ମଧ୍ୟରୁ ୧୦ହଜାର ୫୯୦ ହେକ୍ଟର ଚାଷ ଉପଯୋଗୀ ଜମିରେ ଖରଫ ଚାଷ କରାଯାଇଥିଲା। ପ୍ରକଳ୍ପର ବାମ କେନାଲର ଭୂତଳ ପାଇପ ଲାଇନ ଜରିଆରେ ବ୍ଲକର ଗଡଶଙ୍କର ଡୁଙ୍ଗରିପାଲି, ବାନିପାଲି, କୁଶମେଲ, ତଲିଉଡାର, ସରଗାଡ, କୁଶଙ୍ଗ, ବାଦିମୁଣ୍ଡା, ଝାରମୁଣ୍ଡା, କନ୍ଧାଗୁରୀ, କୁଟେନପାଲି, ଲୋଇସିଂହା, ବୁର୍ଡା, ବୁଢୀପଦର, ହୀରାପୁର ପଞ୍ଚାୟତ ଅନ୍ତର୍ଗତ ୫୨ଖଣ୍ଡ ଗ୍ରାମର ୧୦ହଜାର ୩୦୩ ହେକ୍ଟରକୁ ଜଳ ସେଚନ ବ୍ୟବସ୍ଥା ରହିଛି। ପୂର୍ବରୁ ଜଳସେଚନ ପାଇଁ ସର୍ଭେ ସରିଥିଲେ ମଧ୍ୟ ବ୍ଲକର ୩୩ ନଂ ଜୋନର ଯୋଗୀସର୍ଡା ଏବଂ ବାଦିବାହାଲ ପଞ୍ଚାୟତ ସମ୍ପୂର୍ଣ୍ଣ ଜଳ ସେଚନରୁ ବାଦ ପଡିଛି। ସେହିପରି ଲୋଇସିଂହା, ବୁର୍ଡା, ବୁଢୀପଦର ପଞ୍ଚାୟତର ସଦର ଗ୍ରାମର ଆଂଶିକ ଜମି ଜଳ ସେଚନ ହେଉଥିବାବେଳେ ଏକତୃତୀୟାଂଶ ଜମି ଜଳସେଚନରୁ ବାଦ୍ ପଡୁଛି। ବୁଢୀପଦର ପଞ୍ଚାୟତର ନେଗିପାଲି, ଘୁଷୁରାମୁଣ୍ଡା, ପିପିଲିପାଲି, ପଧାନପାଲି, ଘୁଷୁରାମୁଣ୍ଡା, ଲୁହୁରାପାଲ, ହୀରାପୁର ପଞ୍ଚାୟତର ମାଣ୍ଡିଆପଦର ଗ୍ରାମକୁ ଛାଡି ଦେଲେ ହୀରାପୁର, ବାରଡୋଲ, ଟେଭାଡୁଙ୍ଗରୀ, ଗୋପାଳପୁର, ଖରମୁଣ୍ଡା, ସେମେଲମୁଣ୍ଡା ଆଦି ଗାଁ ବାଦ ପଡୁଛି। ୩୪ନଂ ଜୋନର ବାନିପାଲି, ସରଗାଡ, ଠାକୁରପାଲି, ବବଜା ଆଦି ଗ୍ରାମରେ ଅନୁରୂପ ସମସ୍ୟା ଥିବାରୁ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ପଚାରିବାରୁ ବୁର୍ଡା ସମେତ ବିଭିନ୍ନ ଗ୍ରାମରୁ ଏହି ସମସ୍ୟା ନେଇ ଚାଷୀ ମୋ ପାଖକୁ ଆସିଥିଲେ। ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରିଛି । ଏନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ କହିଛନ୍ତି।

**ଶତପ୍ରତିଶତ ଜମିକୁ ଜଳ ସେଚନ ପ୍ରସ୍ତାବ ପଠାଯିବ**

ଅଣଜଳସେଚିତ ଲୋଇସିଂହା ବ୍ଲକବାସୀ ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ବହୁ ଆଶା ବାନ୍ଧିଥିଲେ। ଏବେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ତେବେ ପ୍ରକଳ୍ପରୁ ଜଳସେଚନ ନେଇ ଆଶା ବାନ୍ଧିଥିବା ଲୋଇସିଂହା ବ୍ଲକର ୬ଟି ପଞ୍ଚାୟତ ସମ୍ପୂର୍ଣ୍ଣ ବାଦ୍ ପଡିବା ନିଶ୍ଚିତ ହୋଇଛି। ୨୬ନଂ ରାଜପଥ ଜଳସେଚନରେ ବାଧକ ସୃଷ୍ଟି କରୁଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଜୁନ ୯ ଶୁକ୍ରବାର ହେବାକୁ ଥିବା ଲୋଇସିଂହା ପଞ୍ଚାୟତ ସମିତିର ବୈଠକରେ ଶତପ୍ରତିଶତ ଜମିକୁ ଜଳସେଚନ ଲାଗି ପ୍ରସ୍ତାବ ପାରିତ କରିବାକୁ ଚାଷୀ ମହଲରେ ଦାବି ହେଉଛି। ସମ୍ପୃକ୍ତ ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ବାଦିବାହାଲ ସରପଞ୍ଚ ପ୍ରଶାନ୍ତପଧାନ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ, ବୁଢୀପଦର ସରପଞ୍ଚ ପାର୍ବତୀ ତ୍ରିପାଠୀ ପ୍ରମୁଖ ଏହି ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶତପ୍ରତିଶତ ଜମିକୁ ଜଳସେଚନ ଲାଗି ପ୍ରସ୍ତାବ ପାରିତ କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଯିବ ବୋଲି ସେମାନେ କହିଛନ୍ତି।

### ବିଜେଡିର ଜନସମ୍ପର୍କ ଅଭିଯାନ, ମିଶ୍ରଣ ପର୍ବ

ଲୋଇସିଂହା, ୮।୬(ଡି.ଏନ.ଏ)

ବଲାଙ୍ଗୀର ଲୋଇସିଂହା ବ୍ଲକ ଅନ୍ତର୍ଗତ ହୀରାପୁର ପଞ୍ଚାୟତର ବାଗଡୋଲ ଗ୍ରାମରେ ବିଜେଡିର ଜନସମ୍ପର୍କ ଅଭିଯାନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଯାଇଛି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଦଳରେ ଯୋଗଦେଇଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ, ନାଏକ ସରପଞ୍ଚ ସର୍ଜନ ବେହେରା ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ୍ୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଜେଡିର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ମଧୁସୂଦନ ପୁଟେଲ, ବିଶ୍ୱନାଥ ଦୀପ, ବଲ୍ଲଭ ପଧାନ ଓ ଟେଭାଡୁଙ୍ଗରି ଗୌନ୍ତିଆ ଅଭିମନ୍ୟୁ ଭୋଇ, ଅଶ୍ୱିନୀ ସେଠ, ରାମ ଚନ୍ଦ୍ର ସୁନା, ପ୍ରକାଶ ବାରିକ, କାହ୍ନ ବରିହା, ବଂଶୀଧର ପୁଟେଲ, ଦାମୋଧର ପଧାନଙ୍କ ସମେତ ହୀରାପୁର, ବାଗଡୋଲ, ଟେଭାଡୁଙ୍ଗରି, ଗୋପାଳପୁରର ୫୦ରୁ ଉର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଥିଲେ।

# ରାଜଧାନୀକୁ ଗଡ଼ିଲା ନୂଆବସ

ଟିଟିଲାଗଡ଼, ୮।୬ (ଡି.ଏନ.ଏ)



ମନ୍ତ୍ରୀଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧନା ଜ୍ଞାପନ କରୁଛନ୍ତି।

ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ପ୍ରଚେଷ୍ଟାରେ ଦୀର୍ଘ ଦଶନ୍ଧିର ବ୍ୟବଧାନ ପରେ ରାଜଧାନୀକୁ ପ୍ରଥମ ବସ ସେବା ଆରମ୍ଭ ହୋଇଛି। ବୁଧବାରଠାରୁ ନୂତନ ଭାବରେ ଟିଟିଲାଗଡ ଦେଇ ବ୍ରହ୍ମପୁର ଏବଂ ରାଜଧାନୀକୁ ଦୁଇଟି ସରକାରୀ ବସ ଚଳାଚଳ ଆରମ୍ଭ ହୋଇଛି। ଉକ୍ତ ବସ କଳାହାଣ୍ଡି ଜିଲା ଥୁଆମୁଳ ରାମପୁରରୁ ବାହାରି ଟିଟିଲାଗଡ ବ୍ଲକର ଆଭ୍ୟନ୍ତରୀଣ ପଞ୍ଚାୟତ ଲୁଥୁରବନ୍ଧ, ବିନେକେଲା, ସିହିନି, କତରକେଲା, ଘଣ୍ଟବାହାଲି, ଭାଲେଗାଁ, ବାନ୍ଧୁପଲା ଆଦିକୁ ଛୁଇଁ ରାଜଧାନୀ ଅଭିମୁଖେ ଯିବା ପଥ ନିର୍ଦ୍ଧାରିତ ହୋଇଛି। ଏନେଇ ଉକ୍ତ ପଞ୍ଚାୟତ ଅଞ୍ଚଳର ସାଧାରଣ ଜନତାଙ୍କ ମଧ୍ୟରେ ଆନନ୍ଦର ବାତାବରଣ ଖେଳି ଯାଇଛି। ଏନେଇ ଗୁରୁବାର ସ୍ଥାନୀୟ ଜନତା ତଥା ନେତୃବୃନ୍ଦ ଟିଟିଲାଗଡଠାରେ ମନ୍ତ୍ରୀ ସାହୁଙ୍କୁ ସାକ୍ଷାତ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢ, କୃଷକ ସଂଘର୍ଷ ଅଭିଯାନ ଟିଟିଲାଗଡର ଆବାହକ ବାଳକୃଷ୍ଣ ଷାଣ୍ଢ, ରାଜେନ୍ଦ୍ର ଜାନୀ, ନରେନ୍ଦ୍ର ସାହୁ, ପ୍ରକାଶ ଭୋଇ, ସଞ୍ଜିବ ବାଗ, ଉଦ୍ଧବ ହରପାଲ, ପ୍ରଦୀପ ଜାନୀ, ଗୋକୁଳ ମାଝୀ, ତ୍ରିଲୋଚନ ସାହୁ, ବୈବସ୍ୱତ ସାହୁ, ଧନେଶ୍ୱର ଭୋଇ ପ୍ରମୁଖ ଅଞ୍ଚଳର ବହୁ ବ୍ୟକ୍ତି ଏନେଇ ମନ୍ତ୍ରୀଙ୍କୁ ତାଙ୍କ ଟିଟିଲାଗଡସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ଧନ୍ୟବାଦ ଜଣାଇଥିଲେ। ବସ ଥୁଆମୂଳରାମପୁରରୁ ଅପରାହ୍ନ ୩.୪୫ରେ ବାହାରି ବଲାଙ୍ଗୀର ଜିଲା ଲୁଥୁରବନ୍ଧରେ ୬.୩୦ରେ ପହଞ୍ଚି ସେଠାରୁ ବେଲଗାଁ, ଏମ ରାମପୁର, ଭଞ୍ଜନଗର ଦେଇ ରାଜଧାନୀ ଅଭିମୁଖେ ଯିବ। ଏହା ସହ ଖରିଆର ରୋଡରୁ ଏକ ସରକାରୀ ବସ ଟିଟିଲାଗଡ ଦେଇ ବ୍ରହ୍ମପୁରକୁ ଚଳାଚଳ ଆରମ୍ଭ କରିଛି। ଖରିଆରୁ ରୋଡରୁ ସନ୍ଧ୍ୟା ୭ଟାରେ ବାହାରି ୧୦ଟାରୁ ଟିଟିଲାଗଡ ପହଞ୍ଚି, ବେଲଗାଁ, ଏମ ରାମପୁର ଦେଇ ବସ ବ୍ରହ୍ମପୁର ଯିବା ନିର୍ଦ୍ଧାରଣ ହୋଇଛି। ବିଶେଷ କରି ଟିଟିଲାଗଡ ଦେଇ ଯାଉଥିବା ଟ୍ରେନଗୁଡିକରେ ଜରୁରିକାଳୀନ ଯାତ୍ରା ନେଇ ରାଜଧାନୀ ତଥା ବ୍ରହ୍ମପୁର ପଟକୁ ଯିବା ପାଇଁ ଟ୍ରେନ ଟିକେଟ ଉପଲବ୍ଧ ହେଉ ନ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଉଦ୍ୟମ ପ୍ରଶଂସନୀୟ ହୋଇଛି।

### କାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଏଓଏସ୍‌ଏଫ୍ ସଭାପତି

ଲାଞ୍ଜିଗଡ଼,୮।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ (ଏଓଏସ୍‌ଏଫ୍) କଳାହାଣ୍ଡିର ସଭାପତି ଶ୍ରୀବସ୍ତ ତାଣ୍ଡି କାର୍‌ରେ ଅନୁଗୋଳଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିକ୍ଷୋଭରେ ଯୋଗଦେଇ ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର୍ ଚୂରମାର ହୋଇଯାଇଥିଲାବେଳେ ତାଣ୍ଡି ଓ ତାଙ୍କ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନୁଗୋଳସ୍ଥିତ ଡ. ବି.ଆର୍ ଆମ୍ବେଡକର ଫାଉଣ୍ଡେଶନର ଡାକରାରେ ରାଜ୍ୟ ବ୍ୟାପି ବହୁଜନ ସଂଗଠନଗୁଡ଼ିକ ଅନୁଗୋଳଠାରେ ସମ୍ମିଳିତ ହୋଇଥିବାବେଳେ ଏହାକୁ ସମର୍ଥନ କରି ତାଣ୍ଡିଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାରୁ ଏକ ପ୍ରତିନିଧି ଦଳ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେଠାରୁ ତାଣ୍ଡି ନିଜ କାର୍ (ଓଡି୦୨ସିବି-୨୩୦୪)ରେ ଲାଞ୍ଜିଗଡ଼କୁ ଫେରୁଥିଲେ। ସକାଳୁ ୬ ନମ୍ବର ରାଜ୍ୟ ରାଜପଥ ଭବାନୀପାଟଣା-ଛତିକୁଡ଼ା ରାସ୍ତା ଉଦେପୁର ନିକଟ ମଝିରେ ଗାଡ଼ି ସାମ୍ନାକୁ ଏକ ବୁଲା କୁକୁର ହଠାତ୍ ଚାଲି ଆସିବାରୁ କୁକୁରକୁ ବଞ୍ଚାଇବାକୁ ଯାଇ ଗାଡ଼ି ରାସ୍ତା କଡ଼ରେ ଥିବା ଗାଡ଼ୱାଲ୍ ତଳକୁ ଖସି ପଡ଼ିଥିଲା।

### ଗାଡ଼ି ଧକ୍କାରେ ଅଜା ମୃତ, ନାତି ଗୁରୁତର

ଜୁନାଗଡ,୮।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ନିକଟସ୍ଥ ଗୋବିନ୍ଦ ଢାବା ନିକଟରେ ଗୁରୁବାର ଅପରାହ୍ନରେ ଏକ ଅଜଣା ଚାରିଚକିଆ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋକସରା ଥାନା ସର୍ଗିଗୁଡା ଗ୍ରାମର ହୃଷୀକେଶ ପଣ୍ଡା (୬୭)। ଏହି ଦୁର୍ଘଟଣା ମୃତକଙ୍କ ନାତି ଧର୍ମଗଡ ଥାନା ଖଏରପଦର ଗ୍ରାମର ଦୁର୍ଗା ପ୍ରସାଦ ଦାଶ (୨୩) ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନରେ ଭବାନୀପାଟଣାରୁ ମେଡିକାଲ କାମ ସାରି ଉଭୟ ଅଜା ନାତି ଏକ ବାଇକ (ନଂ.ଓଡି୦୮ଜେ-୭୩୦୪)ରେ ସର୍ଗିଗୁଡା ଅଭିମୁଖେ ଆସୁଥିଲେ। ଜୁନାଗଡ ସହର ଗୋବିନ୍ଦ ଢାବା ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ହୃଷୀକେଶଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଗାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ପାଠ



ପ୍ଲାଷ୍ଟିକ ବର୍ଜନ ପାଇଁ କିଶୋରୀମାନେ ଶପଥ ପାଠ କରୁଛନ୍ତି।

ଲାଠୋର, ୮।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ କନ୍ହେଇଛାପର ଗ୍ରାମରେ ଗୁରବାର ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ, ଇଫିକୋର ଏବଂ ଏଡ଼ଏଟ ଆକ୍ସନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର କିଶୋରୀ କିଶୋରମାନେ ପ୍ଲାଏ କାର୍ଡ଼ ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ସୁପରଭାଇଜର ଅଞ୍ଜଳି ମିଶ୍ରଙ୍କ ଅଧକ୍ଷତାରେ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ଲାଷ୍ଟିକ ବର୍ଜନ ସହ ପରିବେଶକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏ ଗଛ ଲଗାଇବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସଭା ପରେ ଏଡ଼ଏଟ ଆକ୍ସନ କର୍ମକର୍ତ୍ତା ରୁକ୍ଷଚରଣ ଧରୁଆଙ୍କ ନେତୃତ୍ୱରେ ଗ୍ରାମ୍ୟ ବେଦୀ ମଣ୍ଡପଠାରେ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର ବନ୍ଦ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଇଫିକୋର କର୍ମକର୍ତ୍ତା ସସ୍ମିତା ପଣ୍ଡା ଏବଂ ଅଜିତ ବାଦି ଉପସ୍ଥିତ କିଶୋରୀ କିଶୋର ଏବଂ ସାଧାରଣ ଲୋକଙ୍କୁ ନେଇ ଗ୍ରାମ ସଫେଇ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଜ୍ୟୋସ୍ନା ଧରୁଆ, ଦୀପାଞ୍ଜଳି ନିଆଲ ଓ ଆଶାକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବକେୟା ପାଉଣା ମିଳିନାହିଁ, ବିଡିଓଙ୍କୁ ଦାବିପତ୍ର

ନୂଆପଡ଼ା ଅଫିସ,୮।୬



ବ୍ଲକକୁ ଆସିଥିବା ଶ୍ରମିକମାନେ।

ନୂଆପଡ଼ା ଜିଲା ବୋଡେନ ବ୍ଲକ ଅଧୀନ ଫରସରା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରି ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ଶ୍ରମିକମାନଙ୍କୁ ପାଉଣା ମିଳିନାହିଁ। ଏହାକୁ ନେଇ ଗୁରୁବାର ବୋଡେନ ବିଡିଓ ପ୍ରିୟରଞ୍ଜନ କୁମ୍ଭାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ପଞ୍ଚାୟତ ଶତାଧିକ ଶ୍ରମିକ ବ୍ଲକକୁ ଆସି ବିଡିଓଙ୍କୁ ସାକ୍ଷାତ କରି ବକେୟା ପାଉଣା ଉପରେ ଆଲୋଚନା କରିଥିଲେ। ବିଡିଓ ଏହି କାର୍ଯ୍ୟ ଉପରେ ପାଉଣା ମିଳିଛି କି ନାହିଁ, ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦-୨୧ରେ କନକପୁରଠାରୁ ମହାବନ୍ଧ ରାସ୍ତା ଉନ୍ନତୀକରଣ, କନକପୁର ନୂତନ ପୋଖରୀ ଖନନ କାର୍ଯ୍ୟ ହୋଇ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଶ୍ରମିକ ପାଉଣା ପାଇନାହାନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡି ଶ୍ରମିକମାନେ ନୟାନ୍ତ ହୋଇଗଲେଣି, ଶେଷରେ ବିଡିଓଙ୍କୁ ଯାଇ ଗୁହାରି କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ପାଉଣା ନ ମିଳିଲେ ଦଳିତ ଅଧିକାର ମଞ୍ଚ ଓ ଫରସରା ପଞ୍ଚାୟତବାସୀ ମିଳିତ ଭାବେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ପ୍ରମୋଦ ନାଗ, ତପେଶ୍ୱର ଜଗତ, ବିଜୟ ତାଣ୍ଡି, କୈଳାସ ଯାଦବ, ଭୁଜବଳ ମାଝି, ଗଡି ମାଝି ପ୍ରମୁଖ ଓ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋକସରା,୮।୬(ଡି.ଏନ.ଏ.)

ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘ ପକ୍ଷରୁ ୮ ଦଫା ଦାବି ନେଇ ଗୁରୁବାର କୋକସରା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ନିଖିଳ ଓଡିଶା ଏମଡିଏମ ପାଚିକା ସଂଘ ରାଜ୍ୟ ଉପସଭାପତି ଅକ୍ଷୟ କୁମାର ମେହେରଙ୍କ ନେତୃତ୍ୱରେ ବ୍ଲକରେ କାର୍ଯ୍ୟରତ ଶତାଧିକ ପାଚିକା ସହାୟିକା ସଂଘର କର୍ମକର୍ତ୍ତା ଶୋଭାଯାତ୍ରାରେ କଲେଜ ଛକରୁ ବାହାରି ଥିଲେ। ପରେ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସାଧାରଣ ସଭାରେ ନିଜର ଦାବି ଉପସ୍ଥାପନ କରିଥିଲେ। ପରେ ବିଇଓଙ୍କ ଅନୁପସ୍ଥିତରୁ ଏବିଇଓ ତୋଫାନ ମାଝିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ସରକାରୀ କର୍ମଚାରୀ ମାନ୍ୟତା, ଦରମା ବୃଦ୍ଧି, ବକେୟା ୨୮ ମାସର ପ୍ରାପ୍ତ ପ୍ରଦାନ, ବର୍ଷକୁ ୨ ହଳ ଶାଢ଼ୀ, ୧୦ ମାସ ବଦଳରେ ୧୨ ମାସର ପ୍ରାପ୍ତ ପ୍ରଦାନ, ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ଭିତ୍ତିରେ ପାଚିକାଙ୍କୁ ନିଯୁକ୍ତି ଓ ପାଚିକାଙ୍କୁ ବାର୍ଷିକ ୧୫ ଦିନ ଛୁଟି ମଞ୍ଜୁର କରିବା ପ୍ରମୁଖ ରହିଛି। ବିକ୍ଷୋଭରେ ପାଚିକା ସଂଘ ବ୍ଲକ ସଭାପତି ହୋମ ନାଏକ, ଉପସଭାପତି ରିକିରାମ ଭାଟି, ସମ୍ପାଦିକା ସେବତି ତାଣ୍ଡି, ସହ ସମ୍ପାଦିକା ଡାଲିମ୍ବ ଲହଜଲ, ଲୀଳାନ୍ଧରି ବାଗ, କୁନି ରଣା, ମୁରଲୀ ନାଏକ ଓ ଶତାଧିକ ଏମଡିଏମ ପାଚିକା ସାହାୟିକା ସଂଘର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଅଧକ୍ଷ-କାଉନସିଲରଙ୍କ ମଧ୍ୟରେ କଥା କଟାକଟି

କେସିଙ୍ଗା,୮।୬(ଡି.ଏନ.ଏ.)

**କେସିଙ୍ଗା ଏନ୍‌ଏସି ମାସିକ ବୈଠକ**

**■ ଉଭୟଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ ନେତୃତ୍ୱରେ ସଦଭାବନା ସଭା ଗୃହରେ ଗୁରୁବାର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ ବିଷୟରେ ଆଲୋଚନା କରାଯାଇଥିଲା। କେସିଙ୍ଗା ଏନ୍‌ଏସି ୧୯୬୬ରୁ ସ୍ଥାପିତ ହୋଇ ବିଭିନ୍ନ ଉନ୍ନୟନ ମୁକଳ କାର୍ଯ୍ୟକ୍ଷମ ହୋଇଆସୁଛି। କେସିଙ୍ଗାରେ କଂସାଇଖାନା ଗୋଟିଏ ନାହିଁ। ଫଳରେ ରାସ୍ତାକଡ଼ରେ ମାଛ ମାଂସ ବିକ୍ରି ହେଉଥିବା ଦେଖାଯାଉଛି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଏନ୍‌ଏସିକୁ ମାଛ ମାଂସ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଭିଯୋଗ ହେଉଥିବା ନଜର ଆସିଛି। ସେହି ଅଭିଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରି ୩୫ ଲକ୍ଷ ଟଙ୍କାରେ ଏକ କଂଷେଇଖାନା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି। କିନ୍ତୁ ୱାର୍ଡ ନଂ. ୩ର କଂଗ୍ରେସ କାଉନସିଲର ରୋହିତ ଜୈନ୍ ସଲଟର ହାଉସ କଂଷେଇଖାନା କୁ ବିରୋଧ କରିଥିଲେ। ଏହି ୩୫ ଲକ୍ଷ ଟଙ୍କା ଅନ୍ୟ ବିକାଶ ମୂଳକ କାମରେ ଲଗାଯାଉ ବୋଲି ଅଧକ୍ଷଙ୍କ ସହ ଯୁକ୍ତି ବାଢ଼ିଥିଲେ। ଏହି ବିଷୟ ଉପରେ ଅଧକ୍ଷ ଓ କଂଗ୍ରେସ କାଉନସିଲର୍‌ଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏ ନେଇ କାଉନସିଲର ରୋହିତ ମୋତେ ଅଧକ୍ଷ ନୃପରାଜ୍ ଚପଲ ଉଠାଇ ମାରିବା ପାଇଁ ଉଦ୍ୟମ କରିଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଧକ୍ଷ ନୃପରାଜ୍ ଓ ଉପାଧକ୍ଷ ସରସ୍ୱତୀ ସାହାଙ୍କ ସମେତ ବିଜେଡିର ସମସ୍ତ କାଉନସିଲର ଥାନାକୁ ଯାଇ ମୋତେ ରୋହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଛନ୍ତି ଓ ଏନ୍‌ଏସିର ବିଭିନ୍ନ ଉନ୍ନତିମୂଳକ କାମରେ ବାଧା ଦେଉଛନ୍ତି ବୋଲି ପାଲଟା ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ଅଧକ୍ଷ ଯାଦବଙ୍କୁ ପଚାରିବାରୁ ଉକ୍ତ କଂଷେଇଖାନା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। ଏହା ସମ୍ପୂର୍ଣ୍ଣ ପାଇଁ ୩୫ ଲକ୍ଷର ଟେଣ୍ଡର ଶେଷ ହୋଇଛି। ରୋହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବିରୋଧ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଅଧକ୍ଷ ଯାଦବଙ୍କ ଅଭିଯୋଗ ନେଇ ଏକ ମାମଲା (ନଂ. ୨୦୦/୨୩) ରୁଜୁ ହୋଇଛି। ଏ ସଂକ୍ରାନ୍ତରେ କାଉନସିଲର ଜୈନଙ୍କୁ ପଚାରିବାରୁ ପୂର୍ବରୁ କଂଷେଇଖାନାରେ ବହୁ ଟଙ୍କା ଖର୍ଚ୍ଚ ହୋଇଛି। ପୁଣି ସେଥିରେ ଖର୍ଚ୍ଚ କାହିଁକି କରାଯିବ ବୋଲି କହିବାରୁ ମୋତେ ଅଧକ୍ଷ ଗାଳିଗୋଲଜ କରିଥିଲେ। ସମସ୍ତ ମାଛମାଂସ ଦୋକାନୀଙ୍କୁ ଡାକି ମିଟିଂ କରାଯାଉ ବୋଲି କହିବାରୁ ଅଧକ୍ଷ ଚପଲରେ ମାରିବାକୁ ଉଦ୍ୟମ କରିଥିଲେ ବୋଲି କହିଥିଲେ। କାଉନସିଲର ଜୈନଙ୍କ ଅଭିଯୋଗ ନେଇ ଏକ ମାମଲା (ନଂ.୧୯୯/୨୩) ରୁଜୁ ହୋଇଛି।

## କାଇଁଶିରରେ ରକ୍ତଦାନ ଶିବିର

ବରପାଲି (ଡି.ଏନ.ଏ.): ବରପାଲି ନିକଟସ୍ଥ କାଇଁଶିର ଗ୍ରାମରେ ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତଙ୍କ ପାଇଁ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କାଇଁଶିର ଗ୍ରାମବାସୀ ଓ କେତେକ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ହୋଇଥିବା ଏହି ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ରାଜେଶ କୁମାର ତ୍ରିପାଠୀ ଓ ଡାକ୍ତର ଗୁଣନିଧି ଦେହେରୀ ଶିବିରରେ ଉପସ୍ଥିତ ଥିଲେ। କାଇଁଶିର ଗ୍ରାମର ଧର୍ମେନ୍ଦ୍ର ଦେହେରି, ମୁନା ମହାରଣା, ନାରାୟଣ ଦେହେରୀ, ଅବିନାଶ ଦେହେରା, ଟହଲୁ ପାତ୍ର, ରାଜେଶ ଦେହେରା, ସୀତାରାମ ପାତ୍ର, ପ୍ରଦୀପ ଦେହେରୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ଗଞ୍ଜେଇ ଜବତ
**ଅଭିଯୁକ୍ତ ଫେରାର**

ବୌଦ୍ଧ,୮।୬(ସ୍ୱ.ପ୍ର.): ଗଞ୍ଜେଇ ଚୋରା ଚାଲାଣକୁ ରୋକିବା ପାଇଁ ବୌଦ୍ଧ ପୋଲିସ ପକ୍ଷରୁ ପ୍ରତିଦିନ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। କିନ୍ତୁ ଜିଲା ପୋଲିସର ଗଞ୍ଜେଇ ନେଇ ମାମଲାଗୁଡ଼ିକ ଦେଖିଲେ ଏଠାରେ ପ୍ରକୃତ ଗଞ୍ଜେଇ ବେପାରୀ କୌଶଳକ୍ରମେ ଖସି ଯାଉଥିବା ବେଳେ ପୋଲିସ ନିରୀହ ଲୋକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ସାରି ଦେଉଛି। ନିକଟରେ ବୌଦ୍ଧ ପୋଲିସ ବଘିଆପଡା ଅଞ୍ଚଳର କାମରକୁଡା ଜଙ୍ଗଲରେ ଗଞ୍ଜେଇ ଥିବା ଖବର ପାଇ ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସମୟରେ ଜଙ୍ଗଲ ମଧ୍ୟରୁ ୧୧ ଗୋଟି ବସ୍ତାରେ ଥିବା ୫ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରିଥିଲା। ତେବେ ଚଢ଼ାଉ ବେଳେ ନିକଟରେ ଥିବା କାମରକୁଡା ଗ୍ରାମର ଅଭିଯୁକ୍ତ ଏମ. ମଲିକ ଫେରାର ହୋଇ ଯାଇଥିଲା। ଏନେଇ ପୋଲିସ ଅଭିଯୁକ୍ତଙ୍କ ନାମରେ ବୌଦ୍ଧ ଥାନାରେ ନଂ ୨୨୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୮ ଦିନରେ ପହଞ୍ଚିଲା ଅମଲାଙ୍କ ଆନ୍ଦୋଳନ

ବୌଦ୍ଧ,୮।୬(ସ୍ୱ.ପ୍ର.): ସାରା ରାଜ୍ୟରେ ମିଳିତ ଅମଲା ମଞ୍ଚ ପକ୍ଷରୁ ଅମଲାମାନେ ମୂଳ ଦରମା ଗ୍ରେଡପେ ୪୨୦୦ ବୃଦ୍ଧି ଦାବିରେ ଗତ ୧ ତାରିଖ ଠାରୁ ଆନ୍ଦୋଳନ ଚଳାଇ ଆସୁଛନ୍ତି। ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ମିଳିତ ଅମଲା ମଞ୍ଚ ସାମିଲ ହୋଇଛି। ଦୀର୍ଘ ଆଠ ଦିନ ବିତିଯାଇଥିଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅମଲାମାନଙ୍କ ଆନ୍ଦୋଳନ ଯୋଗୁ ବୌଦ୍ଧ ଜିଲାରେ ପୁରାପୁରି ସରକାରୀ କାମ ଠପ୍ ହୋଇପଡିଛି। ଜିଲାର ୩ ଗୋଟି ବ୍ଲକରେ ୨୬୦ରୁ ଅଧିକ ଅମଲା ଆନ୍ଦୋଳନ କରି ଆସୁଛନ୍ତି। ଏପଟେ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ସକାଳ ୯ ଟା ହେଲେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ଏଭଳି ପରିସ୍ଥିତିରେ ଅମଲାମାନଙ୍କ ଆନ୍ଦୋଳନ ଯୋଗୁ ଅଫିସଗୁଡିକ ଖାଲି ପଡିଥିବାରୁ ଜନସାଧାରଣ ନିଜର ଜରୁରୀ କାମରେ ଆସି ନିରାଶ ହୋଇ ଫେରିବା ଦେଖିବାକୁ ମିଳିଛି।

### ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଅମରପାଲି,୮।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତ ରେଳଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମରେ ଭାଜପା ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଛି। ଗ୍ରାମର ହାଇସ୍କୁଲ ନିକଟରେ ଥିବା ହନୁମାନ ମଣ୍ଡପ ପାଖରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ଗ୍ରାମର ଭଗବତମନ୍ଦିର ନିକଟରେ ମୃତକଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଗତ ବିଧାନସଭା ନିର୍ବାଚନ ରେ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ଇଂ ରଘୁନାଥ ଜଗଦଲାଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ଜିଲା ଭାଜପା ସମ୍ପାଦକ ବେଣୁଧର ଦାଶ,ଏକଲବ୍ୟ ବେହେରା,ଅଶୋକ କୁମାର ସାହୁ, ଲକ୍ଷିନ୍ଦ୍ର ପଧାନ, ସଞ୍ଜୟ ଭୋଇ, ଚୈତନ୍ୟ ସାହୁ, ବସୁଦେବ ମହାକୁର,ମଙ୍ଗୁଲୁ ଘିବିଲା, ଶେଷଦେବ ମାଝି, ଅଚ୍ୟୁତ ପଣ୍ଡା ପ୍ରମୁଖ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ଥିଲେ।

# ପଲିଥିନ କଟକଣା ଧର୍ମଙ୍କୁ ଆଖିଠାର

ସୋନପୁର,୮।୬(ନି.ପ୍ର.)

ମନ୍ଦିରମାଳିନୀ ସୁବର୍ଣ୍ଣପୁର ସହରକୁ ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଗଠନର ଲକ୍ଷ୍ୟ ନେଇ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା ଜିଆରଏସ/୩୨୦(ଇ)କୁ ଆଧାର କରି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାସ୍ତରୀୟ ବୈଠକରେ ପଲିଥିନ ବ୍ୟବହାର ନ କରିବା ନେଇ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ନିଷ୍ପତ୍ତି ଅନୁଯାୟୀ ସୁବର୍ଣ୍ଣପୁରରେ ୫୦ ମାଇକ୍ରୋନ୍‌ରୁ କମ୍ ମୋଟେଇ ବିଶିଷ୍ଟ କୌଣସି ପଲିଥିନ, ପ୍ଲାଷ୍ଟିକ୍ ବ୍ୟାଗ୍ ଆଦିର ସାର୍ବଜନିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ପଲିଥିନ ବ୍ୟବହାର ନେଇ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହିତ ୫୦ ମାଇକ୍ରୋନ୍‌ରୁ କମ୍ ମୋଟେଇର ପ୍ଲାଷ୍ଟିକ୍ ବ୍ୟାଗ୍ ବିକ୍ରି କରୁଥିବା ବ୍ୟବସାୟୀ, ହୋଲସେଲରଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି। ମ୍ୟୁନିସିପାଲିଟି ପକ୍ଷରୁ ମଝିରେ ମଝିରେ ସହରରେ ଚଢ଼ାଉ କରାଯାଉଛି। ଏହା ସତ୍ତ୍ୱେ ପ୍ରତିଦିନ ପୌରାଞ୍ଚଳରେ ଟ୍ରାକ୍ଟର ଓ ଅନ୍ୟ ଯାନ ଯୋଗେ କୁଢ କୁଢ ପଲିଥିନ ସହରର ବିଭିନ୍ନ ସ୍ଥାନରୁ ଉଠାଯାଉଛି। ଅନ୍ୟପକ୍ଷେ ପ୍ରତିଦିନ ସହରର ୧୫ଟି ୱାର୍ଡରୁ ୧୦ ଟନ୍‌ରୁ ଉର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ମ୍ୟୁନିସିପାଲିଟି ଅଞ୍ଚଳରୁ ବାହାରୁଛି। ମାତ୍ର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ସହରରେ ଠିକ୍ ଭାବେ କରାଯାଉନି। ଅନ୍ୟପଟେ ପ୍ରତିଦିନ ବ୍ୟାପକ ଭାବରେ

**ଅବାଧରେ ଚାଲିଛି ପ୍ଲାଷ୍ଟିକ୍ ବ୍ୟବହାର**

ବ୍ୟବହୃତ ହେଉଥିବା ପଲିଥିନ ସହରର ସୁସ୍ଥ ପରିବେଶ ପ୍ରତି ବିପଦ ସୃଷ୍ଟି କଲାଣି। ଜିଲା ସଦର ମହକୁମା ବସଷ୍ଟାଣ୍ଡ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଅଞ୍ଚଳରେ ପ୍ରତିଦିନ ସକାଳେ ପଲିଥିନଗୁଡ଼ିକୁ ଠୁଳ କରି ସଫେଇ କର୍ମଚାରୀଙ୍କ ଦ୍ୱାରା ନିଆଁ ଲଗାଇ ଦିଆଯାଉଛି। ଏଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରା ଯାଇପାରୁନି। ସହରରେ ବେଧଡକ ଭାବରେ ଅତି ନିମ୍ନମାନର ପଲିଥିନ ବ୍ୟାଗ୍ ସବୁ ବ୍ୟବହାର କରାଯାଉଛି। ତେଣୁ ଉତ୍ତମ ପରିବେଶ ପାଇଁ ଜିଲାରେ ପଲିଥିନ କଟକଣାକୁ ଦୃଢ଼ ଭାବରେ କାର୍ଯ୍ୟକାରୀ କରାଇବା ପାଇଁ ସ୍କାଡ୍ ଗଠନ କରାଯିବା ସହିତ ବେଆଇନ ପଲିଥିନ ବ୍ୟବହାରକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ପ୍ଲାଷ୍ଟିକ୍‌ର ବ୍ୟାପକ ତଥା ଅନିୟନ୍ତ୍ରିତ ବ୍ୟବହାର ସମଗ୍ର ବିଶ୍ୱକୁ ପ୍ରଭାବିତ କରିଚାଲିଛି। ପରିତ୍ୟକ୍ତ ପଲିଥିନ ବ୍ୟାଗ୍, ପାଣି ବୋତଲ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ପରିବେଶରେ ବ୍ୟାପକ ପ୍ରଦୂଷଣ ଘଟାଉଛି। କାରଣ ପ୍ଲାଷ୍ଟିକ ଅଣୁଜୀବ ମାନଙ୍କ ଦ୍ୱାରା ବିଘଟିତ ହୁଏ ନାହିଁ ଏବଂ ଦୀର୍ଘ ସମୟ ଧରି ପରିବେଶରେ ଗଚ୍ଛିତ ରୁହେ। ପଲିଥିନ ମିଶା ଖାଦ୍ୟ ଖାଇବା ପରେ ବୁଲା ଗାଇ, ଗୋରୁ ଅସୁସ୍ଥ ହେଉଛନ୍ତି। ପଲିଥିନ ଦ୍ୱାରା ଜଳ ଓ ପରିବେଶ ପ୍ରଦୂଷିତ ହେଉଛି। ସୁବର୍ଣ୍ଣପୁର ସହରର ବର୍ଜ୍ୟବସ୍ତୁ ଓ ମଇଳା ଡ୍ରେନ୍ ଦ୍ୱାରା ସିଧାସଳଖ ମହାନଦୀର ବିଭିନ୍ନ ଘାଟରେ ମିଶୁଛି। ଏଥିଯୋଗୁ ନଦୀ ଜଳ ଜହର ହେଉଥିଲା ବେଳେ ପ୍ରଶାସନ କିମ୍ବା ମ୍ୟୁନିସିପାଲିଟି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। କିଛି ବର୍ଷ ପୂର୍ବରୁ ଯୁବ ସାମାଜିକ କର୍ମୀ ଘାସିରାମ ପଣ୍ଡା ଏଥିନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ। ତେବେ ସହରରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରା ଯାଇଥିବା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିଥିଲେ। ମାତ୍ର ପ୍ରକୃତ ପକ୍ଷେ ମ୍ୟୁନିସିପାଲିଟି ପକ୍ଷରୁ ସେମିତି କିଛି ଦୃଢ଼ ପଦକ୍ଷେପ ନିଆଯାଇନାହିଁ।

**ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶ**

## ବୌଦ୍ଧ ଜିଲା: କଳାରେ ପାସ୍ ହାର ୭୬.୭୩ ପ୍ରତିଶତ

ବୌଦ୍ଧ,୮।୬(ସ୍ୱ.ପ୍ର.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ବିଭାଗର ଫଳାଫଳ ଗୁରୁବାର ଦିନ ପ୍ରକାଶ ପାଇଛି। ବୌଦ୍ଧ ଜିଲାରେ କଳାରେ ପାସ୍ ହାର ୭୬.୭୩ ପ୍ରତିଶତ ରହିଥିବା ଜଣାପଡିଛି। ଜିଲାରେ ୨୫୩୭ ଜଣ ପାସ୍ କରିଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୪୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୭୩ ଜଣ ଓ ତୃତୀୟ ଶ୍ରେଣୀରେ ୧୬୧୯ ଜଣ ଛାତ୍ରୀଛାତ୍ର ପାସ କରିଥିବା ଜଣାପଡିଛି। ଜିଲାରେ ଚଳିତବର୍ଷ କଳା ବିଭାଗରେ ୩୩୫୧ ଜଣ ଛାତ୍ରୀଛାତ୍ର ଫର୍ମ ଫିଲଫ କରିଥିବା ବେଳେ ୩୩୦୬ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିଲେ।

# ଚାଷ ବିବିଧୀକରଣ ଉପରେ ତାଲିମ

ବରଗଡ଼ ଅଫିସ୍,୮।୬

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କପାଶିରା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ବିଭାଗ ଏବଂ ମହାଶକ୍ତି ଫାଉଣ୍ଡେଶନ ପକ୍ଷରୁ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଅମ୍ବାଭୋନା ବ୍ଲକ କୃଷି ଅଧିକାରୀ ବନମାଳୀ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ କପାଶିରା ପଞ୍ଚାୟତର ୫୦ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ବ୍ଲକ କୃଷି ଅଧିକାରୀ ସାହୁ ଏବଂ ଉଦ୍ୟାନ ବିଭାଗର ଓଭରସିଅର ପଦ୍ମଲୋଚନ ଭୋଇ ଚାଷୀମାନଙ୍କୁ ଚାଷ ବିବିଧିକରଣ ପ୍ରକଳ୍ପ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ଚାଷ ପ୍ରଣାଳୀ,



ତାଲିମ ଶିବିରରେ ମଞ୍ଚାସୀନ କୃଷି ଅଧିକାରୀବୃନ୍ଦ।

ରୋଗପୋକ ନିୟନ୍ତ୍ରଣ ଉପରେ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ମହାଶକ୍ତି ଫାଉଣ୍ଡେଶନର ପରାମର୍ଶଦାତା ମିହିର ରଞ୍ଜନ ସାଗର ଚାଷ ବିବିଧିକରଣ ପ୍ରକଳ୍ପ ମଧ୍ୟରେ ଚାଷୀମାନେ କିଭଳି ଲାଭବାନ ହୋଇପାରିବେ ସେ ନେଇ ସୂଚନା ଦେଇଥିଲେ। ପ୍ରକଳ୍ପ ପରିଚାଳକ ପ୍ରିୟମ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଗ ଦିଅ ବିଶୁଦ୍ଧ ପାଣି, ପରେ ଲଗାଅ ପାଣି ମିଟର
**ନାଗରିକ କମିଟି ବୈଠକ**

ବୌଦ୍ଧ,୮।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ନାଗରିକ କମିଟି ପକ୍ଷରୁ ବୁଧବାର ଦିନ ଏକ ବୈଠକ କମିଟିର ସମ୍ପାଦକ ବିଶେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶେଷ କରି ପାନୀୟ ଜଳ ଯୋଗାଣ, ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ନୈରାଶ୍ୟଜନକ ଫଳାଫଳ , ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦର ମାନ୍ୟତା ପ୍ରଦାନ ଓ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନକୁ ସବୁ ଉଚ୍ଚସ୍ତରୀୟ କାର୍ଯ୍ୟାଳୟ ସ୍ଥାନାନ୍ତର ଉପରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ପ୍ରଥମେ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉ ଓ ପରେ ଜନସାଧାରଣଙ୍କ ସହ ଆଲୋଚନା କରାଯାଇ ମିଟର ଲଗାଇବାର ବ୍ୟବସ୍ଥା କରାଯାଉବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଫଳାଫଳ ନୈରାଶ୍ୟଜନକ ହୋଇଥିବାରୁ ନାଗରିକ କମିଟି ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଥିଲା। ଏହାସହ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଧୀନକୁ ସମସ୍ତ ଉଚ୍ଚସ୍ତରୀୟ କାର୍ଯ୍ୟାଳୟ ଆସିବା ଉପରେ ନାଗରିକ କମିଟି ପକ୍ଷରୁ ଏକ କମିଟି ସାକ୍ଷାତ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ରାଜ୍ୟ ସରକାର ତୁରନ୍ତ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌରପରିଷଦ ମାନ୍ୟତା ଦେବା ପାଇଁ ଦାବି କରାଯାଇଥିଲା। ଏନେଇ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ସ୍ଥାନୀୟ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଦାବି କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଉମ୍ବରୁଧର ଭୋଇ ଓ ପ୍ରଶାନ୍ତ କୁମାର ମହାପାତ୍ର, ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ସନ୍ତୋଷ କୁମାର ପୁରୋହିତ, ସମରେଶ ମିଶ୍ର, ଯୁଗଳ କିଶୋର ସାମଲ, ଶ୍ୟାମସୁନ୍ଦର ପୁରୋହିତ, ସୂର୍ଯ୍ୟକାନ୍ତ ଦଳବେହେରା, ଷଷ୍ଠ ପୁରୋହିତ, ଲୋକାନାଥ ଶତପଥୀ, ସୁଶାନ୍ତ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ।

# ଶାଢ଼ି ଦୋକାନରେ ଜିଏସ୍‌ଟି ଚଢ଼ାଉ


ଶାଢ଼ି ଦୋକାନରେ ଜିଏସ୍‌ଟି ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ବରଗଡ଼ ଅଫିସ୍,୮।୬

ବରଗଡ଼ ସହର ଭିଏସ୍‌ଏସ୍ ନଗର (ବାନ୍ଧୁଟିକ୍ରା) ସ୍ଥିତ ମନୋରମା ଶାଢ଼ି ଦୋକାନରେ ଗୁରୁବାର ସିଟି, ଜିଏସ୍‌ଟି ଚଢ଼ାଉ ହୋଇଛି। ସମ୍ପୃକ୍ତ ଦୋକାନୀଙ୍କ ବାସଭବନରେ ମଧ୍ୟ ଏହି ଚଢ଼ାଉ ହୋଇଥିଲା। ଜିଏସ୍‌ଟି ଅଧିକାରୀ ରଜନୀକାନ୍ତ ସେଠଙ୍କ ତତ୍ତ୍ୱାବଧାନରେ ବରଗଡ଼, ସମ୍ବଲପୁର କାର୍ଯ୍ୟାଳୟର ୨ଟି ଟିମ୍‌ର ୯ଜଣ ବିଭାଗୀୟ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଚଢ଼ାଉରେ ଶାଢ଼ି ଦୋକାନର ବିଭିନ୍ନ କାଗଜାତ ଯାଞ୍ଚ କରାଯାଥିଲା। ତେବେ ଟ୍ୟାକ୍ସ ଫାଙ୍କି ଧରାପଡ଼ିଥିବା ଜିଏସ୍‌ଟି ଅଧିକାରୀ ସେଠ କହିଛନ୍ତି।

# ପୋଲିସ ଏଏସ୍‌ଆଇଙ୍କୁ ମାଡ଼ ଘଟଣାରେ ୨ ଗିରଫ

ଅମରପାଲି,୮।୬(ଡି.ଏନ.ଏ.)

- ପୋଲିସର ରାତି ତମାମ ଚଢ଼ାଉ
- ଅନ୍ୟ ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ ହେବେ: ଏସଡିପିଓ

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ଜଣେ ପୋଲିସ ଏଏସଆଇଙ୍କୁ ମାଡ ମାରିବା ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଗ୍ରାମକୁ ସିଭିଲ ଡ୍ରେସରେ ଯାଇଥିବା ବେଳେ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ସମ୍ପୃକ୍ତ ଏଏସଆଇଙ୍କୁ ମାଡ ମରାଯାଇଥିଲା। ଏନେଇ ସୁବଳୟା ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜୋରଦାର ଚାଲିଛି। ବୁଧବାର ବିଳମ୍ବିତ ରାତ୍ରିରେ ଉକ୍ତ ଗ୍ରାମରେ ପୋଲିସ ଚଢ଼ାଉ କରି ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ପୁରୁଷୋତ୍ତମ ସାହୁ(୬୦) ଓ ବନମାଳୀ ହାତୀ(୨୨)। ଉଭୟଙ୍କୁ ଶୋଇଥିବା ବେଳେ ତାଙ୍କ ଘରୁ ପୋଲିସ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ସୁବଳୟା ଥାନା ଅଧୀନ ତିଲେଇମାଲ ଗ୍ରାମରେ ଗଛ କଟାକୁ ନେଇ ଗ୍ରାମର ଦୁଇ ଭାଇ ସୁବାସ ପଧାନ ଓ ରତ୍ନମଣି ପଧାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ଥାନାରେ ନଂ ୮୦/୨୩ ଓ ୮୧/୨୩ରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଅଭିଯୋଗର ପରଦିନ ତିଲେଇମାଲକୁ ତଦନ୍ତ ପାଇଁ ସୁବଳୟା ଥାନାର ଜଣେ ଏଏସଆଇ ଗୌରହରି ମେହେର ଓ ଗ୍ରାମରକ୍ଷୀ ରବୀଚନ୍ଦ୍ର ବିଭାର ଯାଇଥିଲେ। କଟା ଯାଇଥିବା ଶାଗୁଆନ କାଠ ଗଣ୍ଡିକୁ ପୋଲିସ ଜବତ କରି ସେମାନଙ୍କ ବାପାଙ୍କ ଜିମା ଦେଇଥିଲେ। ମାତ୍ର ରତ୍ନମଣି ଓ ସୁବାସଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଏବଂ ସୁବାସଙ୍କ ପାଖରେ ତାଙ୍କ ବାପା ରହୁଥିବାରୁ ଗ୍ରାମବାସୀ ଜବତ ଶାଗୁଆନ କାଠ ଗଣ୍ଡିକୁ ନିରପେକ୍ଷ ସ୍ଥାନରେ ଜିମା ଦେବା ପାଇଁ କହିଥିଲେ। ମାତ୍ର ପୋଲିସ କୌଣସି କଥା ନ ଶୁଣି ଓଲଟା ଗାଳିଗୁଲଜ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଏଏସଆଇ ଗୌରହରୀ ମେହେରଙ୍କୁ ଗୋଡାଇ ଗୋଡାଇ ମାଡ ମାରିଥିଲେ। ଜଣେ କର୍ତ୍ତବ୍ୟରତ ପୋଲିସ ଏଏସଆଇଙ୍କୁ ମାଡ ମାରିବା ଅଭିଯୋଗରେ ଗ୍ରାମର ୭ଜଣଙ୍କ ସମେତ ଅନ୍ୟ କେତେଜଣ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଗ୍ରାମକୁ ଯାଇଥିବା ବେଳେ ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇ ପଡିଥିଲା। ମାତ୍ର ବିଳମ୍ବିତ ରାତିରେ ବୀରମହାରାଜପୁର ଏସଡିପିଓ ତୋଳାମଣି ଭୋଇଙ୍କ ନେତୃତ୍ୱରେ ବୀରମହାରାଜପୁର ଥାନା ଅଧିକାରିଣୀ ପଦ୍ମାସିନୀ ମେହେର,ସୁବଳୟା ଥାନାର ଏସଆଇ ଦିପ୍ତି ରଞ୍ଜନ ଦିଗାଲ ଙ୍କ ସମେତ ପୋଲିସ ଫୋର୍ସ ଯାଇ ରାତି ତମାମ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଗ୍ରାମର ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର ରହିଛନ୍ତି। ଏନେଇ ବୀରମହାରାଜପୁର ଏସଡିପିଓ ଭୋଇଙ୍କୁ ପଚାରିବାରୁ ଚଢ଼ାଉ ଜାରି ରହିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଅଗ୍ନିକାଣ୍ଡରେ ଅମଳ ଧାନ ଭସ୍ମୀଭୂତ


ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଘଟଣାସ୍ଥଳକୁ ପହଞ୍ଚିଛନ୍ତି।

ବରଗଡ଼ ଅଫିସ୍,୮।୬

ବରଗଡ଼ ବ୍ଲକ ଡୁମଗାଁ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଅନେକ ଚାଷୀଙ୍କ ଅମଳ ଧାନ ନଷ୍ଟ ହୋଇଛି। ଗ୍ରାମର ଜୟକୁମାର ମଲ୍ଲିକଙ୍କ ସମେତ ଅନେକ ଚାଷୀ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବରଗଡ଼ ଏବଂ ବରପାଲି ଦମକଳ କେନ୍ଦ୍ରରୁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ବହୁ ପରିମାଣର ଅମଳ ଧାନ ନଷ୍ଟ ହୋଇଯାଇଥିଲା। ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ ଘଟଣାସ୍ଥଳକୁ ପହଞ୍ଚି ବରଗଡ଼ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଦିଗରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ମୃତଦେହ ଦାହକଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୮।୬

**ଗଣହତ୍ୟା ମାମଲାର ବିଚାରାଧୀନ ବନ୍ଦୀ ମୃତ୍ୟୁ ଘଟଣା**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଝିଙ୍କିଝିକି ଗଣହତ୍ୟା ମାମଲାର ବିଚାରାଧୀନ ମୁଖ୍ୟ ଅଭିଯୁକ୍ତ ଶିବ ବାଗଙ୍କ ବୁଧବାର ମୃତ୍ୟୁ ହୋଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଜିଲା ମୁଖ୍ୟ ଡାକ୍ତରଖାନା ଅନତିଦୂରରେ ରହିଥିବା ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କରାଯାଇଥିଲା। ପରିବାର କିମ୍ବା କୌଣସି ଆତ୍ମୀୟ ସ୍ୱଜନ ମୃତଦେହ ଦାହ ନେଇ ଅସହାୟତା ପ୍ରକାଶ କରିଥିଲେ। ଏହାପରେ ବରଗଡ଼ ସବ୍‌ଜେଲ ସୁପରିଣ୍ଟେଣ୍ଡେଣ୍ଟ ପୁନିରାମ ବାଗଙ୍କ ଅନୁରୋଧକ୍ରମେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମୃତଦେହ ଦାହ କରିଥିଲେ। ଏହି ସମୟରେ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଜି. ରମେଶ, ଶେଷଦେବ ପ୍ରଧାନ, ରାଜକୁମାର ବନଛୋର, ସବ୍‌ଜେଲ ଅତିରିକ୍ତ ଅଧୀକ୍ଷକ ଲିଙ୍ଗରାଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିବା ସ୍ତ୍ରୀ ପାର୍ବତୀ, ପୁଅ ନକୁଳ ମୃତକଙ୍କ ଶେଷ ଦର୍ଶନ ମଧ୍ୟ କରି ପାରି ନ ଥିଲେ।


ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଶବଦାହ କରୁଛନ୍ତି।

# ରାୟପୁରରୁ ୩ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ

ବରଗଡ଼ ଅଫିସ୍,୮।୬

ବରଗଡ଼ ସହର ଉପକଣ୍ଠ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କଠାରୁ ଚୋରି କରି ସମ୍ପୃକ୍ତ ଡାକ୍ତରଖାନାର ୩ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଛୁରିଆଗଡ଼ ଗ୍ରାମର ସୁଶାନ୍ତ ନାଏକ(୨୮), ବରଗଡ଼ ଜିଲା ସଦର ଥାନା ଡୁମ୍ବେରପାଲି ଗ୍ରାମର ରୀନା ସେଠ(୨୬) ଏବଂ ଭେଡ଼େନ ଥାନା ତାଲମେଣ୍ଡା ଗ୍ରାମର ଡାଲିମ୍ବ ମହାନନ୍ଦ(୨୬)। ଗିରଫ ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସେଠାରୁ ସେମାନଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଚୋରି ଟଙ୍କାରେ ଅଭିଯୁକ୍ତମାନେ କିଣିଥିବା ସୁନା, ରୂପା ଅଳଙ୍କାରକୁ ପୋଲିସ ଜବତ କରିଛି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୩୮୪/୨୩) ରୁଜୁ କରିଛି।

ପ୍ରକାଶ ଯେ, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୨ ବାଲିଟିକ୍ରା ନିବାସୀ ଅମରେଶ ପ୍ରଧାନ(୨୫)ଙ୍କ


ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ସୁନା, ରୁପା ଅଳଙ୍କାର।

**ଚିକିତ୍ସାଧୀନ ରୋଗୀଙ୍କଠୁ ଚୋରି**

ବାପା ରାମକୃଷ୍ଣ ସହର ଉପକଣ୍ଠ ଏକ ଘରୋଇ ଡାକ୍ତରଖାନାର କ୍ୟାବିନ ନଂ- ୧୦୩ରେ ଚିକିତ୍ସାଧୀନ ଥିଲେ। ଡାକ୍ତରଖାନାର ଉକ୍ତ ୩ ସ୍ୱାସ୍ଥ୍ୟ କର୍ମଚାରୀ ସେହି କ୍ୟାବିନରୁ ରାମକୃଷ୍ଣଙ୍କ ଦାମିକିଆ ମୋବାଇଲ ଚୋରି କରିଥିଲେ ଏବଂ ଫୋନ୍ ପେ ପାସୱାର୍ଡ଼ ଜାଣିବା ପରେ ମୋବାଇଲକୁ ଧରି ରାୟପୁର ଚାଲି ଯାଇଥିଲେ। ଫୋନ ପେ ମାଧ୍ୟମରେ ରାମକୃଷ୍ଣଙ୍କ ଆକାଉଣ୍ଟରୁ ୧ଲକ୍ଷ ୯୨ହଜାର ୫୬୫ ଟଙ୍କା କାଢ଼ି ସେଥିରେ ସୁନା, ରୂପା ଅଳଙ୍କାର ଆଦି କିଣିଥିଲେ। ମୋବାଇଲ ଚୋରି ହେବା ପରେ ରାମକୃଷ୍ଣଙ୍କ ପୁଅ ଅମରେଶ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରି ଛାନଭିନ କରି ବୁଧବାର ଅଭିଯୁକ୍ତମାନଙ୍କୁ ରାୟପୁରରୁ ଗିରଫ କରିଥିଲା।

# ୧୪ରେ ବିନିକାରେ ମେଗା ରକ୍ତଦାନ ଶିବିର

ବିନିକା,୮।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବ ମଞ୍ଚ ଆହ୍ୱାନ କ୍ରମେ ମାରୱାଡି ଯୁବମଞ୍ଚ ବିନିକା ଶାଖା ପକ୍ଷରୁ ଆସନ୍ତା ୧୪ ତାରିଖରେ ମେଗା ରକ୍ତଦାନ ଶିବିର ହେବ। ଏଥିପାଇଁ ଗୁରୁବାର ବିନିକା ଦୁର୍ଗାପୂଜା ମଣ୍ଡପଠାରେ ସଞ୍ଜୀବ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ହେବାକୁ ଥିବା ଶିବିରରେ ଅଧିକ ସଂଖ୍ୟକ ରକ୍ତଦାତା ରକ୍ତଦାନ କରି ଓଡିଶା ମଞ୍ଚର ୧୧,୧୧୧ ୟୁନିଟ ରକ୍ତ ସଂଗ୍ରହ ଲକ୍ଷ୍ୟ ପୂରଣ କରିବା ପାଇଁ ସହଯୋଗ କରିବାକୁ କମିଟିର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ବିନିକା ଦୁର୍ଗାପୂଜା କମିଟିର ସମ୍ପାଦକ ଗନ୍ଧର୍ବ ମାହାର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ସାମାଜିକ କର୍ମୀ ରାମ ଗୋପାଳ ବାଗ, ଗରିବ ସାଲମା, ବିନିକା ଯୁବମଞ୍ଚର ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରକାଶ ଅଗ୍ରୱାଲା ଧନ୍ୟବାଦ ଦେଇଥିଲେ।


ବୈଠକରେ ମାରୱାଡି ଯୁବମଞ୍ଚ ବିନିକା ଶାଖାର କର୍ମକର୍ତ୍ତା ଓ ଅନ୍ୟମାନେ।

## ସଂକ୍ଷେପରେ

### ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଷ୍ଟିଲ ମେକିଂ ଶିକ୍ଷା

**ରାଉରକେଲା ଅଫିସ୍,୮।୬ :** ଇସ୍ପାତ କାରଖାନାରେ ଚଳିତ ଗ୍ରୀଷ୍ମକାଳରେ ବିଭିନ୍ନ ବୈଷୟିକ ମହାବିଦ୍ୟାଳୟରେ ଭିନ୍ନଭିନ୍ନ ବ୍ରାଞ୍ଚରେ ଇଞ୍ଜିନିୟରିଂ ପଢୁଥିବା କାରଖାନାର କର୍ମଚାରୀଙ୍କ ସମ୍ପର୍କୀୟ ପ୍ରାୟ ୩୩୦ ଛାତ୍ରୀଛାତ୍ରଙ୍କୁ ଷ୍ଟିଲ ମେକିଂ ସମ୍ବନ୍ଧୀୟ ଶିକ୍ଷା ଦିଆଯାଇଛି। ୩ଟି ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କୁ ଏହି ଶିକ୍ଷା ଦିଆଯାଇଛି। ଏହି ବିଶାଳ ସମନ୍ୱିତ ଇସ୍ପାତ କାରଖାନାର ପ୍ରଯୁକ୍ତି ଜ୍ଞାନକୌଶଳ ଏବଂ ପରିଚାଳନା ଛାତ୍ରୀଛାତ୍ରଙ୍କୁ ମାନସିକ ସ୍ତରରେ ପ୍ରଶସ୍ତ କରିବା ସହିତ ଏହା ସେମାନଙ୍କ ଚିନ୍ତନକୁ ଏକ ସୃଜନଶୀଳ ରୂପ ଦେବାରେ ସହାୟକ ହୋଇଛି। ପ୍ରଥମ ବ୍ୟାଚ ଛାତ୍ରୀଛାତ୍ର ମେ ୮ରେ ଯୋଗଦେଇଥିବାବେଳେ ୨ ବ୍ୟାଚ ଛାତ୍ରୀଛାତ୍ର ମେ ୨୨ରେ ଏବଂ ଜୁନ ୮ରେ ୩ ବ୍ୟାଚ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପାଇଁ ଯୋଗଦେଇଥିଲେ। ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଏଚ୍ଆରଡ଼ି ବିଭାଗର ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଅଧକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ସମନ୍ୱିତ ଇସ୍ପାତ କାରଖାନାର ବିବିଧ କାର୍ଯ୍ୟଧାରା ସମେତ ପ୍ରଶିକ୍ଷଣ ସମୟରେ ଅନୁପାଳନୀୟ ଆବଶ୍ୟକୀୟ ସୁରକ୍ଷା ନିୟମ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଅଡିଓ ଭିଜୁଆଲ ଉପସ୍ଥାପନା ମାଧମରେ ଆର୍ଏସ୍ପିର ଐତିହ୍ୟ, କାର୍ଯ୍ୟଧାରା, ସାମଗ୍ରୀ ସମୂହ ଏବଂ ସୁରକ୍ଷା ନିୟମ ଆଦି ତଥ୍ୟ ପ୍ରଦାନ କରାଯାଇଛି। ପରେ ସେମାନଙ୍କୁ ବିଭିନ୍ନ ବିଭାଗକୁ ପ୍ରଶିକ୍ଷଣ ପାଇଁ ନିଆଯାଇଥିଲା। ଏହି ଅଧିବେଶନ ଏଚ୍ଆରଡ଼ି ବିଭାଗର ଏଜିଏମ୍ କେ କେ ଜୟଶ୍ୱାଲ ଓ ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍ କେ ସୁକୁଲାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

### ମାଏରି ମେଁ କାସେ କହୁଁ ନାଟକ ମଞ୍ଚସ୍ଥ

**ନାଟକୋତ୍ସବର ଦ୍ୱିତୀୟ ସନ୍ଧ୍ୟା**



**ରାଉରକେଲା ଅଫିସ,୮।୬:** ରାଉରକେଲା ସିଭିକ୍ ସେଣ୍ଟରଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ପ୍ରସ୍ତୁତ ଓ ଆରଏସପି ସହଯୋଗରେ ଚାଲିଥିବା ଗ୍ରୀଷ୍ମକାଳୀନ ଜାତୀୟ ନାଟକ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ 'ମାଏରି ମେଁ କାସେ କହୁଁ' ନାଟକ ମଞ୍ଚସ୍ଥ ହୋଇଛି। ନାରୀ ସ୍ୱାଧୀନତା କେବଳ କାଗଜକଲମରେ ସୀମିତ। ଅନେକ ସମୟରେ ନାରୀ ସ୍ୱାଧୀନତାକୁ ପାଦରେ ଦଳି ଦିଆଯାଉଛି। ଏଭଳି ଏକ ବିଷୟକୁ ନେଇ ନାଟକ ଗତିଶୀଳ ହୋଇଛି। ଆର୍ଏସ୍ପି ଇଡ଼ି (କାର୍ମିକ) ପ୍ରଦୀପ ସାହୁ ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ବଲିଉଡ୍ ସହ କଳାକାର ଅବତାର ସାହାଣୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍ଏସ୍ଡି ରିପୋର୍ଟ୍ରୀର ମୁଖ୍ୟ ରାଜେଶ ସିଂ, ଆର୍ଏସ୍ପି ସିଓସି ଅର୍ଚ୍ଚନା ଶତପଥୀ, କାର୍ଯ୍ୟକ୍ରମ ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ରାଜ୍ୟର କଳାକାରମାନେ ଅଭିନୟ କରିଥିଲେ।

# ୧୦ ଏକର କାଜୁ ବଗିଚାରେ ଲାଗିଲା ନିଆଁ

**କୁତ୍ରା,୮।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ପତ୍ରାପଡ଼ା ନିକଟ ପ୍ରାୟ ୧୦ ଏକର ଜମିରେ ଥିବା କାଜୁ ବଗିଚାରେ ଗୁରୁବାର ମଧ୍ୟାହ୍ନରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ କାଜୁ ବାଦାମ ଗଛ ବିଶେଷ କ୍ଷତି ହୋଇ ନ ଥିବା ବେଳେ ନୂତନ କରି ଲଗାଯାଇଥିବା ବିଭିନ୍ନ ମୂଲ୍ୟବାନ ଗଛ ସବୁ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। କାଜୁ ବଗିଚାରେ ନିଆଁ ଲାଗିବା ନେଇ ସ୍ଥାନୀୟ ସରପଞ୍ଚ ଭୁବନ କୁଜୁର ଜାଣିବା ପରେ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ଓ ବନ ବିଭାଗକୁ ଖବର ଦେଇଥିଲେ। ବଗିଚା ଭିତରେ ଶୁଖିଲା ବୁଦା ଓ ଘାସ



କାଜୁ ବଗିଚାରେ ନିଆଁ ଲାଗିଥିବାର ଦୃଶ୍ୟ।

ଥିବାରୁ ଦେଖୁ ଦେଖୁ ନିଆଁ ଆଗକୁ ଆଗକୁ ବ୍ୟାପିଥିଲା। କୁତ୍ରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ।

**ନଷ୍ଟ ହେଲା ଅନେକ ମୂଲ୍ୟବାନ ବୃକ୍ଷ**

ପରେ ବନବିଭାଗ କର୍ମଚାରୀ ପହଞ୍ଚି ବ୍ଲୋୟର ମେଶିନ ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୪ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବାରେ ସେମାନେ ସଫଳ ହୋଇଥିଲେ। ସରପଞ୍ଚ କୁଜୁର ଡାହିଜିରା ମଖାପଡ଼ା ବନ ସୁରକ୍ଷା ସମିତିର ସଦସ୍ୟ ଉପସ୍ଥିତ ରହି ଅଗ୍ନିଶମ ଓ ବନ ବିଭାଗକୁ ନିଆଁ ଆୟତ୍ତ କରିବାରେ ସହଯୋଗ କରିଥିଲେ। ତେବେ ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

# ଚିରାଫଟା ହୋର୍ଡିଂ ଯୋଗୁ ଦୁର୍ଘଟଣା



ପାନପୋଷ ମୁଖ୍ୟ ଛକରେ ଲାଗିଥିବା ହୋର୍ଡିଂ ଫାଡି ହୋଇଯାଇଛି।

**ରାଉରକେଲା ଅଫିସ,୮।୬**

ସ୍ମାର୍ଟସିଟି ରାଉରକେଲାର ପ୍ରମୁଖ ସ୍ଥାନମାନଙ୍କରେ ଆର୍ଏମ୍ସିର ଅନୁମୋଦନ କ୍ରମେ ବିଭିନ୍ନ ନାମୀଦାମୀ କମ୍ପାନୀର ବିଜ୍ଞାପନ ହୋର୍ଡିଂ ଲାଗିଛି। ଏହି ହୋର୍ଡିଂଗୁଡିକ ବିଭିନ୍ନ ସମୟରେ ବର୍ଷା ପବନରେ ଫାଟିଯାଇ ପତାକା ଭଳି ଉଡୁଛି। ପବନ ହେଲେ ଏହି ଚିରାଫଟା ହୋର୍ଡିଂ ଯାନବାହନ ସମ୍ମୁଖରେ ପଡିବା ଦ୍ୱାରା ଦୁର୍ଘଟଣା ଘଟୁଛି। ସେହିପରି ଏହା ସ୍ମାର୍ଟସିଟିର ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ପ୍ରତିବନ୍ଧକ ସାଜୁଛି ।

ଆର୍ଏମ୍ସିର ଅନୁମୋଦନ କ୍ରମେ ବିଭିନ୍ନ ସଂସ୍ଥା ତରଫରୁ ସହରର ସିଭିଲ ଟାଉନଶିପ୍, ଉଦିତନଗର, ପାନପୋଷ ଆଦି ଅଞ୍ଚଳ ରାସ୍ତାକଡ଼ରେ ନାମୀଦାମୀ କମ୍ପାନୀର ବିଜ୍ଞାପନ ଭିତ୍ତିକ ହୋର୍ଡିଂ ଲଗାଯାଇଛି। ଏଥିପାଇଁ ସଂସ୍ଥାଗୁଡିକ କମ୍ପାନୀମାନଙ୍କ ପାଖରୁ ନିର୍ଦ୍ଧାରିତ ରାଶି ନେବା ସହ କମିଶନ ଅର୍ଥ ଆର୍ଏମ୍ସିକୁ ପ୍ରଦାନ କରାଯାଉଛି। ତେବେ ଏହି ହୋର୍ଡିଂଗୁଡିକ ବିଭିନ୍ନ ସମୟରେ ଫାଡି ହୋଇ ପତାକା ସଦୃଶ ଝୁଲୁଛି। ଏହାକୁ ବଦଳାଯାଉ ନ ଥିବାରୁ ଉକ୍ତ ଚିରା ହୋର୍ଡିଂ ସ୍ମାର୍ଟସିଟି ସୌନ୍ଦର୍ଯ୍ୟ ବୃଦ୍ଧିରେ ପ୍ରତିବନ୍ଧକ ସାଜୁଛି। ସେହିପରି ବର୍ଷା ପବନ ହେଲେ ଉଡ଼ିଆସି ରାସ୍ତାରେ ଯାଉଥିବା ଯାନବାହନର ସମ୍ମୁଖ ଭାଗ ଗ୍ଲାସକୁ ଢାଙ୍କିଦେଉଛି। ଫଳରେ ଝଡପବନ ସମୟରେ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଆର୍ଏମ୍ସିର ଉପ ପୌରଆୟୁକ୍ତ ଗୌରବ ପଧାନଙ୍କୁ ପଚାରିବାରୁ ତୁରନ୍ତ ଏ ନେଇ ସମ୍ପୃକ୍ତ ଠିକା ସଂସ୍ଥାଙ୍କୁ ଅବଗତ କରାଯିବା ସହ ଚିରାଫଟା ହୋର୍ଡିଂ ହଟାଯିବ ବୋଲି ସେ କହିଥିଲେ।

# ରୋଗୀଙ୍କ ପାଇଁ ନିଃଶୁଳ୍କ ବସ୍ ସେବା

**ବଡ଼ଗାଁ,୮।୬( ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ରାଉରକେଲା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ରୋଗୀଙ୍କ ପାଇଁ ନିଃଶୁଳ୍କ ବସ୍ ସେବା ଗୁରୁବାରଠାରୁ ଆରମ୍ଭ ହୋଇଛି। ସାହାଜବାହାଲ ପଞ୍ଚାୟତ ଅଫିସ୍ ପରିସରରେ ହାଇଟେକ୍ ମେଡିକାଲ୍ ନିର୍ଦ୍ଦେଶକ କର୍ଣ୍ଣେଲ ଡ. ଅସୀମ ଶୁଦ୍, ସିନିୟର୍ ମାର୍କେଟିଂ ମ୍ୟାନେଜର ସୁବାଶିଷ ତ୍ରିପାଠୀ, ଲାବ ଟେକନିସିଆନ ଶ୍ରୁତି ମୁଖାର୍ଜୀଙ୍କ ଉପସ୍ଥିତିରେ ବିଜେଡିର ବରିଷ୍ଠ ନେତା ବସନ୍ତ ସାହୁ ବସ୍ ଉଦ୍ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ଗରିବ ପରିବାରଙ୍କ ଚିକିତ୍ସା ସେବା ପାଇଁ କରିଥିବା ଜନହିତକର ଯୋଜନାଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ। ଏହି ବସ୍ ସେବା ଯୋଗାଇଦେବା ପାଇଁ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପୋ ପ୍ରଚେଷ୍ଟା କରିଥିବା ନେଇ ସେ ସୂଚନା ଦେଇଥିଲେ। ଏହି ବସ୍ ସେବା ପ୍ରତ୍ୟେକ ସପ୍ତାହର ଗୁରୁବାର ଓ ଶୁକ୍ରବାର



ନୂତନ ବସ୍ ଉଦ୍ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ପୂଜକ।

ଯୋଗାଇଦିଆଯିବ। ବର୍ତ୍ତମାନ ଏହି ବସ୍ ବ୍ଲକର ଖ ଜୋନ ଅଧୀନ ସାହାଜବାହାଲ, ଏକମା, ପାମରା, ବାମଡେରା, ଟିମନା, ତୁଡ଼ାଲଗା ଓ ଦଣ୍ଡଜମରା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯିବ। ରୋଗୀମାନେ ଏହି ବସ୍‌ରେ ରାଉରକେଲା ହାଇଟେକ୍ ମେଡିକାଲ୍‌କୁ ମାଗଣାରେ ଯିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଦେଇ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସିତ ହୋଇପାରିବେ। ଏଥିସହ ପାଥୋଲୋଜିକାଲ ବସ୍‌ରେ ୩୦ ପ୍ରତିଶତ କମ ମୂଲ୍ୟରେ ଟେଷ୍ଟ କରାଯିବାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ନାଏବ ସରପଞ୍ଚ ଅଶୋକ ପଟେଲ, ବିଜେଡିର ସକ୍ରିୟ ସଦସ୍ୟ ତଥା ବସ୍ ସେବାର କ୍ଷେତ୍ର ସଂଯୋଜକ ରବୀନ୍ଦ୍ର ସାହୁ, ୱାର୍ଡ ମେମ୍ବର କୀର୍ତ୍ତନ ରୋହିଦାସ, ଜୟାନନ୍ଦ ବିଶ୍ୱାଳ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ପୂଜକ ଅକ୍ଷୟ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ଖୁବଶୀଘ୍ର ଏହି ବସ୍ ସେବା 'କ' ଜୋନରେ ଆରମ୍ଭ ହେବ ବୋଲି କୁହାଯାଇଛି।

## ଆର୍ଏସ୍ପିର ଆଧୁନିକୀକରଣ, ସମ୍ପ୍ରସାରଣ ଦାବି

**ରାଉରକେଲା ଅଫିସ, ୮।୬**

ରାଉରକେଲା ଇସ୍ପାତ କାରଖାନାର ଆଧୁନୀକିକରଣ ଓ ସମ୍ପ୍ରସାରଣ ପାଇଁ ପ୍ରାୟ ୩୬ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ବୋର୍ଡରେ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଜମି ଅଧିଗ୍ରହଣ ନ ହେବାରୁ ଏହା ଫେରିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ସିଆଇଟିୟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ୨୦୧୪ରେ ସେଲ୍ ଯୌଥ ଭାବେ ପୁରୁଣାପାଣିଠାରେ ସିମେଣ୍ଟ କାରଖାନା କରିବା ଯୋଜନା ଥିଲା। କାରଖାନା ପକ୍ଷରୁ କୌଣସି ନିଷ୍ପତ୍ତି ନ ନିଆଯିବାରୁ ଏହା ବୋକାରୋରେ ନିର୍ମାଣ କରାଗଲା। ୨୦୨୦ରେ ଆସିଥିବା ପ୍ରସ୍ତାବ ଅନୁଯାୟୀ ମଧ୍ୟ ସମାନ ପ୍ରକଳ୍ପ ହୋଇପାରିଲା ନାହିଁ। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ଇସ୍କୋ ବର୍ଣ୍ଣପୁରକୁ ଚାଲିଯାଇଥିଲା। ପ୍ରାୟ ସମସ୍ତ ଇସ୍ପାତ ଉଦ୍ୟୋଗ ୧୦ ମିଲିୟନ ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଆର୍ଏସ୍ପି ବିନା ସମ୍ପ୍ରସାରଣରେ ୧୦ ମିଲିୟନ ପ୍ରତିଯୋଗିତାରୁ ପଛେଇଯିବା ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଏକଜୁଟ ହୋଇ ଆର୍ଏସ୍ପି ଆଧୁନିକୀକରଣ ଓ ସମ୍ପ୍ରସାରଣ ଦାବି କରିବାକୁ ମହାନ୍ତି ଆହ୍ୱାନ ଦେଇଛନ୍ତି।

## ୨ଗାଁ ମଧ୍ୟରେ ସୀମା ବିବାଦ

**ବଡ଼ଗାଁ,୮।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ପଞ୍ଚାୟତର ମଟାମରା ଓ ମନୋହରପୁର ଗ୍ରାମ ମଧ୍ୟରେ ସୀମା ବିବାଦ ଦେଖାଦେଇଛି। ମନୋହରପୁର ଗ୍ରାମବାସୀ ସୀମା ଚିହ୍ନଟ ପାଇଁ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସ୍ଥାନୀୟ ସରପଞ୍ଚ ଶୁକ୍ରୁତା ବିଶ୍ୱାଳଙ୍କ ଉପସ୍ଥିତିରେ ବଡ଼ଗାଁ ତହସିଲଦାର ସରୋଜ କୁମାର ପୃଷେଟ, ସାହାଜବାହାଲ ରାଜସ୍ୱ ନିରୀକ୍ଷକ ମାପ କରି ସୀମା ଚିହ୍ନଟ କରିଥିଲେ। ଏହାକୁ ନେଇ ମଟାମରା ଗ୍ରାମବାସୀ ସେଠାରେ ଅସନ୍ତୋଷ ପ୍ରକାଶ କରି ପୂର୍ବରୁ ଥିବା ସୀମା ଦେଖାଇଥିଲେ ମଧ ତାଙ୍କ କଥା କେହି ଶୁଣି ନ ଥିଲେ। ଫଳରେ ସରପଞ୍ଚ, ତହସିଲଦାରଙ୍କ ସହିତ ଗ୍ରାମବାସୀଙ୍କ ଯୁକ୍ତିତର୍କ ହୋଇଥିଲା। ଏନେଇ ମଟାମରାର ପୂର୍ବତନ ସରପଞ୍ଚ ବିକ୍ରମ ଟପ୍ପୋଙ୍କ ସହ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।

# ଯନ୍ତ୍ରୋପକରଣ ଉପଲବ୍ଧତାରେ ଉନ୍ନତି



ଉନ୍ନତ ଯନ୍ତ୍ରୋପକରଣ ସହ ଆର୍ଏସ୍ପି କର୍ମଚାରୀଗଣ।

**ରାଉରକେଲା ଅଫିସ,୮।୬**

ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗରେ ସ୍ଲାବ ୟାର୍ଡ ଟଙ୍ଗର ଏକ ଅଭିନବ ନିଜସ୍ୱ ରୂପାନ୍ତରଣ ଦ୍ୱାରା ଉପକରଣର ଉପଲବ୍ଧତାରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଛି। ଏହାସହ କମ୍ପାନୀର ବହୁ ସଞ୍ଚୟ ସମ୍ଭବପର ହୋଇପାରିଛି। ଇଲେକ୍ଟ୍ରିକାଲ୍ ଜିଏମ୍ ଚିଦାନନ୍ଦ ନାୟକଙ୍କ ନେତୃତ୍ୱରେ ଏଚ୍ଏସ୍ଏମ୍-୨ ବିଭାଗର ଉତ୍ସର୍ଗୀକୃତ କର୍ମଚାରୀ ଦଳ ସ୍ଲାବ ୟାର୍ଡ ଟଙ୍ଗର ମୋଟର ବ୍ରେକ୍ ସୁ ଏବଂ ବ୍ରେକ୍ ଲାଇନର ରୂପାନ୍ତରଣକୁ ସଫଳତାର ସହ କାର୍ଯ୍ୟକାରୀ କରିଥିଲେ। ଫଳରେ ୟୁନିଟ୍‌ର ସାମଗ୍ରୀକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରିଛି। ଉଲ୍ଲେଖଯୋଗ୍ୟ, ଏଚ୍ଏସ୍ଏମ୍-୨ ବିଭାଗ ସ୍ଲାବ୍ ୟାର୍ଡରେ ୧୫୦ ଟନ୍ କ୍ଷମତା ବିଶିଷ୍ଟ ୩ଟି କ୍ରେନ୍ ଅଛି। ମୋଟର ବ୍ରେକିଂର ହାଇସ୍ପିଡ୍ ଅପରେଶନ ଜନିତ କଣ୍ଟ୍ରୋଲର ଲଜିକ୍ ସର୍କିଟ୍ ନିୟନ୍ତ୍ରିତ ଟଙ୍ଗ୍ ମୋଟର ବ୍ରେକ୍ ସୁ ଏବଂ ବ୍ରେକ୍ ଲାଇନ କ୍ଷତିଗ୍ରସ୍ତ ହେଉଥିବାରୁ ସମସ୍ତ କ୍ରେନ୍ ବାରମ୍ବାର ବ୍ରେକଡାଉନ ହେଉଥିଲା। ଏହା ଟଙ୍ଗ୍ ମୋଟର ଉପରେ ମଧ ପ୍ରଭାବ ପକାଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ଉକ୍ତ ଦଳ ବ୍ୟାପକ ବିଚାର ବିମର୍ଶ କରି ନିୟନ୍ତ୍ରକ ଏବଂ ଅନ୍ୟାନ୍ୟ ସ୍ପେୟାରକୁ ଟଙ୍ଗ ଅପରେଶନ

**ଆର୍ଏସ୍ପି ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ**

ପାଇଁ କଣ୍ଟାକ୍ଟର ଏବଂ ଟାଇମର୍ ଲଜିକ୍ ସର୍କିଟ ଦ୍ୱାରା ବଦଳାଇବାକୁ ସ୍ଥିର କରିଥିଲା। ଏଚ୍ଏସ୍ଏମ୍-୨ ବିଭାଗର ଏଜିଏମ ଆର. ଆର. ମହାନ୍ତି ଏବଂ ସିନିୟର ମ୍ୟାନେଜର ତ୍ରିବିକ୍ରମ ଶେଠ ଓ ବିଭାଗୀୟ କର୍ମଚାରୀଙ୍କୁ ନେଇ ଗଠିତ ଦଳ ଏହି କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ଗ୍ରହଣ କରିଥିଲେ। ସହଜରେ ଉପଲବ୍ଧ ଏବଂ ବ୍ୟୟନିପୁଣ ନୂତନ କଣ୍ଟାକ୍ଟର ଏବଂ ଟାଇମର୍ ଲଜିକ୍ ସହିତ ସର୍କିଟକୁ ରୂପାନ୍ତର କରାଯାଇଥିଲା। ଏହି ଟାଇମର୍ ଲଜିକ୍‌ରେ ହାଇସ୍ପିଡ୍ କ୍ଲୋଜିଂରେ ଟଙ୍ଗ୍ ଖୋଲିବା ଉଚ୍ଚ ବେଗରେ ଆରମ୍ଭ ହୁଏ ଏବଂ ବ୍ରେକିଂ କିମ୍ବା ବନ୍ଦ କରିବା ସମୟରେ ସ୍ୱଳ୍ପ ବେଗକୁ ଚାଲିଆସିଥାଏ। ଫଳରେ ବ୍ରେକ୍ ସୁ ଏବଂ ବ୍ରେକ୍ ଲାଇନର କ୍ଷତିଗ୍ରସ୍ତ ହେବା ବହୁ ମାତ୍ରାରେ ହ୍ରାସ ପାଇଛି। ଏହା ବ୍ୟତୀତ ପରିବର୍ତ୍ତିତ ସର୍କିଟ୍‌ର କାର୍ଯ୍ୟକାରିତା ବ୍ରେକଡାଉନ୍‌କୁ ବହୁମାତ୍ରାରେ ହ୍ରାସ କରିଛି। ଏଥିଯୋଗୁ ମେଶିନ ଉପଲବ୍ଧତା ବୃଦ୍ଧି ପାଇବା ସହ ନିରବଚ୍ଛିନ୍ନ ଉତ୍ପାଦନ ମଧ୍ୟ ସୁନିଶ୍ଚିତ ହୋଇପାରିଛି। ଏହି ଇନ୍‌ହାଉସ୍ ରୂପାନ୍ତରଣରେ ପ୍ରାୟ ୨୫ ଲକ୍ଷ ଟଙ୍କା ସଞ୍ଚୟ ହୋଇପାରିଛି ବୋଲି ଆର୍ଏସ୍ପି ପକ୍ଷରୁ ସୂଚନା ଦିଆଯାଇଛି।

# ଭାଜପା ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ



ସଂଯୁକ୍ତ ମୋର୍ଚ୍ଚା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ, ୮।୬**

ମୋଦି ସରକାରଙ୍କ ୯ ବର୍ଷ ସଫଳତାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଅଗ୍ରାଧିକାର ଦିଆଯାଇଛି। ଶୌଚାଳୟ ଯୋଜନା, ଷ୍ଟାର୍ଟ ଅପ୍ ଯୋଜନା, ଇ-ଶ୍ରମ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ଼, ପିଏମ୍ ଜନଔଷଧି କେନ୍ଦ୍ର ସମେତ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ମହିଳାମାନେ ଅଧିକାଂଶ ଲାଭବାନ ହେଉଛନ୍ତି। ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦିଆଯାଇଛି। ଏହିସବୁ କେନ୍ଦ୍ରୀୟ ଯୋଜନାର ପ୍ରଚାର ସହ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ଅଧୀନ ୭ଟି ମଣ୍ଡଳରେ ପ୍ରତି ସଦସ୍ୟ ଅତିକମ୍‌ରେ ୧୦ ପରିବାରକୁ ସମ୍ପର୍କ ସ୍ଥାପନ କରିବେ ବୋଲି ଗୁରୁବାର ଅପରାହ୍ନରେ ସେକ୍ଟର-୫ ଭଞ୍ଜଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ରଘୁନାଥପାଲ୍ଲୀ ଭାଜପା ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ମୁପରା ମହେନ୍ଦ୍ର ଭାଇ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍ପି ଜୁଏଲ ଓରାମ, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ରାଜ୍ୟ ପ୍ରତିନିଧି ବିଷ୍ଣୁ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ମହିଳା ମୋର୍ଚ୍ଚା ସଭାପତି ମମତା ଗୌତମ, ଓବିସି ମୋର୍ଚ୍ଚା ସଭାପତି ରୋଷନ ସାହୁ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ରୋହିତ ତନ୍ତୀ, ଜିଲା ଅଳ୍ପସଂଖ୍ୟକ ମୋର୍ଚ୍ଚା ସଭାପତି ଶେଖ୍ ମୁଜାହିଦ ପ୍ରମୁଖ ମଞ୍ଚାସୀନ ଥିଲେ।

# ସୁନ୍ଦରଗଡ଼ ଜିଲା ଉଷୁ ଦଳର ଅନୁଗୋଳ ଯାତ୍ରା

**ସୁନ୍ଦରଗଡ଼,୮।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଉଷୁ ଦଳର ୪୦ ଖେଳାଳି ଏବଂ ୫ ଅଫିସିଆଲ ଶୁକ୍ରବାର ଅନୁଗୁଳ ଯିବାର କାର୍ଯ୍ୟକ୍ରମ ରହିଛି। ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଗୁଳର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ୨୯ ତମ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ହେବ। ଜିଲାର ବିଭିନ୍ନ ଶାଖାରୁ ଯଥା, ରାଉଲକେଲା ସେକ୍ଟର - ୧୪ ଶାଖାରୁ ୨୨ ଜଣ, ପାନପୋଷ ଶାଖାରୁ ୯, ବାସନ୍ତୀ କଲୋନୀ ଶାଖାରୁ ୫, ଛେଣ୍ଡ ଶାଖାରୁ ୩ ଓ ଜନ ସେବା ସମିତି ଯୋଗୀମାଲ ଶାଖାରୁ ଜଣେ ଖେଳାଳି ଜିଲା ଉଷୁ ଦଳରେ ଚୟନ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାଉଛନ୍ତି । ଗୋଟିଏ ମାସ ସମସ୍ତ ଖେଳାଳୀ କ୍ୟାମ୍ପରେ ଅଭ୍ୟାସ କରିଛନ୍ତି । ଗତ ବର୍ଷ ସୁନ୍ଦରଗଡ଼ ଦଳ ଉପବିଜେତା ହୋଇଥିବା ବେଳେ ଚଳିତ ବର୍ଷ ଚାମ୍ପିୟନ ହେବାପାଇଁ ଆଶା ରଖିଛନ୍ତି । ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଜିଲା ଉଷୁ ସଂଘର ସାଧାରଣ ସମ୍ପାଦକ ସୁଜନ ରଥ ମୁଖ୍ୟ ବିଚାରକ ଦାୟିତ୍ୱ ଏବଂ ଉପସଭାପତି ଟିକି ବାହାଦୁର ଓ ଯୁଗ୍ମ ସମ୍ପାଦକ ଅଜୟ ଲାକ୍ରା ବିଚାରକ ଦାୟିତ୍ୱ ତୁଲାଇବେ ବୋଲି ରଥ ସୂଚନା ଦେଇଛନ୍ତି। ଜିଲା ଉଷୁ ସଂଘ ସଭାପତି ତରୁଣ ଦାସ, ଉପଦେଷ୍ଟା କମିଟିର ମନୋଜ ମାଝୀ, ବ୍ରିଜ ରାଜ ସିଂ, ମହେଶ ରାଜଗନ୍ଧା, ଟିଡିକ ପଣ୍ଡା, ଜିଲା ଆମେଚର ବକ୍ସିଂ ସଂଘ ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସୁନ୍ଦରଗଡ଼ ଦଳ ଚାମ୍ପିୟନ ହେବା ପାଇଁ ଆଶାବ୍ୟକ୍ତ କରିଛନ୍ତି।



ଉଷୁ ଦଳର ୪୦ ଖେଳାଳି।

# ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ,୮।୬**

ଇସ୍ପାତ କଲେଜର ଜନୈକ ପ୍ରାଧ୍ୟାପକଙ୍କ ବିରୋଧରେ ଅଭିଯୋଗ କରି ରାଉରକେଲା ଛାତ୍ର କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ଛାତ୍ର କଂଗ୍ରେସ କର୍ମୀମାନେ ରାଜ୍ୟ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଓ ବିଧାୟକ ସୁବ୍ରତ ତରାଇଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ସୁସ୍ମିତା ମିଞ୍ଜଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପୂର୍ବାହ୍ନରେ କଂଗ୍ରେସ ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ



ଛାତ୍ର କଂଗ୍ରେସ କର୍ମକର୍ତ୍ତା କୁଶପୁତ୍ତଳିକା ଦାହ କରୁଛନ୍ତି।

କରିଥିଲେ, ଇସ୍ପାତ କଲେଜର ଜନୈକ ପ୍ରାଧ୍ୟାପକ ବେଆଇନ ଭାବେ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ କରିବା ସହ ସେମିଷ୍ଟର ପିଛା ମୋଟା ଅଙ୍କ ଦାବି କରୁଛନ୍ତି। ଫଳରେ ଅନେକ ଛାତ୍ରୀଛାତ୍ର ବିଜ୍ଞାନ ବିଭାଗ ପରିବର୍ତ୍ତନ କରି କଳା ବିଭାଗରେ ଯୋଗ ଦେଉଛନ୍ତି। ପୂର୍ବରୁ କଲେଜ ପରିଚାଳନା ଦାୟିତ୍ୱରେ ଥିବା ବିଧାୟକଙ୍କ ପାଖ ଲୋକ ଉକ୍ତ କଲେଜର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଛନ୍ତି। ଏ ନେଇ କଲେଜ ପରିଚାଳନା କମିଟିକୁ ପ୍ରଶ୍ନ କଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଛାତ୍ର କଂଗ୍ରେସ କର୍ମୀମାନେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପ୍ରବୋଧ ଦାସ, ଇଜାଜ ଅଖତାର, ଶିବୁ ଦୀପ, ନିରୂପମା ବଳିଆରସିଂ, ସଦ୍ଦାବ ଅହମ୍ମଦ, ବାସୁଦେବ ବାନାର୍ଜୀ, ସୁଶାନ୍ତ ବେହେରା, ସିଲୁ ବରାଳ, ବାବୁଲି ଢୋଲିଆଙ୍କ ସମେତ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛିଦିନ ହେଲା ଉକ୍ତ କଲେଜରେ ଅନିୟମିତତା ଓ ବିଭିନ୍ନ ସମସ୍ୟା ନେଇ ଏକ ପ୍ରାକ୍ତନ ଛାତ୍ର ଗୋଷ୍ଠୀ ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨ ଦିନ ତଳେ ଅନ୍ୟ ଏକ ଛାତ୍ର ଗୋଷ୍ଠୀ ଏହାକୁ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରିବା ସହ ଏହାଦ୍ୱାରା କଲେଜର ଭାବମୂର୍ତ୍ତି ମଳିନ ହେଉଥିବା କଲେଜରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ବିବାଦ ଅନେକ ଦିନରୁ ଚାଲିଆସୁଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଟୋଲ ଗେଟ୍‌କୁ ଧକ୍କା ଦେଲା ଶ୍ରମିକ ନେଉଥିବା ବସ୍

ସମ୍ବଲପୁର,୮।୬(ବ୍ୟୁରୋ): ସମ୍ବଲପୁର ସଦର ଥାନା ନୀଳଡୁଙ୍ଗରୀଠାରେ ଜାତୀୟ ରାଜପଥରେ ରହିଥିବା ଟୋଲ ଗେଟ୍ ଗୁରୁବାର ଶ୍ରମିକଙ୍କୁ ନେଇ ଯାଉଥିବା ବସ୍ ଧକ୍କାରେ ଧରାଶାୟୀ ହୋଇଛି। ଏଥିଯୋଗୁ ଶତାଧିକ ଶ୍ରମିକ ପରିବାର ସେଠାରେ ଭୋକ ଉପାସରେ ପଡିରହିଛନ୍ତି। ସୂଚନା ଅନୁଯାୟୀ ଗୁଜରାଟରୁ ଶ୍ରମିକ ପରିବାରକୁ ନେଇ ମୀନାକ୍ଷୀ ଟୁରିଷ୍ଟ ଲେଖା ହୋଇଥିବା ଡବ୍ଲୁବି୭ଜିଏ-୭୭୧୨ ନମ୍ବର ବିଶିଷ୍ଟ ବସ୍ ଟୋଲ ଗେଟରେ ଧକ୍କା ଦେଇ ଫେରାର ହେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଟୋଲଗେଟ୍‌ରେ ଥିବା ଆମ୍ବୁଲାନ୍ସ ପିଛାକରି ପଡିଆବାହାଲରେ ବସ୍‌କୁ ଅଟକାଇ ପୁଣି ଟୋଲ ଗେଟ ପାଖକୁ ନେଇଥିଲା। ଏହା ଭିତରେ ବସ୍ ଡ୍ରାଇଭର୍ ଫେରାର ହୋଇଯାଇଥିବାରୁ ଘଟଣା ସନ୍ଦେହ ଘେରକୁ ଆସିଛି। ବସ୍‌ଟି ଗୁଜରାଟରୁ ଶ୍ରମିକ ପରିବାରଙ୍କୁ ଧରି ବାଲେଶ୍ୱର ଯାଉଥିବା ଜଣାପଡିଛି। ଖବର ପାଇ ସଦର ପୋଲିସ ଟୋଲଗେଟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଜିଲ୍ଲା ଚେସ୍ ସଂଘର ନୂତନ କର୍ମକର୍ତ୍ତା

ସମ୍ବଲପୁର,୮।୬(ବ୍ୟୁରୋ): ସମ୍ବଲପୁର ଚେସ୍ ସଂଘର ବାର୍ଷିକ ସଭା ସହ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଡ. ରାଜୀବ କୁମାର ନନ୍ଦ ଅଧକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ ରାଜୀବ ପୁଣି ଥରେ ସଭାପତି ହୋଇଥିବା ବେଳେ ବିଦୁ ଭୂଷଣ ମିଶ୍ର ସାଧାରଣ ସମ୍ପାଦକ, ମନୋଜ କୁମାର ଦାସ, ମନୋଜ ତ୍ରିପାଠୀ ସହସମ୍ପାଦକ, ସଞ୍ଜୟ କୁମାର ମହାପାତ୍ର କୋଷାଧକ୍ଷ, ବିକ୍ରମ ମେହେର ଆଭ୍ୟନ୍ତରିଣ ଅଡିଟର ରହିଛନ୍ତି। ଶେଷରେ ଅନିଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଚୋରି ପାଣିପମ୍ପ୍ ଜବତ, ୩ ଗିରଫ



ରେଢ଼ାଖୋଲ,୮।୬(ଡି.ଏନ.ଏ.): ଚାରମାଳ ଥାନା ପୋଲିସ ଚୋରି ହୋଇଥିବା ୩ ପାଣିପମ୍ପ୍ ଜବତ କରିବା ସହ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମିଥୁନ ବାଦି (୧୯), ସାଗର ବାଘ (୧୯) ଓ ପ୍ରଶାନ୍ତ ବେହେରା (୩୦)। ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ରାଶିବେଡା ଗ୍ରାମର ମନୋଜ ବେହେରା ଓ ଜୟନ୍ତ ବେହେରାଙ୍କ ୩ ପାଣିପମ୍ପ ଚୋରି ହୋଇଥିବା ନେଇ ମନୋଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫/୨୩) ରୁଜୁକରି ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସ୍‌ଡିପିଓ ପ୍ରଶାନ୍ତ ମେହେର କହିଛନ୍ତି।

### ଭୂୟାଁପଡାରେ ହେଲା ଡ୍ରେନ୍ ନିର୍ମାଣ



ସମ୍ବଲପୁର,୮।୬(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଗୋପାଳପାଲି ଗ୍ରାମ ଭୂୟାଁପଡାରେ ଡ୍ରେନ୍ ନ ଥିବାରୁ ଘର ଗୁଡିକରେ ପାଣି ପଶୁଥିଲା। ଏ ନେଇ ପଡବାସୀ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶିଙ୍କୁ ଅଭିଯୋଗ ଜଣାଇଥିଲେ। ପରେ ଏମପିଙ୍କ ସମ୍ବଲପୁର ମହାନଗର ନିଗମ ପ୍ରତିନିଧି ଆଶିଷ ମହାନନ୍ଦ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ସେ ପଡ଼ାବାସୀଙ୍କ ସହ ଆଲୋଚନା କରିବା ପରେ ଜିଲାପାଳ ଅନନ୍ୟା ଦାସ ଓ କମିଶନର ପ୍ରଦୀପ ସାହୁଙ୍କୁ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଗୁରୁବାରଠାରୁ ଡ୍ରେନ୍ କାମ ଆରମ୍ଭ କରିଛି। ଏଥିରେ ପଡାବାସୀ ଖୁସି ବ୍ୟକ୍ତ କରିବା ସହ ଜିଲା ପ୍ରଶାସନ ଓ ଏମ୍‌ପି ବିଶିଙ୍କୁ ସାଧୁବାଦ ଜଣାଇଛନ୍ତି।

# ଅଭିଯୋଗ ପରେ ପ୍ରଶାସନିକ ତଦନ୍ତ

କୁଚିଣ୍ଡା,୮।୫(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅଞ୍ଚଳରେ ବ୍ୟାରେଜ ନିର୍ମାଣ ଆଳରେ ଆର୍‌ଏସ୍‌ଏ କମ୍ପାନୀ ବେଆଇନ କାମ କରୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏପରି କି ଖବରଦାତାମାନେ କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହାପରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି।

ପ୍ରକାଶ ଯେ, କୁଚିଣ୍ଡା ତହସିଲ ଅଧୀନରେ ଥିବା ଗୋଛରା ପଞ୍ଚାୟତର ଜନକଡିହି, କୁଲେଇଗଡ ପଞ୍ଚାୟତର ବୁଢ଼ାରଜା ଓ କୁଟୁରାଚୁଆଁ ପଞ୍ଚାୟତର କିରାଶାସନଠାରେ ଆରଏସ୍‌ଏ କମ୍ପାନୀ ପ୍ରାୟ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ତିନୋଟି ବ୍ୟାରେଜ ନିର୍ମାଣ କରୁଛି। ଏଥିପାଇଁ କମ୍ପାନୀ ତିନିଗୋଟି ସ୍ଥାନରେ ପ୍ରଶାସନର ବିନା ଅନୁମତିରେ ହଜାର ହଜାର ଟ୍ରିପ୍ ବାଲି ଜମା କରି ରଖିଛି। ସେହିପରି ଜନକଡିହିଠାରେ ବ୍ଲାଷ୍ଟିଂ କରି ପଥର ଫଟାଇବା ପରେ



କମ୍ପାନୀ କାର୍ଯ୍ୟସ୍ଥଳୀରେ ଉପଜିଲାପାଳ ଓ ଅନ୍ୟମାନେ।

ଏହାକୁ ସରକାରଙ୍କଠାରେ ଜମା ନ କରି ଏକ ଅସ୍ଥାୟୀ କ୍ରଶର ଦ୍ୱାରା ଫଟାଇ ଗେଟି ପ୍ରସ୍ତୁତ କରି ନିର୍ମାଣ କାମରେ ବ୍ୟବହାର କରୁଛି। ବୁଢ଼ାରଜା ଠାରେ ମଧ୍ୟ କମ୍ପାନୀ ବ୍ଲାଷ୍ଟିଂ କରି ଫଟାଇଥିବା ପଥରକୁ କ୍ରଶର ସାହାଯ୍ୟରେ ଗେଟି ପ୍ରସ୍ତୁତ କରି ଜମା କରି ରଖିଛି। କିରାଶାସନଠାରେ ବ୍ୟାରେଜ ନିର୍ମାଣ ପାଇଁ କମ୍ପାନୀ ଲସାଠାରେ ମଧ୍ୟ ଶହ ଶହ ଟ୍ରିପ୍ ବାଲି ଓ ଗେଟି ଜମା କରି ରଖିଛି। କମ୍ପାନୀର ଏପରି ବେଆଇନ କାର୍ଯ୍ୟ ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏ ସମ୍ପର୍କୀତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ଉପଜିଲାପାଳ ବିଭୂତି ଭୂଷଣ ନାୟକ,

**ଆର୍‌ଏସ୍‌ଏ କମ୍ପାନୀର ଅନିୟମିତତା**

ବିଡ଼ିଓ ନିରଞ୍ଜନ ସା ଏବଂ ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ କମ୍ପାନୀ କାମ କରୁଥିବା ବୁଢ଼ାରଜା, ଲସା ଓ ଜନକଡ଼ିହିକୁ ଯାଇ ତଦନ୍ତ କରିଛନ୍ତି। ପ୍ରାରମ୍ଭିକ ତଦନ୍ତରେ କମ୍ପାନୀ ବେଆଇନ କାର୍ଯ୍ୟ କରୁଥିବା, ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ବାମରା ତହସିଲଦାର ଏବଂ ବିଡ଼ିଓ, କୁଚିଣ୍ଡା ବିଡ଼ିଓ ଏବଂ ଜମନକିରା ତହସିଲଦାରଙ୍କୁ ନେଇ ଏକ ଚରିଜଣିଆ ଟିମ ଗଠନ କରି କମ୍ପାନୀର କାର୍ଯ୍ୟକଳାପ ସମ୍ପର୍କରେ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହି କମିଟି ତିନି ଦିନ ଭିତରେ ତାଙ୍କର ରିପୋର୍ଟ ଦେବେ। ଏହା ପରେ କମ୍ପାନୀ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଗୁରୁବାର ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

# ଚୋରା ଶାଳକାଠ ଜବତ, ୨ ଗିରଫ



ଜବତ ହୋଇଥିବା ଶାଳକାଠ।

ସମ୍ବଲପୁର,୮।୬(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନ ମୁଣ୍ଡେର ଗ୍ରାମ ନିକଟରେ ବନ ବିଭାଗ ଚଢାଉ କରି ଚୋରା ଶାଳକାଠ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟୁନା ମେହେର (୩୯) ଓ ରାଜୁ ସାଗର (୩୭)। ଏହାସହ ବ୍ୟବହୃତ ଗାଡି (ଓଡି୦୩ୟୁ-୪୭୬୬) ଜବତ କରାଯାଇଛି। ମୁଣ୍ଡେର ସଂରକ୍ଷିତ ଜଙ୍ଗଲରୁ ଚୋରା କାଠ ବୋଝେଇ ଗାଡି ସମ୍ବଲପୁର ଆସୁଥିବାବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଅଟକାଇ ଯାଞ୍ଚ କରିଥିଲେ। ପରେ କାଠ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଚଢାଉରେ ଝାଙ୍କରପାଲି ଫରେଷ୍ଟର ହିମାଂଶୁ ସେଠ, ଫରେଷ୍ଟ ଗାର୍ଡ ବର୍ଣ୍ଣି ସାହୁ, ବସନ୍ତ ବାରିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଆର୍‌ସିସିଏଫ୍ ଅଫିସରେ ସମୀକ୍ଷା ବୈଠକ




ସମୀକ୍ଷା ବୈଠକରେ ଅଧିକାରୀମାନେ।

ସମ୍ବଲପୁର,୮।୬(ବ୍ୟୁରୋ)

ସମ୍ବଲପୁର ଆର୍‌ସିସିଏଫ୍ କାର୍ଯ୍ୟାଳୟଠାରେ ବିଶ୍ୱ ପରିବେଶ ଦିବସ ସହ ସର୍କଲସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ସିସିଏଫ୍ ଟି ଅଶୋକ କୁମାର, ସମ୍ବଲପୁର ଡିଏଫ୍‌ଓ ଭି ନିଲାମ୍ବରନ, ଝାରସୁଗୁଡ଼ା ଡିଏଫ୍‌ଓ ମନୁ ଭଞ୍ଜ, ସଦର ରେଞ୍ଜ, ପଡିଆବାହାଲ ରେଞ୍ଜ, ଧମା ରେଞ୍ଜ, ରେଙ୍ଗାଲି ରେଞ୍ଜ ଅଫିସରଙ୍କ ସମେତ ଝାରସୁଗୁଡ଼ା ଓ ବାମରା ବନ୍ୟପ୍ରାଣୀ ଡିଭିଜନର ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ସମ୍ବଲପୁର, ବାମରା, ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

# ଜଳ ବିଭାଜିକା କମିଟି ଗଠନରେ ଅନିୟମିତତା ଅଭିଯୋଗ

କୁଚିଣ୍ଡା,୮।୬(ଡି.ଏନ.ଏ.)

କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ବାଉରୀଗୋଡ଼ାଠାରେ ଜଳ ବିଭାଜିକା କମିଟି ଗଠନରେ ଅନିୟମିତତା ନେଇ କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ବାଉରୀଗୋଡା ପଞ୍ଚାୟତର ରୁପଧରବାଡ, ଭୁଲୁପଡା ଓ ଖଣ୍ଡୋକଟା ପଞ୍ଚାୟତର ଜୁନାନୀ, ବଡମାଲ ଗ୍ରାମକୁ ନେଇ ବାଉରୀଗୋଡା ଜଳ ବିଭାଜିକା କମିଟି ଗଠନ ହୋଇଛି। କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠନ ହେବାକୁ ଥିବା କମିଟି ପାଇଁ ଟଣାଓଟରା ଲାଗିବାରୁ ଦ୍ୱିତୀୟ ପର୍ଯ୍ୟାୟରେ ବିଭାଗୀୟ ଅଧିକାରୀ ପ୍ରତି ଗ୍ରାମରୁ ମେମ୍ବର ଚୟନ କରି କମିଟି ଗଠନ କରିଥିଲେ। ଖଣ୍ଡୋକଟା ପଞ୍ଚାୟତ ଜୁନାନି ଗ୍ରାମରୁ ୩ ଓ ବଡ଼ମାଲ ଗ୍ରାମରୁ ୨ ଏଭଳି ୫ଜଣ ମନୋନୀତ ହୋଇଥିଲେ। କମିଟି ଗଠନ ନିମନ୍ତେ ୧୦ଜଣ ମେମ୍ବରଙ୍କ ଆବଶ୍ୟକତା ଥିବାରୁ ବାଉରୀଗୋଡା ପଞ୍ଚାୟତ ରୁପଧରବାଡରୁ ଦୁଇଜଣ ଓ ଭୁଲୁପଡାରୁ ତିନିଜଣ ମନୋନୀତ ହୋଇଥିଲେ। ଗତ ୩ତାରିଖରେ ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ ରଞ୍ଜିତା ନାଏକଙ୍କ ଉପସ୍ଥିତିରେ ବିଭିନ୍ନ ଗ୍ରାମରେ ସଭା କରାଯାଇ କମିଟି ଗଠନ ପାଇଁ ୧୦ଜଣିଆ ମେମ୍ବର ଚୟନ ପ୍ରକ୍ରିୟା ହୋଇଥିଲା। ତେବେ କମିଟି ମେମ୍ବର ହେବା ପାଇଁ ଏକାଧିକ ବ୍ୟକ୍ତି ଆଗ୍ରହ ପ୍ରକାଶ କରିବାରୁ ଲଟେରୀ ମାଧ୍ୟମରେ ଚୟନ କରାଯିବାର ନିଷ୍ପତ୍ତି ହୋଇଥିଲା। ଲଟେରୀରେ ବିକ୍ରମ ସେଠଙ୍କ ନାମ ବାହାରିବାରୁ ସେଠାରେ ଉପସ୍ଥିତ ଥିବା ବିଭାଗୀୟ କର୍ମଚାରୀ ସେ ମାଟ୍ରିକ ପାସ କରି ନ ଥିବାରୁ ମେମ୍ବର ହୋଇପାରିବେ ନାହିଁ ବୋଲି କହିଥିବା ଅଭିଯୋଗ ହୋଇଛି। ପରେ ବିଭାଗୀୟ ଅଧିକାରୀ ମାଟ୍ରିକ ପାସ କରି ନ ଥିବା ତିନିଜଣଙ୍କ ନାମକୁ ମେମ୍ବର ଭାବେ ସାମିଲ କରିଥିଲେ। ସେହିପରି ୱାର୍ଡମେମ୍ବର ରହିବାର ନିୟମ ଥିବାବେଳେ ଏଥିପାଇଁ ୪ ଜଣ ୱାର୍ଡ ମେମ୍ବର ଆଗ୍ରହ ପ୍ରକାଶ କରିଥିଲେ। ଏହା ମଧ୍ୟ ଲଟେରୀ ମାଧ୍ୟମରେ କରାଯିବ ବୋଲି ସମ୍ପୃକ୍ତ ଅଧିକାରୀ କହି ପରବର୍ତ୍ତୀ ସମୟରେ ୭ ନମ୍ବର ୱାର୍ଡ ମେମ୍ବରଙ୍କୁ କମିଟିରେ ସାମିଲ କରିଥିବା ଅଭିଯୋଗ ହୋଇଛି। ଗଠନ କରାଯାଇଥିବା କମିଟିକୁ ବାତିଲ କରି ନୂତନ କମିଟି ଗଠନ ପାଇଁ ଗ୍ରାମବାସୀ ଦାବି କରି ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଉପଜିଲାପାଳ ବିଭୂତିଭୂଷଣ ନାୟକ ଏହାର ତଦନ୍ତ ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ କାର୍ଯ୍ୟକାରିଣୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ କାର୍ଯ୍ୟକାରିଣୀ ଅଧିକାରୀ ମହେନ୍ଦ୍ର ପାଣ୍ଡେଙ୍କୁ ପଚାରିବାରେ କମିଟିରେ ସମ୍ପାଦକ ପଦ ପାଇଁ ମାଟ୍ରିକ ପାସ ଆବଶ୍ୟକ ଓ ଅନ୍ୟ ମେମ୍ବରଙ୍କ ପାଇଁ ଏହା ଜରୁରୀ ନୁହେଁ। ଆମର ଷ୍ଟାଫ ଏ ବିଷୟରେ ଅବଗତ ନ ଥିବାରୁ ସାମାନ୍ୟ ସମସ୍ୟା ହୋଇଛି। ତେବେ ପରବର୍ତ୍ତୀ ସମୟରେ ବିକ୍ରମ ସେଠଙ୍କୁ କମିଟିରେ ସାମିଲ କରାଯାଇଥିବା ସେ କହିଛନ୍ତି।

### ୨ ବ୍ୟବସାୟିକ ଅନୁଷ୍ଠାନରେ ପୋଲିସ ଚଢ଼ାଉ
**୧୨ ନକଲି ସିଲିଂ ଫ୍ୟାନ ଜବତ**

ଦେବଗଡ଼,୮।୬(ଡି.ଏନ୍.ଏ.)

ଦେବଗଡ଼ ସହରରେ ଥିବା ବ୍ୟବସାୟିକ ଅନୁଷ୍ଠାନ ସିଂଘଲ ସାଇକେଲ ଷ୍ଟୋର ଓ ଏମ୍‌ଏସ୍ ରାହୁଲ ମୋବାଇଲ ଦୋକାନାରେ ପୋଲିସ ଚଢ଼ାଉ କରି ୧୨ ନକଲି ସିଲିଂ ଫ୍ୟାନ ଜବତ କରିଛି। ଅସଲି ଫ୍ୟାନର ପ୍ୟାକେଟ ଉପରେ କ୍ୟୁଆର କୋଡ୍ ରହିଥିବା ବେଳେ ଯାଞ୍ଚ ସମୟରେ ଜବତ ହୋଇଥିବା ନକଲି ଫ୍ୟାନ ପ୍ୟାକେଟ ଉପରେ କୌଣସି କ୍ୟୁଆର କୋଡ୍ ନ ଥିବା ଜଣାପଡ଼ିଛି। ସେହିପରି ଅସଲି ଫ୍ୟାନର ପ୍ୟାକେଟରେ ରହିଥିବା ଟୋଲ ଫ୍ରୀ ନମ୍ବର ଓ ଜବତ ହୋଇଥିବା ନକଲି ଫ୍ୟାନ ପ୍ୟାକେଟରେ ଥିବା ଟୋଲ ଫ୍ରୀ ନମ୍ବର ସହିତ ମେଳ ଖାଉ ନାହିଁ। ଫଳରେ ପୋଲିସ ଏହାକୁ ଜବତ କରି ଥାନାକୁ ଆଣିବା ସହ ଅଧିକ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଏହି ୨ ବ୍ୟବସାୟିକ ଅନୁଷ୍ଠାନ ବିଭିନ୍ନ ନାମି ଦାମୀ କମ୍ପାନୀର ନାମ ଏବଂ ବ୍ରାଣ୍ଡକୁ ବେଆଇନଭାବେ ବ୍ୟବହାର (ନକଲି ବ୍ରାଣ୍ଡିଂ) କରି ସିଲିଂ ଫ୍ୟାନ, ଏକଜଷ୍ଟ ଫ୍ୟାନ ଓ ଅଲ ପରପୋଜ ଫ୍ୟାନ ପ୍ରସ୍ତୁତି, ବିକ୍ରୀ ଏବଂ ବିତରଣ କରୁଥିବା ଇଫ୍ମା(ଇଣ୍ଡିଆନ ଫ୍ୟାନ ମାନୁଫେକ୍ଚରର୍ସ ଆସୋସିଏଶନ)ର ପ୍ରାଧିକୃତ ଅଧିକାରୀ ବିଶାଳ ମଣ୍ଡଳ ଗତ ୬ ତାରିଖରେ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ କେସ ନଂ-୩୯୦/୨୦୨୩, ଦଫା-୪୨୦ ଆଇପିସି /୬୩ /୬୫ ସିଆର ଆକ୍ଟ /୭୮ /୭୯ ଦି ଟ୍ରେଡ ଏଣ୍ଡ ମାର୍ଚ୍ଚେଣ୍ଡାଇଜ ଆକ୍ଟ-୧୯୫୮ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବାସହ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଗୋଦାମରେ ଚଢ଼ାଉ କରିଥିଲା।

# ଜନଭାଗିଦାରୀ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୮।୬(ବ୍ୟୁରୋ)

ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ କେନ୍ଦ୍ରୀୟ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଜନଭାଗିଦାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୀନାରାଣି ମିଙ୍ଗଳ ଅଧ୍ୟକ୍ଷତା କରିଥିଲେ। କ୍ଷେତ୍ରୀୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ବିକାଶ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଶିକ୍ଷାବିତ୍ ଗିରିଧାରୀ ହୋତା, କେନ୍ଦ୍ରୀୟ ବିଦ୍ୟାଳୟ- ୨ ଅଧକ୍ଷ ଉପସ୍ଥିତ ଥିଲେ। ଜି-୨୦ ଓ ଜାତୀୟ ଶିକ୍ଷାନୀତି ୨୦ ଆଧାରରେ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନ ଲକ୍ଷ୍ୟ ହାସଲ ଦିଗରେ ମାତାପିତା, ଗୋଷ୍ଠୀ ଜନପ୍ରତିନିଧିଙ୍କ ସହଭାଗିତା ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷାତତ୍ତ୍ୱ ବିଭାଗ ସଂଯୋଜିକା ପୁଷ୍ପଲତା ରାଉତରାୟ, ଜନଜାତି ବିଭାଗର ଅନୁପମା ମହାପାତ୍ର, ଶିକ୍ଷକ ପ୍ରଶିକ୍ଷକ ଜୟ ପ୍ରକାଶ ଦାସ, ରାଜ୍ୟ ସାଧନା ଗୋଷ୍ଠୀ ସଭ୍ୟ ସୁବାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ ।

# ମିଶନ ବାତ୍ସଲ୍ୟ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ, ୮।୬(ଡି.ଏନ.ଏ.)

ଦେବଗଡ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ଜିଲା ପରିଷଦ ସଭାକକ୍ଷରେ ମିଶନ ବାତ୍ସଲ୍ୟ ଓ ବିପଦରେ ଥିବା ଶିଶୁମାନଙ୍କ ଚିହ୍ନଟିକରଣ ପ୍ରକ୍ରିୟା ସମ୍ପର୍କରେ ଏକ ଜିଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମହିଳା ଶିଶୁ ବିକାଶ ବିଭାଗର ସମସ୍ତ ସୁପରଭାଇଜର, ପୋଷଣ ପ୍ରକଳ୍ପ ଜିଲା ସଂଯୋଜକ, ସରପଞ୍ଚ, ସାକ୍ଷୀ କେନ୍ଦ୍ର ଓ ଶିଶୁଗୃହ କର୍ମକର୍ତ୍ତା, ପ୍ରକଳ୍ପ ସ୍ନେହାର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧିମାନେ ଏହି ଶିବିରରେ ଯୋଗଦେଇଥିଲେ। ସୁରକ୍ଷା ଅଧିକାରୀ କ୍ରାନ୍ତିମଞ୍ଜରି ଧଉନାଳିଆଙ୍କ ଅବାହକତ୍ୱ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ସିଡବ୍ଲୁସି ଅଧକ୍ଷା ପିଙ୍କିରାଣୀ ନନ୍ଦ, ସଦସ୍ୟ ରମା ସାହୁ, କୁମୁଦ ଶତପଥୀ ଓ ରଙ୍ଗେଇ ସରପଞ୍ଚ ରଶ୍ମିତ ପ୍ରଧାନ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ସୁରକ୍ଷା ଅଧିକାରୀ ଚିନ୍ମୟ ସାଇଁ ଓ ୟୁନିସେଫ ଜିଲା ପରାମର୍ଶଦାତା ଗୋପାଳକୃଷ୍ଣ ବେହେରା ମିଶନ ବାତ୍ସଲ୍ୟ ସମ୍ପର୍କରେ ତାଲିମ ଦେଇଥିଲେ। ମିଶନ ବାତ୍ସଲ୍ୟ ଯୋଜନାରେ ଶିଶୁ ହିତାଧିକାରୀ ଚୟନ ପ୍ରକ୍ରିୟା ସମ୍ପର୍କରେ ବାରକୋଟ, ରିଆମାଳ ଓ ତିଳେଇବଣି ବ୍ଲକର ସିଡିପିଓ ଯଥାକ୍ରମେ ଲିଲି ପ୍ରଧାନ, ନମିତା ରାଉତ ଓ ମାନବୀ ରାୟ ଆଲୋଚନା କରିଥିଲେ।

# ଫାଶୀମାଲ ଲ୍ୟାମ୍ପ୍‌ସର ବାର୍ଷିକ ସାଧାରଣ ସଭା

ଜମନକିରା,୮।୬(ଡି.ଏନ.ଏ.)

ଜମନକିରା ବ୍ଲକ ଫାଶୀମାଲ ଲ୍ୟାମ୍ପ୍‌ସର ବାର୍ଷିକ ସାଧାରଣ ସଭା ଗୁରୁବାର କେନାଢିପାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲ୍ୟାମ୍ପ୍‌ସ ସଭାପତି ସୁଦର୍ଶନ କିଷାନ ଅଧକ୍ଷତା କରିଥିଲେ। ପରିଚାଳନା ନିର୍ଦ୍ଦେଶକ କୁଶଲାଲ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକୀର ମୋହନ ବାଘ ଏସ୍‌ଆର୍‌ସିଏସ୍, ସୁମିତ୍ରି ବେହେରା ଆଇସିଏସ୍, ଜିତେନ୍ଦ୍ର ସିଂ ଆଇସିଏସ୍ ଉପସ୍ଥିତ ଥିଲେ। ଫାଶୀମାଲ ସମବାୟ ସମିତି ଅଧୀନରେ ଥିବା କେନାଢିପା, ମହଦା, ଫାଶୀମାଲ, ଚକୁଲିଆବାହାଲ, ଗୁଣ୍ଡୁରୁଚୁଆଁ, ଧୂଡିପାଲି, ସୁବର୍ଣ୍ଣପାଲି ଓ ଟିକିବା ପଞ୍ଚାୟତର ଚାଷୀ ସଭ୍ୟାସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚାଷୀ ନେତା ଅଶୋକ ପ୍ରଧାନ ରବିଧାନ କିପରି ସୁରୁଖୁରୁରେ ବିକ୍ରି ହେଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ସମବାୟ ନିର୍ଦ୍ଦେଶକ ଚାଷୀ ସଭ୍ୟମାନଙ୍କ ପ୍ରଶ୍ନ ଉପରେ ତଥ୍ୟଭିତ୍ତିକ ଉତ୍ତର ରଖିଥିଲେ।



ସଭାରେ ଉପସ୍ଥିତ ଲ୍ୟାମ୍ପ୍‌ସ କର୍ମକର୍ତ୍ତା ଓ ଅନ୍ୟମାନେ।

# ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ସମ୍ବଲପୁର,୮।୬ (ବ୍ୟୁରୋ)

ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପଠାରେ ସମ୍ବଲପୁର ଏଆର୍‌ଓ ଏବଂ ଗୋପାଳପୁର ଅଧୀନରେ ଆସୁଥିବା ମୋଟ ୨୦ ଗୋଟି ଜିଲାକୁ ନେଇ ଅଗ୍ନିବୀର ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଲିକୁ ସଫଳତାର ସହ ଆୟୋଜନ ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଟେଣ୍ଟ, ବ୍ୟାରିକେଡିଂ, ପାନୀୟ ଜଳ, ପରିମଳ ଓ ଶୌଚାଳୟ ବ୍ୟବସ୍ଥା, ସୁରକ୍ଷା, ପବ୍ଲିସିଟି, ହେଲ୍ପ ଡେସ୍କ, ମେଡିକାଲ ଟ୍ରାନ୍ସପୋର୍ଟ, ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ପ୍ରାର୍ଥୀଙ୍କ ଖାଇବା ବ୍ୟବସ୍ଥା, ସିସିଟିଭି କ୍ୟାମେରା ଇତ୍ୟାଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା। ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ ମହାନ୍ତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଆସନ୍ତା ୧୩ ତାରିଖ ସୁଦ୍ଧା ସମସ୍ତ କାମ ସାରିବା ପାଇଁ କହିଥିଲେ।

ଏହି ରାଲିରେ ସମ୍ବଲପୁର ଏଆର୍‌ଓ ଅନ୍ତର୍ଗତ ଅନୁଗୋଳ, ବରଗଡ଼, ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ସୁବର୍ଣ୍ଣପୁର, ସମ୍ବଲପୁର ଜିଲା ସମେତ ଗୋପାଳପୁର ଏଆର୍‌ଓ ଅଧୀନ ୧୦ ଜିଲାର ପ୍ରାର୍ଥୀ ଅଂଶଗ୍ରହଣ କରିବେ। ଏଆର୍‌ଓ ସମ୍ବଲପୁରଙ୍କ ସୂଚନା ମୁତାବକ ୧୬ ଜୁନରେ ଅଗ୍ନିବୀର (ଜିଡି) କ୍ୟାଟେଗୋରୀ ପାଇଁ ଢେଙ୍କାନାଳ ଓ କେନ୍ଦୁଝର ଜିଲାର ପ୍ରାର୍ଥୀଙ୍କ ରାଲି ହେବାକୁ ଥିବା ବେଳେ ୧୭ ଜୁନରେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଝାରସୁଗୁଡା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାର ପ୍ରାର୍ଥୀ ରହିବେ। ସେହିପରି ୧୮ ଜୁନରେ ସମସ୍ତ ଜିଲାର ପ୍ରାର୍ଥୀଙ୍କ ପାଇଁ ଅଗ୍ନିବୀର କ୍ୟାଟେଗୋରି ଅନୁସାରେ ପରୀକ୍ଷା ହେବ। ୧୯ ଜୁନରେ ସମସ୍ତ ଜିଲା ପାଇଁ ମେଡିକାଲ ପରୀକ୍ଷା ରହିଛି। ସେହିପରି ୨୦ରୁ ୨୩ ଜୁନ ମଧ୍ୟରେ ଏଆର୍‌ଓ ଗୋପାଳପୁର ରାଲି ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଏଆର୍‌ଓ ସମ୍ବଲପୁର କର୍ଣ୍ଣେଲ ସନ୍ଦୀପ କୁମାର, ଡେପୁଟି ଏସ୍‌ପି ଡିଆଇବି ଜେମସ ସମଦ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଡେପୁଟି କମିଶନର ସମ୍ବଲପୁର ମହାନଗର ନିଗମ ଶଙ୍କର ପ୍ରସାଦ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ରାସ୍ତା ଓ କୋଠାବାଡ଼ି ବିନୀତ କୁମାର ଲାକ୍ରା, ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ନିୟୋଜନ ଶଙ୍କର ଚରଣ ମୁର୍ମୁଙ୍କ ସମେତ ଲାଇନ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀ।

**ଅଗ୍ନିବୀର ନିଯୁକ୍ତି ରାଲି ପାଇଁ ସମୀକ୍ଷା**

# ବାନ୍ଧଶିଳ୍ପକୁ ଜିଏସ୍‌ଟି ବିପଦ


ମହିଳା ବୁଣାକାର କପଡ଼ା ବୁଣୁଛନ୍ତି।

କୃଷିକ୍ଷେତ୍ରରେ ପଶ୍ଚିମ ଓଡ଼ିଶା ଯେଉଁଭଳି ସାରା ରାଜ୍ୟରେ ପରିଚିତ, ଅନୁରୂପ ଭାବେ ହସ୍ତତନ୍ତ ବାନ୍ଧକଳା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ଆଣି ପାରିଛି। କୃଷି ପରେ ହସ୍ତତନ୍ତ ବାନ୍ଧକଳା ହିଁ ଏ ଅଞ୍ଚଳର ପ୍ରମୁଖ କୌଳିକ ବୃତ୍ତି। ଅଞ୍ଚଳର ବାନ୍ଧକଳା କେବଳ ଦେଶ ନୁହେଁ, ବିଦେଶରେ ମଧ୍ୟ ରାଜ୍ୟ ପାଇଁ ଗୌରବ ଆଣିପାରିଛି। ମାତ୍ର ଯାହାଙ୍କ ବାନ୍ଧକଳା ଯୋଗୁ ରାଜ୍ୟ ଆଜି ଗର୍ବିତ, ସେହି ବୁଣାକାରଙ୍କ ଜୀବନ ଏବେ ସୂତାଖିଅରେ ରହିଛି। ସରକାରୀସ୍ତରରେ ବିଭିନ୍ନ ସମୟରେ ପ୍ରୋତ୍ସାହନ ଦିଆଯାଉଛି ସତ, କିନ୍ତୁ ତାହା ଆଶାଜନକ ନୁହେଁ। ଅନ୍ୟପଟେ ସୂତାଠାରୁ ଆରମ୍ଭ କରି ବୁଣାକାରଙ୍କ ତିଆରି ଶାଢ଼ି ଆଦି କପଡ଼ାରେ ଜିଏସ୍‌ଟି ଲାଗୁ ହେବା ବୁଣାକାରଙ୍କୁ ହତୋତ୍ସାହିତ କରିଛି ।

## ଜିଏସ୍‌ଟି ଯୋଗୁ ରିହାତି ମୂଲ୍ୟହୀନ



ରାଜ୍ୟ ସରକାର ସୂତାରେ ୧୦ପ୍ରତିଶତ ରିହାତି ଦେଉଛନ୍ତି। ସେହିପରି ଏଥିରେ କେନ୍ଦ୍ର ସରକାରଙ୍କ ୧୫ପ୍ରତିଶତ ରିହାତି ରହିଛି। ଅନ୍ୟପଟେ ସୂତାଠାରୁ କପଡ଼ା ପର୍ଯ୍ୟନ୍ତ ୫ପ୍ରତିଶତ ଜିଏସ୍‌ଟି ବୁଣାକାରଙ୍କୁ ଦେବାକୁ ପଡୁଛି। ଏଭଳିସ୍ଥଳେ ସରକାର ଦେଉଥିବା ରିହାତି ମୂଲ୍ୟହୀନ ହୋଇ ପଡ଼ିଛି। ଫଳରେ ସୂତା ଉପରେ ରାଜ୍ୟ ସରକାର ୨୦ପ୍ରତିଶତ ରିହାତି ଦେବାକୁ ଦାବି କରିଆସୁଛୁ। ଏହାସହିତ ବୁଣାକାରଙ୍କ ଉପରୁ ଜିଏସ୍‌ଟି ଉଚ୍ଛେଦ ପାଇଁ ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛୁ। ହେଲେ କିଛି ସୁଫଳ ମିଳିନାହିଁ। ଅନ୍ୟପଟେ ଦିନକୁ ଦିନ ବୁଣାକାରଙ୍କୁ କ୍ଷତି ସହିବାକୁ ପଡୁଛି। ସେହିପରି ଜିଏସ୍‌ଟି ଯୋଗୁ ଗ୍ରାହକଙ୍କ ଉପରେ ମଧ୍ୟ ବୋଝ ପଡୁଛି।

–ସସ୍ମିତା ମେହେର, ବାନ୍ଧଶିଳ୍ପୀ

## ବୁଣାକାରଙ୍କ ଉପରେ ଚଡ଼କ



ଦେଶ ସ୍ୱାଧୀନତା ହାସଲ କରିବା ପରେ ପ୍ରଥମଥର ପାଇଁ ହସ୍ତତନ୍ତ ଉପରେ ଜିଏସ୍‌ଟି ଲାଗୁ ହୋଇଛି। ହସ୍ତତନ୍ତ ଅଦ୍ୱିତୀୟ ହସ୍ତକଳା ଭାବେ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ସମ୍ବଲପୁରୀ ବସ୍ତ୍ରର ପଶାପଲ୍ଲୀ ହେଉକି ବାନ୍ଧ ଡିଜାଇନ କେବଳ ପଶ୍ଚିମ ଓଡ଼ିଶାର ବୁଣାକାରଙ୍କ ଦ୍ୱାରା ତିଆରି ହୋଇଆସୁଛି। ସରକାରୀ ପ୍ରୋତ୍ସାହନରେ ସ୍ୱାବଲମ୍ବୀ ହୋଇପାରିଛୁ ସତ କିନ୍ତୁ ଜିଏସ୍‌ଟିକୁ ବୁଣାକାରଙ୍କ ଉପରେ ଚଡ଼କ ଭାବେ ଲଦି ଦିଆଯାଇଛି। ଯଦି ଜିଏସ୍‌ଟି ଲାଗୁ ହେଲା, ଆନୁମାନିକ ଭାବେ ଗତବର୍ଷ ଓଡ଼ିଶାର ବେସରକାରୀ, ସରକାରୀ ସ୍ତରରେ ୫୦୦କୋଟି ଟଙ୍କାର ହସ୍ତତନ୍ତ ଉପରେ ୫ପ୍ରତିଶତ ଜିଏସ୍‌ଟି ହାରରେ ବୁଣାକାରଙ୍କ ପାଇଁ ସରକାର କେତେ ବଜେଟ୍ ଅନୁମୋଦନ କରିଛନ୍ତି।

ବିଜୟ କୁମାର ମେହେର
କୋ ଅର୍ଡ଼ିନେଟର, ନ୍ୟାଶନାଲ ଫେଡ଼େରେଶନ ଅଫ୍ ହ୍ୟାଣ୍ଡଲୁମ ଆଣ୍ଡ ହ୍ୟାଣ୍ଡିକ୍ରାଫ୍ଟ

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

# ବର୍ଷରେ ଦୁଇଦିନ ଖୋଲେ ମୁଖ୍ୟ ସମାଧି ମନ୍ଦିର

ସୋନପୁର,୮।୬(ନି.ପ୍ର.)

- ■ସୁବର୍ଣ୍ଣପୁରର ମହିମା ଖଲିଆପାଲି ଆଶ୍ରମ
- ■ପୀଠ ପରିସରରେ ରହିଛି ସଂଗ୍ରହାଳୟ ଓ ପାଠାଗାର

ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ପଶ୍ଚିମକୁ ୨୨ କିଲୋମିଟର ଗଲେ ଖଲିଆପାଲି ଗ୍ରାମରେ ରହିଛି ସନ୍ଥ କବି ଭୀମଭୋଇଙ୍କ ଆଶ୍ରମ। ଏହି ମହିମା ଆଶ୍ରମ ଥିଲା କବିଙ୍କ କର୍ମସ୍ଥଳ। ବହୁ ସ୍ଥାନ ବୁଲିବା ପରେ ଶେଷରେ କବି ଖଲିଆପାଲିକୁ ହିଁ ନିଜର ଅତି ପ୍ରିୟ ଓ ସର୍ବଶ୍ରେଷ୍ଠ ସ୍ଥାନ ବୋଲି ଗ୍ରହଣ କରି ନେଇଥିଲେ। ଭୀମଭୋଇଙ୍କ ଜନ୍ମ ତାରିଖ ଓ ସ୍ଥାନକୁ ନେଇ ଦ୍ୱନ୍ଦ୍ୱ ଥିବା ବେଳେ ଏହା ସତ୍ୟ ଯେ ଖଲିଆପାଲିକୁ ହିଁ ସାହିତ୍ୟ ସର୍ଜନାର ପ୍ରକୃଷ୍ଟ ସ୍ଥାନ ବୋଲି ବାଛି ନେଇଥିଲେ କବି। ଏହି ପବିତ୍ର ସ୍ଥାନରେ ସମାଧିସ୍ଥ ହୋଇଥିଲେ ସନ୍ଥ କବି ଭୀମଭୋଇ। ଖଲିଆପାଲି ଭୀମଭୋଇ ଆଶ୍ରମ ହେଉଛି ମହିମା ଧର୍ମର ପ୍ରାଣକେନ୍ଦ୍ର। ମନ୍ଦିରମାଳିନୀ ସୁବର୍ଣ୍ଣପୁର ଜିଲାର ଶୋଭା ଦ୍ୱିଗୁଣିତ କରୁଛି ଭୀମଭୋଇଙ୍କ ଏହି ସମାଧି ପୀଠ। ଗେରୁଆ ରଙ୍ଗରେ ମୁଖ୍ୟ ମନ୍ଦିର ସହ ଅନ୍ୟ ସମସ୍ତ ମନ୍ଦିରକୁ ଚିତ୍ରିତ କରାଯାଇଛି। ରଙ୍ଗ ବେରଙ୍ଗର ଫୁଲରେ ଭର୍ତ୍ତି ହୋଇଛି ଆଶ୍ରମ ପରିସରରେ ଥିବା ବଗିଚା।

ଏହି ଆଶ୍ରମରେ ରହିଛି ଭୀମଭୋଇଙ୍କ ସମାଧି ମନ୍ଦିର। ମୁଖ୍ୟ ମନ୍ଦିରର ପଛ ପାର୍ଶ୍ୱରେ ରହିଛି ଏକ ଶୂନ୍ୟ ମନ୍ଦିର। ମହିମା ଧର୍ମାବଲମ୍ବୀମାନେ ମୁଖ୍ୟତଃ ମୂର୍ତ୍ତି ପୂଜାରେ ବିଶ୍ୱାସ ନ କରି ଶୂନ୍ୟ ପରଂବ୍ରହ୍ମଙ୍କ ଉପାସନା କରିଥାନ୍ତି। ତେଣୁ ଏହି ଶୂନ୍ୟ ମନ୍ଦିରରେ ଶୂନ୍ୟ ବ୍ରହ୍ମଙ୍କୁ ଆଳତି କରାଯାଏ। ଏହି ମନ୍ଦିରରେ ସକାଳ ଏବଂ ସନ୍ଧ୍ୟାରେ ଆୟୋଜିତ ହୁଏ ସ୍ୱତନ୍ତ୍ର ଆଳତି। ସନ୍ଥ ଭୀମଭୋଇ ୧୮୯୫ ମସିହା ମହାଶିବରାତ୍ରୀ ଦିନ ଏହି ସ୍ଥାନରେ ହିଁ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ବ୍ୟବହୃତ କଠଉକୁ ଏଠାରେ ପୂଜା କରାଯାଉଛି। ପାଦୁକା ସେବା ପାଇଁ ଏଠି ରହିଛି ସ୍ୱତନ୍ତ୍ର ମନ୍ଦିର। ସନ୍ଥ ଭୀମଭୋଇଙ୍କ ପାଦୁକା ପୂଜା ପାଇଁ ମଠରେ ରହିଛି ସ୍ୱତନ୍ତ୍ର ନୀତି ନିୟମ। ଭୋର ୪ଟାରେ ଏଠାରେ ପାଦୁକା ଆଳତି ହୁଏ । ସକାଳ ୭ଟାରେ କ୍ଷୀର ଭୋଗ, ମଧ୍ୟାହ୍ନରେ ଅନ୍ନ ଭୋଗ ଏବଂ ଫଳମୂଳ ଓ ଉଖୁଡା ଭୋଗ ଲଗାଯାଏ। ସନ୍ଧ୍ୟା ସମୟରେ ପାଦୁକା ମନ୍ଦିରରେ ଆଳତି କରାଯାଏ। ବର୍ଷରେ ମାତ୍ର ଦୁଇ ଦିନ ମାଘ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମାରେ ଖୋଲାଯାଏ ମୁଖ୍ୟ ସମାଧି ମନ୍ଦିର। ରାଜ୍ୟ ତଥା ରାଜ୍ୟ ବାହାରୁ ଖଲିଆପାଲିକୁ ଛୁଟି ଆସନ୍ତି ଲକ୍ଷାଧିକ ଭକ୍ତ। ସନ୍ଥ ଭୀମଭୋଇଙ୍କ ସମାଧି ଦର୍ଶନ କରନ୍ତି ଶ୍ରଦ୍ଧାଳୁ । ମାଘ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମାରେ ଏଠାରେ ମେଳା ଅନୁଷ୍ଠିତ ହୁଏ। ଏହାକୁ ମାଘ ମେଳା କୁହାଯାଏ। ବିବାହ, ବ୍ରତ ଆୟୋଜନ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ସାମଗ୍ରୀ ଏହି ମେଳାରେ ମିଳିଥାଏ। ମନ୍ଦିର ପରିସରରେ ରହିଛି ଏକ ସୁନ୍ଦର ସଂଗ୍ରହାଳୟ ଏବଂ ପାଠାଗାର। ଏହି ସଂଗ୍ରହାଳୟରେ ସନ୍ଥ କବିଙ୍କ ରଚିତ ବହୁ ତାଳପତ୍ର ଗ୍ରନ୍ଥ ରହିଛି। ଭୀମଭୋଇ ବ୍ୟବହାର କରୁଥିବା ବହୁ ସାମଗ୍ରୀ ମଧ୍ୟ ଏଠାରେ ରଖାଯାଇଛି। ପୁସ୍ତକ ଆକାରରେ ପରିପ୍ରକାଶ ପାଇଥିବା ବହୁ କାବ୍ୟ କବିତା ଆଦି ଏହି ପାଠାଗାରରେ ରହିଛି। ସ୍ତୁତି ଚିନ୍ତାମଣି ଆଦି ଅନ୍ତ ଗୀତା, ବ୍ରହ୍ମ ନିରୂପଣ ଗୀତା, ଆଦି କବିଙ୍କ ରଚିତ ଗ୍ରନ୍ଥ ପାଠାଗାରରେ ଉପଲବ୍ଧ। ମଠ ପରିସରରେ ରହିଛି ଏକ ଭଜନ ମଣ୍ଡପ। ସନ୍ଧ୍ୟା ହୋଇଗଲେ ଏହି ଭଜନ ମଣ୍ଡପରୁ ଗୁଞ୍ଜରି ଆସେ ସନ୍ଥ କବିଙ୍କ ରଚିତ ଭଜନାବଳୀ। ଖଞ୍ଜଣୀର ତାଳେ ତାଳେ ଭକ୍ତିମୟ ପରିବେଶ ସୃଷ୍ଟି କରି ଦିଅନ୍ତି ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନେ। ଭଜନମଣ୍ଡପର କାନ୍ଥରେ ବି ସ୍ଥାନ ପାଇଛି ସନ୍ଥ କବିଙ୍କ ଭଜନାବଳୀର ମୁଖ୍ୟାଂଶ। ସୂର୍ଯ୍ୟାସ୍ତ ସମୟରେ ଏଠି ରହୁଥିବା ମହିମା ସନ୍ଥମାନଙ୍କ ସୂର୍ଯ୍ୟ ନମସ୍କାରର ଦୃଶ୍ୟ ଖୁବ୍ ମନଲୋଭା। ମହିମା ମଠରେ ଅଛନ୍ତି ପ୍ରାୟ ୫୦ଟି ଗାଈ। ୨୨ ଜଣ ସାଧୁ ଖଲିଆପାଲି ମହିମା ଆଶ୍ରମରେ ରହୁଛନ୍ତି। ମଠର ନୀତିକାନ୍ତି ସହ ଗୋସେବା ହେଉଛି ଏହି ସାଧୁସନ୍ଥଙ୍କ ମୁଖ୍ୟ କାର୍ଯ୍ୟ। ମହିମା ଆଶ୍ରମ ପରିସରରେ ଭୀମଭୋଇଙ୍କ ପରମ ଶିଷ୍ୟ ହରି ପଣ୍ଡା ଓ ବସୁ ପଣ୍ଡାଙ୍କ ସମାଧି ରହିଛି। ଏହା ବ୍ୟତୀତ କପିଳେଶ୍ୱର ବାବୁ, ମାତା ଶ୍ରୀୟା କୁମାରୀ ଲାବଣ୍ୟବତୀଙ୍କ ସମାଧି ମନ୍ଦିର ରହିଛି। ମହିମା ଖଲିଆପାଲି ଆଶ୍ରମ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବହନ କରେ। ଏହି ଆଶ୍ରମକୁ ପବିତ୍ର କ୍ଷେତ୍ର ବୋଲି ଗ୍ରହଣ କରି ନେଇଛନ୍ତି ଦେଶ ବିଦେଶର ମହିମା ଧର୍ମାବଲମ୍ବୀମାନେ। ବିଶ୍ୱ ମାନବବାଦର ମନ୍ତ୍ର ପ୍ରଚାରିତ କରୁଛି ଖଲିଆପାଲି ମହିମା ମଠ। ସୋନପୁରର ମହିମା ଖଲିଆପାଲି ଆଶ୍ରମର ନିକଟସ୍ଥ ରେଳଷ୍ଟେଶନ ହେଲା ବଲାଙ୍ଗୀର ଓ ସମ୍ବଲପୁର। ବଲାଙ୍ଗୀର ଠାରୁ ଏହି ସ୍ଥାନର ଦୂରତା ୬୦ କିମି. ଓ ସମ୍ବଲପୁରରୁ ୭୫ କିଲୋମିଟର। ସୋନପୁର, ବଲାଙ୍ଗୀର ଓ ସମ୍ବଲପୁରରୁ ଏହି ଆଶ୍ରମକୁ ଟ୍ୟାକ୍ସି ସେବା ମଧ୍ୟ ଉପଲବ୍ଧ ରହିଛି।


ଭୀମଭୋଇଙ୍କ ପୀଠ ଖଲିଆପାଲି।




## ପୌରପରିଷଦ, ସୁନ୍ଦରଗଡ଼

ପଶ୍ଚିମ ଓଡ଼ିଶାର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପୌରପରିଷଦ, ସୁନ୍ଦରଗଡ଼ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତୁ ସମସ୍ତେ ମିଳିମିଶି ସହରକୁ ସଫାସୁତୁରା ରଖିବା ସହିତ ସୁନ୍ଦରଗଡ଼ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା।

୧. ଠିକ୍ ସମୟରେ ପୌରପରିଷଦ ଟିକସ ପଇଠ କରନ୍ତୁ।
୨. ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ।
୩. ବିନା ଲାଇସେନ୍‌ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୪. ରାସ୍ତାର ପାଣିକଳ, ଆଲୋକ, ନଳକୂପଗୁଡ଼ିକର ସୁରକ୍ଷା କରନ୍ତୁ।
୫. ସରକାରୀ ଓ ଜନସାଧାରଣ ଜମିକୁ ଜବରଦଖଲ ମୁକ୍ତ ରଖନ୍ତୁ।
୬. ବୃକ୍ଷ ରୋପଣ କରି ପରିବେଶକୁ ନିର୍ମଳ ରଖନ୍ତୁ।
୭. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବା ପାଇଁ ଛାଡ଼ନ୍ତୁ ନାହିଁ।
୮. ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
୯. ପ୍ଲାଷ୍ଟିକର ବ୍ୟବହାର କରନ୍ତୁ ନାହିଁ।
୧୦. ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାଇ ନିଅନ୍ତୁ।
୧୧. ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାନ୍ତୁ ନାହିଁ।

ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା

## ବଲାଙ୍ଗୀର ପୌରସଂସ୍ଥା, ବଲାଙ୍ଗୀର

ଓଡ଼ିଶାର ଅଗ୍ରଣୀ ସମ୍ବାଦପତ୍ର "ଧରିତ୍ରୀ"ର ସମ୍ବଲପୁର ସଂସ୍କରଣର ୧୮ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବଲାଙ୍ଗୀର ପୌରପରିଷଦ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସମ୍ବାଦପତ୍ର "ଧରିତ୍ରୀ"ର ସଫଳତା ପାଇଁ ଶୁଭେଚ୍ଛା ଜଣାଉଅଛି ।

### ଜନସାଧାରଣଙ୍କ ପାଇଁ ବିଭିନ୍ନ ସୁବିଧା

- ଭୂମି ଅଧିକାର ଅଧିନିୟମ–୨୦୧୭ ଅନୁଯାୟୀ ବସ୍ତିଗୁଡ଼ିକର ପୁନଃ ବିକାଶ, ଥଇଥାନ ଓ ଉତ୍‌ଥାନ ନିମନ୍ତେ ଚିହ୍ନଟ ହୋଇଥିବା ବସ୍ତିବାସିନ୍ଦାମାନଙ୍କୁ ଭୂମି ଅଧିକାର ଅର୍ପଣ ପାଇଁ ବ୍ୟବସ୍ଥା ।
- ବାର୍ଦ୍ଧକ୍ୟ ଭତ୍ତା/ଅବିବାହିତ ଯୁବତୀଙ୍କ ପାଇଁ ଭତ୍ତା/ବିଧବା ଭତ୍ତା/ଦିବ୍ୟାଙ୍ଗ ଭତ୍ତା/ଏଡ୍‌ସ ରୋଗୀଙ୍କ ପାଇଁ ଭତ୍ତା ପ୍ରଦାନର ବ୍ୟବସ୍ଥା ।
- ଗରିବ ଓ ଅସହାୟ ପରିବାରର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ଟ.୪୦୦୦/– ପ୍ରଦାନର ବ୍ୟବସ୍ଥା ।
- ବି.ପି.ଏଲ୍ ଶ୍ରେଣୀଭୁକ୍ତ ପରିବାରଙ୍କ ପାଇଁ ଜାତୀୟ ପରିବାର ମଙ୍ଗଳ ଯୋଜନା ।
- ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ପରିଚୟପତ୍ର ପ୍ରଦାନ/ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ଏବଂ ଥଇଥାନ ପାଇଁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା ।
- ରାସ୍ତାକଡ଼ରେ ରାତ୍ରୀଯାପନ କରୁଥିବା ଅସହାୟ ବ୍ୟକ୍ତିଙ୍କ ପାଇଁ ଆଶ୍ରୟ ସ୍ଥଳୀର ସୁବ୍ୟବସ୍ଥା ।
- ଆହାର କେନ୍ଦ୍ରରେ ପାଞ୍ଚ ଟଙ୍କା ଦରରେ ଭୋଜନ ବ୍ୟବସ୍ଥା ।

ସୁଶ୍ରୀ ଗାୟତ୍ରୀ ଭୋଇ
ଉପ–ପୌରାଧ୍ୟକ୍ଷା
ପୌର ପରିଷଦ, ବଲାଙ୍ଗୀର

ଶ୍ରୀମତୀ ଲିକା ସାହୁ
ପୌରାଧ୍ୟକ୍ଷା
ପୌର ପରିଷଦ, ବଲାଙ୍ଗୀର

## PANCHAYAT SAMITI OFFICE, KHAPRAKHOL

**The Success Stories of work under taken under MGNREG Scheme of Khaprakhol Block in the following aspects**

- Around 18321 Nos. Household have been provided with unskilled employment in different kind of Community and Individual projects under MGNREGS.
- 4807 Nos. of Families have been provided 100 Days of work.
- 874 Nos. of Families have been provided 200 Days of work.
- 53 Nos. of Family have been provided 300 Days of work.
- 1325010 Mandays have been generated in 21 Nos. of GPs.
- Rs.38.47 Crore expenditure have been made towards wage expenditure.
- Rs.43.87 Crore have been made total expenditure in unskilled wages, semiskilled wages, Materials and Administrative Expenditure.
- 17690 Nos. of Projects have been completed in Khaprakhol Panchayat Samiti since inception under MGNREGS.

Sd./- BDO-cum-Programme Officer
Khaprakhol

## ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ୧୯ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ବ୍ରଜରାଜନଗର, ୮।୬ (ଡି.ଏନ.ଏ.)

ଯୁକ୍ତ ୨ କଳା ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ବ୍ରଜରାଜନଗର ମହାବିଦ୍ୟାଳୟରେ ମୋଟ ୨୧୯ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧୮ଜଣ ପାସ୍ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ୧୮ଜଣ ଲେଖାଏ ପାସ୍ କରିଥିବା ବେଳେ ତୃତୀୟ ଶ୍ରେଣୀରେ ୮୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅବଶିଷ୍ଟ ୧୦୧ଜଣ ଫେଲ ହୋଇଥିବା ଅଧ୍ୟକ୍ଷ ବିଶ୍ୱଜିତ ଖମାରି ପ୍ରକାଶ କରିଛନ୍ତି। ସେହିପରି ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ୧୧୪ଜଣ ପରୀକ୍ଷା ଦେଇଥିବାବେଳେ ୧୯ଜଣ ପ୍ରଥମ, ୧୪ଜଣ ଦ୍ୱିତୀୟ ଓ ୫୧ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅବଶିଷ୍ଟ ୩୦ଜଣ ଅସଫଳ ହୋଇଥିବା ଅଧ୍ୟକ୍ଷ ଆର୍.ଏନ୍. ପାତ୍ର ପ୍ରକାଶ କରିଛନ୍ତି।

## ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
### ସୁନ୍ଦରଗଡ଼- ୭୭୦ ୦୦୧

- ଜିଲ୍ଲାର ମୋଟ କୃଷିଋଣର ପ୍ରାୟ ୮୦ ଭାଗ ଋଣ ଯୋଗାଇ ଜିଲ୍ଲା କୃଷି ଅର୍ଥନୀତି ସମୃଦ୍ଧ କରିବାରେ ଏହି ବ୍ୟାଙ୍କ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଅଛି।
- ସ୍ୱଳ୍ପ ମିଆଦୀ କୃଷିଋଣକୁ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀଭାଇମାନଙ୍କୁ ୧.୦୦ ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ୦% (ଶୂନ) ପ୍ରତିଶତ ଓ ୧.୦୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ୩.୦୦ ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ଶତକଡ଼ା (୨%) କେବଳ ମାତ୍ର ସୁଧ ଦେବାକୁ ପଡ଼ିଥାଏ। ସେହିଭଳି ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କ୍ଷେତ୍ରରେ ମଧ୍ୟ ୫.୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣକୁ ସରକାରଙ୍କ ନୂତନ ନିୟମ ଅନୁସାରେ ବିନା ସୁଧରେ ପ୍ରଦାନ କରାଯାଉଅଛି।
- ସ୍ୱଳ୍ପ ମିଆଦୀ କୃଷିଋଣ ବ୍ୟତୀତ ବିଭିନ୍ନ ମଧ୍ୟମ ଓ ଦୀର୍ଘକାଳୀନ ଋଣ ଯଥା– କୃଷି ଯନ୍ତ୍ରପାତି ଓ ଉପକରଣ, ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ା ପାଳନ, କୂପଖନନ, ବତକ ପାଳନ, ଛେଳି ପାଳନ, କ୍ଷୁଦ୍ର ବ୍ୟବସାୟ, କ୍ଷୁଦ୍ର ଶିଳ୍ପ ଓ କାରିଗରୀ, ଗୃହ ନିର୍ମାଣ, ଉଦ୍ୟାନ କୃଷି, ଗାଡ଼ି ମଟର କ୍ରୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀମାନଙ୍କ ଆବଶ୍ୟକ ଅନୁସାରେ କୃଷି ଓ ଅଣକୃଷି କାର୍ଯ୍ୟ ପାଇଁ ଋଣ ପ୍ରଦାନର ବ୍ୟବସ୍ଥା।
- ସରକାରଙ୍କର ଯୋଜନା ମୁତାବକ ବିଜ୍ଞପିତ ଫସଲ ପାଇଁ କୃଷିବୀମା କରାଯାଇଥାଏ।
- ସମସ୍ତ କିଷାନ କ୍ରେଡିଟ୍ କାର୍ଡଧାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀର ସଭ୍ୟ/ ସଭ୍ୟାମାନଙ୍କ ପାଇଁ ପାଞ୍ଚ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବ୍ୟକ୍ତିଗତ ବୀମା ବ୍ୟବସ୍ଥା।
- ମଧ୍ୟମ ଓ ଦୀର୍ଘକାଳୀନ କୃଷି ତଥା ଆନୁଷଙ୍ଗିକ କୃଷି ଋଣ ପାଇଁ ଉପଭୋକ୍ତାଙ୍କୁ ସୁଧରେ ରିହାତି ପ୍ରଦାନ କରାଯାଇଥାଏ।

**ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଶାଖା ବ୍ୟାଙ୍କ ତଥା ଲ୍ୟାମ୍ପସ୍ ସହିତ ଯୋଗାଯୋଗ କରନ୍ତୁ।**

ଶ୍ରୀ ଭକ୍ତେଶ୍ୱର ମଳିକ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ
ସଭାପତି

## ପ୍ରଗତିପଥେ
## ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି
### ଜି.- ସୁବର୍ଣ୍ଣପୁର, ପିନ୍- ୭୬୭୦୨୩

ସୁବର୍ଣ୍ଣପୁର ଜିଲ୍ଲାର ୪ ଗୋଟି ବ୍ଲକ୍‌କୁ ନେଇ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ତା'ର ପୂର୍ଣ୍ଣାଙ୍ଗ କ୍ଷମତା ସନ୍ ୧୯୭୬ଠାରୁ ସୁଚାରୁରୂପେ ପାଳନ କରିଆସୁଅଛି। ହୀରାକୁଦ ଅବବାହିକାର ସୋନପୁର ଜିଲ୍ଲାର ୨ ଗୋଟି ବ୍ଲକ୍ ଯଥା ଡୁଙ୍ଗୁରିପାଲି ଓ ବିନିକା ବ୍ଲକ୍‌ରେ ଧାନ ଏକ ମୁଖ୍ୟ ଚାଷ। ଏଣୁ ପ୍ରତ୍ୟେକ ଚାଷୀ ତାଙ୍କର ଉତ୍ପାଦିତ ଧାନ ଓ ଅନ୍ୟାନ୍ୟ ଫସଲ ସୁଚାରୁରୂପେ ବିକ୍ରିବଟା କରି ଉଚିତ ମୂଲ୍ୟ ପାଇବା ପାଇଁ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ସବୁବେଳେ ଚେଷ୍ଟିତ ଯେପରି କି ଚାଷୀ ହସିଲେ–ଦୁନିଆ ହସିବ ହିସାବରେ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ଏକ ମୁଖ୍ୟ ବଜାର ଓ ୧୦ଗୋଟି ଉପବଜାର ପ୍ରାଙ୍ଗଣରେ ସମସ୍ତ ଆନୁଷଙ୍ଗିକ ସୁବିଧା ସମସ୍ତ ବର୍ଗର ଚାଷୀମାନଙ୍କୁ ଯୋଗାଇଦେଇ ଆସୁଛି। ଚାଷୀଙ୍କ ସିଧାସଳଖ ବିକ୍ରିବଟା ନିମନ୍ତେ ଗରାମହୁଲଠାରେ ଇ–ନାମ୍ ମାର୍କେଟ ତଥା ବଜାର ପ୍ରାଙ୍ଗଣ ସୁଚାରୁରୂପେ ପରିଚାଳିତ ହୋଇଆସୁଅଛି।

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି






